# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୩/୨୦୨୩ (୧୬ ପୃଷ୍ଠା) Bhubaneswar, Monday, July 3/2023 Page 16 ₹ 7.00

୪୯ଶ ଭାଗ ୨୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 218 ମୂଲ୍ୟ₹୭/-




**ପଏଣ୍ଟ ସ୍କୋର କରିବାରେ ସୋଫିଆ ପ୍ରଥମ ମହିଳା**

ପ୍ରଥମ ମହିଳା ଭାବେ ଫର୍ମୁଲା-୩ ଗ୍ରାଁ ପ୍ରିରେ ପଏଣ୍ଟ ସ୍କୋର କରି ଇତିହାସ ସୃଷ୍ଟି କରିଛନ୍ତି ଜର୍ମାନୀର ସୋଫିଆ ଫ୍ଲୋରେସ। ୧୬

୧୨ **ବ୍ରେକ୍‌ଅପ୍ ପରେ ଏକାଠି ନଜର ଆସିଲେ ଦିଶା, ଟାଇଗର**

ଅଭିନେତ୍ରୀ ଦିଶା ପଟାନୀ ଏବଂ ଅଭିନେତା ଟାଇଗର ଶ୍ରଫଙ୍କ ବ୍ରେକ୍‌ଅପ୍ ପରେ ପ୍ରଥମଥର ପାଇଁ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଛନ୍ତି।



# ଏନ୍‌ସିପିରେ ବିଦ୍ରୋହ, ଅଜିତ ଉପମୁଖ୍ୟମନ୍ତ୍ରୀ

**ଯାହା ଆଶଙ୍କା କରାଯାଉଥିଲା, ତାହା ଘଟିଲା। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ଓ ତାଙ୍କ ପୁତୁରା ତଥା ବିରୋଧୀ ଦଳ ନେତା ଅଜିତ ପାୱାରଙ୍କ ମଧ୍ୟରେ ଦଳ ନିୟନ୍ତ୍ରଣ କ୍ଷମତାକୁ ନେଇ କୁହୁଳୁଥିବା ଧୂଆଁ ନିଆଁର ରୂପ ନେଇଛି। ଅଜିତ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇ ବିଦ୍ରୋହୀ ସାଜିଛନ୍ତି। ସେ ନିଜ ଅନୁଗତ ୪୦ ବିଧାୟକଙ୍କୁ ଧରି ଶିବସେନା-ଭାଜପା ମେଣ୍ଟ ସରକାରରେ ସାମିଲ ହୋଇଛନ୍ତି। ଏଥିସହ ୪ ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶିନ୍ଦେ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କ ସହ ଅଜିତ ନିଜ ନୂଆ ଦାୟିତ୍ୱ ତୁଲାଇବେ। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମହାରାଷ୍ଟ୍ରରେ ଏହି ମହାନାଟକ ଜାତୀୟ ରାଜନୀତିରେ ମଧ୍ୟ ଉଷ୍ମତା ଭରିଦେଇଛି।**

## ମହାରାଷ୍ଟ୍ରରେ ମହାନାଟକ



ମୁମ୍ବାଇସ୍ଥିତ ରାଜଭବନରେ ରବିବାର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ରାଜ୍ୟପାଳ ରମେଶ ବୈସ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିଶ୍‌ଙ୍କ ସହ ନୂଆ କରି ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଏନ୍‌ସିପି ନେତା ଅଜିତ୍ ପାୱାର ।

**ମୁମ୍ବାଇ,୨/୭- (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଏନ୍‌ସିପି ନେତା ଅଜିତ ପାୱାର ରବିବାର ବିରୋଧୀ ଦଳ ନେତା ପଦ ଛାଡ଼ି ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ୮ ଏନ୍‌ସିପି ବିଧାୟକ ଛଗନ ଭୁଜବଳ, ଦିଲୀପ ୱାଲସେ ପାଟିଲ, ହାସନ ମୁଶ୍‌ରିଫ, ଧନଞ୍ଜୟ ମୁଣ୍ଡେ, ଅଦିତି ଠାକ୍‌ରେ, ଧର୍ମରାଓ ଅତରାମ, ଅନିଲ ପାଟିଲ ଓ ସଞ୍ଜୟ ବାନ୍‌ସୋରେଙ୍କୁ ରାଜ୍ୟପାଳ ରମେଶ ବୈସ ରାଜଭବନରେ ମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏନ୍‌ସିପିର ମୋଟ ୫୩ ବିଧାୟକଙ୍କ ମଧ୍ୟରୁ ୪୦ ଜଣ ଅଜିତଙ୍କ ସପକ୍ଷରେ ରହିଛନ୍ତି। ତେଣୁ ତାଙ୍କ ଗୋଷ୍ଠୀ ବିରୋଧରେ ଦଳବଦଳ ନିରୋଧୀ ଆଇନ ଲାଗୁ ହେବନାହିଁ। ଦଳର ସମସ୍ତ ବିଧାୟକ ଏବଂ ଏମ୍‌ପି ତାଙ୍କ ସପକ୍ଷରେ ଥିବା ଅଜିତ ଦାବି କରିଛନ୍ତି। ଏଥିସହ ଏନ୍‌ସିପି ଏବଂ ଏହାର ନିର୍ବାଚନୀ ଚିହ୍ନ 'ଘଣ୍ଟା'କୁ ନେଇ ଆଗାମୀ ନିର୍ବାଚନ ଲଢ଼ିବେ ବୋଲି ସେ ଦୃଢ଼ୋକ୍ତି ☞ପୃଷ୍ଠା-୪

## କେନ୍ଦ୍ର ସରକାରରେ ଏନ୍‌ସିପି ?

### ଆଜି ମନ୍ତ୍ରୀ ପରିଷଦ ବୈଠକ

**ନୂଆଦିଲ୍ଲୀ, ୨/୭(ପି.ଟି.)**

ଶାସକ ଭାଜପାର ଶୀର୍ଷ ନେତାମାନଙ୍କ ମଧ୍ୟରେ ନିକଟରେ କ୍ରମାଗତ ବୈଠକ ପରେ କେନ୍ଦ୍ର କ୍ୟାବିନେଟରେ ଅଦଳବଦଳ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏନ୍‌ସିପି ନେତା ଅଜିତ ପାୱାର ରବିବାର ଦଳର ୪୦ ବିଧାୟକଙ୍କ ସହ ମହାରାଷ୍ଟ୍ରର ଭାଜପା-ଶିବସେନା ମେଣ୍ଟ ସରକାରରେ ସାମିଲ ହେବା ପରେ କେନ୍ଦ୍ର କ୍ୟାବିନେଟରେ ଏନ୍‌ସିପି ସାମିଲ ହୋଇପାରେ ବୋଲି କୁହାଯାଉଛି। ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ☞ପୃଷ୍ଠା-୪

# ଋଣଭାର ଅସହ୍ୟରୁ ଦମ୍ପତିଙ୍କ ଆତ୍ମହତ୍ୟା

**ଅତିଷ୍ଠ କଲା ଘରୋଇ ଫାଇନାନ୍ସ ସଂସ୍ଥାର ଜୁଲମ**

- **କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାରବର୍ଗ**
- **ଘଟଣାର ତଦନ୍ତ କରାଯିବ: ବିଡିଓ**

**କଣାସ(ବିଭୂତି ଭୂଷଣ ତ୍ରିପାଠୀ)/ ଖୋର୍ଦ୍ଧା,୨/୭(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ଛତୁ ଫୁଟିବା ଭଳି ଅନେକ ଘରୋଇ ଫାଇନାନ୍ସ ସଂସ୍ଥା ଖୋଲୁଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରାହକଙ୍କୁ ଋଣ ଦେଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ଶୋଷଣ କରୁଛନ୍ତି। ଏପରି କି ଗ୍ରାହକ ଋଣ ପରିଶୋଧ କରିବାରେ ବିଳମ୍ବ କଲେ ସେମାନଙ୍କୁ ନାନା ପ୍ରକାର ଧମକଚମକ ଦେଉଛନ୍ତି। ଫଳରେ ଗ୍ରାହକ ଅତିଷ୍ଠ ହୋଇ ଅନେକ ସମୟରେ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଉଛି। ଏଭଳି ଏକ ଅଭାବନୀୟ ଘଟଣା ରବିବାର ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଅଁଳାଯୋଡ଼ି ପଞ୍ଚାୟତର ଅଁଳାଯୋଡ଼ି ଗ୍ରାମରେ ଦେଖିବାକୁ ମିଳିଛି। ଋଣ ଭାର ଅସହ୍ୟ ହୋଇପଡ଼ିଥିବା ବେଳେ ଶୁଝିବା ପାଇଁ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କ ଜୁଲମରେ ଅତିଷ୍ଠ ହୋଇ ଶେଷରେ ଏକ ଦମ୍ପତି ବେକରେ ରଶିଲଗାଇ ଜୀବନ ହାରିଛନ୍ତି। ମୃତକ ହେଲେ ବାନାମ୍ବର ବେହେରା (୫୭) ଓ ତାଙ୍କ ସ୍ତ୍ରୀ ବନିତା (୫୨)। ସମ୍ପୃକ୍ତ ଫାଇନାନ୍ସ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୃତକଙ୍କ ପରିବାରବର୍ଗ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନାଗରିକର କ୍ଷତି







ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ , ୨୦୨୩

**ଟୁଇଟର ବାୟୋ ବଦଳାଇଲେ ଅଜିତ**

ଏନ୍‌ସିପି ନେତା ଅଜିତ ପାୱାର ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇ ଉପମୁଖ୍ୟମନ୍ତ୍ରୀ ହେବା ପରେ ନିଜ ଟୁଇଟର ଆକାଉଣ୍ଟ ବାୟୋ ବଦଳାଇଛନ୍ତି। ଏଥିରେ ସେ ନିଜକୁ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ, ବାରାମତୀ ବିଧାୟକ, ଏନ୍‌ସିପି ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ବୋଲି ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ବାଲ୍ଟିମୋରରେ ଗୁଳିକାଣ୍ଡ: ୨ ମୃତ, ୨୮ ଆହତ

**ବାଲ୍ଟିମୋର, ୨।୭:** ଆମେରିକାର ବାଲ୍ଟିମୋରରେ ଶନିବାର ମଧ୍ୟରାତ୍ରରେ ଏକ ପାର୍ଟି ଚାଲିଥିବାବେଳେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବାଲ୍ଟିମୋରର ବ୍ରୁକ୍‌ଲିନ୍‌ରେ ଚାଲିଥିବା ପାର୍ଟିରେ ଶତାଧିକ ଲୋକ ଉପସ୍ଥିତ ଥିବାବେଳେ ଅଜଣା ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ମୋଟ ୩୦ ଜଣ ମୃତାହତ ହୋଇଥିବା ବାଲ୍ଟିମୋର ପୋଲିସର କାର୍ଯ୍ୟକାରୀ କମିଶନର ରିଚାର୍ଡ ୱର୍ଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୯ ଜଣ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିବାବେଳେ ଅନ୍ୟମାନେ ନିକଟସ୍ଥ ହସ୍ପିଟାଲକୁ ଚାଲି ଚାଲି ଯାଇଥିଲେ। ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ପାରିନାହିଁ।

### ଦିଲ୍ଲୀରେ ଯୁବକଙ୍କୁ ଛୁରିଭୁସି ହତ୍ୟା

**ନୂଆଦିଲ୍ଲୀ, ୨।୭:** କେନ୍ଦ୍ରୀୟ ଦିଲ୍ଲୀର ପାଣ୍ଡବ ନଗର ଅଞ୍ଚଳ ଅନ୍ତର୍ଗତ ସଙ୍ଗମ କଲୋନିରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ରବିବାର ଅପରାହ୍ନରେ ଛୁରିଭୁସି ହତ୍ୟା କରାଯାଇଛି। ଏକ ଝଗଡ଼ାକୁ କେନ୍ଦ୍ରକରି ସଙ୍ଗମ କଲୋନି ବାସିନ୍ଦା ଅଭିଷେକଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଟ୍ରୋ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପରେ ଝଗଡ଼ାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଦିଲ୍ଲୀରେ ମାସକ ମଧ୍ୟରେ ଏହା ଚତୁର୍ଥ ଛୁରି ଆକ୍ରମଣ। ଗତ ୨୪ ତାରିଖରେ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଥିଲା। ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଆଶିଷ ନାମକ ଏହି ଯୁବକଙ୍କୁ ସାହାଯ୍ୟ କରିବାକୁ କେହି ଆଗେଇ ଆସି ନ ଥିଲେ। କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଝରେଡ଼ା ଗ୍ରାମରେ ଦୁଇ ବନ୍ଧୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶିଷଙ୍କୁ ହତ୍ୟା କରିଥିବା କୁହାଯାଉଛି। ପୋଲିସ ଦୁଇ ଅଭିଯୁକ୍ତ ବିକାଶ ଏବଂ ଧନୁଙ୍କୁ ଗିରଫ କରିଛି। ଗତ ମାସ ୨ ତାରିଖରେ ଜଣେ ୧୮ ବର୍ଷର ଯୁବକଙ୍କୁ ଦିଲ୍ଲୀର ଜନଗହଳି ରାସ୍ତାରେ ଦୁଇଜଣ ଛୁରିରେ ଆକ୍ରମଣ କରିଥିଲେ। ଗତ ମାସ ୯ ତାରିଖରେ କାସିମ ନାମକ ଯୁବକଙ୍କୁ ପୂର୍ବ ଦିଲ୍ଲୀର ନନ୍ଦନଗରୀ ଅଞ୍ଚଳରେ ଛୁରିରେ ଆକ୍ରମଣ କରାଯାଇଥିଲା।

### ବଳାତ୍କାରୀଙ୍କ ଗୁପ୍ତାଙ୍ଗ କାଟିଦେଲେ ମହିଳା

**ପାଟନା, ୨।୭:** ବିହାରର ବାଙ୍କା ଜିଲାରେ ଜଣେ ମହିଳା ବଳାତ୍କାରୀଙ୍କ ଗୁପ୍ତାଙ୍ଗ କାଟିଦେଇଛନ୍ତି। ଶୁକ୍ରବାର ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବାବେଳେ ୨୭ ବର୍ଷୀୟ ଅଭିଯୁକ୍ତ ଜଣକ ଛାତ ଦେଇ ତାଙ୍କ ଘରେ ପଶିଥିଲେ। ମହିଳା ଜଣକ ଶୋଇଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ମହିଳା ପ୍ରତିରୋଧ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ପାଖରେ ଥିବା ଏକ ବ୍ଲେଡ୍‌ରେ ତାଙ୍କ ଗୁପ୍ତାଙ୍ଗକୁ ଆଂଶିକ କାଟିଦେଇଥିଲେ। ପରେ ମହିଳା ଜଣକ ଚିତ୍କାର କରିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସେତେବେଳକୁ ଅଭିଯୁକ୍ତ ଖସିପଳାଇଥିଲେ। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ହସ୍ପିଟାଲରେ ଭର୍ତ୍ତି କରିଛି।

### ଫ୍ରାନ୍ସରେ ଦଙ୍ଗା ଜାରି: ମେୟରଙ୍କ ଘରେ କାର୍ ଧକ୍କା କରାଇଲେ ବିକ୍ଷୋଭକାରୀ

**ପ୍ୟାରିସ, ୨।୭:** ଫ୍ରାନ୍ସରେ ପୋଲିସ ଗୁଳିରେ ୧୭ ବର୍ଷୀୟ ଡ୍ରାଇଭରଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ହିଂସାତ୍ମକ ପ୍ରତିବାଦ ଜାରି ରହିଛି। ରବିବାର ପୋଲିସ ସହ ଯୁବ ଦଙ୍ଗାକାରୀଙ୍କ ସଂଘର୍ଷ ହୋଇଥିଲା। ଦଙ୍ଗାର ପଞ୍ଚମ ରାତିରେ ବିକ୍ଷୋଭକାରୀମାନେ ଏକ ଜଳନ୍ତା କାର୍‌କୁ ମେୟରଙ୍କ ଘରେ ଧକ୍କା କରାଇଥିଲେ। ଏଥିରେ ମେୟର ଭିନ୍‌ସେଣ୍ଟ ଜିନବ୍ରୁନ୍‌ଙ୍କ ସ୍ତ୍ରୀ ଓ ପିଲା ଆହତ ହୋଇଛନ୍ତି। ଏହା ଭୀରୁତା ଏବଂ ହତ୍ୟା ଉଦ୍ୟମ ବୋଲି ମେୟର ଟୁଇଟ୍ କରିଛନ୍ତି। ତେବେ ଚତୁର୍ଥ ରାତି ତୁଳନାରେ ପଞ୍ଚମ ରାତିରେ ମୋଟାମୋଟି ହିଂସା ହ୍ରାସ ପାଇଛି। ପୋଲିସ ରବିବାର ୭୧୯ ଜଣଙ୍କୁ ଗିରଫ କରିଛି। ହିଂସା ଦମନ ପାଇଁ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି।

# ତଦନ୍ତ ଭୟ ନା କ୍ଷମତା ଲୋଭ




୨୦୧୯ରେ ଦେବେନ୍ଦ୍ର ଫଡ଼୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟପାଳ ଭଗତ୍‌ସିଂ କୋଶିୟାରୀ ଶପଥପାଠ କରାଇଥିଲେ। ଅଜିତ ପାୱାରଙ୍କ ସହ ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ ରବିବାର ନୂଆକରି ମନ୍ତ୍ରୀ ହୋଇଥିବା ଛଗନ ଭୁଜବଳ।

ମୁମ୍ବାଇ, ୨।୭
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

**ଅଜିତ ପାୱାର ପଞ୍ଚମ ଥର ଉପମୁଖ୍ୟମନ୍ତ୍ରୀ, କୌଣସି ପାଳିରେ ୫ ବର୍ଷ ପୂରା କରିପାରି ନାହାନ୍ତି**

**୨୦୧୪ରେ ୭୦ ହଜାର କୋଟିର ଜଳସେଚନ ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ ଫଡ଼୍‌ନବିସ**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାୱାର ରବିବାର ପଞ୍ଚମ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ କୌଣସି ଥର ସେ ୫ ବର୍ଷ ପୂରା କରିପାରି ନାହାନ୍ତି। ୨୦୧୯ ନଭେମ୍ବର ୨୩ରେ ଭାଜପା ନେତା ଦେବେନ୍ଦ୍ର ଫଡ଼୍‌ନବିସ କ୍ଷମତା ଦଖଲର ବିଫଳ ପ୍ରୟାସ କରିଥିଲେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ମାସେ ପରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ଗଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ରାତି ପାହିଲେ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥାଆନ୍ତେ। କିନ୍ତୁ ରାତି ପାହିବାକୁ ଦିଆଗଲା ନାହିଁ। କୌଣସି କ୍ୟାବିନେଟ ବୈଠକ ନ ବସି ଭୋର ୫ଟା ୧୭ରେ ବିଚିତ୍ର ଢଙ୍ଗରେ ରାଷ୍ଟ୍ରପତି ଶାସନ ହଟାଇ ଦିଆଯାଇଥିଲା। ତତ୍କାଳୀନ ରାଜ୍ୟପାଳ ଭଗତସିଂ କୋଶିୟାରୀ ରାଜ୍ୟରୁ ରାଷ୍ଟ୍ରପତି ଶାସନ ହଟାଇବା ପାଇଁ ସୁପାରିସ କରି ଫଡ଼୍‌ନବିସ ଏବଂ ଅଜିତଙ୍କୁ ସକାଳ ୮ଟାରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। କିନ୍ତୁ ସେହି ସରକାର ୮୦ ଘଣ୍ଟାରୁ ଅଧିକ ସମୟ ତିଷ୍ଠିପାରି ନ ଥିଲା। ୨୦୧୯ ନଭେମ୍ବରରେ ଉଦ୍ଧବଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରରେ ଅଜିତ ପୁଣି ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଗତବର୍ଷ ଜୁନ୍ ୨୧ ପର୍ଯ୍ୟନ୍ତ ସହରାଞ୍ଚଳ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିବା ଏକନାଥ ଶିନ୍ଦେ ବିଦ୍ରୋହୀ ସାଜିବା ପରେ ଏମ୍‌ଭିଏ ସଂଖ୍ୟାଗରିଷ୍ଠତା ହରାଇଥିବା ଜାଣି ୩୦ ତାରିଖରେ ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ କ୍ଷମତାଲୋଭୀ ଅଜିତଙ୍କ ଉପମୁଖ୍ୟମନ୍ତ୍ରୀ ପଦ ଯାଇଥିଲା। ରବିବାର ଶିନ୍ଦେଙ୍କ ଅଧୀନରେ ଅଜିତ ପୁଣି ଥରେ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏହା ପୂର୍ବରୁ ମଧ୍ୟ ଅଶୋକ ଚଭନ ଓ ପୃଥ୍ୱୀରାଜ ଚଭନଙ୍କ ନେତୃତ୍ୱାଧୀନ କଂଗ୍ରେସ-ଏନ୍‌ସିପି ସରକାର ଅମଳରେ ସେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୯ରେ ଅଜିତ କୃଷିମନ୍ତ୍ରୀ ଥିବାବେଳେ ୭୦,୦୦୦ କୋଟି ଟଙ୍କାର ଜଳସେଚନ ଦୁର୍ନୀତି ହୋଇଥିଲା। ୨୦୧୪ରେ ବିରୋଧୀ ଦଳରେ ଥିବା ଫଡ଼୍‌ନବିସ୍ ଏହି ପ୍ରସଙ୍ଗ ଉଠାଇ ଏନ୍‌ସିପିକୁ ଘେରିଥିଲେ। ଏବେ ମଧ୍ୟ ଅଜିତ ଓ ତାଙ୍କ ସମ୍ପର୍କୀୟମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ପକ୍ଷରୁ ତଦନ୍ତ ଚାଲିଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ହେବାକୁ ଥିବାବେଳେ ଏନ୍‌ସିପିର ଅନେକ ନେତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହଇରାଣ କରୁଛି। ଇଡି ତଦନ୍ତକୁ ନେଇ ସେମାନେ କ୍ଳାନ୍ତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସେହି ବିଧାୟକମାନେ ଅଜିତଙ୍କ ସହ ଯାଇଥିବା ଦେଖିବାକୁ ମିଳିଛି ବୋଲି ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଛନ୍ତି।

## ‘ମୋଦି ଧୋଇଦେଲେ ଦୁର୍ନୀତି ପାପ’



ଏନ୍‌ସିପି ମୁଖ୍ୟ ଶରଦ ପାୱାର

ମୋ ଘର ଭାଙ୍ଗିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନ ତଳେ ଏନ୍‌ସିପି ସମ୍ପର୍କରେ ମନ୍ତବ୍ୟ ଦେଇ ଜଳସେଚନ ଦୁର୍ନୀତିର ଅବତାରଣା କରିଥିଲେ। ସେ କେତେଜଣ ଏନ୍‌ସିପି ସହଯୋଗୀଙ୍କ ଦୁର୍ନୀତି ପାପକୁ ଧୋଇଦେଇଛନ୍ତି। ସେମାନଙ୍କୁ ଏବେ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଭାବେ ସ୍ଥାନ ମିଳିଥିବାରୁ ମୁଁ ଖୁସି। ଏହାର ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ ଦେଉଛି ବୋଲି ପୁତୁରା ଅଜିତ ପାୱାରଙ୍କ ବିଦ୍ରୋହ ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ତାଚ୍ଛଲ୍ୟ କରିଛନ୍ତି। ପାୱାର ଆହୁରି କହିଛନ୍ତି, ଏନ୍‌ସିପିକୁ କିପରି ପୁନର୍ଜୀବନ ଦିଆଯିବ ତାହା ତାଙ୍କୁ ଜଣାଅଛି। ରବିବାର ଯାହାସବୁ ଘଟିଗଲା, ତାକୁ ନେଇ ଅନେକେ ବିସ୍ମିତ ହୋଇପାରନ୍ତି। କିନ୍ତୁ ସେ ଆଦୌ ଚିନ୍ତିତ ହୋଇନାହାନ୍ତି। କାରଣ ପୂର୍ବରୁ ମଧ୍ୟ ତାଙ୍କର ଏଭଳି ଅନୁଭୂତି ରହିଛି। ଯଦି କେହି ଏନ୍‌ସିପିର ମାଲିକାନା ଦାବି କରୁଛନ୍ତି, ତେବେ ସେଥିରେ କିଛି ଅସୁବିଧା ନାହିଁ। ଆମେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମର୍ଥନ ଲୋଡ଼ିବୁ। ଆସନ୍ତା କାଲି ଜନସାଧାରଣ ଆମ ସପକ୍ଷରେ ଯିବେ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରାଯିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଛନ୍ତି। ସେହିପରି ନିଜ ଘନିଷ୍ଠ ସହଯୋଗୀ ପ୍ରଫୁଲ ପଟେଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ପାୱାର ସଙ୍କେତ ଦେଇଛନ୍ତି। ଏନ୍‌ସିପି ଅଧ୍ୟକ୍ଷ ହିସାବରେ ମୁଁ ପ୍ରଫୁଲଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଥିଲି। କିନ୍ତୁ ଅଜିତଙ୍କ ଶପଥ ଗ୍ରହଣ ବେଳେ ରାଜଭବନରେ ତାଙ୍କ ଉପସ୍ଥିତି ଦୁର୍ଭାଗ୍ୟଜନକ। ପ୍ରଫୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ ବୋଲି ପାୱାର କହିଛନ୍ତି।

### ଜିତେନ୍ଦ୍ର ଅୱ୍ହାଧ ବିରୋଧୀ ଦଳ ନେତା



ଅଜିତ ପାୱାରଙ୍କ ପଟ୍ଟ ପରିବର୍ତ୍ତନ ପରେ ଏନ୍‌ସିପି ଜିତେନ୍ଦ୍ର ଅୱ୍ହାଧଙ୍କୁ ମହାରାଷ୍ଟ୍ର ବିରୋଧୀ ଦଳ ନେତା ନିଯୁକ୍ତ କରିଛି। ଏନ୍‌ସିପି ରାଜ୍ୟ ସଭାପତି ଜୟନ୍ତ ପାଟିଲ ମୁମ୍ବ୍ରା-କଲୱା ବିଧାୟକ ଜିତେନ୍ଦ୍ରଙ୍କୁ ଏହି ନିଯୁକ୍ତି ଦେଇଛନ୍ତି।

## ଶିବସେନା ପରେ ଏନ୍‌ସିପି ଶିକାର

**ଅପରେଶନ୍ କମଳ**

ଶିବସେନା ନେତା ଏକନାଥ ଶିନ୍ଦେଙ୍କ ବିଦ୍ରୋହ ପରେ ୨୦୨୨ ଜୁନ୍ ୩୦ରେ ମହାରାଷ୍ଟ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଏମ୍‌ଭିଏ ସରକାରର ପତନ ଘଟିଥିଲା। ଶିନ୍ଦେ-ଫଡ଼୍‌ନବିସ ସରକାରକୁ ବର୍ଷେ ପୂରି ୩ ଦିନ ବିତିବା ପରେ ବିରୋଧୀ ଦଳ ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଫଳରେ ଶରଦ ପାୱାରଙ୍କ ଏନ୍‌ସିପି ବିଭାଜନ ଆଡ଼କୁ ମୁହାଁଇଛି। ଶିବସେନା ଏବଂ ଏନ୍‌ସିପିର ଅନ୍ତର୍କଳହ ଯୋଗୁ ଏମ୍‌ଭିଏର ଏହି ଦୁଇ ବଡ଼ ଦଳରେ ବିଭାଜନ ଘଟାଇବାରେ ଭାଜପାର ‘ଅପରେଶନ କମଳ’ ସଫଳ ହୋଇଥିବା କୁହାଯାଉଛି।

> ମହାରାଷ୍ଟ୍ରରେ ପୂର୍ବରୁ ଡବଲ ଇଞ୍ଜିନ ସରକାର ଚାଲୁଥିଲା, ଏଣିକି ଟ୍ରିପଲ ଇଞ୍ଜିନ ସରକାର ଚାଲିବ। ରାଜ୍ୟ ଏବେ ଜଣେ ମୁଖ୍ୟମନ୍ତ୍ରୀ ଓ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ସହ ନୂଆ ଉତ୍ସାହ ନେଇ ଆଗକୁ ବଢ଼ିବ। ବିକାଶର ରାଜନୀତିକୁ ଜଣେ ବିକାଶର ମଣିଷ ସମର୍ଥନ ଦେଉଛନ୍ତି। ଦଳର ଜଣେ ଯୋଗ୍ୟ କର୍ମୀଙ୍କୁ ଗୌଣ ଭୂମିକା ଦିଆଗଲେ, ଏପରି ଘଟଣା ଘଟିଥାଏ।
>
> **-ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

> ୯ ଏନ୍‌ସିପି ବିଧାୟକ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଭାବେ ଶପଥ ନେବା ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏଥିରେ ଦଳର ସମର୍ଥନ ନାହିଁ। ଏନ୍‌ସିପିର ଜାତୀୟ ନେତା ଶରଦ ପାୱାରଙ୍କ ସହ ସମସ୍ତ କର୍ମୀ, ଜିଲା ସଭାପତି, ତାଲୁକ ସଭାପତି, ଯୁବ ଓ ମହିଳା ରହିଛନ୍ତି। ଏହି ଶପଥ ଗ୍ରହଣ ଅପରେଶନ୍ ଲୋଟସ୍‌ର ଏକ ଅଂଶବିଶେଷ।
>
> **-ମହେଶ ତାପସେ, ଏନ୍‌ସିପି ମୁଖପାତ୍ର**

> ମହାରାଷ୍ଟ୍ର ସରକାରରେ ଏନ୍‌ସିପିର ଯୋଗଦାନର ତାତ୍ପର୍ଯ୍ୟ ହେଉଛି ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ଯାଉଛନ୍ତି। ରାଜ୍ୟ ଜଣେ ନୂଆ ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛି। କାରଣ ସର୍କସ ବେଶି ଦିନ ଚାଲେ ନାହିଁ।
>
> **-ସଞ୍ଜୟ ରାଉତ୍, ଶିବସେନା (ୟୁବିଟି) ନେତା**

> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଦୁର୍ନୀତିର ସବୁଠୁ ବଡ଼ ପୃଷ୍ଠପୋଷକ। ମୋଦି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନର ଗ୍ୟାରେଣ୍ଟି ଦେବାର ଦୁଇଦିନ ପରେ ଅଜିତ ପାୱାରଙ୍କୁ ଶିବସେନା-ଭାଜପା ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ କରାଯିବା ଏହାର ପ୍ରମାଣ ଦେଉଛି।
>
> **-ସଞ୍ଜୟ ସିଂ, ଏଏପି ମୁଖପାତ୍ର**

## ମସ୍‌ଜିଦ ଉଦ୍‌ଘାଟନ କଲେ ହିନ୍ଦୁ ସନ୍ଥ



**କୋପ୍ପାଲ, ୨।୭**

ଧର୍ମୀୟ ସଦ୍‌ଭାବନାର ପ୍ରଦର୍ଶନ ପୂର୍ବକ କର୍ନାଟକର କୋପ୍ପାଲ ଜିଲାରେ ଜଣେ ହିନ୍ଦୁ ସନ୍ଥ ଏକ ମସ୍‌ଜିଦ ଉଦ୍‌ଘାଟନ କରିଛନ୍ତି। ଜିଲାର କୁକାନୁର ତାଲୁକ ଅନ୍ତର୍ଗତ ଭାଣପୁର ଗ୍ରାମରେ ଏହି ମସ୍‌ଜିଦ ନିର୍ମାଣ କରାଯାଇଛି। ଶୁକ୍ରବାର କୋପ୍ପାଲ ଗାଭି ମଠର ସନ୍ଥ ଅଭିନବ ଗାଭିସିଦ୍ଧେଶ୍ୱର ସ୍ୱାମୀ ଉକ୍ତ ମସ୍‌ଜିଦ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ପ୍ରତ୍ୟେକ ସଦ୍‌ଭାବନାର ସହ ବଞ୍ଚିବା ଜରୁରୀ। ପ୍ରକୃତ ଧର୍ମର ଅର୍ଥ ସଦ୍‌ଭାବନା। ଯେଉଁମାନେ ନିଜ ଧର୍ମକୁ ବଡ଼ ବୋଲି ବିବେଚନା କରନ୍ତି, ସେମାନେ ଧାର୍ମିକ ନୁହନ୍ତି। ଯିଏ କୌଣସି ଭେଦଭାବ ନ ରଖି ରୋଗୀକୁ ରକ୍ତଦାନ କରିଥାନ୍ତି, ସେ ପ୍ରକୃତ ଧାର୍ମିକ ବ୍ୟକ୍ତି ବୋଲି ସନ୍ଥ କହିଥିଲେ।

## ପୁଣି ବିଳମ୍ବ ହେବ ଜନଗଣନା

**ନୂଆଦିଲ୍ଲୀ, ୨।୭**

୨୦୨୧ରେ ହେବାକୁ ଥିବା ଜନଗଣନା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୨୪-୨୫କୁ ଘୁଞ୍ଚାଯାଇଛି। ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ ଗତ ମାସରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପଠାଇଥିବା ପତ୍ରରେ ପ୍ରଶାସନିକ ସୀମା ନିର୍ଦ୍ଧାରଣ ସମୟସୀମା ୨୦୨୪ ଜାନୁୟାରୀକୁ ଘୁଞ୍ଚାଗଲା ବୋଲି କୁହାଯାଇଛି। ସୀମା ନିର୍ଦ୍ଧାରଣର କିଛି ମାସ ପରେ ଜନଗଣନା ଆରମ୍ଭ ହୋଇଥାଏ। ଆସନ୍ତାବର୍ଷ ପ୍ରଥମ ଭାଗରେ ଲୋକ ସଭା ନିର୍ବାଚନ ଥିବାରୁ ୨୦୨୩ରେ ଜନଗଣନା ସମ୍ଭବ ନୁହେଁ। ଜନଗଣନା ପୂର୍ବରୁ ପ୍ରଥମେ ଗୃହଗଣନା କରାଯାଇଥାଏ। ପୂର୍ବରୁ ପ୍ରଶାସନିକ ସୀମା ନିର୍ଦ୍ଧାରଣ ପାଇଁ ଶେଷ ତାରିଖ ୨୦୨୩ ଜୁନ୍ ୩୦ ଧାର୍ଯ୍ୟ ହୋଇଥିଲା। ଏହା ପୂର୍ବରୁ ଶେଷ ତାରିଖ ୨୦୨୨ ଡିସେମ୍ବର ୩୧ ଥିଲା।

## ମଣିପୁରରେ ସାନି ସଂଘର୍ଷ: ୪ ମୃତ

**ଇମ୍ଫାଲ, ୨।୭**

ମଣିପୁରର ବିଷ୍ଣୁପୁର ଜିଲାରେ ଶନିବାର ବିଳମ୍ବିତ ରାତିରେ ସାନି ହିଂସାକାଣ୍ଡ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଘଟଣାସ୍ଥଳକୁ ଯାଇଛନ୍ତି। ଅଜଣା ବନ୍ଧୁକଧାରୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ଗ୍ରାମ ସ୍ୱେଚ୍ଛାସେବୀ ନିହତ ହୋଇଛନ୍ତି। ଖୋଇଜୁମାଣ୍ଟାବି ଗ୍ରାମରେ ସ୍ୱେଚ୍ଛାସେବୀମାନେ ଏକ ଅସ୍ଥାୟୀ ବଙ୍କରକୁ ଜଗିଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଶନିବାର ମଧ୍ୟରାତ୍ରରୁ ବିଷ୍ଣୁପୁର ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଖବର ଅନୁଯାୟୀ ବିଷ୍ଣୁପୁର ଓ ଚୁରାଚାନ୍ଦପୁର ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଉଗ୍ରବାଦୀମାନେ ଆକ୍ରମଣ କରିଥିଲେ। ସେମାନେ ଅନେକ ଘର ଜାଳିଦେବା ସହ କେତେଜଣଙ୍କୁ ଅପହରଣ କରିନେଇଥିଲେ। ସଶସ୍ତ୍ର ଉଗ୍ରପନ୍ଥୀମାନେ ସଂଘର୍ଷ ବେଳେ ଜଣକ ମୁଣ୍ଡ କାଟିଦେଇଥିଲେ।



ଦୀର୍ଘ ୨ ମାସ ଧରି ମଣିପୁରର କଙ୍ଗପୋକ୍‌ପି ଜିଲାରେ ବନ୍ଦ ଥିବା ଜାତୀୟ ରାଜପଥକୁ ଅବରୋଧମୁକ୍ତ କରିବା ପାଇଁ କୁକି ବିଦ୍ରୋହୀ ଗୋଷ୍ଠୀ ରବିବାର ଘୋଷଣା କରିଛନ୍ତି। ଫଳରେ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ହେବାକୁ ଯାଉଛି। ମେ’ ୩ରୁ ନାଗାଲାଣ୍ଡର ଡିମାପୁରକୁ ଇମ୍ଫାଲ ସହ ସଂଯୋଗ କରୁଥିବା ଜାତୀୟ ରାଜପଥ୦୨କୁ ଅବରୋଧ କରି ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅନୁରୋଧକ୍ରମେ ଏହାକୁ କିଛିଦିନ ପାଇଁ ଖୋଲାଯାଇଥିବାବେଳେ ଗତ ମାସ ୯ରେ କୁକି ସମ୍ପ୍ରଦାୟର ୩ ଜଣଙ୍କୁ ହତ୍ୟା ପରେ ପୁଣିଥରେ ଉକ୍ତ ରାଜପଥକୁ ଅବରୋଧ କରାଯାଇଥିଲା।

ମଣିପୁର ଜାତିଗତ ଦଙ୍ଗା ଘଟଣାରେ ଅନ୍ତର୍ଜାତୀୟ ଶକ୍ତିର ହାତ ଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**ହିଂସା ପଛରେ ବିଦେଶୀ ହାତ: ମୁଖ୍ୟମନ୍ତ୍ରୀ**



ଏନ୍. ବୀରେନ୍ ସିଂ

ହିଂସାକାଣ୍ଡ ଯୋଜନାବଦ୍ଧ ଓ ଏହା ପଛର କାରଣ ସ୍ପଷ୍ଟ ହୋଇନାହିଁ। ମଣିପୁର ସୀମାକୁ ଲାଗି ମ୍ୟାନ୍‌ମାର ରହିଛି। ଚାଇନା ମଧ୍ୟ ଏହା ନିକଟରେ। ଏହି ୩୯୮ କିଲୋମିଟର ସୀମାରେ ପ୍ରହରା ଦିଆଯାଉ ନାହିଁ। କେବଳ ଫ୍ରଣ୍ଟିୟରରେ ଆମର ସୁରକ୍ଷା ବଳ ମୁତୟନ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପଶ୍ଚିମବଙ୍ଗରେ ଥମୁନି ନିର୍ବାଚନୀ ହିଂସା

**କୋଲକାତା, ୨।୭**

**ଗଲାଣି ୧୦ ଜୀବନ**

ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶନିବାର ବିଳମ୍ବିତ ରାତିରେ ଶାସକ ଓ ବିରୋଧୀ ଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ତୃଣମୂଳ କଂଗ୍ରେସର ଜଣେ କର୍ମୀଙ୍କ ମୃତ୍ୟୁ ଘଟିବା ସହ ଉଭୟ ଦଳରୁ କେତେଜଣ ଆହତ ହୋଇଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଫୁଲମାଲଞ୍ଚା ଅଞ୍ଚଳରେ ଘଟିଥିବା ହିଂସାକାଣ୍ଡରେ ୫୨ ବର୍ଷୀୟ ଟିଏମ୍‌ସି କର୍ମୀ ଜିୟାରୁଲ ମୋଲ୍ଲା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୁଲ୍ଲା ଟିଏମ୍‌ସି ନେତା ଅମରୁଲା ଲସ୍କରଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ଶାସକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱର ସେ ଶିକାର ହୋଇଥିବା ଇଣ୍ଡିଆନ ସେକୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍)ର ସ୍ଥାନୀୟ ନେତା ଅଭିଯୋଗ କରିଛନ୍ତି। ବିରୋଧୀ ଗୋଷ୍ଠୀ ମୁଲ୍ଲାଙ୍କୁ ବାରମ୍ବାର ଧମକ ଦେଉଥିବା ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ତାଙ୍କ ଝିଅ ମନୱାରା କହିଛନ୍ତି। କଥଲବେରିଆ ପଞ୍ଚାୟତରୁ ମନୱାରା ଟିଏମ୍‌ସି ପ୍ରାର୍ଥୀ ହୋଇଛନ୍ତି। ଦଳର ଗୋଟିଏ ଗୋଷ୍ଠୀ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରୁଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମନୱାରା ଦାବି କରିଛନ୍ତି। ପଶ୍ଚିମ ମେଦିନିପୁର ଜିଲାର ବିଭିନ୍ନ ସ୍ଥାନରେ ରବିବାର ଟିଏମ୍‌ସି ସହ ସିପିଆଇ(ଏମ୍) ଏବଂ ଆଇଏସ୍‌ଏଫ୍ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣ ଆହତ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ଜୁନ୍ ୯ରେ ନାମାଙ୍କନପତ୍ର ଦାଖଲଠାରୁ ହିଂସାକାଣ୍ଡ ଲାଗିରହିଛି। ଏପର୍ଯ୍ୟନ୍ତ ନିର୍ବାଚନୀ ହିଂସାରେ ୧୦ ଜଣଙ୍କ ଜୀବନ ଗଲାଣି।

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ବାହାନଗା, ୨।୭(ଅରୂପ କୁମାର ଦାସ):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ସଲ୍ଟରୋଡ୍‌ସ୍ଥିତ ନିମଗୋହିରୀ ରାସ୍ତାରେ ରବିବାର କାର୍ ଧକ୍କାରେ ୨ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଅପିତିରା ଗ୍ରାମର ପରେଶ ଆଚାର୍ଯ୍ୟ ଓ ପଣ୍ଡାହରିପୁର ଗ୍ରାମର ନରହରି ସାହୁ।




# ଶ୍ରୀମନ୍ଦିର ସିଂହଦ୍ୱାର କବାଟରେ ଓଲଟା ସିଂହମୂର୍ତ୍ତି

**ପୁରୀ, ୨।୭(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାରକୁ ରୁପା ଛାଉଣି କରାଯାଇଛି। ତେବେ ସିଂହଦ୍ୱାର ରୁପା ଛାଉଣି କବାଟରେ ଓଲଟା ସିଂହମୂର୍ତ୍ତି ସ୍ଥାନିତ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ବିବାଦ ସୃଷ୍ଟି ହୋଇଛି। ତୁରନ୍ତ ଏହାକୁ ଠିକ୍ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ସିଂହଦ୍ୱାରକୁ ରୁପା ଛାଉଣି କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ରଥଯାତ୍ରା ପରଦିନଠାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁମ୍ବାଇରୁ ଆସିଥିବା କଳାକାର ଏବଂ ଓଡ଼ିଶାର କଳାକାର ମିଶି କାର୍ଯ୍ୟ ଆରମ୍ଭ କରିଥିଲେ। ମୁମ୍ବାଇର ଜଣେ ଦାତା ଦେଇଥିବା ରୁପାରେ ସିଂହଦ୍ୱାର କବାଟର ରୁପା ଛାଉଣି କରାଯାଇଥିଲା। ବାହୁଡ଼ା ଯାତ୍ରା ପୂର୍ବରୁ କଡ଼ା ସୁରକ୍ଷା ମଧ୍ୟରେ ରୁପା ଛାଉଣି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପରେ ସମ୍ପ୍ରତି ସିଂହଦ୍ୱାର ରୁପା ଛାଉଣିକୁ ନେଇ ବିବାଦ ଦେଖିବାକୁ ମିଳିଛି। ରୁପା ଛାଉଣି ପରେ

- ରୁପା ଛାଉଣିରେ ତ୍ରୁଟିକୁ ନେଇ ବିବାଦ
- ଠିକ୍ ଭାବେ ସ୍ଥାନିତ କରାଯିବାକୁ ଦାବି



ସିଂହଦ୍ୱାର କବାଟରେ ଥିବା ସିଂହକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସିଂହ ମୂର୍ତ୍ତି ଦୁଇଟି ଭୁଲ ଭାବେ ଲାଗିଥିବା ଅଭିଯୋଗ ହୋଇଛି। ଦ୍ୱାରରେ ଖୋଦେଇ ହୋଇଥିବା ସିଂହ ଦୁଇଟି ବିପରୀତ ମୁଖୀ ହୋଇ ରହିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ସିଂହଦ୍ୱାର ପିତ୍ତଳ କବାଟରେ ସିଂହ ମୂର୍ତ୍ତି ଦ୍ୱୟ ପରସ୍ପର ଆଡ଼କୁ ମୁହଁ କରି ରହିଥିଲେ। ଦ୍ୱାର ଖୋଲାହେବା ପରେ ସିଂହ ମୂର୍ତ୍ତି ଦୁଇଟିର ମୁହଁ ଶ୍ରୀମନ୍ଦିର ଭିତର ଆଡ଼କୁ ରହୁଥିଲା। ମାତ୍ର ରୁପା ଛାଉଣି ହୋଇଥିବା ଦ୍ୱାରରେ ସିଂହ ମୂର୍ତ୍ତି ଦୁଇଟିର ମୂର୍ତ୍ତି ପରସ୍ପରକୁ ପଛ କରି ରହିଛି। ଦ୍ୱାର ଖୋଲିବା ପରେ ସିଂହ ମୂର୍ତ୍ତି ଦୁଇଟିର ମୁହଁ ଶ୍ରୀମନ୍ଦିର ବାହାରକୁ ରହୁଥିବା ବେଳେ ପଛ ପାର୍ଶ୍ୱ ଶ୍ରୀମନ୍ଦିର ଭିତରକୁ ରହୁଛି। ଏହାକୁ ନେଇ ବିଭିନ୍ନ ସୋସିଆଲ ମିଡିଆରେ ପୂର୍ବ ଏବଂ ବର୍ତ୍ତମାନର ସିଂହଦ୍ୱାର କବାଟର ଦୃଶ୍ୟ ପୋଷ୍ଟ କରାଯିବା ସହ ସିଂହମୂର୍ତ୍ତି ମୁହଁ ଶ୍ରୀମନ୍ଦିର ବାହାରକୁ ରହିଲେ ତାହା ଶୁଭଙ୍କର ନୁହେଁ ବୋଲି ଦର୍ଶାଯାଇଛି। ତେବେ ଏ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ରୂପା ଛାଉଣି ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ, ସିଂହଦ୍ୱାର ପିତ୍ତଳ କବାଟରେ ଯେଉଁ ଯେଉଁ ଡିଜାଇନ ଓ କାରୁକାର୍ଯ୍ୟ ରହିଛି, ଅବିକଳ ସେହି ସବୁ ଡିଜାଇନ ଓ କାରୁକାର୍ଯ୍ୟ ରୁପା ଛାଉଣି ଦ୍ୱାରରେ ରହିବ। ତେବେ ରୁପା ଛାଉଣି ଦ୍ୱାରରେ କିଛି ପରିବର୍ତ୍ତନ ହେବା ସହ ସିଂହମୂର୍ତ୍ତି ଓଲଟା ଲଗାଯାଇଛି। କାରିଗରମାନଙ୍କୁ ଏନେଇ ସୂଚନା ଦିଆଯାଇଥିଲା କି ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ତେଣୁ ଦ୍ୱାରରେ ଲାଗିଥିବା ଓଲଟା ସିଂହମୂର୍ତ୍ତିକୁ କଢାଯାଇ ପୂର୍ବଭଳି ଏହି ମୂର୍ତ୍ତି ଦୁଇଟିକୁ ଠିକ୍ ଭାବେ ଲଗାଯିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ୪ ହାତୀଦାନ୍ତ ଜବତ, ୫ ଗିରଫ

**ବାରିପଦା, ୨।୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଜାମକେଶ୍ୱର ଗ୍ରାମରେ ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନ ବିଭାଗ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ ହାତୀଦାନ୍ତ, ୨ ବାଇକ୍ ଓ ୩ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚାକଡ଼ି ପଞ୍ଚାୟତ ଉଷକି ଗ୍ରାମର ଦାସିଆ ସିଂ(୩୫), ନନ୍ଦ ସିଂ(୩୦), ନରସିଂହ ସିଂ(୩୩), ଛାମୁଣ୍ଡିଆ ଗ୍ରାମର ମନମୋହନ ହେମ୍ବ୍ରମ(୩୦), ଗୋଦାମସାହି ଗ୍ରାମର ମନ୍ତ୍ରୀ ସିଂ(୫୫)। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଶିମିଳିପାଳ ପାଦଦେଶରେ ଥିବା



ଜବତ ହାତୀଦାନ୍ତ।

ଜାମକେଶ୍ୱର ଗ୍ରାମରେ ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ହେଉଥିବା ନେଇ ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ଗୌଡ଼ାଙ୍କ ନେତୃତ୍ୱରେ ଶିମିଳିପାଳ ଦକ୍ଷିଣ, ଉତ୍ତର ଓ ରାଇରଙ୍ଗପୁର ଡିଭିଜନର ଏସିଏଫ୍, ରେଞ୍ଜର ଓ ବନ କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ରବିବାର ଭୋର ସମୟରେ ଏହି ଟିମ୍ ଜାମକେଶ୍ୱର ଗ୍ରାମରେ ଚଢ଼ାଉ କରି ହାତୀ ଦାନ୍ତ ଜବତ କରିବା ସହ ଡିଲରେ ଜଡ଼ିତ ବ୍ୟବସାୟୀମାନଙ୍କୁ ଗିରଫ କରିଥିଲା। ୨ ଶିକାରୀଙ୍କଠାରୁ ହାତୀଦାନ୍ତ କିଣିଥିବା ନେଇ ଅଭିଯୁକ୍ତମାନେ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଏହାର ତଦନ୍ତ କରି ଶିକାରୀମାନଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ କହିଛି। ଜବତ ଦାନ୍ତ ଗୁଡ଼ିକର ଓଜନ ୬ କି.ଗ୍ରା ୮୬ଗ୍ରାମ ହୋଇଥିବା ବେଳେ ଓୟୁଏଟିକୁ ପଠାଯାଇ ପରୀକ୍ଷା ନିରୀକ୍ଷା ପରେ ହାତୀମାନଙ୍କର ବୟସ ଜଣାପଡ଼ିବ। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ଗୌଡ଼ା ସୂଚନା ଦେଇଛନ୍ତି।




# ଗୁଳୁଗୁଳି ଜାରି, ଆଜିଠୁ ବର୍ଷା ବଢ଼ିବ

**ଭୁବନେଶ୍ୱର, ୨।୭(ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ଦେଶକୁ ଅଗ୍ରସର ହୋଇଛି। ତେବେ ଓଡ଼ିଶାରେ ମୌସୁମୀ ପ୍ରବାହ ଦୁର୍ବଳ ରହୁଥିବାରୁ ଦିନରେ ଆର୍ଦ୍ରତା ଯଥେଷ୍ଟ ଅଧିକ ରହୁଛି। ତେଣୁ ରାଜ୍ୟର ବିଭିନ୍ନ ଜିଲାରେ ଟାଇଁଟାଇଁ ଖରା ସହ ଗୁଳୁଗୁଳି ଅନୁଭୂତ ହେଉଛି। ରବିବାର ୩୯ ଡିଗ୍ରୀ ତାପମାତ୍ରା ସହ ପାରଳାଖେମୁଣ୍ଡି ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବୌଦ୍ଧ ଓ ଛତ୍ରପୁର ୩୮ ଡିଗ୍ରୀ, ମାଲକାନଗିରି ୩୭.୫ ଡିଗ୍ରୀ, ସୋନପୁର ୩୭.୨ ଡିଗ୍ରୀ, ଅନୁଗୋଳ ୩୭.୧ ଡିଗ୍ରୀ ଏବଂ ବଲାଙ୍ଗୀରରେ ୩୭ ଡିଗ୍ରୀ ରହିଥିଲା। ସେହିଭଳି ଆଉ ୧୦ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀରୁ ୩୭ ଡିଗ୍ରୀ ରହିଥିବାବେଳେ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ରାଜନଗରଠାରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ସୋମବାରଠାରୁ ବର୍ଷା ପରିମାଣ ବଢ଼ିବ। ତେବେ ୫ ତାରିଖ ସୁଦ୍ଧା ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନାନୁସାରେ, ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସହ ଜଡ଼ିତ ନିମ୍ନ ଚାପରେଖା ବିକାନେର, ଦୌସା, ଗ୍ୱାଲିୟର, ସିଦ୍ଧି, ଅମ୍ବିକାପୁର ଓ ବାଲେଶ୍ୱର ଦେଇ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ରହୁଛି। ସାଧାରଣ ଅବସ୍ଥାନଠାରୁ ଦକ୍ଷିଣରେ ରହୁଛି ଓ ବାଲେଶ୍ୱର ଦେଇ ଗତି କରୁଛି। ତେଣୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୋମବାର ପାଇଁ ୧୮ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନୟାଗଡ଼ ଓ ଅନୁଗୋଳ ଜିଲାକୁ ସତର୍କ କରାଯାଇଛି। ତେବେ ୪ ତାରିଖ ବେଳକୁ ବର୍ଷା ବିସ୍ତୃତ ଭାବେ ବର୍ଷିବ। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ସେହିପରି ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କନ୍ଧମାଳ, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



**ଆଜିର ମନ୍ତବ୍ୟ**

"ଅଧିକାଂଶ ଏନ୍‌ସିପି ବିଧାୟକ ଏବଂ ପୂରା ଦଳ ସରକାରରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ଲଢ଼ିବାବେଳେ ଆମେ ଏନ୍‌ସିପିର ନାମ ଓ ଚିହ୍ନକୁ ବ୍ୟବହାର କରିବୁ। ଏହି ପଦକ୍ଷେପ ଉପରେ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିଲା। ମହାରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ କରିବି। **–ଅଜିତ ପାୱାର, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳିଶି ବର୍ଷର ଯେ ଆଦ୍ୟ ଦିନ**
**ଚାଳିଶି ପ୍ରକାର ଫୁଲ ଆଘ୍ରାଣ**
**ଚାଳିଶା ଦୋଷ ଯେ ରହଇ ନାହିଁ**
**ଧନ୍ୱନ୍ତରୀ ଏହା ଅଛନ୍ତି କହି।**

ଚାଳିଶି ବର୍ଷ ହୋଇଗଲେ ବ୍ୟକ୍ତିଙ୍କୁ ଚାଳିଶା ଦୋଷ ଦେଖାଦିଏ। ଧନ୍ୱନ୍ତରୀଙ୍କ ମତରେ ଚାଳିଶି ବର୍ଷରେ ପଦାର୍ପଣ କରୁଥିବା ବ୍ୟକ୍ତି ଜଣକ ଉକ୍ତ ପ୍ରଥମ ଦିନରେ ଯଦି ଚାଳିଶି ପ୍ରକାରର ଫୁଲ ଶୁଙ୍ଘନ୍ତି ତେବେ ତାଙ୍କର ଆଉ ଚାଳିଶା ଦୋଷ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚୁଡ଼ାକୁ ସୁନ୍ଦର ଗୁଡ଼ ଦହି**
**ଦୁଧକୁ ସୁନ୍ଦର ନବାତ ଖଇ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡ଼ାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ୍ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ପୁରୀ: ରବିବାର ପ୍ରଥମ ନୀଳାଚଳ ଅବଢ଼ା ବାହାରିବା ପରେ ଶ୍ରୀମନ୍ଦିରରୁ ଅଣାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ୨ହଜାର ଟଙ୍କିଆ ବଦଳ ପାଇଁ ଆସିଥିବା ମାଓବାଦୀ ଗିରଫ

### ୧ଲକ୍ଷ ୬୦ହଜାର ୨ ହଜାର ଟଙ୍କିଆ ଜବତ



ଗିରଫ ମାଓବାଦୀ

ମାଲକାନଗିରି,୨।୭(ଦୁର୍ଯ୍ୟୋଧନ ପାତ୍ର)

୨ହଜାର ଟଙ୍କିଆ ନୋଟ ବଦଳ ପାଇଁ ଆସିଥିବା ଫେରାର ମାଓବାଦୀ ରବିବାର ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ମହେଶ ମୁଙ୍ଗେଲ ।

ସୂଚନା ଅନୁଯାୟୀ, ମାଓବାଦୀମାନେ ରଖିଥିବା ୨ହଜାର ଟଙ୍କିଆ ନୋଟ୍ ବଦଳାଇବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ପୋଲିସ ପକ୍ଷରୁ ଏଥିପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଏହି ଘଟଣା ଅଧିକ ଘଟୁଥିବାରୁ ପୋଲିସର ଅପରେଶନକୁ ଜୋରଦାର କରାଯାଇଛି। ଅପରେଶନ ବେଳେ ଛତିଶଗଡ଼ର ଆୱାପାଲି ପୋଲିସ ଦ୍ୱାରା ଫେରାର ମାଓବାଦୀ ମହେଶ ମୁଙ୍ଗେଲ ଗିରଫ ହୋଇଛନ୍ତି। ତାଙ୍କ ପାଖରୁ ୧,୬୦,୦୦୦ ଟଙ୍କାର ୨ହଜାର ଟଙ୍କିଆ ନୋଟ ଜବତ କରାଯାଇଛି। ମୋଟ ୮୦ଟି ୨୦୦୦ ଟଙ୍କିଆ ନୋଟ୍, ୨ଟି ପାସ୍‌ବୁକ୍ ଏବଂ ୩ ଟି ମେଡିସିନ୍ ସ୍ଲିପ୍ ଜବତ କରାଯାଇଛି। ପଚରାଉଚୁରା ବେଳେ ମୁଙ୍ଗେଲ କହିଛନ୍ତି, ବାସାଗୁଡା ଏଲ୍‌ଓଏସ୍ କମାଣ୍ଡର ଶଙ୍କର ଏବଂ ଆର୍‌ସିପି ସଭାପତି କୁହୁରାମ ହାଡମା ତାଙ୍କୁ ୨୫ ଲକ୍ଷ ଟଙ୍କାର ୨୦୦୦ଟଙ୍କିଆ ନୋଟ ଦେଇଥିଲେ। ବିଭିନ୍ନ ଆକାଉଣ୍ଟରେ ସେହି ଟଙ୍କା ଜମା କରିବା ସହ ଔଷଧ କିଣିବାକୁ କହିଥିଲେ। ସେଥିମଧ୍ୟରୁ ସେ କୌଶଳକ୍ରମେ ସମ୍ପର୍କୀୟ ଓ ଲୋକଙ୍କୁ ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରିଛନ୍ତି। ବାକି ଟଙ୍କା ବଦଳ କରିବାକୁ ଆସିଥିଲେ। ତେବେ ଟଙ୍କା ବଦଳ କରାଯାଉଥିବା ସମସ୍ତଙ୍କ ଆକାଉଣ୍ଟକୁ ନଜରରେ ରଖାଯାଇ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ମଧ୍ୟ ଏ ଦିଗରେ ସତର୍କ ରହିବାକୁ ପୋଲିସ ପକ୍ଷରୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ମହେଶ ମଧ୍ୟ ପୂର୍ବରୁ ପୋଲିସ ଦ୍ୱାରା ଗିରଫ ହୋଇଥିବା ବେଳେ କୌଶଳ କ୍ରମେ ଖସି ଫେରାର ହୋଇଯାଇଥିଲେ।

# ମାଉସୀ ମା' ମନ୍ଦିରର ଉନ୍ନତି କରାଯିବ: ସଂସ୍କୃତି ମନ୍ତ୍ରୀ

### ମାଉସୀମା ମନ୍ଦିର ସହ ଶଙ୍କରାନନ୍ଦ ଓ ଶଙ୍କରାଚାର୍ଯ୍ୟ ମଠ ବୁଲିଲେ

ପୁରୀ, ୨।୭(ଅଜିତ୍ ମହାନ୍ତି)

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ରବିବାର ପୁରୀ ଗସ୍ତରେ ଯାଇ ବଳଗଣ୍ଡି ଛକସ୍ଥିତ ମାଉସୀ ମା' ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ପାତ୍ର ମା'ଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ମାଉସୀ ମା' ମନ୍ଦିରର ଉନ୍ନତୀକରଣ କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ଖୁବଶୀଘ୍ର ମହାପ୍ରଭୁଙ୍କ ମାଉସୀ ମା' ମନ୍ଦିରର ଚିତ୍ର ବଦଳିବ। ବହୁ ପୁରାତନ ଏହି ମନ୍ଦିରର ଛାତରୁ ବିଭିନ୍ନ ସମୟରେ ପାଣି ଗଳୁଥିବା ବେଳେ ଏହାର ମରାମତି କରାଯିବ। ଆସନ୍ତା ୧୪ ତାରିଖରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଏକ ବୈଠକ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହି ବୈଠକରେ ପୁରୀ ମାଉସୀ ମା' ମନ୍ଦିରର ରକ୍ଷଣାବେକ୍ଷଣା ଓ ମରାମତି କାର୍ଯ୍ୟ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ପର୍ଯ୍ୟଟନ ବିଭାଗର ଏକ ବୈଷୟିକ ଟିମ୍ ମାଉସୀ ମା' ମନ୍ଦିର ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ଏହି ମନ୍ଦିରର ମରାମତି କାର୍ଯ୍ୟ କିଭଳି ହୋଇପାରିବ ସେନେଇ ଏକ ଡିପିଆର୍



ମନ୍ତ୍ରୀ ଅଶ୍ୱିନୀ ପାତ୍ର ଶଙ୍କରାନନ୍ଦ ମଠ ପରିସର ବୁଲି ଦେଖୁଛନ୍ତି।

ପ୍ରସ୍ତୁତ କରାଯିବ ବୋଲି ପାତ୍ର କହିଛନ୍ତି। ମାଉସୀ ମା' ମନ୍ଦିରର ବିଶେଷ ମାହାତ୍ମ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବାହୁଡ଼ା ଯାତ୍ରା କରିବା ସମୟରେ ଶ୍ରଦ୍ଧାରେ ମାଉସୀ ମା'ଙ୍କ ହାତରୁ ପୋଡ଼ପିଠା ଖାଇ ଶ୍ରୀମନ୍ଦିରକୁ ଫେରିଥାନ୍ତି। ଏହି ପୋଡ଼ପିଠା ପ୍ରସାଦ ରୂପେ ପାଇ ନିଜକୁ ଧନ୍ୟ ମନେ କରିଥିବା ମନ୍ତ୍ରୀ ପାତ୍ର କହିଛନ୍ତି। ସେହିପରି ମହାପ୍ରଭୁଙ୍କ ଆଶୀର୍ବାଦରୁ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଲୀଳା ଅତି ବିଚିତ୍ର। ବିଶ୍ୱକୁ ଏକ ବିରାଟ ପରିବାର ଭାବେ ଗଢ଼ିଛନ୍ତି ମହାପ୍ରଭୁ। ତାଙ୍କ ଲୀଳାଖେଳାରେ ସାମିଲ୍ ହେବା ଭାଗ୍ୟରେ ଥିଲେ ମିଳେ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଛନ୍ତି। ସେହିପରି ମନ୍ତ୍ରୀ ଏହି ଗସ୍ତ ଅବସରରେ ଶଙ୍କରାନନ୍ଦ ମଠ ଓ ଶଙ୍କରାଚାର୍ଯ୍ୟ ମଠ ବୁଲି ଦେଖିଥିଲେ।

# ଅଫିସରେ ଜନ୍ମଦିନ ପାଳିଲେ ବିଡିଓ | ଗୁହାରି କରିବାକୁ ଆସି ଲୋକେ ହନ୍ତସନ୍ତ

ନବରଙ୍ଗପୁର,୨।୭(ସଦାଶିବ ପ୍ରହରାଜ)

ଡ୍ୟୁଟି ସମୟରେ ଅଫିସରେ ସମସ୍ତ କର୍ମଚାରୀଙ୍କୁ ନେଇ ଶନିବାର ଜନ୍ମଦିନ ପାଳିଥିଲେ ପାପଡାହାଣ୍ଡି ବିଡିଓ ଦିବାକର ବାଗ। ଫଳରେ ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଦେଖା କରିବାକୁ ଆସିଥିବା ଲୋକେ ହଇରାଣ ହୋଇ ଫେରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ପାପଡାହାଣ୍ଡି ବିଡ଼ିଓ ବାଗଙ୍କର ଗତ ଶନିବାର ଜନ୍ମଦିନ ଥିଲା। ଏହି ଅବସରରେ ବିଡ଼ିଓ ବାଗ ଓ ସମସ୍ତ କର୍ମଚାରୀ ଡ୍ୟୁଟି ସମୟରେ ପୂର୍ବାହ୍ନ ପ୍ରାୟ ୧୧ଟା ୩୫ ମିନିଟରୁ ମଧ୍ୟାହ୍ନ ୧୨ଟା ୪୫ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୧ ଘଣ୍ଟା କାଳ କାର୍ଯ୍ୟାଳୟ କନଫରେନ୍ସ ହଲରେ କେକ୍ କାଟି ଜଳଖିଆ ଖାଇ ସେଲିବ୍ରେସନ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ନିଜର ସରକାରୀ କାମ ଛାଡି, ଏଥିରେ ବ୍ୟସ୍ତ ଥିଲେ । ଏହି ସମୟରେ ଦୂରଦୂରାନ୍ତରୁ ସମସ୍ୟା ନେଇ ଆସିଥିବା ଅନେକ ଲୋକ ବ୍ଲକରେ ବିଡ଼ିଓ ଓ କର୍ମଚାରୀଙ୍କୁ ଅପେକ୍ଷା କରି ବସିଥିଲେ । ସରକାରୀ କାର୍ଯ୍ୟ ସମୟରେ ୧ ଘଣ୍ଟା ଧରି ବାର୍ଥଡେ ସେଲିବ୍ରେସନ କରିବା ଏବଂ ସରକାରୀ କାର୍ଯ୍ୟରେ ଅବହେଳା କରୁଥିବା ନେଇ ବିଡିଓଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରି ସିଟରୁ ଉଠି ଚାଲି ଯାଇଥିଲେ । ଅନ୍ୟପକ୍ଷରେ ବିଡ଼ିଓଙ୍କୁ ଅପେକ୍ଷା କରି ନିରାଶ ହୋଇଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଏନ୍‌ସିପିରେ ବିଦ୍ରୋହ, ...

ପ୍ରକାଶ କରିଛନ୍ତି। ଅଜିତଙ୍କ ଏହି ବିଦ୍ରୋହ ଫଳରେ ତାଙ୍କ କାକା ତଥା ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ବଡ଼ ଝଟ୍‌କା ଲାଗିଛି। ଏନେଇ ୮୩ ବର୍ଷୀୟ ସିନିୟର ପାୱାର କହିଛନ୍ତି, ଅଜିତଙ୍କ ଇସ୍ତଫା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହାକୁ ଦଳ ସମର୍ଥନ କରୁନାହିଁ। ଚାଣକ୍ୟ ଭାବେ ପରିଚିତ ତଥା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସ୍ଥପତି ଶରଦ ପାୱାର ଗତ ମେ' ୨ରେ ମୁମ୍ବାଇରେ ନିଜ ମରାଠୀ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତି'ର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ଦଳର ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଥିଲେ। ପାୱାରଙ୍କ ଘୋଷଣା ସମସ୍ତଙ୍କୁ ବିସ୍ମିତ କରିଥିଲା। ତାଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିଲା। ଦଳୀୟ ନେତା ଓ କର୍ମୀଙ୍କ ଅସନ୍ତୋଷ ପରେ ପାୱାର ନିଜ ନିଷ୍ପତ୍ତି ବଦଳାଇ ଅଧ୍ୟକ୍ଷ ପଦ ବଜାୟ ରଖିଥିଲେ। କିନ୍ତୁ ଜୁନ୍ ୧୦ରେ ନୂଆଦିଲ୍ଲୀରେ ଏନ୍‌ସିପିର ୨୪ତମ ପ୍ରତିଷ୍ଠା ଦିବସ ପାଳନ ବେଳେ ନିଜ ଝିଅ ସୁପ୍ରିୟା ସୁଲେ ଓ ଘନିଷ୍ଠ ସହଯୋଗୀ ପ୍ରଫୁଲ ପଟେଲଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଥିଲେ। ଏହାଦ୍ୱାରା ପାୱାର ପରୋକ୍ଷରେ ସୁପ୍ରିୟାଙ୍କୁ ଉତ୍ତରାଧିକାରୀ ବାଛିବା ସହ ବିଦ୍ରୋହୀ ଭୂମିକା ନେବା ପାଇଁ ସଙ୍କେତ ଦେଉଥିବା ପୁତୁରା ଅଜିତ ପାୱାରଙ୍କୁ ଅଣଦେଖା କରିଥିଲେ। ଏହି ନିଷ୍ପତ୍ତିରେ କ୍ଷୁବ୍ଧ ଅଜିତଙ୍କ ମନରେ ଅସନ୍ତୋଷର ଧୂଆଁ ଉଠୁଥିଲେ ବି ସେ ତାକୁ ଚାପି ରଖିଥିଲେ, ଉପଯୁକ୍ତ ସମୟ ଓ ସୁଯୋଗ ଅପେକ୍ଷାରେ। ଗତ ୨୧ରେ ଅଜିତ କହିଥିଲେ, ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିବା ପାଇଁ ତାଙ୍କର ଆଗ୍ରହ ନାହିଁ। କିନ୍ତୁ ଦଳୀୟ ବିଧାୟକଙ୍କ ଦାବି ଯୋଗୁ ସେ ଏହି ଭୂମିକାକୁ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରକୁ ବର୍ଷେ ପୂରିଲା। ରବିବାର ଶିବସେନା, ଭାଜପା ଏବଂ ଏନ୍‌ସିପିର ବରିଷ୍ଠ ନେତାମାନଙ୍କୁ ହଠାତ୍ ରାଜଭବନରେ ଦେଖିବାକୁ ମିଳିଲା। ସେଠାରେ ଉପସ୍ଥିତ ଥିବା ବିଧାନସଭା ବାଚସ୍ପତି ରାହୁଲ ନରୱେକର ସୂଚନା ଦେଲେ, ଅଜିତ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରାଯାଇଛି। ଏହାର କିଛି ସମୟ ପରେ ଅଜିତ ଓ ତାଙ୍କ ଅନୁଗତ ୮ ବିଧାୟକ ଶିନ୍ଦେ କ୍ୟାବିନେଟର ନୂଆ ସଦସ୍ୟ ଭାବେ ଶପଥ ନେଲେ। ରାଜଭବନରେ ଶପଥ ଗ୍ରହଣ ଚାଲିଥିବାବେଳେ ପାୱାର ପୁଣେରେ ଥିଲେ। ଉପମୁଖ୍ୟମନ୍ତ୍ରୀ ଭାବେ ଆଉ ଏକ ଇନିଂସ୍ ଆରମ୍ଭ କରିବା ପରେ ଅଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଦେଶର ବିକାଶ ପାଇଁ ଶିନ୍ଦେ ସରକାରରେ ସାମିଲ ହେବାକୁ ଏନ୍‌ସିପିରେ ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରିଛନ୍ତି। ୬୩ ବର୍ଷୀୟ ବିଚକ୍ଷଣ ନେତା ଅଜିତ ଆହୁରି କହିଛନ୍ତି, ଏନ୍‌ସିପିରେ ବିଭାଜନ ହୋଇନାହିଁ। ଭବିଷ୍ୟତରେ ଆମେ ସବୁ ନିର୍ବାଚନ ଏନ୍‌ସିପିର ନାମ ଓ ଚିହ୍ନକୁ ନେଇ ଲଢ଼ିବୁ। ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି ସରକାରରେ ଯୋଗଦେବା ନିଷ୍ପତ୍ତି ସପକ୍ଷରେ ରହିଛନ୍ତି। ଭାଜପା ସହ କ୍ଷମତାରେ ରହିବା ଉପରେ ସେ କହିଛନ୍ତି, ଯଦି ଆମେ ଶିବସେନା ସହ ମିଶି ସରକାର ଗଢ଼ିପାରିଲୁ ଭାଜପା ସହିତ ମିଶି କ୍ଷମତାରେ ରହିବାରେ ଅସୁବିଧା ନାହିଁ। ପ୍ରଶାସନରେ ଦୀର୍ଘ ଅଭିଜ୍ଞତାକୁ ସେ ଉପଯୋଗ କରିବେ। ଦିନେ ଦୁଇଦିନ ଭିତରେ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯିବ। ସଙ୍ଗେ ସଙ୍ଗେ ବିକାଶମୂଳକ କାର୍ଯ୍ୟରେ ସମସ୍ତେ ଲାଗିପଡ଼ିବେ।

## କେନ୍ଦ୍ର ସରକାରରେ ...

ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବରିଷ୍ଠ ନେତାମାନଙ୍କର ରୁଦ୍ଧଦ୍ୱାର ବୈଠକ ପରେ କେନ୍ଦ୍ର କ୍ୟାବିନେଟରେ ଅଦଳବଦଳ ନେଇ ହେଉଥିବା ଚର୍ଚ୍ଚା ଅଧିକ ବଳିଷ୍ଠ ହୋଇଛି। ବରିଷ୍ଠ ଏନ୍‌ସିପି ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲ ଦଳ ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଛାଡ଼ି ଅଜିତ ପାୱାରଙ୍କ ସହ ହାତ ମିଳାଇଥିବାରୁ ସେ କେନ୍ଦ୍ର ସରକାରରେ ନୂଆ ମନ୍ତ୍ରୀ ହେବା ସମ୍ଭାବନା ଅଧିକ ରହିଛି। କ୍ୟାବିନେଟରେ ସହଯୋଗୀ ଦଳଗୁଡ଼ିକୁ ପ୍ରତିନିଧିତ୍ୱ ମିଳିବ ବୋଲି ଭାଜପା ସୂତ୍ରରୁ ସୂଚନା ଦିଆଯାଇଥିଲା। ଜୁଲାଇ ୨୦ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଯଥେଷ୍ଟ ସମ୍ଭାବନା ରହିଛି।

## ଋଣଭାର ଅସହ୍ୟରୁ ...



ବାନାମ୍ବର ବେହେରା ଓ ବନିତା ବେହେରା

ବାନାମ୍ବର ଜଣେ ଦିନମଜୁରିଆ। ସେ ନିଜ ଗାଁ ଅଁଳାଯୋଡ଼ିରେ ସ୍ତ୍ରୀଙ୍କ ସହ ରହନ୍ତି। ପରିବାରର ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ତାଙ୍କର ଦୁଇ ପୁଅ ପ୍ରମୋଦ ଓ ପ୍ରଶାନ୍ତ ଭୁବନେଶ୍ୱରରେ ରହି ଚାହା ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। କିଛିମାସ ତଳେ ଅଳାଁଯୋଡ଼ିରେ ଏକାଧିକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଘରକୁ ଘର ବୁଲି ଲୋକଙ୍କୁ ଋଣ ନେବା ପାଇଁ ପ୍ରବର୍ତ୍ତାଉଥିଲେ। ବାନାମ୍ବର ୩ଟି ଘରୋଇ ଫାଇନାନ୍ସ କମ୍ପାନୀଠାରୁ ଋଣ ଆଣିଥିଲେ। ମାସିକିଆ କିସ୍ତି ଅନୁଯାୟୀ ଋଣ ଟଙ୍କା ଶୁଝିବା ପାଇଁ ଚୁକ୍ତି କରିଥିଲେ। ତେବେ ଆର୍ଥିକ ସମସ୍ୟା କାରଣରୁ ଋଣ ଟଙ୍କା ଶୁଝିବାରେ ବିଳମ୍ବ ଘଟିଥିଲା। ଇତିମଧ୍ୟରେ ସମ୍ପୃକ୍ତ କମ୍ପାନୀର କର୍ମଚାରୀମାନେ ବାରମ୍ବାର ତାଙ୍କ ଘରକୁ ଆସି ତାଙ୍କୁ ଟଙ୍କା ମାଗୁଥିଲେ। ଦିନରାତି ତାଙ୍କୁ ମୋବାଇଲରେ କଲ୍ କରିବା ସହ ବିଭିନ୍ନ ପ୍ରକାର ଚାପ ପକାଉଥିଲେ। ଏପରିକି ଧମକଚମକ ଦେଉଥିଲେ। ଏପଟେ ପରିବାର ବୋଝ, ସେପଟେ କମ୍ପାନୀ କର୍ମଚାରୀଙ୍କ ଜୁଲମ ଯୋଗୁ ବାନାମ୍ବର ଓ ତାଙ୍କ ସ୍ତ୍ରୀ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ଶନିବାର ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଆସି ତାଙ୍କୁ ଋଣ ଟଙ୍କା ଶୁଝିବା ପାଇଁ ବାଧ୍ୟ କରିଥିଲେ। ଟଙ୍କା ପରିଶୋଧ ନ କଲେ ତାଙ୍କ ଘର ଆଗରୁ ଉଠିବେ ନାହିଁ ବୋଲି କହିଥିଲେ। ଏହି ଦମ୍ପତି ଯେତେ ନେହୁରା ହେଲେ ବି ସେମାନେ କିଛି ଶୁଣି ନ ଥିଲେ, ବରଂ ତାଙ୍କ ଘର ଆଗରେ ରାତି ପର୍ଯ୍ୟନ୍ତ ବସିରହିଥିଲେ। ପରେ ସେମାନେ ବିଭିନ୍ନ ଧମକଚମକ ଦେଇ ଚାଲିଯାଇଥିଲେ। ଏଥିରେ ବାନାମ୍ବର ଓ ବନିତା ବିବ୍ରତ ହୋଇପଡ଼ିଥିଲେ। ଶେଷରେ କିଛି ଉପାୟ ନ ପାଇ ଘର ଭିତରେ ବେକରେ ରଶି ଲଗାଇ ପଙ୍ଖାରେ ଝୁଲିପଡ଼ିଥିଲେ। ସକାଳେ ପରିବାର ଲୋକେ ସେମାନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀ ଏବଂ ଭୁବନେଶ୍ୱରରେ ରହୁଥିବା ତାଙ୍କ ଦୁଇପୁଅଙ୍କୁ ଖବର ଦେଇଥିଲେ। ଦୁଇପୁଅ ପହଞ୍ଚିବା ପରେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଏହି ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧା ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କଣାସ ଥାନାକୁ ଖବର ଦେଇଥିଲା। ଏନେଇ ଖୋର୍ଦ୍ଧା ଟାଉନ୍ ଥାନା ପୋଲିସ ଦୁଇଟି ପୃଥକ ଅପମୃତ୍ୟୁ ମାମଲା (ନଂ. ୫୨/୨୩ ଓ ୫୩/୨୩) ରୁଜୁ କରିଛି। ବାନାମ୍ବରଙ୍କ ପୁଅ ପ୍ରମୋଦ କହିଛନ୍ତି, ବାପା ଫାଇନାନ୍ସ କମ୍ପାନୀ ଠାରୁ ଋଣ ନେଇଥିଲେ। ତେବେ କମ୍ପାନୀ କର୍ମଚାରୀମାନେ ଆସି ତାଙ୍କୁ ଟଙ୍କା ଶୁଝିବା ପାଇଁ ବାରମ୍ବାର ହଇରାଣ କରୁଥିଲେ। ସେମାନେ ଶନିବାର ରାତିରେ ଆସି ଟଙ୍କା ପାଇଁ ଘରେ ବସିରହିବା ସହ ନାନା ପ୍ରକାର ଧମକଚମକ ଦେଇଥିଲେ। କମ୍ପାନୀ କର୍ମଚାରୀଙ୍କ ଜୁଲମରେ ଅତିଷ୍ଠ ହୋଇ ଶେଷରେ ମା' ଓ ବାପା ଆତ୍ମହତ୍ୟା କଲେ। ତେଣୁ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ସେହିପରି ଅଁଳାଯୋଡ଼ି ଗ୍ରାମର ସାମାଜିକ କର୍ମୀ ସରୋଜ ମଣ୍ଡଳ ଏବଂ ଅନିଲ ସାମନ୍ତରାୟ କହିଛନ୍ତି, କେବଳ ଏହି ଦମ୍ପତି ନୁହନ୍ତି, ଏଭଳି ଏକାଧିକ ଲୋକେ ଫାଇନାନ୍ସ କମ୍ପାନୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ। ଫାଇନାନ୍ସ କମ୍ପାନୀଗୁଡ଼ିକ ବିନା କାଗଜପତ୍ରରେ ମୋଟା ଅଙ୍କର ଋଣ ଦେବାକୁ ପ୍ରଲୋଭନ ଦେଖାଇ ଋଣ ଦେଉଛନ୍ତି। ପରବର୍ତ୍ତୀ ସମୟରେ ହଇରାଣ କରୁଛନ୍ତି। ସମୟ ମାଗିଲେ ବି କିଛି ଶୁଣୁନାହାନ୍ତି। ଘରୋଇ ଫାଇନାନ୍ସ କମ୍ପାନୀଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କର ଲଗାମ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଥିପ୍ରତି ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ଉକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଣାସ ବିଡିଓ ପବିତ୍ର ବେହେରା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥ ଚନ୍ଦ୍ର ଯୋଗୁ ପୂର୍ବ ଯୋଜନା ଅନୁଯାୟୀ କର୍ମରେ ସଫଳତା ପାଇବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, ସଂସ୍କୃତି, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ବହୁତ ଦିନରୁ ଲାଗିରହିଥିବା କଚେରି ମାମଲା ଚିନ୍ତାର କାରଣ ହୋଇପାରେ।

**ବୃଷ** ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହି ନ ପାରେ। ଦୁଃସ୍ଥ ପରିବେଶରେ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଜୀବନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଏବଂ ଯାହା ଆଶା କରୁଛନ୍ତି ତାହା ପାଇବେ। ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଆଜି ଅନୁକୂଳ ଫଳ ପାଇବେ। ମାଲି ମକଦ୍ଦମା, ଆଲୋଚନା, ଗବେଷଣା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗର ଦାଉ, ଋଣବୋଝ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା ସାଙ୍ଗକୁ ବନ୍ଧୁମିଳନ ଯୋଗୁ ମନ ଖୁସି ରହିବ। ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** ପାରିବାରିକ ସମସ୍ୟାକୁ ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା ସହ ସଦାବେଳେ ହାତଖାଲି ରହିବ। ଅପୂରଣୀୟ ଆଶା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ଅଫିସ୍ କାମରେ ଅବହେଳା ନେଇ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ରହିଛି।

**କନ୍ୟା** ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି ପାଇବେ। ଅର୍ଥ ସମ୍ପର୍କ ଓ ଜମିବାଡ଼ିକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। ପ୍ରତିଯୋଗିତା, ବ୍ୟବସାୟ ବାଣିଜ୍ୟ, ମକଦ୍ଦମା ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପିଲାଙ୍କୁ ନେଇ ଚିନ୍ତିତ ରହିବେ।

**ତୁଳା** ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା** ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କେତେକ କ୍ଷେତ୍ରରେ କହିବେ ସିନା ସହିବେ ନାହିଁ, ଫଳରେ ମତାନ୍ତରର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଆପଣଙ୍କ ସୁଚିନ୍ତିତ ଯୋଜନା, ଶୁଦ୍ଧ ଭାବନା, ସଂଯତ ସୁମଧୁର କଥା ସମସ୍ୟାର ସମାଧାନ, ଅର୍ଥଲାଭ, ସମ୍ମାନ, କାର୍ଯ୍ୟସିଦ୍ଧି କରାଇବ। ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ। ଲେଖାପଢ଼ା ତଥା ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେବ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟରେ ତିକ୍ତତା ଦେଖାଦେବ। ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଅସ୍ଥିର ରହିବ।

**ମୀନ** ଆଜି ଦିନଟିରେ ଅର୍ଥଲାଭ,ସ୍ୱାଦିଷ୍ଟ ଭୋଜନ ଏବଂ ବନ୍ଧୁଙ୍କ ଆଦରସୁହାଗ, ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଆଷାଢ଼ ମାସର ଗୁରୁପୂର୍ଣ୍ଣିମା ସୋମବାର,ଜୁଲାଇ ୩ ତାରିଖ, ରାଶି ନକ୍ଷତ୍ର–ଦିବା, ଘ.୧୧।୫୩ ଗତେ,ପୂର୍ବାଷାଢା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୬ ଗତେ, ଘ.୧୦।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୪ ମି. ଗତେ, ଘ.୦୮।୩୩ ମଧ୍ୟେ ରାହୁକାଳ ।

# ଦୁଇ ଟ୍ରକ୍ ମଧ୍ୟରେ ଚାପି ହୋଇଗଲେ ଦମ୍ପତି

ଅନୁଗୋଳ, ୨।୭(ଅମିତ ସାମଲ)

ରବିବାର ବନ୍ଦ ଥିଲା କମ୍ପାନୀ । ସାପ୍ତାହିକ ଛୁଟିରେ ହଷ୍ଟେଲରେ ରହୁଥିବା ପୁଅକୁ ଦେଖା କରିବାକୁ ମନସ୍ଥ କରି ସ୍ତ୍ରୀଙ୍କ ସହ ବାଇକ୍‌ରେ ବାହାରିଥିଲେ । ହେଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଗରୁ ଶେଷ ହୋଇଗଲା ଯାତ୍ରା । ପଛପଟୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବା ପରେ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ଟ୍ରକ୍ ମଝିରେ ଚାପି ହୋଇଗଲେ ଦମ୍ପତି। ଘଟଣାସ୍ଥଳରେ ଉଡ଼ିଗଲା ସେମାନଙ୍କ ପ୍ରାଣବାୟୁ। ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର କରଡ଼ଗାଡ଼ିଆ ପେଟ୍ରୋଲ ପମ୍ପ ନିକଟରେ ଅପରାହ୍ନରେ ଘଟିଛି ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା । ମୃତକ ହେଲେ ବନ୍ତଲା ଥାନା ଗୁରଙ୍ଗ ଦେହୁରୀସାହିର ଅକ୍ଷୟ ବେହେରା (୪୨) ଓ ତାଙ୍କ ସ୍ତ୍ରୀ ମମତା (୩୭) । ଅନ୍ୟପଟେ ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥ ଅବରୋଧ କରି ରଖିବା ଫଳରେ ଶତାଧିକ ଯାନବାହନ ଅଟକି ରହିଛି। ଖବର ଲେଖାଯିବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିବାବେଳେ ସମାଧାନର ବାଟ ବାହାରି ପାରି ନ ଥିଲା ।

ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର ଏକ କାରଖାନାରେ ଅକ୍ଷୟ ହାଇଡ୍ରା ଡ୍ରାଇଭର ଭାବେ କାମ କରୁଥିଲେ । ରବିବାର ଛୁଟି ଥିବାରୁ ଅନୁଗୋଳ ସୁସୁଡ଼ା ଅଞ୍ଚଳର ଏକ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଥିବା ପୁଅ ନୀଳାମ୍ବରକୁ ଦେଖା କରିବାକୁ ଯୋଜନା କରିଥିଲେ । ପୁଅକୁ ଭେଟିସାରିବା ପରେ ଅସୁସ୍ଥ ଥିବା ଶ୍ୱଶୁରଙ୍କୁ ଦେଖିବାକୁ ଯାଇଥାଆନ୍ତେ । ଏଥିଲାଗି ସ୍ତ୍ରୀ ମମତାଙ୍କୁ ଏକ ବାଇକ୍‌ରେ ଧରି ଅକ୍ଷୟ ବାହାରିଥିଲେ । ଅପରାହ୍ନ ପ୍ରାୟ ୩ଟାରେ ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆଠାରେ ଆଗପଛ ହୋଇ ଯାଉଥିବା ଦୁଇ ଟ୍ରକ୍ ମଧ୍ୟରେ ସେମାନେ ଫସି ଯାଇଥିଲେ । ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ (ନଂ. ଓଡି ୩୫ ଡି ୬୩୩୯) ପଛପଟୁ ଧକ୍କା ଦେଇଥିଲା । ଫଳରେ ସେମାନେ ଦୁଇ ଟ୍ରକ୍ ମଧ୍ୟରେ ଚାପି ହୋଇଯାଇଥିଲେ । ଘଟଣାସ୍ଥଳରେ ଉଭୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ସଦର ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ମୃତକଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ବାସିନ୍ଦା କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ମାନି ନ ଥିଲେ । ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ଆସି କ୍ଷତିପୂରଣ ବାବଦ ଅର୍ଥରାଶି ପ୍ରଦାନ କରିବା ସହ ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସେମାନେ ଅଡ଼ି ବସିଛନ୍ତି । ଫଳରେ ରାତି ୧୦ଟା ସୁଦ୍ଧା ସମାଧାନର ବାଟ ବାହାରି ପାରି ନ ଥିଲା ।

ଏ ନେଇ ଥାନାଧିକାରୀ ଧୀରେନ ବେହେରା କୁହନ୍ତି, ଦମ୍ପତି ତାଙ୍କ ପୁଅକୁ ଦେଖା କରିବାକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇଛି। ଡ୍ରାଇଭର ଫେରାର ଅଛନ୍ତି। ପ୍ରଶାସନ ସହାୟତାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରିରହିଛି।



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

## ତୀବ୍ର ଉତ୍ତେଜନା, ଏନ୍‌ଏଚ୍ ଅବରୋଧ

# ପୋଖରୀରୁ ଧରାହେଲା ୮ ଫୁଟର ମଗର

ଅନୁଗୋଳ, ୨।୭(ଅମିତ ସାମଲ)

ଅନୁଗୋଳ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ବନାଞ୍ଚଳର ପୋଖରୀରୁ ରବିବାର ବନ ବିଭାଗ ମଗର ପ୍ରଜାତିର ଏକ ୮ଫୁଟିଆ କୁମ୍ଭୀର ଉଦ୍ଧାର କରିଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହାକୁ ମହାନଦୀର ସାତକୋଶିଆ ଗଣ୍ଡରେ ଛାଡ଼ି ଦିଆଯାଇଛି।

ଗତବର୍ଷ ମହାନଦୀରେ ଆସିଥିବା ବନ୍ୟାପାଣିରେ କୁମ୍ଭୀରଟି ଉପର ମୁଣ୍ଡକୁ ଉଠି ଆସି ଉକ୍ତ ପୋଖରୀରେ ପଶିଯାଇଥିଲା । ବନ ବିଭାଗ ଏହାକୁ ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ଫଳରେ ପୁରୁଣାକୋଟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିଲେ । ଏପରିକି କୁମ୍ଭୀରକୁ ଧରିବା ଲାଗି ଦାବି କରି ସେମାନେ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ମଧ୍ୟ ଦେଇଥିଲେ। ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ପରେ ରବିବାର ଅପରେଶନ୍ ଆରମ୍ଭ ହୋଇଥିଲା। ଦୀର୍ଘ ସମୟର କସରତ ପରେ ଜାଲ ପକାଇ କୁମ୍ଭୀରକୁ ବନ କର୍ମଚାରୀ କାବୁ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏହାକୁ ସାତକୋଶିଆ ଗଣ୍ଡରେ ଛାଡ଼ି ଦିଆଯାଇଥିବା ପୁରୁଣାକୋଟ ବନାଞ୍ଚଳ ଅଧିକାରୀ ଜୟନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

**ସାତକୋଶିଆ ଗଣ୍ଡରେ ଛଡ଼ାଗଲା**



ପୋଖରୀରୁ ଧରାପଡ଼ିଥିବା କୁମ୍ଭୀର ।

# କନିକା ବନାଞ୍ଚଳରେ ୧୦୭ କୁମ୍ଭୀର ବସା ଚିହ୍ନଟ

ରାଜନଗର, ୨।୭ (ଭାସ୍କର ରାଉତରାୟ)

ବଉଳା କୁମ୍ଭୀରମାନଙ୍କ ପ୍ରାକୃତିକ ବାସସ୍ଥାନ ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା କନିକା ବନାଞ୍ଚଳରେ ପ୍ରବାହିତ ନଦୀ ନାଳ । ଏଠାରେ ବସବାସ କରୁଥିବା ମା' ବଉଳା କୁମ୍ଭୀରଗୁଡ଼ିକର ବସାଗୁଡ଼ିକୁ ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। କନିକା ବନାଞ୍ଚଳରେ ୧୦୭ ବସା ଠାବ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ମାନସ କୁମାର ଦାସ ସୂଚନା ଦେଇଛନ୍ତି। କନିକା ରେଞ୍ଜର ଭିତରକନିକା, ରଗଡ଼ାପାଟିଆ, ଡାଙ୍ଗମାଳ, ଦକ୍ଷିଣ ମହିଁଷାମଡ଼ା, ନର୍ଥ ମହିଁଷାମଡ଼ା ଏବଂ କାଳିଭଞ୍ଜଡ଼ିଆରେ ଏହି ବସା ଚିହ୍ନଟ ହୋଇଛି। ବର୍ତ୍ତମାନ ବଉଳା କୁମ୍ଭୀରଗୁଡ଼ିକର ପ୍ରଜନନ ଋତୁ। ପ୍ରତିବର୍ଷ ଭଳି ଚଳିତବର୍ଷ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଚାଲିଛି। ଏହି ସମୟରେ ମା' ବଉଳା କୁମ୍ଭୀର ନଦୀର ଜୁଆରଠାରୁ ୫ ଫୁଟ ଦୂର ନଦୀ ପଠାରେ ବସା କରିଥାନ୍ତି। ଅଣ୍ଡିରା ବଉଳା କୁମ୍ଭୀର ହେନ୍ତାଳ, ଖରଖରି ଓ ଅନ୍ୟ ପତ୍ରକୁ ନେଇ ୨ରୁ ଅଢେଇ ଫୁଟ ଉଚ୍ଚର ବସା ବାନ୍ଧିଥାନ୍ତି। ବସା ବନ୍ଧା ସରିବା ପରେ ମା' ବଉଳା କୁମ୍ଭୀର ସେଠାରେ ଅଣ୍ଡା ଦେଇଥାନ୍ତି। ମା' କୁମ୍ଭୀର ଅଣ୍ଡା ଦେବା ପରେ ଅଣ୍ଡିରା କୁମ୍ଭୀର ବସାରୁ ଅଣ୍ଡାଗୁଡ଼ିକ ଯେପରି ବାହ୍ୟ ଶତ୍ରୁ ନଷ୍ଟ ନ କରନ୍ତି ସେଥିପ୍ରତି ଜାଗ୍ରତ ରହିଥାନ୍ତି। ଏଥିସହ ଏହି ସମୟରେ କୁମ୍ଭୀରଗୁଡ଼ିକ ଅଧିକ ହିଂସ୍ର ହୋଇଥାନ୍ତି।

# ଘୂର୍ଣ୍ଣିଝଡ଼ରେ ଉଡ଼ିଗଲା ୧୫ରୁ ଉର୍ଦ୍ଧ୍ୱ ଘରର ଚାଳ

କେନ୍ଦ୍ରାପଡ଼ା, ୨।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ତହସିଲ ଅଞ୍ଚଳରେ ରବିବାର ଅପରାହ୍ନରେ ଘୂର୍ଣ୍ଣିଝଡ଼ ହୋଇଛି। ଏହି ଝଡ଼ ତହସିଲ ଅନ୍ତର୍ଗତ ପଙ୍କି ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଘରର ଚାଳ ଛପର ଉଡ଼ାଇ ନେଇଛି। ଏଥିସହ ବଡ଼ ଓ ଛୋଟ ଗଛ ଉପୁଡ଼ି ପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବନମାଳୀ ସାହୁ କହିଛନ୍ତି, ଏହି ଝଡ଼ ଏକ ହାତୀଶୁଣ୍ଢ ଆକାରରେ ଗୋପାଳପୁର ଅଞ୍ଚଳରୁ ଆସିଥିଲା । ଏହାପୂର୍ବରୁ ପ୍ରବଳ ପବନ ବହିଥିଲା। ଝଡ଼ର ଆକାର ପ୍ରାୟ ୨୦୦ ମିଟର ଥିଲା। ପ୍ରବାହିତ ଅଞ୍ଚଳରେ ଗ୍ରାମର ଘରର ଚାଳ ଛପର ଉଡ଼ାଇ ନେଇଥିବା ବେଳେ ୩ଟି ଘରକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛି। ତେବେ ସୌଭାଗ୍ୟବଶତଃ କୌଣସି ଜୀବନହାନି ହୋଇନାହିଁ। ଝଡ଼ ପ୍ରଭାବିତ ଏହି ଗ୍ରାମର ଅବସ୍ଥା ତଦନ୍ତ ସହ ସରକାରୀ ସହଯୋଗ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ରାଜସ୍ୱ ଅଧିକାରୀ ଏହି ଗ୍ରାମରେ ପହଞ୍ଚି ନ ଥିବା ସାହୁ ସୂଚନା ଦେଇଛନ୍ତି।





# ସିଡିପିଓଙ୍କ ନିଲମ୍ବନ ଦାବି କଲା ଓଡ଼ିଶା ଅମଲା ସଂଘ

ନବରଙ୍ଗପୁର,୨।୭ (ସଦାସିବ ପ୍ରହରାଜ)

ଡାବୁଗାଁ ସିଡିପିଓଙ୍କ ଅଫିସ କାର୍ଯ୍ୟାଳୟରେ ଜଣେ ବରିଷ୍ଠ କିରାଣି ସନ୍ତୋଷୀ ମିଶ୍ରଙ୍କୁ ସିଡିପିଓ ଗୀତାଞ୍ଜଳି ମହାରଣା କରିଥିବା ଦୁର୍ବ୍ୟବହାର ଘଟଣାକୁ ନବରଙ୍ଗପୁର ଜିଲା ଓଡ଼ିଶା ଅମଲା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଜଣେ ଅଧିକାରୀଙ୍କ ଦୁର୍ବ୍ୟବହାର ଯୋଗୁ ଓଡ଼ିଶାର ସମଗ୍ର ଅମଲା ସମାଜ ଅସୁରକ୍ଷିତ ମନେକରୁଛି। ଏଥିସକାଶେ ରାଜ୍ୟ ସଂଘ ଏହି ଘଟଣାକୁ ଗୁରୁତର ମନେକରି ରାଜ୍ୟ ସରକାରଙ୍କୁ ଏ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଉଚିତ ନ୍ୟାୟ ପାଇଁ ଦାବି କରାଯାଇଛି। ସଂପୃକ୍ତ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରି ଗିରଫ କରିବାକୁ ଜିଲା ଓଡ଼ିଶା ଅମଲା ସଂଘ ସଭାପତି ବୁଲୁ ହୋତା ଦାବି କରିଛନ୍ତି। ଜିଲାପାଳ ଓ ଏସପିଙ୍କ ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି।






“ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

# ନାଗରିକର କ୍ଷତି

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ଏବେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ହୋଇଥିବା ଅଜିତ୍ ପାୱାର ପ୍ରମାଣ କରିଦେଇଛନ୍ତି ଯେ, ରାଜନୀତିରେ କେହି କାହାର ସ୍ଥାୟୀ ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି। ଆଜି ଯାହାଙ୍କ ବିରୋଧରେ ଜଣେ ଗର୍ଜୁଥିବେ ଆସନ୍ତାକାଲି ତାଙ୍କୁ କୋଳେଇ ନେବାରେ ଦ୍ୱିଧାବୋଧ କରୁନାହାନ୍ତି। ଏମାନଙ୍କୁ ସୁବିଧାବାଦୀ ବୋଲି ସାଧାରଣରେ ଲୋକେ କହିଥାଆନ୍ତି। ତାହାର ମୁଖ୍ୟ କାରଣ ହୋଇପାରେ ଯେ, ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କର ଜନସାଧାରଣଙ୍କ ହିତ ପାଇଁ କୌଣସି ଆଭିମୁଖ୍ୟ ରହୁନାହିଁ। ଏଥିସହିତ ଦେଶ ଓ ରାଜ୍ୟର ବିକାଶ ସକାଶେ କୌଣସି ଅର୍ଥନୈତିକ କାର୍ଯ୍ୟକ୍ରମରେ କେହି ସ୍ୱଚ୍ଛତା ରକ୍ଷା କରୁନାହାନ୍ତି। ସବୁବେଳେ କ୍ଷମତାର ଲୋଭ ମୁଖ୍ୟ ପରିଚାଳକ ହୋଇଯାଉଛି।

ଅଜିତ ପାୱାର ଭାରତୀୟ ରାଜନୀତିରେ ଏଭଳି ଜଣେ ବ୍ୟକ୍ତିତ୍ୱ ଭାବେ ଉଭା ହୋଇଛନ୍ତି ଯେ, ଯାହାଙ୍କର ନିଜତ୍ୱ ଥିବା ଭଳି ମନେ ହେଉନାହିଁ। କାରଣ କ୍ଷମତାର ସାମାନ୍ୟତମ ସୁଯୋଗ ମିଳିବା ମାତ୍ରେ ସେ ସେହି ଶିବିରକୁ ଡେଇଁବା ପାଇଁ ପ୍ରସ୍ତୁତ ହୋଇଥାଆନ୍ତି। ଅଳ୍ପ କିଛି ବର୍ଷର ରାଜନୈତିକ କ୍ୟାରିୟର ଦେଖିଲେ ସେ ସବୁଠାରୁ ସୁବିଧାବାଦୀ ରାଜନେତା ଭାବେ ଚର୍ଚ୍ଚାରେ ରହିଛନ୍ତି। ୨୩ ନଭେମ୍ବର ୨୦୧୯ରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଯେଉଁଭଳି ଭାବେ ଭୋର ସମୟରେ ଶପଥପାଠ କରାଇଥିଲେ ତାହା ଅନେକଙ୍କ ମନେଥିବ। ସେତେବେଳେ ଅଜିତ ତାଙ୍କ ଏନ୍‌ସିପିରୁ ଅଧିକାଂଶ ବିଧାୟକଙ୍କୁ ନେଇ ଦେବେନ୍ଦ୍ର ଫଡ୍‌ନବିସଙ୍କ ନେତୃତ୍ୱାଧୀନ ସରକାର ଗଢ଼ିବାରେ ସହାୟକ ହେବେ ବୋଲି ଘୋଷଣା କରିଥିଲେ। ଅଳ୍ପ କିଛି ସମୟ ମଧ୍ୟରେ କେନ୍ଦ୍ର ସରକାର ତାଙ୍କର ଏହି ଭାଜପା ସପକ୍ଷବାଦୀ ପଦକ୍ଷେପ ଦେଖି ଅଜିତଙ୍କ ବିରୋଧରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ମାମଲା ପ୍ରତ୍ୟାହାର କରି ଦେଇଥିଲେ। ମାମଲା ଉଠିଗଲା ପରେ ଅଜିତ ପୁନର୍ବାର ଭାଜପା ମେଣ୍ଟ ଛାଡ଼ି ମୂଳ ଏନ୍‌ସିପି ସହିତ ମିଶିଗଲେ। ତାଙ୍କ ଦାଦା ଶରଦ ପାୱାର ଏହି ଖେଳ ସଫଳତାର ସହିତ କରାଇପାରିଲେ ବୋଲି ସମସ୍ତେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଯେତେବେଳେ ସରକାର ଗଢ଼ିବା ପାଇଁ ଏନ୍‌ସିପିର ସହାୟତା ଲୋଡ଼ିଲା ସେତେବେଳେ ଅଜିତ୍ ପୁଣି ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଯେତେବେଳେ ଶିବସେନା ଦୁଇ ଭାଗ ହେଲା ଓ ଏକନାଥ ଶିନ୍ଦେ ନିଜ ବିଧାୟକଙ୍କୁ ନେଇ ଭାଜପା ସହିତ ମିଶି ମୁଖ୍ୟମନ୍ତ୍ରୀ ହେଲେ, ସେତେବେଳେ ଅଜିତ ବିରୋଧୀ ଦଳ ନେତା ହୋଇଥିଲେ। ମାତ୍ର ୪ ବର୍ଷ ଭିତରେ ଅଜିତ୍‌ଙ୍କ ଏଣ୍ଡୁଅ ଭଳି ରୂପ ପରିବର୍ତ୍ତନ ଭାରତୀୟ ରାଜନୀତିରେ ବ୍ରାଣ୍ଡ୍ ଆମ୍ବାସାଡର ହୋଇଗଲାଣି। ଶୁଣିବାକୁ ମିଳୁଛି ଯେ, ମହାରାଷ୍ଟ୍ର ବିଧାନସଭାରେ ଥିବା ୫୩ ଜଣ ଏନ୍‌ସିପି ବିଧାୟକଙ୍କ ମଧ୍ୟରୁ ୩୦ ଜଣ ଶିନ୍ଦେ ସରକାରଙ୍କୁ ସମର୍ଥନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ମଧ୍ୟ ମନ୍ତ୍ରୀ ପଦ ପାଇଯାଇଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାରୁ ରାଜନୈତିକ ଦଳଗୁଡ଼ିକ ଅଧିକ ଆସନ ଲାଭ କରିବା ସକାଶେ ରଣନୀତି ପ୍ରସ୍ତୁତ କରିଚାଲିଛନ୍ତି। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟଭ୍ରଷ୍ଟ କରି ଯେନତେନ ପ୍ରକାରେଣ କେବଳ କ୍ଷମତା ଅକ୍ତିଆର କରିବା ହୋଇଯାଇଛି ଭାରତୀୟ ରାଜନୀତିର ନିୟମ। ଭାଜପା ମହାରାଷ୍ଟ୍ରକୁ ତାହାର ପ୍ରୟୋଗଶାଳା କରିଦେଇଛି। ଏହା ଯେଉଁଭଳି ଭାବେ ଶିବସେନାକୁ ଭାଙ୍ଗି ଏକନାଥଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରିଥିଲା, ଏନ୍‌ସିପିରେ ଫାଟ ସୃଷ୍ଟି ହେବାର ଗନ୍ଧ ପାଇବା ପରେ ଏବେ ସମାନ ଢଙ୍ଗରେ ତାହାକୁ ଭାଙ୍ଗିଦେଇଛି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଶରଦ ପାୱାର ଦଳର ମୁଖ୍ୟ ପଦବୀରୁ ଓହରି ଯାଇଥିଲେ। ସେତେବେଳେ ସମସ୍ତେ ଅନାଇ ରହିଥିଲେ ପୁତୁରା ଅଜିତ ପାୱାର କିମ୍ବା ତାଙ୍କ ଝିଅ ସୁପ୍ରିୟା ସୁଲେ କାହାକୁ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଭଳି ଚର୍ଚ୍ଚା ଚାଲିଥିଲା ବେଳେ ଦଳୀୟ ନେତା ଓ କର୍ମୀମାନେ ବାଧ୍ୟ କରିବାରୁ ଶରଦ ପାୱାର ଏନ୍‌ସିପିର ମୁଖ୍ୟ ଭାବେ ପୁନଶ୍ଚ ଅବସ୍ଥାପିତ ହୋଇଥିଲେ। କିନ୍ତୁ ସେତିକି ବେଳୁ ଜଣାପଡ଼ିଯାଇଥିଲା ଯେ ପାର୍ଟି ଭିତରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ। ଅଜିତ ପାୱାର ମଧ୍ୟ ଏନ୍‌ସିପିର ରାଜ୍ୟ ଶାଖା ସଭାପତି ହେବା ପାଇଁ ଇଚ୍ଛୁକ ବୋଲି ଖୋଲାଖୋଲି ପ୍ରକାଶ କରିଥିଲେ। ଅନ୍ୟପଟେ ଶରଦ ପାୱାର ତାଙ୍କ ଝିଅଙ୍କ ରାଜନୈତିକ ଉତ୍ଥାନ ଚିନ୍ତା କରୁଥିବା ନେଇ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଥିଲା। ଭାଜପା ସମ୍ଭବତଃ ଏହି ଗୋଳିଆପାଣିରୁ ମାଛ ମାରିପାରିଛି।

ଗୋଟେ ସମୟ ଥିଲା ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଜିତିବା ଲାଗି ବିପକ୍ଷଙ୍କ ବିରୋଧରେ ରଣକୌଶଳ ପ୍ରସ୍ତୁତ କରୁଥିଲେ। ହେଲେ ଏବର ନୂଆ ରଣକୌଶଳ ହେଲା ବିରୋଧୀଙ୍କୁ ବଶୀଭୂତ କରି ନିଜ ଆଡ଼କୁ ଟାଣିଆଣିପାରିଲେ ନିର୍ବାଚନ ପଡ଼ିଆରେ ଖଣ୍ଡିଆଖାବରା ହେବାର ଆବଶ୍ୟକତା ପଡ଼ିବ ନାହିଁ। ଦୁର୍ବଳ ବିରୋଧୀ ମଧ୍ୟ ଲଢ଼ିବାକୁ ନ ଚାହିଁ ଶାସକଙ୍କ ପାଖରୁ ପୁଳାଏ ପକାଇ ଦେବାକୁ ଅଧିକ ପସନ୍ଦ କଲାଭଳି ମନେହେଉଛି। ଭାଜପାର ନୂଆ ପ୍ରକାର ରଣକୌଶଳ କାଳକ୍ରମେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଯାଉଛି। ଅର୍ଥାତ୍ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧୀଙ୍କ ସ୍ୱର କ୍ଷୀଣ ହୋଇଗଲେ ଶାସକ ବର୍ଗ ମନଇଚ୍ଛା କାର୍ଯ୍ୟ କରିବାକୁ ସୁଯୋଗ ପାଇବେ। ଏଥିରେ ସର୍ବାଧିକ କ୍ଷତି ନାଗରିକଙ୍କ ହେବ।

ଅଜିତ୍ ପାୱାରଙ୍କ କାହାଣୀ ଇଙ୍ଗିତ କରିଦେଉଛି ଯେ, ଆଗାମୀ ଦିନରେ ଜାତୀୟ ରାଜନୀତି କେଉଁ ମୋଡ଼ ନେବ। ୨୦୨୪ ପୂର୍ବରୁ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦୁର୍ନୀତିଗ୍ରସ୍ତ ନେତାଙ୍କୁ କୋଳେଇ ନେବାପାଇଁ ଚେଷ୍ଟା କରିବା ମହାରାଷ୍ଟ୍ରର ଏହି ଘଟଣାରୁ ବୁଝାପଡୁଛି। ତାମିଲନାଡୁର ମନ୍ତ୍ରୀ ସେନ୍ଥିଲଙ୍କୁ ସଚିବାଳୟରୁ ଗିରଫ କରାଗଲା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟପାଳ ତାଙ୍କୁ ବହିଷ୍କାର କରିବାକୁ ଅସଫଳ ଚେଷ୍ଟା କଲେ। ଦିଲ୍ଲୀରେ ଶାସନ କରୁଥିବା ଆପ୍‌ର ନେତା ତଥା ଉପମୁଖ୍ୟମନ୍ତ୍ରୀ ଥିବାବେଳେ ମନୀଷ ସିସୋଡିଆ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ଗିରଫ କରାଯାଇ ଜେଲ୍‌ରେ ରଖାଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ବିରୋଧରେ ଦୁର୍ନୀତି ମାମଲା ସ୍ଥଗିତ ରଖାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଝିଅ କେ.କବିତାଙ୍କ ବିରୋଧରେ ମଦ ଦୁର୍ନୀତି ଅଭିଯୋଗ ଅଣାଯିବା ଭଳି ଅନେକ ଉଦାହରଣ ରହିଛି, ଯେଉଁଗୁଡ଼ିକୁ ବ୍ୟବହାର କରି ଫାଇଦା ଉଠାଇବ କେନ୍ଦ୍ରରେ ଶାସନ କରୁଥିବା ଭାଜପା। ଯିଏ ଯେତେ ଯାହା କହୁ ଭାଜପା ହୋଇଗଲାଣି ସବୁ ଦୁର୍ନୀତିଗ୍ରସ୍ତଙ୍କ ଆଶ୍ରୟସ୍ଥଳ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | | | 2 | | 8 |
| | 5 | | | | | | | 9 |
| | 9 | | 3 | 7 | | | 6 | |
| | | | 5 | 8 | | | | |
| 8 | | | 6 | | | | | 7 |
| 4 | | | | 1 | 7 | | | |
| | 4 | | | | 3 | | | 5 |
| | 3 | 6 | | 2 | | | | |
| | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 7 | 5 | 9 | 3 | 1 | 8 |
| 7 | 9 | 8 | 1 | 4 | 3 | 6 | 2 | 5 |
| 1 | 3 | 5 | 2 | 8 | 6 | 7 | 4 | 9 |
| 4 | 7 | 3 | 6 | 2 | 5 | 8 | 9 | 1 |
| 5 | 1 | 9 | 4 | 3 | 8 | 2 | 6 | 7 |
| 8 | 2 | 6 | 9 | 7 | 1 | 5 | 3 | 4 |
| 9 | 5 | 4 | 3 | 6 | 7 | 1 | 8 | 2 |
| 3 | 8 | 1 | 5 | 9 | 2 | 4 | 7 | 6 |
| 2 | 6 | 7 | 8 | 1 | 4 | 9 | 5 | 3 |

ଗତକାଲିର ଉତ୍ତର

# ସହରାଞ୍ଚଳରେ ଜଳବାୟୁ ସମସ୍ୟା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱ ଜନସଂଖ୍ୟା ଅନିୟନ୍ତ୍ରିତ ଭାବେ ବୃଦ୍ଧିପାଇ ଏବେ ୮୦୦ କୋଟି ଅତିକ୍ରମ କରିଛି। ଏହି କ୍ରମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସହରାଞ୍ଚଳମାନଙ୍କର ସଂଖ୍ୟା ଓ ଆୟତନ କ୍ରମେ ବୃଦ୍ଧିପ୍ରାପ୍ତ ହୋଇଚାଲିଛି। ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ସାର୍ବଜନୀନ ପରିବହନ, ଭିତ୍ତିଭୂମି, ଅର୍ଥନୈତିକ ପ୍ରଗତି, ଜୀବନଶୈଳୀ, ମନୋରଞ୍ଜନ, ସାଂସ୍କୃତିକ ବିବିଧତା, ଜୀବନଧାରଣର ମାନ ଇତ୍ୟାଦି ବିବିଧ କ୍ଷେତ୍ରରେ ଘଟୁଥିବା କ୍ରମୋନ୍ନତି ଲୋକଙ୍କୁ ଗ୍ରାମାଞ୍ଚଳରୁ ନଗରାଞ୍ଚଳକୁ ସ୍ଥାନାନ୍ତରଣ ନିମନ୍ତେ ଆକର୍ଷିତ କରୁଛି। ଏପରି ପୃଷ୍ଠଭୂମିରେ, ୨୦୨୧ରେ ସମଗ୍ର ବିଶ୍ୱଜନସଂଖ୍ୟାର ୫୬.୫% ସହରାଞ୍ଚଳରେ ଜୀବନଯାପନ କରୁଥିଲାବେଳେ ୨୦୫୦ରେ ଏହା ୬୮%ରେ ଉପନୀତ ହେବାର ସମ୍ଭାବନା ରହିଛି ବୋଲି ଜାତିସଂଘ ସୂତ୍ରରୁ ପ୍ରକାଶ। ଅଧିକାଂଶ ଉନ୍ନୟନମୂଳକ, ବ୍ୟବସାୟିକ ଏବଂ ଶିଳ୍ପାୟନ ପ୍ରକଳ୍ପ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବାରୁ ବିଶ୍ୱସ୍ତରରେ ସହରୀକରଣ ପ୍ରକ୍ରିୟା ଅଧିକ ବ୍ୟାପକ ହେବାରେ ଲାଗିଛି। କିନ୍ତୁ ଏସବୁ ତଥାକଥିତ ପ୍ରଗତି ମଧ୍ୟରେ ଅନେକ ଆହ୍ୱାନ ସୃଷ୍ଟିକାରୀ ପରିବେଶଜନିତ ସମସ୍ୟାର ଅଭ୍ୟୁଦୟ ଘଟୁଛି, ଯାହା ଏବେ ସହରମାନଙ୍କର ବାସୋପଯୋଗିତାକୁ କ୍ଷୁଣ୍ଣ କରୁଛି ଏବଂ ଅଧିବାସୀମାନଙ୍କୁ ବିକର୍ଷିତ କରି ଉତ୍ତମ ଗୁଣାତ୍ମକ ମାନଯୁକ୍ତ ପରିବେଶର ଅନ୍ୱେଷଣ କରିବାକୁ ବାଧ କରୁଛି। ବିବିଧପ୍ରସଙ୍ଗ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଜନସଂଖ୍ୟାର ବ୍ୟାପକ ବୃଦ୍ଧି, ବାସଗୃହର ଅଭାବ, ବିଭିନ୍ନ ପ୍ରଦୂଷଣରେ ବୃଦ୍ଧି, ଅତ୍ୟଧିକ ଟ୍ରାଫିକ ଭିଡ଼, ବିଦ୍ୟୁତଶକ୍ତି ଓ ପାନୀୟଜଳ ଯୋଗାଣ ସମସ୍ୟା, କଂକ୍ରିଟ ଭିତ୍ତିଭୂମିରେ ବୃଦ୍ଧି, ବର୍ଜ୍ୟବସ୍ତୁ ନିଷ୍କାସନ ସମସ୍ୟା, ପ୍ରାକୃତିକ ବୃକ୍ଷରାଜି ଓ ସବୁଜିମାରେ ହ୍ରାସ, ଜୈବବିବିଧତାର ଅବକ୍ଷୟ, ଅନିୟନ୍ତ୍ରିତ ବସ୍ତିମାନଙ୍କର ସୃଷ୍ଟି, ପରିମଳ ସମସ୍ୟା, ପରିବେଶ ଗୁଣବତ୍ତାର ଅବନତି ଏବଂ ସର୍ବୋପରି ତାପମାତ୍ରାର ବୃଦ୍ଧି ଓ ଜଳବାୟୁର ପରିବର୍ତ୍ତନ। କ୍ରମଶଃ ଗମ୍ଭୀର ରୂପ ଧାରଣ କରୁଥିବା ଏସବୁ ସମସ୍ୟା ସହରାଞ୍ଚଳ ଜନସାଧାରଣଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି।

ସହରାଞ୍ଚଳ ପରିବେଶ କ୍ରମେ ଅବକ୍ଷୟମୁଖୀ ହୋଇଚାଲିଥିଲାବେଳେ ବିଶେଷ ଧ୍ୟାନ ଆକର୍ଷଣକାରୀ ପ୍ରସଙ୍ଗ ପାଲଟିଛି ତାପମାତ୍ରାର ଅହେତୁକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିଭିନ୍ନ ବିପର୍ଯ୍ୟୟର ବିନାଶକାରୀ ପ୍ରଭାବ। ଜଳବାୟୁ ପରିବର୍ତ୍ତନ ଏକ ବୈଶ୍ୱିକ ପ୍ରକ୍ରିୟା ହୋଇଥିଲେ ସୁଦ୍ଧା ସହରମାନଙ୍କରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଅନ୍ୟପକ୍ଷରେ, ଜଳବାୟୁ ପରିବର୍ତ୍ତନର କାରକ ରୂପେ ବିଶ୍ୱର ସହରମାନେ ହିଁ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଏକ ଆକଳନ ଅନୁଯାୟୀ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନ କ୍ଷେତ୍ରକୁ ସହରାଞ୍ଚଳର ଅବଦାନ ହେଉଛି ୭୫%, ଯେଉଁଥିରେ ମୁଖ୍ୟତଃ ପରିବହନ କ୍ଷେତ୍ର, ଶିଳ୍ପ-କଳକାରଖାନା ଏବଂ ବୃହତ୍ ଅଟ୍ଟାଳିକାଗୁଡିକ ସର୍ବାଧିକ ଯୋଗଦାନ ରଖନ୍ତି। ଅଧିକତର ବିକାଶ କାର୍ଯ୍ୟକ୍ରମରେ ବୃକ୍ଷଛେଦନର ବୃଦ୍ଧି ଏବଂ ସବୁଜିମା ହ୍ରାସ ପାଉଛି, କଳକାରଖାନା ଓ ବ୍ୟବସାୟିକ ସଂସ୍ଥା ଦ୍ୱାରା ଅଙ୍ଗାରକାମ୍ଳ ପରି ସବୁଜ ଗୃହ ବାଷ୍ପମାନଙ୍କର ନିର୍ଗମନରେ ବୃଦ୍ଧି ଘଟୁଛି, ଯାହା ବିଶ୍ୱତାପନର ତୀବ୍ରତାରେ ସହାୟକ ହେଉଛି ଏବଂ ବିପର୍ଯ୍ୟୟ ସୃଷ୍ଟିକାରୀ ଗ୍ରୀଷ୍ମପ୍ରବାହ ପରି ଚରମ ପାଣିପାଗ ଘଟଣାକୁ ତୀବ୍ରତର କରୁଛି। ସହରାଞ୍ଚଳ ତାପମାତ୍ରା ଚତୁଃପାର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଅପେକ୍ଷା ୩-୪ ଡିଗ୍ରୀ ସେଲସିୟସ ଅଧିକ ଅନୁଭୂତ ହେଉଛି, ଯାହାକୁ 'ଉତ୍ତାପଦ୍ୱୀପ ପ୍ରଭାବ'ର ଆଖ୍ୟା ପ୍ରଦାନ କରାଯାଇଛି। ଜଳବାୟୁ ସଙ୍କଟର ପ୍ରଭାବ ସହରର ଜନସମାଜ, ଅଟ୍ଟାଳିକା, ଅନ୍ୟ ଭିତ୍ତିଭୂମି ଏବଂ ଜୀବଜନ୍ତୁ ସମସ୍ତଙ୍କ ଉପରେ ପ୍ରତିଫଳିତ ହେଉଛି। ଅଧିକାଂଶ ସହରରେ ଝଡ଼ବାତ୍ୟା, ବର୍ଷା ଆସିଲେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟିହେଉଛି। ବୃକ୍ଷ ଓ ସବୁଜ ଆସ୍ତରଣର ଅଭାବରୁ ଏଠାରେ ସ୍ୱଳ୍ପ ପରିମାଣର ବର୍ଷାଜଳ ମୃତ୍ତିକା ମଧ୍ୟକୁ ଅବଶୋଷିତ ହେଉଛି ଏବଂ ଭୂତଳ ଜଳର ପୁନର୍ଭରଣା ହ୍ରାସପାଉଛି। ଅନ୍ୟପକ୍ଷରେ, ବୃକ୍ଷରାଜିର ଅଭାବରୁ ଅନେକ ବନ୍ୟ ଜୀବଜନ୍ତୁଙ୍କର ବାସସ୍ଥଳୀ ବିଲୋପ ଏବଂ ଜୈବବିବିଧତା ବିପଦାପନ୍ନ ହେଉଛି। ତାପମାତ୍ରା ବୃଦ୍ଧି ଏସବୁ ବିନାଶକାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି।



ବିଶ୍ୱତାପନ ପ୍ରକ୍ରିୟାରେ ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ବୃଷ୍ଟିପାତ ବିଭ୍ରାଟ, ବନ୍ୟା, ବାତ୍ୟା ଏବଂ ମରୁଡ଼ି ପରି ଅତ୍ୟଧିକ ପାଣିପାଗଜନିତ ଘଟଣାର ସଂଖ୍ୟା ଓ ତୀବ୍ରତା ବୃଦ୍ଧିପାଉଛି ଏବଂ ଗ୍ରୀଷ୍ମମଣ୍ଡଳୀୟ ରୋଗସବୁ ଅଧିକ ପ୍ରସାରିତ ହେଉଛି। ଜଳବାୟୁ ବିଭ୍ରାଟ ସହରର ମୌଳିକ ସେବା, ଭିତ୍ତିଭୂମି, ବାସଗୃହ ଏବଂ ମାନବ ସ୍ୱାସ୍ଥ୍ୟ ଓ ଜୀବିକା ଉପରେ ଗମ୍ଭୀର ପ୍ରଭାବ ବିସ୍ତାର କରୁଛି। ଅତ୍ୟଧିକ ଭୂତଳ ଜଳର ଉତ୍ତୋଳନ, ତୈଳ ଓ ଗ୍ୟାସ ଖନନ ଅବା ସୁଉଚ୍ଚ ଅଟ୍ଟାଳିକା ଓ ଅନ୍ୟାନ୍ୟ ଦ୍ରୁତ ନିର୍ମାଣରୁ ସୃଷ୍ଟ ଚାପ ଦ୍ୱାରା ନ୍ୟୁୟର୍କ ପରି କେତେକ ସହର ନିମ୍ନଗାମୀ ହେଉଥିବାରୁ ତଥା ସମୁଦ୍ର ପତ୍ତନ ବୃଦ୍ଧିର ପ୍ରଭାବରୁ ଉପକୂଳସ୍ଥ ସହର ମଧ୍ୟକୁ କ୍ରମଶଃ ସମୁଦ୍ରଜଳ ପ୍ରବେଶ କରୁଛି, ଯାହା ବାତ୍ୟା ସମୟରେ ଅଧିକ ବିପଜ୍ଜନକ ହେଉଛି। ଏହି ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଅଧିକ ସମ୍ବେଦନଶୀଳ ସହର ଭାବେ ବିବେଚିତ ହେଉଛି ବ୍ୟାଙ୍କକ। ଦ୍ରୁତଗତିରେ ନିମ୍ନଗାମୀ ହେଉଥିବା ବିଶ୍ୱର ୧୦ଟି ଉପକୂଳ ସହର ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଚାଇନାର ତିଆନଜିନ ଓ ସାଂଘାଇ, ଇଣ୍ଡୋନେସିଆର ସେମାରଙ୍ଗ ଓ ଜାକର୍ତ୍ତା, ଭିଏତ୍‌ନାମର ହୋଚିମିନ ଓ ହାନୋଇ, ବାଂଲାଦେଶର ଚିଟାଗଙ୍ଗ, ଜାପାନର କୋବେ, ଭାରତର କେରଳ ଉପକୂଳସ୍ଥ ମୁନ୍ରୋଥରୁଥୁ ଦ୍ୱୀପ ଏବଂ ଆମେରିକାର ହ୍ୟୁଷ୍ଟନ। ଇଣ୍ଡୋନେସିଆ ଏହାର ରାଜଧାନୀ ଜାକର୍ତ୍ତାକୁ ପରିବର୍ତ୍ତିତ କରି ୨,୦୦୦ କିମି ଦୂରରେ ବୋର୍ନିଓ ଦ୍ୱୀପରେ ନୂତନ ରାଜଧାନୀ ନିର୍ମାଣ କରୁଛି। ଭାରତର ମୁମ୍ବାଇ, ଚେନ୍ନାଇ, କୋଚି, ବିଶାଖାପାଟଣା ଏବଂ କୋଲକାତା ଆଦି ସହରଗୁଡ଼ିକ ଚଳିତ ଶତାବ୍ଦୀ ଶେଷସୁଦ୍ଧା ଜଳମଗ୍ନ ହୋଇଯିବେ ବୋଲି ଆଇପିସିସି ରିପୋର୍ଟ ଚେତାବନୀ ପ୍ରଦାନ କରିଛି। ଏସିଆ ମହାଦେଶର ମାନିଲା, ଜାକର୍ତ୍ତା, ତେହେରାନ, ତାସ୍‌କେଣ୍ଟ ଏବଂ ଜୟପୁର ପରି ଅନେକ ସହରର ତାପମାତ୍ରା ୨୦୫୦ ମସିହା ବେଳକୁ ୬ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇ ଉତ୍ତପ୍ତ ଓ ଶୁଷ୍କ ଜଳବାୟୁ ବିଶିଷ୍ଟ ସହରରେ ପରିଣତ ହେବେ।

ଜଳବାୟୁ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସ୍ଥାନୀୟ, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ହେଉଥିବା ଯୋଜନାରେ ସହରମାନଙ୍କୁ ସମାଧାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିଚାର କରାଯିବା ପ୍ରୟୋଜନ। ଏହାକୁ ଦୃଷ୍ଟିରେ ରଖି ଆଇପିସିସି ଏହାର ରିପୋର୍ଟରେ ଦର୍ଶାଇଛି ଯେ ଯାନବାହନର ଇନ୍ଧନ ଦକ୍ଷତା ଓ କୋଠାମାନଙ୍କର ଶକ୍ତି ଦକ୍ଷତାରେ ବୃଦ୍ଧି ଘଟାଇବା, ଟ୍ରାଫିକ୍ ଭିଡ ଏଡ଼ାଇବା ନିମନ୍ତେ ରାସ୍ତାର ରୂପରେଖ ବଦଳାଇବା, ସବୁଜ ଛାତ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଏବଂ ଅଧିକ ସଂଖ୍ୟାର ପାର୍କ ଓ ବୃକ୍ଷକୁ ଅନ୍ତର୍ଭୁକ୍ତ କରିବା ଅପରିହାର୍ଯ୍ୟ, ଯାହା ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ସହରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ସମ୍ପ୍ରତି ବିକଶିତ ରାଷ୍ଟ୍ରମାନଙ୍କର କେତେକ ସହର ସଂଶୋଧନ ପଥରେ ଅଗ୍ରସର ହୋଇ ଅକ୍ଷୟଶକ୍ତି ଉତ୍ସର ବ୍ୟବହାର, ସ୍ୱଚ୍ଛ ଉତ୍ପାଦନ କୌଶଳର ଅବଲମ୍ବନ ଏବଂ ଶିଳ୍ପ ନିର୍ଗମନକୁ ସୀମିତ କରିବା ପାଇଁ ନିୟମାବଳୀ କାର୍ଯ୍ୟକାରୀ କରୁଛନ୍ତି।

ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍‌ଇପି)ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଷ୍ଟ୍ରୀୟ ଏବଂ ସ୍ଥାନୀୟ ସରକାରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ପ୍ରଦାନ କରୁଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ସ୍ୱଚ୍ଛ, ସବୁଜ, ବିକଳ୍ପ ଶକ୍ତିର ଉତ୍ସକୁ ପ୍ରାଧାନ୍ୟ, କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ବ୍ୟବହାରରେ ସଙ୍କୁଚନ, ପ୍ରଦୂଷଣର ନିୟନ୍ତ୍ରଣ, ସମ୍ବଳର ମିତବ୍ୟୟତା ଓ ବର୍ଜ୍ୟ ପଦାର୍ଥର ହ୍ରାସ, ସହରାଞ୍ଚଳ ସବୁଜିମାର ପ୍ରସାରଣ ଏବଂ ଜଳ ଉତ୍ସମାନଙ୍କର ପୁନରୁଦ୍ଧାର ଉପରେ ପ୍ରାଥମିକତା ପ୍ରଦାନ ହିଁ ସହରାଞ୍ଚଳ ବିକାଶ କାର୍ଯ୍ୟସୂଚୀର ଶୀର୍ଷରେ ରହିବା ବିଧେୟ। ଏସବୁ କାର୍ଯ୍ୟରେ ରୂପାନ୍ତରିତ ହେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ସହ ସହରମାନଙ୍କର ଗୁଣାତ୍ମକମାନ ତଥା ବାସୋପଯୋଗିତା ବୃଦ୍ଧିପ୍ରାପ୍ତ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର, ମୋ: ୯୪୩୭୦୭୬୧୦୦**

# ଜଣେ ଖରାପ ଲେଖକର ଗପ



ଡ. ନରେନ୍ଦ୍ର ସେଠୀ

ସମାଜର ବଡ଼ବଡ଼ିଆଙ୍କ ଆଖିରେ ସେ ଥିଲେ ଜଣେ ଅଶ୍ଳୀଳ ଓ ଅଭଦ୍ର ଲେଖକ। ଯୋଉ ଶବ୍ଦକୁ ଆମେ ଉଚ୍ଚାରଣ କରିବାକୁ ସଂକୋଚ କରିଥାଉ, ସେ ତାକୁ ସହଜରେ ତାଙ୍କ ଗପରେ ଲେଖି ପାରୁଥିଲେ। ନିଜ ସମୟଠାରୁ ଅନେକ ଆଗରେ ଥିବା ସେଇ ମଣିଷ ହେଲେ ୧୯୧୨ରେ ପଞ୍ଜାବର ଲୁଧିଆନାରେ ଜନ୍ମିତ ମହାନ୍ ଲେଖକ ସଆଦତ ହସନ ମଣ୍ଟୋ। ଉଭୟ ଭାରତ ଓ ପାକିସ୍ତାନର ବୋଧେ ସେ ସବୁଠାରୁ ଅଧିକ ପଢ଼ା ଯାଇଥିବା ଚର୍ଚ୍ଚିତ ସାହିତ୍ୟିକ। ତାଙ୍କ ନିଜ ଭାଷାରେ ମଣ୍ଟୋ କହନ୍ତି, 'ଯଦି ତୁମେ ମୋ କାହାଣୀକୁ ପଢ଼ି ପାରିବନି, ତା'ହାଲେ ଏ ସମାଜ ଅସହ୍ୟ। ସମାଜ ଦେହରୁ ଲୁଗା କାଢ଼ିବାକୁ ମୁଁ କିଏ ? ଯୋଉ ସମାଜ ଆଗରୁ ଉଲଗ୍ନ ମୁଁ ତାକୁ ଘୋଡ଼ାଇ ରଖିବାକୁ ଚେଷ୍ଟା ବି କରିବିନି, ତାହା ପୋଷାକ ପ୍ରସ୍ତୁତ କରୁଥିବା ଲୋକର କାମ।' ମଣ୍ଟୋଙ୍କ କାହାଣୀଗୁଡ଼ିକ ପଢ଼ିଲା ପରେ ଲାଗେ ଯେ ଲେଖକ ଗତାନୁଗତିକ ଭାବରେ ଭଦ୍ର ମିଛ କହିବା ବଦଳରେ କଟୁ ସତ୍ୟ ପରଷି ନିର୍ଦ୍ଦୟ ସଚ୍ଚୋଟତାର ଖୋଲା ଦର୍ପଣ ମଧ୍ୟ ହୋଇପାରେ। ମଣ୍ଟୋଙ୍କ କଠୋର ସ୍ୱର ସମାଜର ବିଷାକ୍ତ କପଟତାକୁ ଆଙ୍ଗୁଠି ଦେଖାଇବାକୁ ପଛେଇ ନ ଥିଲା। ସଆଦତ ହସନ ମଣ୍ଟୋ ଅଳ୍ପ କିଛି ଲେଖକଙ୍କ ମଧ୍ୟରୁ ଜଣେ ; ଯିଏ ବିଭାଜନର ଅପମାନ, ଗ୍ଲାନି ଓ ପୀଡ଼ା ବିଷୟରେ ଶାଣିତ ସ୍ୱର ଉତ୍ତୋଳନ କରିଥିଲେ ଓ ଉଭୟ ପାକିସ୍ତାନ ଏବଂ ଭାରତର ପାଠକମାନଙ୍କୁ ଆକର୍ଷିତ କରିଥିଲେ। ମଣ୍ଟୋ ବାରମ୍ବାର ଅନୁଭବ କରେଇ ପାରୁଥିଲେ ଯେ, ହୁଏତ ସମୟ ବଦଳିଛି ଏବଂ ଦୁଇଟି ଅଲଗା ଦେଶ ତିଆରି ହେଇଛି; ହେଲେ ଅନେକ ଜିନିଷ ସେହିପରି ପୂର୍ବବତ୍ ରହିଛି। 'ଖୋଲଦୋ' ଗପରେ ଝିଅକୁ ମୃତ ମନେ କରି ଜଣେ ହତଭାଗ୍ୟ ପିତା ତାକୁ ଶରଣାର୍ଥୀ ଶିବିରରେ ପାଇଲା ପରେ ଜାଣି ନଥିଲା ଭାଗ୍ୟ ତା' ପାଇଁ କ'ଣ ସାଇତି ରଖିଛି! ଏହି ଗପର ଭୟଙ୍କର ସତ୍ୟକୁ କିଏ ଭୁଲିପାରିବ, ଯୋଉଠି ବିଭାଜନ ପରବର୍ତ୍ତୀ ଦଙ୍ଗାର ଶିକାର ହୋଇ ଅନେକ ଥର ବଳାତ୍କାରର ଶିକାର ହୋଇଥିବା ଧର୍ଷିତା ଝିଅଟି ସବୁ ଭୁଲିଯାଇ କେବଳ ଗୋଟିଏ ଶବ୍ଦ ମନେରଖିଥାଏ 'ଖୋଲ', ଯାହା ଶୁଣିଲେ ସେ ନିଜ ଦେହରୁ ବସ୍ତ୍ର କାଢ଼ିଦିଏ।

'ଥଣ୍ଡା ଗୋସ୍ତ' ଗପର ମୁଖ୍ୟ ଚରିତ୍ର କୁଳବନ୍ତ ଅଗଣିତ ଲୋକଙ୍କୁ ମାରିବା ପରେ ଘରକୁ ଫେରି ସ୍ତ୍ରୀ ଆଗରେ ଜଣେ ସୁନ୍ଦରୀ ମହିଳାର ଶବ ସହିତ ସମ୍ଭୋଗ କରିଥିବା ପ୍ରକାଶ କରିବା ପରେ, ସନ୍ଦେହରେ ସ୍ତ୍ରୀ ତାକୁ କିପରି ହତ୍ୟା କରେ ତାହା ପାଠକକୁ ସ୍ତବ୍ଧ କରେ। 'ଟୋବାଟକ ସିଂହ' ଗପରେ ବିଭାଜନର ଯନ୍ତ୍ରଣା ସହି ନପାରି ମାନସିକ ଭାରସାମ୍ୟ ହରେଇଥିବା ବିସେନ ସିଂହ ଜୀବନ ତମାମ ତା'ର ହଜିଲା ସହରକୁ ଖୋଜି ଚାଲିଛି। ସେହିପରି ମଣ୍ଟୋଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା ବେଳେ ଜାଲିଆନା ବାଗ ହତ୍ୟାକାଣ୍ଡକୁ ସେ ଦେଖିଥିଲେ ଓ ସେଠି ଏକ ନିଜ ବୟସର ଆଉ ଜଣେ ପିଲାକୁ ଗୁଳି ଯନ୍ତ୍ରଣାରେ ଛଟପଟ ହୋଇଥିବାର ଘଟଣାକୁ ସେ 'ତମାସା' ଗପରେ ଲେଖିଥିଲେ। ମୁଁ କାହିଁକି ଗପ ଲେଖେ କ୍ରମରେ ନିଜେ ମଣ୍ଟୋ କହନ୍ତି, 'ଚରିତ୍ର ଯେତେ ଖରାପ ହେଲେ ମଧ୍ୟ ଜଣେ ପୁରୁଷ ସର୍ବଦା ଭଦ୍ର ପୁରୁଷ ହେଇଥାଏ, କିନ୍ତୁ ଜଣେ ନାରୀ ତାକୁ ପୁରୁଷ ଦ୍ୱାରା ଦିଆଯାଇଥିବା ଅଭିନୟରେ ଯଦି



ଥରୁଟିଏ ଜୀବନରେ ଭୁଲ କରିବସେ, ତା'ହାଲେ ସେ ବେଶ୍ୟା ଓ ନଷ୍ଟ ଚରିତ୍ରା ହେଇଯାଏ।' କାମ ଇଚ୍ଛା, ମଦ୍ୟପ, ବେଶ୍ୟା ଭଳି ଥିମ୍ ଉପରେ ମଣ୍ଟୋଙ୍କ ଖୁଲମ୍‌ଖୋଲା ଅଭିବ୍ୟକ୍ତି ତାଙ୍କୁ ଜଣେ ଅଶ୍ଳୀଳ ଲେଖକର ଆଖ୍ୟା ଦେଇଥିଲା ଓ ସେଥିପାଇଁ ତାଙ୍କ ଉପରେ ଛ' ଥର କେସ୍ ମଧ୍ୟ ହେଇଥିଲା।

ମଣ୍ଟୋ ଏପରି ଜଣେ ବ୍ୟକ୍ତିତ୍ୱ, ଯିଏ ଅନ୍ତରରେ ଭାରତୀୟ ଏବଂ ଆତ୍ମାରେ ଜଣେ ସତ୍ୟବାଦୀ ଲେଖକ ଥିଲେ। ପଞ୍ଜାବର ଏକ ମୁସ୍‌ଲିମ ପରିବାରରେ ଜନ୍ମିତ ମଣ୍ଟୋ ବମ୍ବେରେ ଏକ ଚଳଚ୍ଚିତ୍ର ପତ୍ରିକାରେ କାମ କରୁଥିଲେ। ସେ ପରାଧୀନ ଭାରତରେ ବେଶ୍ୟାମାନଙ୍କର ବିବଶତା, ଭଦ୍ରମୁଖା ପିନ୍ଧିଥିବା ପୁରୁଷମାନଙ୍କର କାମାନ୍ଧତା, ବିଭାଜନ ସମୟରେ ଘଟିତ ହୋଇଥିବା ନାରୀମାନଙ୍କ ଉପରେ ଅତ୍ୟାଚାର, ହତ୍ୟା ଓ ଲୁଣ୍ଠନକୁ ଖୋଲାଖୋଲି ପ୍ରତିପାଦନ କରୁଥିଲେ। ମଣ୍ଟୋଙ୍କ ଲେଖନୀ ମିଛ କହି ଜାଣି ନଥିଲା ଓ ସତ କହିବାକୁ ସଙ୍କୋଚ କରୁ ନଥିଲା। ବମ୍ବେ ସହରରେ ରହିବା ବେଳେ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ହୋଇ ସେ ଅନେକ ଲେଖା ଲେଖିଥିଲେ, ଯାହା ତାଙ୍କ ଯିବାର ପଞ୍ଚଷଠି ବର୍ଷ ପରେ ମଧ୍ୟ ସେହି କୃତିସବୁ ଦସ୍ତାବିଜ୍ ସଦୃଶ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ସେ ସମୟର ଜଣେ ଚର୍ଚ୍ଚିତ ଓ ସର୍ବଶ୍ରେଷ୍ଠ ଗାଳ୍ପିକ ମଣ୍ଟୋଙ୍କ ଜୀବନ ୧୯୪୭ରେ ଭାରତ ଦୁର୍ଭାଗ୍ୟଜନକ ବିଭାଜନ ପରେ ଏକ ଭିନ୍ନ ମୋଡ଼ ନେଇଥିଲା। ମଣ୍ଟୋଙ୍କ ପ୍ରିୟ ବନ୍ଧୁ ଶ୍ୟାମଙ୍କ ପରିବାର ଲୋକଙ୍କୁ ଦଙ୍ଗାରେ ମୁସଲମାନ ଲୋକମାନେ ମାରିଦେବା ଫଳରେ ସେ ଲେଖିଥିଲେ, ''ମାଂସ କାଟି ନେଲା ପରେ ହାଡ଼ସବୁ କୁଆଡ଼େ ଗଲା ? ତୁମେ କିପରି ଚିହ୍ନିବ ତାହା ହିନ୍ଦୁର ହାଡ଼ ଥିଲା କି ମୁସଲମାନର, ତୁମେ ତାକୁ ଦାହ କଲ ନା ସମାଧି ଦେଲ ?'' ତାଙ୍କ ବନ୍ଧୁ ଶ୍ୟାମ ଏହା ପଢ଼ି ରାଗିଯାଇ କହିଲେ, ଏହା ତୁମ ଗପର ଚରିତ୍ର ନୁହେଁ... ଏହା ମୋ ପରିବାର କଥା... ମୁସଲମାନମାନଙ୍କ ଉତ୍ତରରେ ମଣ୍ଟୋ କହିଲେ, ଯଦି ମୁସଲମାନମାନଙ୍କୁ ଏତେ ଘୃଣାକର, ତାହାଲେ ତୁମେ ମୋତେ ମଧ୍ୟ ସେତେବେଳେ ମାରିଦେଇଥାନ୍ତ ? ପ୍ରିୟ ବନ୍ଧୁ ଶ୍ୟାମ କହିଲେ, 'ନିଶ୍ଚୟ'। ଏହା ମଣ୍ଟୋଙ୍କୁ ଏତେ ବିଚଳିତ କଲା ଯେ, ବିଭାଜନ ବେଳେ ମଣ୍ଟୋ ପାକିସ୍ତାନ ଚାଲିଗଲେ। ପାକିସ୍ତାନ ଗଲା ପରେ ମଣ୍ଟୋଙ୍କ ସାହିତ୍ୟ ଜୀବନ ଅନ୍ଧକାର ହୋଇଗଲା। ରକ୍ଷଣଶୀଳ ପାକିସ୍ତାନରେ ତାଙ୍କୁ ଜଣେ ଅଭଦ୍ର ଓ ଅଶ୍ଳୀଳ ଲେଖକ ଭାବରେ ଅନେକଥର କୋର୍ଟ କଚେରିର ଦ୍ୱାରସ୍ଥ ହେବାକୁ ପଡ଼ିଲା। ଶେଷରେ ଭାଙ୍ଗିପଡ଼ି ମଣ୍ଟୋ ନିଶାଗ୍ରସ୍ତ ହେଲେ। ଖୁବ୍ କମ୍ ମାତ୍ର ୪୩ ବର୍ଷ ବୟସରେ ପ୍ରାଣ ତ୍ୟାଗ କଲେ। ଏକ ସଚ୍ଚୋଟ ନିର୍ଭୀକ ଓ ସତ୍ୟବାଦୀ ଲେଖକର କଲମ ବିଶ୍ରାମ ନେଲା ସତ, କିନ୍ତୁ ତାଙ୍କର ବାଇଶ ଖଣ୍ଡ ଗଳ୍ପ ସଂକଳନ, ଅନେକ ନାଟକ ଓ ଅନୁବାଦ୍ୟ ସାହିତ୍ୟ ସମଗ୍ର ବିଶ୍ୱ ସାହିତ୍ୟକୁ ଖୋରାକ ଦେଇଛି, ଯାହା ଫଳରେ ସର୍ବାଧିକ ପଠିତ ସାହିତ୍ୟିକଙ୍କ ମଧ୍ୟରେ ଏହି ହତଭାଗା ମଣ୍ଟୋ ଅଛନ୍ତି। ସମାଜର କଟୁ ସତ୍ୟକୁ ପ୍ରକାଶ କରିବା ଯୋଗୁ ମଣ୍ଟୋଙ୍କୁ ଯୋଉମାନେ ଅଶ୍ଳୀଳ ଆଖ୍ୟା ଦେଲେ, ସେମାନେ ପରଦା ପଛରେ ଭଦ୍ରମୁଖା ଆଢୁଆଳରେ ସେହି କାର୍ଯ୍ୟରେ ଲିପ୍ତ ଥିଲେ। ମଣ୍ଟୋଙ୍କୁ ହରେଇ ଚାଳିଶ ଦଶକର ସାହିତ୍ୟ ମ୍ଳାନ ହେଲା, କିନ୍ତୁ ସେ ଅମ୍ଳାନ ହୋଇଗଲେ ଅଗଣିତ ପାଠକମାନଙ୍କ ହୃଦୟରେ। ମଣ୍ଟୋଙ୍କୁ ଅଶ୍ଳୀଳ ବଦଳରେ ଜଣେ ନିର୍ଭୀକ, ସତ୍ୟବାଦୀ ଓ ମହାନ୍ ଲେଖକ ଭାବରେ ଆସନ୍ତା ପିଢ଼ି ମନେରଖିଥିବ ଏଥିର ସନ୍ଦେହ ନାହିଁ।

**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ସହରର ଡମ୍ପୟାର୍ଡ କଥା ଶୁଣିଲେ ଲୋକେ ନାକ ଟେକନ୍ତି। ସେହି ପୂତିଗନ୍ଧମୟ ସ୍ଥାନ ବାଟ ଦେଇ ଯିବାକୁ ଘୃଣା କରନ୍ତି। କିନ୍ତୁ ମାଙ୍ଗାଲୋର ବାସିନ୍ଦା ଜିଥ୍ ମିଲାନ ରୋକେ ଡମ୍ପୟାର୍ଡକୁ ସବୁଜ ଜଙ୍ଗଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡମ୍ପୟାର୍ଡରେ କେବଳ ବିଭିନ୍ନ କିସମର ଫଳଗଛ ଲଗାଇଛନ୍ତି, ଯାହାଫଳରେ ସେଥିରୁ କିଛି ଉତ୍ପାଦନ ହୋଇପାରୁଛି। ଜିଥ୍‌ଙ୍କ ବୟସ ୪୬। ସେ ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଯେଉଁଠି ରହୁଥିଲେ ସେଠାରେ ଗଛର ଅଭାବ ଥିଲା। ଏଣୁ ସେ ପ୍ରଥମେ ଆଖପାଖ ଅଞ୍ଚଳରେ ଗଛ ଲଗାଇବା ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ସେ ମାଙ୍ଗାଲୋର ଗ୍ରୀନ୍ ବ୍ରିଗେଡ୍ ପ୍ରୋଜେକ୍ଟ ମାଧ୍ୟମରେ ଗଛ ଲଗାଇ ଏବେ ଟେକ୍‌ମ୍ୟାନ୍‌ରୁ ଜଣେ ପରିବେଶବିତ୍ ହୋଇଗଲେଣି। ଜିଥ୍ ୬ ବର୍ଷ ହେଲା ଡମ୍ପୟାର୍ଡ ତଥା ଅନ୍ୟ ଅବ୍ୟବହୃତ ଜମିରେ ଗଛ ଲଗାଉଛନ୍ତି। ସେ ପ୍ରତିବର୍ଷ ମାଙ୍ଗାଲୋରରେ ୧୨,୦୦୦ ଗଛ ଲଗାଉଛନ୍ତି। ୪୨ ଏକର ବିଶିଷ୍ଟ ଏକ ଡମ୍ପୟାର୍ଡରେ ଗଛ ଲଗାଇବା ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ଏହା ବ୍ୟତୀତ ସେ ସ୍କୁଲ ଓ କଲେଜରେ ମଧ୍ୟ ଗଛ ଲଗାଉଛନ୍ତି। ଏହାଦ୍ୱାରା ତାଙ୍କ ପ୍ରୋଜେକ୍ଟରେ ଏବେ ଅନେକ ହଜାର ଛାତ୍ରୀଛାତ୍ର ସାମିଲ ହୋଇ ବୃକ୍ଷରୋପଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁଲାଇ ୧୯୯୮

- ପାରାଦୀପ ବନ୍ଦର ନିକଟବର୍ତ୍ତୀ ଅଭୟଚନ୍ଦ୍ରପୁର ନିକଟରେ ୮ ହଜାର ୨୬୦ କୋଟି ଟଙ୍କା ବ୍ୟୟରେ ଏକ ତୈଳ ବିଶୋଧନାଗାର ପ୍ରକଳ୍ପ ସ୍ଥାପନ ପାଇଁ ଭାରତୀୟ ତୈଳ ନିଗମର ପ୍ରସ୍ତାବକୁ କେନ୍ଦ୍ରର ଅନୁମୋଦନ।
- ଉତ୍ତର ପାକିସ୍ତାନର ପାର୍ବତ୍ୟାଞ୍ଚଳର ଏକ ପୋଲ ଉପରେ ଗୋଟିଏ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୮ ଯାତ୍ରୀ ମୃତ।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ-ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା !
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖଣିଜ ସମ୍ପଦ ଲୁଣ୍ଠନ ବନ୍ଦ ହେଉ

ମହାଶୟ,

ଓଡ଼ିଶାରେ ପ୍ରାୟ ୪୩ ପ୍ରକାରର ମୂଲ୍ୟବାନ ଖଣିଜ ସମ୍ପଦ ରହିଛି। କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲାର ବକ୍ସାଇଟ, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାର ଲୁହାପଥର, ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲାର କୋଇଲା, ଯାଜପୁର ଜିଲାର ସୁକିନ୍ଦା ଉପତ୍ୟକାରେ ଥିବା ପର୍ଯ୍ୟାପ୍ତ ପରିମାଣର କ୍ରୋମାଇଟ, କଳାହାଣ୍ଡି ଓ ନୂଆପଡା ଜିଲାରେ ଉପଲବ୍ଧ ରତ୍ନପଥର ଓ ବଲାଙ୍ଗୀର ଜିଲାରେ ଥିବା ହୀରା, ମୁକ୍ତା ଓ ରୁବି ଷ୍ଟୋନ ହେଉଛି ଏହାର ଉଦାହରଣ। ଉଦବେଗର ବିଷୟ ଆମ ରାଜ୍ୟର ଏସବୁ ମୂଲ୍ୟବାନ ଖଣିଜ ସମ୍ପଦକୁ ଖଣି ଲିଜ୍‌ଧାରୀମାନେ ଲୁଟିଆସୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିପ୍ରତି ଦୂରଦୃଷ୍ଟି ନାହିଁ। କେନ୍ଦ୍ର ସରକାର ଦେଶର ସମସ୍ତ ଖଣିଜ ସମ୍ପଦକୁ ନିଜ ସଂସ୍ଥା ଦ୍ୱାରା ଖନନ ଓ ଉତ୍ତୋଳନ କରାଇ ସେସବୁକୁ ବଜାର ଦରରେ ବିଦେଶକୁ ରପ୍ତାନି କରିବାର ଆଇନ ପ୍ରଣୟନ କରି ସମ୍ପୃକ୍ତ ରାଜ୍ୟକୁ ମଧ୍ୟ ଉପଯୁକ୍ତ ପରିମାଣର ରୟାଲଟି ପ୍ରଦାନ କରାଯିବାର ବିଧିବଦ୍ଧ ବ୍ୟବସ୍ଥା କରାଯିବା ଉଚିତ।

**-ରାଇଚରଣ ବିଶ୍ୱାଳ,ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ: ଚାଲିଗଲା ୨ ଯୁବକଙ୍କ ଜୀବନ

ପୁରୁଣାକଟକ,୨।୭(ସୁକାନ୍ତ ପଟ୍ଟନାୟକ): ରବିବାର ବୌଦ୍ଧ ଜିଲା ପୁରୁଣାକଟକ ଥାନା ତିଲେଶ୍ୱରଠାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ପୁରୁଣାକଟକ ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ରମେଶ ଦଳ ବେହେରା (୩୫) ଓ ମାଣିକପୁର ଗ୍ରାମର ଗଣେଶ ପ୍ରଧାନ (୩୨) ବୁରୁବୁଡ଼ା ଗ୍ରାମର ଏକ ଘର ନିର୍ମାଣ କାର୍ଯ୍ୟ ସାରି ରାତି ପ୍ରାୟ ୮ଟା ସମୟରେ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିଲେ। ତେବେ ତିଲେଶ୍ୱର ଜଗନ୍ନାଥ ମନ୍ଦିର ନିକଟରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ ନିର୍ମାଣାଧୀନ ଡ୍ରେନରେ පିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ବାଇକ୍‌ରେ ଆସୁଥିବା ରମେଶ ଓ ଗଣେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବରପାଇ ଅଗ୍ନିଶମ ବାହିନୀ ଓ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବଦ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ଜଣାଯାଇଛି । ଦୁଇ ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

### ଝାଡ଼ାବାନ୍ତି ଆକ୍ରାନ୍ତ: ଆଉ ଜଣଙ୍କ ମୃତ୍ୟୁ

**ମୃତ୍ୟୁ ସଂଖ୍ୟା ୨ ହେଲା**

ପଟ୍ଟାଙ୍ଗି,୨।୭(ଶରତ ଧଳ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଳଗୋଲୁର ପଞ୍ଚାୟତର ମେଟାପାଡୁ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତିରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କ ରବିବାର ମୃତ୍ୟୁ ହୋଇଛି। ତାଙ୍କ ନାମ ଜାନି ମାଲାମା। ସେ ପଟ୍ଟାଙ୍ଗି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମାଲାମାଙ୍କୁ ମିଶାଇ ଝାଡାବାନ୍ତିରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଖବରରୁ ଜଣାପଡିଛି, ମେଟାପାଡୁ ଗ୍ରାମରେ ଝାଡାବାନ୍ତିରେ ଗୋଲରି ବୁଦ୍ରାୟାଙ୍କ ମୃତ୍ୟୁ ହେବାରୁ ଅନ୍ୟ ୫ଜଣ ଆକ୍ରାନ୍ତଙ୍କୁ ସୁଙ୍କି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପଟ୍ଟାଙ୍ଗି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଲରି ପେଣ୍ଡାୟା ଏବଂ ଜାନି ମାଲାମାଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ୩୦ ତାରିଖ ରାତିରେ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ସୁଦ୍ଧା ସେମାନେ କୋରାପୁଟ ଯିବାକୁ ରାଜି ହୋଇ ନ ଥିଲେ। ଫଳରେ ସେମାନଙ୍କ ଚିକିତ୍ସା ପଟ୍ଟାଙ୍ଗି ଡାକ୍ତରଖାନାରେ ଜାରି ରହିଥିଲା। ରବିବାର ମାଲାମାଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଗୁରୁତର ଗୋଲରି ଜିଲା ଚିକିତ୍ସାଳୟକୁ ଯିବାକୁ ରାଜି ନ ହେବା ନେଇ ଡାକ୍ତରମାନେ ଚିନ୍ତା ପ୍ରକଟ କରିଛନ୍ତି। ଝାଡାବାନ୍ତି ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ମେଟାପାଡୁ ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ଗୋଟିଏ ଏବଂ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଗୋଟିଏ ଡାକ୍ତରୀ ଦଳ ରହି ଗ୍ରାମବାସୀଙ୍କ ଚିକିତ୍ସା କରିବା ସହ ତଦାରଖ ଜାରି ରଖିଛନ୍ତି। ଦୁଇଦିନ ହେଲା ଗ୍ରାମରେ ରହି ସେବା ଯୋଗାଉଥିବା ଏହି ଡାକ୍ତରୀଦଳ ଆସନ୍ତା ୭ ତାରିଖ ଯାଏ ରହିବେ ବୋଲି ଡାକ୍ତର ଭାଗବତ ମୁର୍ମୁ କହିଛନ୍ତି। ସେ ନିୟୋଜିତ ଡାକ୍ତରୀଦଳଙ୍କୁ ସମସ୍ତ ଦିଗକୁ ଦୃଷ୍ଟି ଦେବା ଏବଂ ଗ୍ରାମବାସୀଙ୍କୁ ସଚେତନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ପଟ୍ଟାଙ୍ଗି ଡାକ୍ତରଖାନାରେ ଜାନି ମାଲାମାଙ୍କ ମୃତ୍ୟୁ ପରେ ଆଉ ୪ଜଣ ଚିକିତ୍ସାଧୀନ ଅଛନ୍ତି।

# ଖୋଜାଚାଲିଛି ୫୨ ମୃତକଙ୍କ ପରିଚୟ

ଭୁବନେଶ୍ୱର,୨।୭(ଅଭିଜିତ ଦାସ)

ଗତ ଜୁନ୍ ୨ରେ କରମଣ୍ଡଳ ଟ୍ରେନ୍ ହାଓଡାରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିଲା। କିଏ ପରିବାର ସହ ଯାଉଥିଲା ତ ଆଉ କିଏ ସାଙ୍ଗସାଥିଙ୍କ ସହ ହସଖୁସିରେ ମଜି ଯାଇଥିଲେ। କିନ୍ତୁ ବାହାନଗା ରେଳଷ୍ଟେଶନ ନିକଟରେ ସବୁକିଛି ଛାରଖାର ହୋଇଗଲା। ଗୋଟିଏ ମାଲବାହୀ ଟ୍ରେନ୍ ଓ ୨ଟି ଏକ୍ସପ୍ରେସ ଟ୍ରେନ୍ ମଧ୍ୟରେ ଧକ୍କା ହେବା ଦ୍ୱାରା ଘଟଣାସ୍ଥଳରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ମୃତ୍ୟୁସଂଖ୍ୟା ୨୯୩କୁ ବୃଦ୍ଧି ହୋଇଥିବାବେଳେ ଅନେକ ଯାତ୍ରୀ ଏବେବି ଚିକିତ୍ସିତ ଅବସ୍ଥାରେ ରହିଛନ୍ତି। ଇତିମଧ୍ୟରେ ଟ୍ରେନ୍ ଦୁର୍ଘଟଣାକୁ ଏକ ମାସ ବିତିଯାଇଥିଲେ ମଧ୍ୟ ଲୋମଟାଙ୍କୁରା ଦୃଶ୍ୟ ଲୋକଙ୍କ ମନରୁ ଲିଭିନାହିଁ।

ଭୟାବହ ଟ୍ରେନ୍ ଦୁର୍ଘଟଣାରେ ୨୯୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଚିହ୍ନଟ ଓ ହସ୍ତାନ୍ତର ଲାଗି ବିଭିନ୍ନ ପର୍ଯ୍ୟାୟରେ ୧୬୨ଟି ମୃତଦେହ ଏମ୍ସ ପରିସରକୁ ଅଣାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୮୧ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାକି ୮୧ଟି ମଧ୍ୟରୁ ୫୯ଟି ମୃତଦେହ ଏମ୍ସ ପରିସରରେ ଥିବା ୩ଟି କଣ୍ଟେନରରେ ସଂରକ୍ଷିତ ରଖାଯାଇଛି। ଇତିମଧ୍ୟରେ ଜୁନ୍ ୨୯ ବିଳମ୍ବିତ ରାତିରେ ପ୍ରଥମ ପର୍ଯ୍ୟାୟରେ ୨୯ଟି ଡିଏନ୍ଏ ନମୁନାର ଟେଷ୍ଟିଂ ରିପୋର୍ଟ ଆସିଥିଲା। ୩୦ ତାରିଖଠାରୁ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ପ୍ରଥମ ଦିନ ୬ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଜୁଲାଇ ୧ରେ ୧୩ ଏବଂ ୨ ତାରିଖରେ ୩ ମୃତଦେହ ଦାବିଦାରଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରବିବାର ରାତି ସୁଦ୍ଧା ସମୁଦାୟ ୨୨ ମୃତଦେହ ହସ୍ତାନ୍ତର କରାଯାଇଥିବା ବେଳେ ଏବେବି ୫୨ଟିର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଦୁର୍ଘଟଣାକୁ ଏକ ମାସ ବିତିଯାଇଥିଲେ ମଧ୍ୟ ପରିବାରବର୍ଗ ନିଜ ନିଜ ସମ୍ପର୍କୀୟଙ୍କ ମୃତଦେହ ପାଇପାରୁନାହାନ୍ତି। ୫୨ଟି ମୃତଦେହ ଡିଏନଏ ରିପୋର୍ଟ କେବେ ଆସିବ ତାହାର ଉତ୍ତର କୌଣସି ଅଧିକାରୀଙ୍କ ପାଖରେ ନାହିଁ। ମୃତଦେହ ନେବା ଲାଗି ଦୂରଦୂରାନ୍ତରୁ ଆସୁଥିବା ପରିବାରବର୍ଗଙ୍କୁ କର୍ତ୍ତୃପକ୍ଷଙ୍କ ତରଫରୁ କେବଳ ଆଶ୍ୱାସନା ଦିଆଯାଉଛି। ଅନ୍ୟପକ୍ଷରେ ବାହାନଗା ରେଳଷ୍ଟେଶନ ନିକଟରେ ଏବେବି ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡ଼ିରହିଛି କରମଣ୍ଡଳ ଏକ୍ସପ୍ରେସ ଓ ମାଲବାହୀ ଟ୍ରେନ୍‌ର ଇଞ୍ଜିନ ଏବଂ ବଗି। ପୂର୍ବରୁ ରେଲୱେର ସୂଚନା ଅନୁଯାୟୀ କ୍ଷତିଗ୍ରସ୍ତ ୨ ଇଞ୍ଜିନ ଓ ୧୭ଟି ବଗି ନିଲାମ ହେବ। ସ୍ଥାନୀୟ ଲୋକ ଓ ଟ୍ରେନ୍‌ରେ ଯାତ୍ରା କରଥିବା ଯାତ୍ରୀଙ୍କ ମନରୁ ଭୟ ଦୂର ଲାଗି ସେଗୁଡ଼ିକୁ କଳା ପଲିଥିନ୍ ଘୋଡାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସେଗୁଡିକ ଟ୍ରାକ୍ ନିକଟରେ ପଡ଼ିରହିଛି। ଏ ସମ୍ପର୍କରେ ଖଡଗପୁର ଡିସିଏମ୍ ରାଜେଶ କୁମାର କହିଛନ୍ତି, ସିବିଆଇ ଏବଂ କୋର୍ଟଠାରୁ ଅନୁମତି ମିଳିସାରିଛି। କେବଳ ନିଲାମିକୁ ଅପେକ୍ଷା କରାଯାଇଛି।

**ବାହାନଗା ଦୁର୍ଘଟଣାକୁ ମାସେ ବିତିଗଲା**

- ଚିହ୍ନଟ ୨୨ଟି ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର
- ମନରୁ ଲିଭୁନାହିଁ ଭୟାବହ ଦୁର୍ଘଟଣା
- ତୃତୀୟ ଦିନରେ ୩ଟି ମୃତଦେହ ହସ୍ତାନ୍ତର



### ସତ୍ୟନଗର ଶ୍ମଶାନରେ ଦାହହେଲା ୨ ମୃତଦେହ

ମୃତଦେହ ଦାହ ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରାରମ୍ଭିକ ସମୟରେ ସମସ୍ତ ପ୍ରକାର ବ୍ୟାପକ ସୁବିଧା କରାଯାଇଥିଲା। ବିଏମ୍‌ସି ଅଧୀନ ୫ ଶ୍ମଶାନରେ ସରଞ୍ଜାମ ପ୍ରସ୍ତୁତ ଥିବାବେଳେ ରବିବାର ସତ୍ୟନଗର ଶ୍ମଶାନରେ ୨ଟି ମୃତଦେହକୁ ଦାହ କରାଯାଇଛି। ପ୍ରଥମଟି ଝାଡଖଣ୍ଡର ୩୧ ବର୍ଷୀୟ ଦିନେଶ ଯାଦବ ହୋଇଥିବାବେଳେ ଦ୍ୱିତୀୟଟି ବିହାରର ରଞ୍ଜିତ ରୟ। ଉଭୟ ପରିବାରବର୍ଗଙ୍କ ନିର୍ଦ୍ଦେଶ ଅନୁସାରେ ବିଏମ୍‌ସିର ଅଧିକାରୀ ଓ ଅନ୍ୟ ସ୍ୱେଚ୍ଛାସେବୀ କର୍ମଚାରୀଙ୍କ ଉପସ୍ଥିତିରେ ଶବଦାହ କରାଯାଇଥିଲା।



ଉତ୍ତର ପ୍ରଦେଶର ମୋରାଦାବାଦରେ ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଛାତ୍ରୀଛାତ୍ର।

# ନୂଆ ରୂପରେ 'ଦି କ୍ରାଉନ' ଭୁବନେଶ୍ୱର



ଭୁବନେଶ୍ୱର,୨।୭: (ଅଭୟ ଦାଶ)

ସ୍ମାର୍ଟସିଟି ଭୁବନେଶ୍ୱରର ଜଣାଶୁଣା ହୋଟେଲ 'ଦି କ୍ରାଉନ'ର ଆନୁଷ୍ଠାନିକ ଉଦଘାଟନୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଦୀର୍ଘ ମାସ ହେବ ନବୀକରଣ ହେଉଥିବା କ୍ରାଉନ ଅତ୍ୟାଧୁନିକ ସୁବିଧା ସହ ନୂଆ ରୂପରେ ପୁନଃ ଆରମ୍ଭ ହେବାକୁ ଯାଉଛି ବୋଲି ହୋଟେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ତଥା ଅନ୍ତଃରାଷ୍ଟ୍ରୀୟ ହସ୍ପିଟାଲିଟି ବ୍ରାଣ୍ଡ୍ ଆଇଏଚ୍‌ସିଏଲ୍ (ତାଜ୍ ଗ୍ରୁପ) ଏବଂ ଦି କ୍ରାଉନ ଭୁବନେଶ୍ୱର ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଥିଲା। ଏପରିକି ଉଭୟ ସଂସ୍ଥାର ସହଯୋଗରେ ଉକ୍ତ ହୋଟେଲର ନବୀକରଣ କରାଯାଇଛି। ବିଶେଷ କରି ସହରର ମଧ୍ୟଭାଗ ଏବଂ ଜାତୀୟ ରାଜପଥ କଡରେ ଉକ୍ତ ହୋଟେଲ ୨୦୦୦ ମସିହାରୁ ଅବସ୍ଥିତ ରହିଛି। ଏପରିକି ଉକ୍ତ ହୋଟେଲରେ ଅନେକ ସୁବିଧା ସହ ୮୦ଟି ରୁମ୍ ଓ ୩ଟି ଫୁଡ୍ ଆଣ୍ଡ୍ ବେଭରେଜ ଆଉଟଲେଟ ସହିତ ୧୦,୦୦୦ ବର୍ଗ ଫୁଟ ପରିବ୍ୟାପ୍ତ ଅଞ୍ଚଳରେ ଏକ ବୃହତ ବାଙ୍କ୍ୱେଟିଂ ଫାସିଲିଟି ଉପଲବ୍ଧ। ସେହିଭଳି ଉଭୟ ସଂସ୍ଥାର ମିଳିତ ସହଯୋଗରେ ଉକ୍ତ ହୋଟେଲ 'ଦି କ୍ରାଉନ ଆଇଏଚସିଏଲ ସେଲିକ୍ସନ୍ସ' ନାମରେ ନୂତନ ଭାବେ ଆରମ୍ଭ ହୋଇଛି। ଅପରପକ୍ଷରେ ଆଇଏଚସିଏଲ (ତାଜ୍ ଗ୍ରୁପ)ର ଏକ ବିଶାଳ ନେଟୱର୍କ ଯଥା ତାଜ, ସେଲିକ୍ସନ୍ସ, ଭିଭାନ୍ତ ଏବଂ ଜିଞ୍ଜର ଭଳି ହୋଟେଲ ଓଡ଼ିଶା ସମେତ ଭାରତରେ କାର୍ଯ୍ୟକ୍ଷମ ରହିଛି। ସେହିଭଳି ଉଭୟ ଦି କ୍ରାଉନ ଓ ଆଇଏଚସିଏଲ (ତାଜ ଗ୍ରୁପ)ର ମିଳିତ ପ୍ରତିଷ୍ଠାନ (ହୋଟେଲ) 'ଦି କ୍ରାଉନ ଆଇଏଚସିଏଲ ସେଲିକ୍ସନ୍ସ' ସବୁ ବର୍ଗର ଗ୍ରାହକଙ୍କୁ ଉଚ୍ଚମାନର ସେବା ଓ ସୁଷମ ଖାଦ୍ୟ ପରିବେଷଣ ସାଙ୍ଗକୁ ରାଜ୍ୟର ପର୍ଯ୍ୟଟନ ଓ ହସ୍ପିଟାଲିଟି କ୍ଷେତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ଦି କ୍ରାଉନ ଆଇଏଚସିଏଲ ସେଲିକ୍ସନ୍ସ ପକ୍ଷରୁ କୁହାଯାଇଛି।

# ତଦନ୍ତ ଆରମ୍ଭ କଲେ ଡିଏସ୍‌ଡବ୍ଲ୍ୟୁଓ

**ବରିଷ୍ଠ କିରାଣିଙ୍କୁ ସିଡିପିଓଙ୍କ ଗାଡ଼ ଘଟଣା**

ନବରଙ୍ଗପୁର,୨।୭(ସଦାଶିବ ମହାପାତ୍ର)

ନବରଙ୍ଗପୁର ଜିଲା ଡାବୁଗାଁ ସିଡିପିଓ ଗୀତାଞ୍ଜଳି ମହାରଣା ଜଣେ ବରିଷ୍ଠ କିରାଣିଙ୍କୁ ଚେୟାରରୁ ଠେଲି ଦେବା ଘଟଣାକୁ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଭିଡିଓ ଭାଇରାଲ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲ୍ୟୁଓ) କମଳ କୁମାରୀ ପଟ୍ଟନାୟକ ଓ ଭାରପ୍ରାପ୍ତ ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ରବିବାର ଡାବୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରବିବାର ଛୁଟି ଥିବାରୁ ବରିଷ୍ଠ କିରାଣି ସନ୍ତୋଷ କୁମାରୀ ମିଶ୍ର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଫଳରେ ଡିଏସଡବ୍ଲ୍ୟୁଓ ପଟ୍ଟନାୟକ ଏକତରଫା ତଦନ୍ତ କରି ଫେରିଯାଇଥିବା ଜଣାପଡ଼ିଛି। ସମସ୍ତ ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, କାର୍ଯ୍ୟାଳୟର ଜୁନିୟର କିରାଣିଙ୍କୁ ସନ୍ତୋଷୀ ପୂର୍ବ ମାସର ଦରମା କାହିଁକି ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ମିଳିତ ଅମଲା ସଂଘ ସମୂହ ଛୁଟିରେ ଥିବାରୁ ଦରମା ବିଳମ୍ବ ହୋଇଥିବା କନିଷ୍ଠ କିରାଣିମାନେ ସନ୍ତୋଷୀଙ୍କୁ କହିଥିଲେ। ନିୟମିତ କାର୍ଯ୍ୟାଳୟକୁ ଆସିବା ସତ୍ତ୍ୱେ କାହିଁକି ଦରମା ହୋଇନାହିଁ ବୋଲି ସନ୍ତୋଷୀ ପାଟି କରୁଥିବାବେଳେ ସିଡିପିଓ କ୍ଷେତ୍ର ପରିଦର୍ଶନକରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ସନ୍ତୋଷୀଙ୍କୁ ପାଟି ଚୁପ୍ କରିବା ପାଇଁ କହିବା ସହ କାର୍ଯ୍ୟାଳୟରୁ ବାହାରିଯିବାକୁ କହିଥିଲେ। ସନ୍ତୋଷୀ କିନ୍ତୁ ନିଜ ଚେୟାରରେ ବସି ରହିଥିଲେ। ସିଡିପିଓ ଉତ୍କ୍ଷିପ୍ତ ହୋଇ ହାତ ଉଠାଇବା ସହ ସନ୍ତୋଷୀଙ୍କୁ ଚେୟାରରୁ ଠେଲିଦେଇଥିବା ଭିଡିଓ ଭାଇରାଲ ହେଉଛି।

# ଦୁର୍ଘଟଣାରେ ଦୁଇ ଓଡ଼ିଆ ଦାଦନ ମୃତ

ପାତ୍ରପୁର, ୨।୭(ଉମା ଚରଣ ନେପାକ)

ସିକନ୍ଦରାବାଦ ସାଙ୍ଗରେଡ୍ଡୀ ଜିଲାରେ ଦାଦନ ଖଟୁଥିବା ଦୁଇ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଜରଡା ଥାନା ସନ୍ତୋଷପୁର ଗ୍ରାମର କେ. ତାରକେଶ୍ୱ(୨୨), ଗୋପାଳପଲ୍ଲୀ ଗ୍ରାମର କେ. ଭିମୁଡୁ(୨୬)। ଦୁଇ ସାଙ୍ଗ ଦୀର୍ଘ ଏକ ବର୍ଷ ହେଲା ଗୋଟିଏ ଭଡା ଘରେ ରହି ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ସନ୍ଧ୍ୟାରେ କାମ ସାରି ଦୁହେଁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସାଙ୍ଗାରେଡ୍ଡୀ ଜିଲା ଆଲୱାଲ ଥାନା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସିକନ୍ଦରାବାଦ ଗାନ୍ଧୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସୁଥିବା ଜଣାପଡିଛି।

# ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ

ବାହାନଗା,୨।୭(ଅରୂପ୍ କୁମାର ଦାସ)

ବାହାନଗା ରେଳଷ୍ଟେଶନ ନିକଟସ୍ଥ କମାରିପୁର ଗ୍ରାମ ନିକଟରୁ ଅବକାରୀ ବିଭାଗ ୧୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ରତ୍ନାକର ସାହୁଙ୍କ ପୁଅ କାର୍ତ୍ତିକ। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନୀରିକ୍ଷକ ଗାଲୁରାମ ସୋରେନଙ୍କ ତତ୍ତ୍ୱାବଧାନରେ ଏକ ୧୨ ଜଣିଆ ଟିମ୍ ଗଠନ କରାଯାଇ ରେଳ ଷ୍ଟେଶନ ନିକଟ କମାରିପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏ ସଂକ୍ରାନ୍ତରେ ଗୋପାଳପୁର ଅବକାରୀ ଥାନାରେ ଏକ ମାମଲା(ନଂ.୫୪/୨୩) ରୁଜୁ ହୋଇଛି।

# ଜୁଇରୁ ଫେରାଇ ଆଣିଲେ ମୃତଦେହ

ଉଦଳା (ସନ୍ତୋଷ କୁମାର ବାଛିନୀ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୨।୭

ଜୁଇ ସଜଡ଼ା ସରିଥିଲା । ଆଉ କିଛି ସମୟ ଅନ୍ତିମ ସଂସ୍କାର ହୋଇଥାନ୍ତା । ହେଲେ ମୃତକ ବଞ୍ଚିଥିବା କହି ଗୁଣିଆଙ୍କୁ ଡାକିଲେ ପରିବାର ଲୋକେ। ଗୁଣିଗାରେଡ଼ି ସହ ମୃତଦେହକୁ ଝଡ଼ାଫୁଙ୍କା କରିଥିଲେ। ହେଲେ ଡାକ୍ତରଖାନାକୁ ଆଣିବା ପରେ ମୃତ ମହିଳାଙ୍କର ଅନେକ ସମୟ ପୂର୍ବରୁ ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ। ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଭାଲୁହୁଡୁରା ଗ୍ରାମରେ।

ମୃତ ମହିଳା ହେଲେ ଗ୍ରାମର ସୁହାଗିନୀ ବିନ୍ଧାଣୀ। ସେ କାଠ ଚିରୁଥିବା ବେଳେ ୧୧ଦିନ ପୂର୍ବରୁ ଗୁରୁତର ହୋଇଥିଲେ। ଉଦଳା ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ରବିବାର ସକାଳୁ ସ୍ୱର୍ଗରଥରେ ମୃତଦେହ ଘରକୁ ନେଇ ଯାଇଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକେ ଶେଷକୃତ୍ୟ ନିମନ୍ତେ ଜୁଇ ସଜାଡ଼ି ସାରିଥିଲେ। ମୃତଦେହରେ ଅଗ୍ନି ସଂଯୋଗ ପୂର୍ବରୁ ସୁହାଗିନୀଙ୍କ ନିଃଶ୍ୱାସ ଚାଲୁଥିବା ସହ ପାଣି ପିଇଥିବା ପରିବାର ଲୋକେ କହିଛନ୍ତି। ବଞ୍ଚିଥିବା ଦାବି କରି ସେମାନେ ଗୁଣିଆଙ୍କୁ ଡାକିଥିଲେ। ଜଣେ ମହିଳା ଏବଂ ପୁରୁଷ ଗୁଣିଆ ପହଞ୍ଚି ମୃତ ସୁହାଗିନୀଙ୍କୁ ଝଡ଼ାଫୁଙ୍କା କରିଥିଲେ। ଦୀର୍ଘ ସମୟ ଧରି ଝଡ଼ାଫୁଙ୍କା କରିବା ସହ ସୁହାଗିନୀ ବଞ୍ଚିଛନ୍ତି ବୋଲି ସେମାନେ କହିଥିଲେ। ଏହାପରେ ଅଧା ରହିଗଲା ଜୁଇ ପ୍ରସ୍ତୁତି। ପରିବାର ଲୋକେ ମୃତଦେହକୁ ଜୀବିତ କହି ପୁଣି ଉଦଳା ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତର ଦେଖିବା ପରେ ସୁହାଗିନୀଙ୍କର ମୃତ୍ୟୁ ହୋଇସାରିଥିବା କହିଥିଲେ। କିନ୍ତୁ ପରିବାର ଲୋକେ ଏହାକୁ ଗ୍ରହଣ କରିବାକୁ ନାରାଜ ହୋଇଥିଲେ। ପୂର୍ବରୁ ସୁହାଗିନୀଙ୍କ ମୃତ୍ୟୁ ହୋଇ ନ ଥିବା ଏବଂ ଡାକ୍ତର ଅବହେଳା କରିଥିବା କହି ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏବଂ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିବାର ଲୋକେ ମୃତଦେହକୁ ନେଇ ଘରକୁ ଚାଲିଯାଇଥିଲେ। ଅଧା ରହିଥିବା ଅନ୍ତିମ ସଂସ୍କାର କାମ ଶେଷ କରିବେ ବୋଲି କହିଥିଲେ।

- ବଞ୍ଚିଥିବା କହି ଝଡ଼ାଫୁଙ୍କା କଲେ
- ଡାକ୍ତରଖାନା ପରିସରରେ ଉତ୍ତେଜନା

# କେନ୍ଦୁଝର-ଖୋର୍ଦ୍ଧା ମେମୁ ଇଞ୍ଜିନରେ ତ୍ରୁଟି

**୩ ଘଣ୍ଟା ଯାତ୍ରୀ ହନ୍ତସନ୍ତ**

ଢେଙ୍କିକୋଟ୍,୨।୭(ନୀଳମଣି ମଣ୍ଡଳ)

କେନ୍ଦୁଝର-ଖୋର୍ଦ୍ଧା ମେମୁ ସ୍ପେସିଆଲ ଟ୍ରେନ୍ ଇଞ୍ଜିନରେ ତ୍ରୁଟି ଯୋଗୁ ବସନ୍ତପୁର ସୀତାବିଞ୍ଜି ଷ୍ଟେଶନ ମଝିରେ ଅଟକି ରହିଥିଲା। ଫଳରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତ୍ରୀ ଗରମ ଗୁଳୁଗୁଳିରେ ହନ୍ତସନ୍ତ ହୋଇଥିଲେ। ପରେ ଅନ୍ୟ ଏକ ଇଞ୍ଜିନ ଲଗାଯାଇ ଟ୍ରେନ୍ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଇଥିଲା।

ସୀତାବିଞ୍ଜି ଷ୍ଟେଶନ ମାଷ୍ଟର ଜ୍ଞାନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ସକାଳ ୬ ଟା ସମୟରେ କେନ୍ଦୁଝର-ଖୋର୍ଦ୍ଧା ମେମୁ ସ୍ପେସିଆଲ (ନଂ. ୦୮୪୫୫) କେନ୍ଦୁଝରରୁ ଛାଡ଼ିଥିଲା। ମାତ୍ର ୨୫ ମିନିଟ୍ ଚାଲିବା ପରେ ବସନ୍ତପୁର ସୀତାବିଞ୍ଜି ଷ୍ଟେଶନ ମଝିରେ ଇଞ୍ଜିନରୁ ଶବ୍ଦ ବାହାରିଥିଲା। ଲୋକ ପାଇଲଟ ଶବ୍ଦ ଶୁଣି ଟ୍ରେନ୍ ଅଟକାଇ ଦେଇଥିଲେ। ସେଠାରେ କିଛି ସମୟ ରହିବା ପରେ ଅନ୍ୟ ଏକ ଇଞ୍ଜିନ ଦ୍ୱାରା ସୀତାବିଞ୍ଜି ଷ୍ଟେଶନକୁ ନିଆଯାଇଥିଲା। ଜଙ୍ଗଲ ମଝିରେ ଯାତ୍ରୀମାନେ ଗରମ ଗୁଳୁଗୁଳିରେ ଟ୍ରେନ୍ ଭିତରେ ଛଟପଟ ହୋଇଥିଲେ। ଇଞ୍ଜିନିୟରମାନେ ଆସି ମରାମତି କରିବାରେ ବିଫଳ ହୋଇଥିଲେ। ଫଳରେ ଅନ୍ୟ ଏକ ଇଞ୍ଜିନ ଦ୍ୱାରା ଟ୍ରେନ୍ ୧୦ ଟା ୫ ମିନିଟ୍‌ରେ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲା। ସେତେବେଳକୁ ଟ୍ରେନ୍ ୩ ଘଣ୍ଟା ୫ ମିନିଟ ବିଳମ୍ବ ହୋଇସାରିଥିଲା। ଷ୍ଟେଶନ ମାଷ୍ଟର କହିଛନ୍ତି, ଇଞ୍ଜିନ ଠିକ ଥିଲା କିନ୍ତୁ ମାତ୍ର ରାସ୍ତାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା।



ଷ୍ଟେଶନରେ ଅଟକି ରହିଥିବା ଟ୍ରେନ୍।

# ଜନଶତାବ୍ଦୀ ଏକ୍ସପ୍ରେସ ଉପରକୁ ପଥରମାଡ଼

ବଡ଼ବିଲ,୨।୭(ଦେବପ୍ରିୟ ରଣା)

ହାୱଡ଼ା-ବଡ଼ବିଲ ଜନଶତାବ୍ଦୀ ଟ୍ରେନ୍ ଉପରକୁ ରବିବାର ଅପରାହ୍ଣରେ ପଥରମାଡ଼ ହୋଇଛି। ପଥରମାଡ଼ରେ ଏକ ବଗିର କାଚ ଭାଙ୍ଗି ଚୂରମାର ହୋଇଯାଇଛି। ସୌଭାଗ୍ୟବଶତଃ କାଚ ଭାଙ୍ଗିଥିବା ସିଟ୍ ନିକଟରେ କୌଣସି ଯାତ୍ରୀ ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ।

ସୂଚନା ଅନୁଯାୟୀ, କୋଲକାତାରୁ ବଡ଼ବିଲ ଆସୁଥିବା ଜନଶତାବ୍ଦୀ ଏକ୍ସପ୍ରେସ ୩/୪ଦିନ ହେବ ହାୱଡ଼ାରୁ କୌଣସି କାରଣରୁ ବିଳମ୍ବରେ ଛାଡୁଛି। ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଟ୍ରେନ୍ ଝାଡ଼ଖଣ୍ଡ ରାଜ୍ୟ ବଡ଼ାଜାମଦା ଷ୍ଟେଶନରୁ ବଡ଼ବିଲ ଅଭିମୁଖେ ଛାଡ଼ିଥିଲା। ମାତ୍ର କିଛିଦୂର ଆସିବାପରେ ହଠାତ୍ ଚଳନ୍ତା ଟ୍ରେନ ଉପରକୁ କ୍ଷିପ୍ର ଗତିରେ ଏକ ପଥରମାଡ଼ ହୋଇଥିଲା। ପଥରଟି ଟ୍ରେନ୍‌ର ୧୧ ନମ୍ବର ବଗିର ୪/୫/୬ ନଂ. ସିଟ୍ ନିକଟ ଝରକା କାଚରେ ବାଜିଥିଲା। ଏଥିରେ କାଚ ଭାଙ୍ଗି ଚୂରମାର ହୋଇଯାଇଥିଲା। ଏ ନେଇ ବଡ଼ବିଲ ରେଳଷ୍ଟେଶନ ମ୍ୟାନେଜର ବିମଳ ଠାକୁରଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ ବୋଲି କହିଛନ୍ତି।



ପଥର ମାଡ଼ରେ ଝରକା କାଚ ଭାଙ୍ଗିଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଲ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଙ୍ଗ୍ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

**ଆନୁମାନିକ ମୂଲ୍ୟ :** ₹ 1,32,82,296.37, EMD : ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-309/O/23-24

**ଡ୍ରାଇଭର-ହେଲପରଙ୍କୁ ଆକ୍ରମଣ ଘଟଣା, ଆଉ ୩ ଗିରଫ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଦାଦା ବଟି ଦେବାକୁ ମନା କରିବାରୁ ଚମଡା ବୋହେଇ ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ମାଡ ମାରିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଆଉ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଯଜାତିପ୍ରସାଦ ବଡଜେନା ଓ ବ୍ୟୋମକେଶ ମଲ୍ଲିକ ଓ ରତିପ୍ରକାଶ ସାହୁ । ଗତ ୧୭ ଡ୍ରାଇଭର ଓ ହେଲପେର ଗୋଟିଏ ପିକଅପ ଭ୍ୟାନରେ ପିପିଲିରୁ ଆଜାଦ ନଗର ଅଞ୍ଚଳକୁ କିଛି ଚମଡା ନେଉଥିଲେ । ହାଇଟେକ ଛକ ନିକଟରେ ଅଭିଯୁକ୍ତମାନେ କିଛି ସହଯୋଗୀଙ୍କ ସହିତ ଗାଡି ପାଖକୁ ଆସି ଡ୍ରାଇଭରଙ୍କୁ ଦଙ୍କା ଦାବି କରିଥିଲେ । ସେମାନେ ଟଙ୍କା ଦେବାକୁ ମନା କରିଦେବାରୁ ଅଭିଯୁକ୍ତମାନେ ହୋହଲ୍ଲା କରିବା ସହ ଆକ୍ରମଣ ସହ ଭ୍ୟାନକୁ ଭଙ୍ଗାରୁଜା କରିଥିଲେ ।

## ସଂକ୍ଷେପରେ

### ମୋ ବସ୍ ଚଳାଚଳ ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୨।୭(ସୁବାସ ଚନ୍ଦ୍ର ପ୍ରଧାନ): ପୁନାମା ଗେଟ୍‌ରୁ ମହତାବ ରୋଡ୍ ଦେଇ କପିଳେଶ୍ୱର ଛକ, ଶ୍ରୀରାମ ନଗର ଓ ସାମନ୍ତରାପୁର ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାରେ 'ମୋ ବସ୍' ଚଳାଚଳ ପାଇଁ ୬୦ ନମ୍ବର ୱାର୍ଡର କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଦାବି କରିଛନ୍ତି। ଏନେଇ ସେ ପରିଚାଳନା ନିର୍ଦ୍ଦେଶକ କ୍ରୁଟ୍‌ଙ୍କୁ ପତ୍ର ଲେଖିଥିବା ବେଳେ ଗତ ଶୁକ୍ରବାର ପୌରନିଗମ ବୈଠକରେ ଏ ସମ୍ପର୍କରେ ଦାବି ଉପସ୍ଥାପିତ କରିଥିଲେ। କର୍ପୋରେଟର ମଲିଆଙ୍କ ଦାବିକୁ ଗ୍ରହଣ କରାଯାଇ ମହାନଗର ନିଗମ ପକ୍ଷରୁ କ୍ରୁଟ୍‌ଙ୍କୁ ଅନୁରୋଧ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଥିବା ଜଣାପଡ଼ିଛି।

### ଝାରପଡ଼ା ଜେଲରେ ପରେଡ୍ ଅପରାଧୀଙ୍କୁ ଚିହ୍ନିଲେ ପୋଲିସ ଅଧିକାରୀ

ଭୁବନେଶ୍ୱର,୨।୭ (ସତ୍ୟଜିତ୍ ରାଉତ): ଭୁବନେଶ୍ୱର ସହାରଞ୍ଚଳ ଜିଲା ପୋଲିସ (ୟୁପିଡି) ପକ୍ଷରୁ ରବିବାର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାରାଧୀନ କଏଦୀଙ୍କ ପରେଡ୍ କରାଯାଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ତରୁଣ କୁମାର ଦାସ, ଏସିପି ଏଚ୍.କେ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ପଲେଇ ଓ ଜୋନ ୪ ଏସିପି ସୁଭନାରାୟଣ ମୁଦୁଲିଙ୍କ ଉପସ୍ଥିତିରେ ପିଓପିଡି ଅଧିକାରୀ ଏବଂ ବିଭିନ୍ନ ଥାନାର ପୋଲିସ ଅଧିକାରୀମାନେ ଏହି ପରେଡରେ ଭାଗ ନେଇଥିଲେ। ଏହି ପରେଡ୍‌ରେ ପୋଲିସ ଅଧିକାରୀମାମୀନେ ବିଶେଷ କରି ଅନେକ ମାମଲାରେ ସମ୍ପୃକ୍ତ ଥିବା ଅଭ୍ୟାସଗତ ଅପରାଧୀ, ଚୋର, ଲୁଟେରା, ନିଶା ବ୍ୟାବସାୟୀ, ଓ ରାଜ୍ୟ ବାହାର ଅପରାଧୀଙ୍କୁ ଚିହ୍ନିଥିଲେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ରାତିକରେ ଦୁଇ ଦୁର୍ଘଟଣା

ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)

## ରଙ୍ଗରୁଟ୍‌ରେ ଧକ୍କା ଦେଇ ମଦ୍ୟପ ଗାଡ଼ିଚାଳକ ଫେରାର

### ମା' ପୁଅ ଆହତ, ମେଡିକାଲରେ ଭର୍ତ୍ତି

ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଭୁବନେଶ୍ୱର ଇଲେକ୍ଟ୍ରିକାଲ୍ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱ ରାସ୍ତାରେ ରବିବାର ରାତି ପ୍ରାୟ ୧୧ଟା ୧୫ରେ ଏକ ଦୁର୍ଘଟଣା ଘଟିଛି। ଜଣେ ମଦ୍ୟପ ଗାଡ଼ିଚାଳକ ଶହୀଦନଗର ପାର୍ଶ୍ୱରୁ ରଙ୍ଗ୍ ରୁଟ୍‌ରୁ ଆସି ମା-ପୁଅ ଯାଉଥିବା ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ମା' ପୁଅ ଗାଡ଼ିରୁ ପଡ଼ି ଆହତ ହୋଇଛନ୍ତି। ପରେ ଆହତ ସନ୍ଧ୍ୟାରାଣୀ ମହାନ୍ତି ଓ ତାଙ୍କ ପୁଅ ଅଭିଜିତଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ଏହି ସମୟରେ ମଦ୍ୟପ ଚାଳକଙ୍କୁ ସ୍ଥାନୀୟ ଲୋକମାନେ କାବୁ କରିବାକୁ ଉଦ୍ୟମ କରିବା ବେଳେ ସେ ତାଙ୍କ ସ୍କୁଟି ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଇଛନ୍ତି। ତେବେ ପିସିଆର୍ ଟିମ୍ ପହଞ୍ଚି ଉକ୍ତ ସ୍କୁଟିକୁ ଜବତ କରି ମଞ୍ଚେଶ୍ୱର ଥାନାକୁ ନେଇଛନ୍ତି।

ସୂଚନା ଅନୁଯାୟୀ, କଟକ ଜିଲା ଆଠଗଡ଼ ଖୁଣ୍ଟିଆ ଥାନା ଅନ୍ତର୍ଗତ ମହାକାଳ ବସ୍ତି ଅଞ୍ଚଳର ସନ୍ଧ୍ୟାରାଣୀ ତାଙ୍କ ପୁଅଙ୍କ ସହ କିଛିଦିନ ହେଲା ଗଜପତି ନଗରରେ ରହୁଥିବା ବଡ଼ଝିଅଙ୍କ ପାଖକୁ ଆସିଥିଲେ। ତେବେ ସନ୍ଧ୍ୟାରାଣୀ, ପୁଅ ଅଭିଜିତ୍, ବଡ଼ ଝିଅ ଓ ଜ୍ୱାଇଁ କୌଣସି ଏକ କାମରେ ଜଗନ୍ନାଥ ନଗରକୁ ଯାଇଥିଲେ।



ଆହତମାନଙ୍କୁ ଉଦ୍ଧାର ପରେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଉଛି।

ସେଠାରୁ ରାତିରେ କାମ ସାରି ସେମାନେ ଗଜପତି ନଗରସ୍ଥିତ ଭବନକୁ ଅଭିମୁଖେ ଯାଉଥିଲେ। ସନ୍ଧ୍ୟାରାଣୀ ତାଙ୍କ ପୁଅଙ୍କ ସହ ଏକ ସ୍କୁଟିରେ ବସି ଆଗରେ ଯାଉଥିବା ବେଳେ ତାଙ୍କ ପଛରେ ବଡ଼ ଝିଅ ଓ ଜ୍ୱାଇଁ ଅନ୍ୟ ଏକ ବାଇକରେ ଯାଉଥିଲେ। ସେମାନେ ରଶୁଲଗଡ଼ ଛକ ପାର୍ ହୋଇ ଯାଉଥିବେଳେ ଅପରପାର୍ଶ୍ୱରୁ ମଦ୍ୟପ ଚାଳକ ତାଙ୍କ ସ୍କୁଟିରେ ଲାଇଟ୍ ନ ଜଳାଇ ଆସୁଥିଲେ। ହଠାତ୍ କେହି କିଛି ବୁଝିବା ପୂର୍ବରୁ ସେ ସନ୍ଧ୍ୟାରାଣୀ ବସିଥିବା ସ୍କୁଟିକୁ ସାମ୍ନାପଟୁ ଧକ୍କା ଦେଇଥିଲେ। ଫଳରେ ସନ୍ଧ୍ୟାରାଣୀ ଓ ଅଭିଜିତ୍ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଏହି ସମୟରେ ସନ୍ଧ୍ୟାରାଣୀଙ୍କ ଗୋଡ଼ ଭାଙ୍ଗିଯିବାରୁ ସେ ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋମାନେ ରୁଣ୍ଡ ହୋଇଯାଇଥିଲେ। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଏତଲା ଦିଆଯାଇ ନ ଥିବା ଜଣାପଡ଼ିଛି।

## ଟ୍ରକ୍‌କୁ ପଛକୁ ପିଟିଲା ଆଉଏକ ଟ୍ରକ୍

### କ୍ୟାବିନ୍ ଚୂର୍‌ମାର୍, ଡ୍ରାଇଭର ଗୁରୁତର

ଭୁବନେଶ୍ୱର,୨।୭ (ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଫାୟାର ଷ୍ଟେଶନ ଓଭରବ୍ରିଜ ଉପରେ ରବିବାର ରାତି ପ୍ରାୟ ୧୧ଟା ୩୦ରେ ଏକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଆଡକୁ ଯାଉଥିବା ଏକ ଟ୍ରକକୁ ପଛପଟୁ ଅନ୍ୟ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣା ଘଟାଇଥିବା ଟ୍ରକର କ୍ୟାବିନିଟି ଭାଙ୍ଗିରୁଜି ଚୂର୍‌ମାର୍ ହୋଇଯାଇଛି। ଏହି ଦୁର୍ଘଟଣାରେ ଦୁର୍ଘଟଣା ଘଟାଇଥିବା ଉକ୍ତ ଟ୍ରକ୍‌ର ଡ୍ରାଇଭର ଜଣକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ସୂଚନା ମିଳିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଟ୍ରକ୍‌କୁ ଜବତ କରିବା ସହ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା। ତେବେ ଗୁରୁତର ଡ୍ରାଇଭରଙ୍କର ପରିଚୟ ମିଳିନାହିଁ। ଅନ୍ୟପଟେ ଖବର ଲେଖାହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦିଆଯାଇ ନ ଥିବା ସୂଚନା ମିଳିଛି।



ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକ୍।

## ଶିଖରଚଣ୍ଡୀ ପାହାଡ଼ ବୁଲି ଦେଖିଲେ ସୁନିତୀ ମୁଣ୍ଡ

### ଆନ୍ଦୋଳନ ତୀବ୍ର କରିବାକୁ ଚେତବନୀ

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ରେ ବିକାଶ ନାମରେ ଜଙ୍ଗଲ ନଷ୍ଟ କରାଯାଉଥିବା ଅଭିଯୋଗ ପରେ ରବିବାର ଭାଜପାର ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁନିତୀ ମୁଣ୍ଡ ସେଠାକୁ ଯାଇ ସ୍ଥିତି ପରଖିଥିଲେ। ସରକାର ଲୋକଙ୍କ କଥା ଚିନ୍ତା ନ କରି ବିନାଶ କରି ଚାଲିଛନ୍ତି। ଏହାଦ୍ୱାରା ଦିନକୁ ଦିନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ସହ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ ନଷ୍ଟ ହୋଇଛି। ସ୍ଥାନୀୟ ଅଞ୍ଚଳର ଅମ୍ଳଜାନ କେନ୍ଦ୍ରିତ ସ୍ଥାନକୁ ଏଭଳି ବିନାଶ କରିବା ପଛରେ ରାଜ୍ୟ ସରକାରଙ୍କ ଆଉକିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ସୁନିତୀ କହିଥିଲେ। ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତିର 'ପାହାଡ଼ ବଞ୍ଚାଓ ଅଭିଯାନ'କୁ ସମର୍ଥନ କରିବା ସହ ଆଗକୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ ଚେତବନୀ ଦେଇଥିଲେ। ସମିତିର ସଦସ୍ୟ ସଚିନ ମହାପାତ୍ର, କୁନା ଜେନା, ରାକେଶ ପଟ୍ଟନାୟକ, ଲାକ୍ଷ୍ମୀଧର ପାତ୍ର, ଚରଣ ମୁରଲୀ, ଚକ୍ରଧର ବେହେରା, ରାଜୁ ରାଉତ, ଟିଟୁ ପରିଡା, ବୁବୁ ରାଉତ, ସୁକାନ୍ତ ବେହେରା ପ୍ରମୁଖ ସଦସ୍ୟ ଶ୍ରୀମତୀ ମୁଣ୍ଡଙ୍କୁ ଭେଟି ଅଲୋଚନା କରିଥିଲେ। ଶିଖରଚଣ୍ଡୀ ପାହାଡ଼ରେ ପାଣି ଟାଙ୍କି ନିର୍ମାଣ କରିବା ପାଇଁ ୧୦ଏକର ଜମିକୁ ନଷ୍ଟ କରିବା ସହ ଏଠାରେ ଥିବା ୨ଶହରୁ ଅଧିକ ପ୍ରକାରର ଔଷଧ ବୃକ୍ଷଲତା ନଷ୍ଟ କରାଯାଇଥିବା ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏନେଇ ୪ଜଣିଆ ଟିମ୍ ସ୍ଥିତି ପରଖିଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାମ ବନ୍ଦ ରଖାଯାଇଛି।

# ମୋ ବସ୍ ସେବା ନେଇ ଲୋକଙ୍କଠାରୁ ଅଭିଯୋଗ ଶୁଣିଲେ କ୍ରୁଟ୍ ଏମ୍‌ଡି

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

**■ ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ଟିକେଟିଂ, ଆଉ ୨ଶହ ଇ-ବସ କିଣାଯିବ**

ମୋ ବସ୍ ସେବାକୁ ନେଇ ଲୋକଙ୍କର ରହିଥିବା ଆପତ୍ତି, ଅଭିଯୋଗ ଏବଂ ପ୍ରସ୍ତାବକୁ ସିଧାସଳଖ ଶୁଣିଛନ୍ତି କ୍ରୁଟ୍‌ର ନୂତନ ଏମ୍‌ଡି ଅରୁଣ ବୋଥ୍ରା। ରବିବାର ସନ୍ଧ୍ୟା ୬ଟାରେ ବୋଥ୍ରା ଟୁଇଟର ଲାଇଭ୍‌ରେ ଆସି ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ପ୍ରସ୍ତାବ ଗ୍ରହଣ କରିଥିଲେ। ତେବେ ମୋ ବସ୍‌ରେ ଚଢିବା ପୂର୍ବରୁ ଏବେ ଟିକେଟ୍ କରିବାକୁ ପଡୁଥିବାରୁ ଏନେଇ ସମସ୍ୟା ଉପୁଜୁଥିବା ଅଧିକାଂଶ ଲୋକ ଅଭିଯୋଗ କରିଥିଲେ। ସେହିପରି ଅନ୍‌ଲାଇନ୍ ଟିକେଟିଂ ବ୍ୟବସ୍ଥା, ବେପରୁଆ ବସ୍‌ଚାଳନା ରୋକିବା, କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବା, ନିର୍ଦ୍ଦିଷ୍ଟ ସ୍ଥାନକୁ ବସ ଚଳାଚଳ କରିବା ଆଦି ବିଭିନ୍ନ ଅଭିଯୋଗ ରଖିଥିଲେ। ଏଥିସହ ନିକଟରେ ମୋ ବସ୍‌ର ଝରକାରେ ଚଢି ଜଣେ ମହିଳା ବସ୍ ଭିତରକୁ ଯାଇଥିବାର ଭାଇରାଲ ଭିଡିଓ ସମ୍ପର୍କରେ ମଧ୍ୟ ଲୋକେ ପ୍ରଶ୍ନ ପଚାରିଥିଲେ। ସମସ୍ତ ଅଭିଯୋଗ ଶୁଣିବା ସହିତ ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବା କଥା ଏମ୍‌ଡି ବୋଥ୍ରା ସୂଚନା ଦେଇଥିଲେ। ଅନ୍‌ଲାଇନ୍ ଟିକେଟିଂ ସହିତ ପ୍ରିପେଡ୍ କାର୍ଡ, ୟୁପିଆଇ ମାଧ୍ୟରେ ପେମେଣ୍ଟ ଆଦି ଉପରେ କାମ କରାଯାଉଛି। ଜୁଲାଇ ମଧ୍ୟରେ ଏ ସବୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ଖୁବ୍‌ଶୀଘ୍ର ୨ଶହଟି ଇ-ବସ୍ କିଣାଯିବା ନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ପୁରୀରେ ଧିରେ ଧିରେ କେବଳ ଇ-ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ମୋ ବସ୍ ଷ୍ଟପେଜ୍‌ଗୁଡ଼ିକରେ ଡିସ୍‌ପ୍ଲେ ସିଷ୍ଟମ୍ ଲଗାଯିବା ସହ ମୋବାଇଲ୍ ଆପ୍ ମାଧ୍ୟମରେ ନିକଟସ୍ଥ ମୋ ବସ୍‌ର ସ୍ଥିତି ଜାଣିବା ଆଦି ଉପରେ କାର୍ଯ୍ୟ କରାଯାଉଥିବା ବୋଥ୍ରା ସୂଚନା ଦେଇଥିଲେ।

# ଏଇ ଆକାଶ ତଳେ ଆମେ ସମସ୍ତେ ସମାନ




ଭୁବନେଶ୍ୱର,୨।୭ (ଶର୍ମିଷ୍ଠା ପାଣିଗ୍ରାହୀ)

## ରାଜ୍ୟସ୍ତରୀୟ ରେନ୍‌ବୋ ଶୋଭାଯାତ୍ରା

ଇ ଆକାଶ ତଳେ ଭଲପାଇବା ଦେଲେ ଭଲପାଇବା ମିଳେ, ଏଇ ଆକାଶ ତଳେ ଆମେ ସମସ୍ତେ ସମାନ ଆଦି ନାରାରେ ହାଉସିଂ ବୋର୍ଡ ଛକଠାରୁ ରମା ମନ୍ଦିର ଛକ ଯାଏ ରାଜ୍ୟସ୍ତରୀୟ ସ୍ୱାଭିମାନ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ଏଲ୍‌ଜିବିଟିକ୍ୟୁ+ ଶ୍ରେଣୀର ବ୍ୟକ୍ତି ବିଶେଷ ଏଥିରେ ସାମିଲ ହୋଇ ଭରପୁର ମନୋରଞ୍ଜନ କରିଥିଲେ। ୭ଟି ରଙ୍ଗର ପୋଷାକ ପିନ୍ଧି ଶୋଭାଯାତ୍ରାକୁ ଏକ ନିଆରା ଢଙ୍ଗରେ ପରିବେଷଣ କରିଥିଲେ। ପରସ୍ପର ସହ ଖୁସି ବାଣ୍ଟିବା ସହ ଆକର୍ଷଣୀୟ ଭାବରେ ସୁସଜ୍ଜିତ ହୋଇ ଦେଖଣାହାରୀଙ୍କୁ ଆକର୍ଷିତ କରୁଥିଲେ। ଏଇ ଆକାଶ ତଳେ ସେମାନେ ଯେ ସାଧାରଣ ମଣିଷଙ୍କ ପରି ସମାନ ସେ ବାର୍ତ୍ତା ବାଣ୍ଟୁଥିଲେ। ଏଇ ଆକାଶ ତଳେ ଟ୍ୟାଗ ଲାଇନ ରଖି ବିଭିନ୍ନ ପୋଷ୍ଟର ଧରି ଚାଲି ରାସ୍ତାରେ ମନଲୋଭା ଦୃଶ୍ୟ ସୃଷ୍ଟି କରିଥିଲେ। ବିଶେଷ କରି ସାମାଜିକ ଅତ୍ୟାଚାରର ଶିକାର ହୋଇଥିବା ଏଲ୍‌ଜିବିଟିକ୍ୟୁ+ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ସ୍ମରଣ କରି ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ତାରିଖରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ସେବା, ଆଇନ ସେବା, ଶିକ୍ଷା, ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ବିବାହ ସମାନତା ଭଳି ଦିଗରେ ଏଲ୍‌ଜିବିଟିକ୍ୟୁ+ ଅନ୍ତର୍ଭୁକ୍ତି ନିମନ୍ତେ ପାଦରେ ପାଦ ମିଶାଇ ଚାଲିବାକୁ ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ମୀରା ପରିଡ଼ା, ମେଘନା ସାହୁ, ଆୟେଶା ବେହେରା, ସୁମନ ପ୍ରମୁଖ ଉପସ୍ଥିତ ଥିଲେ।

# ଜନବସତିରେ ମଦ ବାର୍ ଖୋଲିବାକୁ ବିରୋଧ

ଭୁବନେଶ୍ୱର,୨।୭(ଅନୁରାଧା ମହାରଣା)

ଜନବହୁଳ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ପ୍ରସ୍ତାବିତ ନୂଆ ମଦ ବାର୍ ଖୋଲିବାକୁ ସିପିଆଇ(ଏମ୍‌ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ରାଜ୍ୟ କମିଟି ନେତୃତ୍ୱରେ ବସ୍ତି ବାସିନ୍ଦା, ଦଳୀୟ କର୍ମୀ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନର ନେତୃବୃନ୍ଦ, ବିଭିନ୍ନ ଶ୍ରମିକ ସଂଗଠକ ଏକାଠି ହୋଇ ଉକ୍ତ ବାର୍ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଏଠାରେ ଶ୍ରମଜୀବୀ ବସ୍ତି ଗଣପତି ନଗର, ଗାନ୍ଧୀ ବସ୍ତି, ତ୍ରିନାଥ ବସ୍ତିରେ ପ୍ରାୟ ୨ ହଜାରରୁ ଅଧିକ ପରିବାର ବାସ କରୁଛନ୍ତି। କଲୋନୀ ସହ ୨୦୦ ମିଟର ମଧ୍ୟରେ ସରକାରୀ ସ୍କୁଲ ଓ ମନ୍ଦିର ରହିଛି। ଏହା ବ୍ୟତୀତ ଜାତୀୟ ରାଜପଥଠାରୁ ମାତ୍ର ୧୦୦ ମିଟର ଦୂରତା ମଧ୍ୟରେ ପ୍ରସ୍ତାବିତ ମଦ ବାର୍ ରହିଛି। ଆଇନଗତ ଦୃଷ୍ଟିରୁ ଏହା ବେଆଇନ ବୋଲି କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଅଞ୍ଚଳବାସୀଙ୍କ ସାମାଜିକ, ପାରିବାରିକ, ଅର୍ଥନୈତିକ କ୍ଷେତ୍ରରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ନିୟମକୁ ବେଖାତିର କରି ଗୁଣ୍ଡା, ବାହୁବଳ ଓ ଅର୍ଥବଳରେ ସବୁକିଛି କରାୟତ୍ତ କରି ମଦ ବାର୍ ଖୋଲିବା ପାଇଁ ସମସ୍ତ ପ୍ରସ୍ତୁତି କରି ଶ୍ରମଜୀବୀଙ୍କୁ ତଳିତଳାନ୍ତ କରିବେ ବୋଲି ପାର୍ଟିର ରାଜ୍ୟ ସମ୍ପାଦିକା ପ୍ରମିଳା କହିଛନ୍ତି। ଏହି ମଦ ବାର୍ ବନ୍ଦ କରିବା ସହ ନୂତନ ମଦ ଦୋକାନ ଖୋଲିବା ନୀତିରୁ ସରକାର ନ ଓହରିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି। ଗଣଧାରଣାରେ ସିପିଆଇଏମ୍‌ଏଲ୍ ରେଡଷ୍ଟାରର ରାଜ୍ୟ କମିଟି ସଦସ୍ୟ ଶଙ୍କର, ପେଦିନୀ ପାର୍ବତୀ, ବସ୍ତି ସୁରକ୍ଷା ମଞ୍ଚର ସଭାନେତ୍ରୀ ହେନା, ଉପସଭାପତି ସରୋଜ ଦାସ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଙ୍ଗଠନର ରାଜ୍ୟ ସମ୍ପାଦିକା ରାଧାରାଣୀଙ୍କ ସମେତ ଶତାଧିକ ମହିଳା, ବସ୍ତି ବାସିନ୍ଦା ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଅବକାରୀ ବିଭାଗ ମନ୍ତ୍ରୀ, ଭୁବନେଶ୍ୱର ଡିସିପି, ନୟାପଲ୍ଲୀ ଥାନାର ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।




ପ୍ରସ୍ତାବିତ ମଦ ବାର୍ ସମ୍ମୁଖରେ ସିପିଆଇ(ଏମ୍‌ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ଧାରଣା।

# ନହରକଣ୍ଟା ସରସ୍ୱତୀ ଶିକ୍ଷା ମନ୍ଦିରର ପ୍ରତିଷ୍ଠା ଦିବସ

ବାଲିଅନ୍ତା,୨।୭ (ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୨୩ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ଗୋବିନ୍ଦପୁର ଅଞ୍ଚଳରୁ ଆସିଥିବା ଗାୟକ ସଞ୍ଜୟ ଦାସ ଓ ପାହାଳର ହରେକୃଷ୍ଣ ପଟ୍ଟନାୟକ କୃଷ୍ଣରସ ଉପରେ ଗାନ କରିଥିଲେ। ବିଦ୍ୟାଳୟରେ ହୋମଯଜ୍ଞ ସହ ଗଜାନନଙ୍କ ମୂର୍ତ୍ତି ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ପରିଚାଳନା କରିଥିଲେ। ପ୍ରଧାନାଚାର୍ଯ୍ୟା ଜୟଶ୍ରୀ ମହାପାତ୍ର, ଡମ୍ବରୁଧର ଜେନା, ଦେବେନ୍ଦ୍ର ଖୁଣ୍ଟିଆ ଓ ଲକ୍ଷ୍ମୀଧର ବେହେରା ଯୋଗଦେଇଥିଲେ।

# ମୋ ବାପା' ମୋ ମା' ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର,୨।୭(ଶର୍ମିଷ୍ଠା ପାଣିଗ୍ରାହୀ)



ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ରବିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ସମ୍ପୂର୍ଣ୍ଣ ଓଡ଼ିଆ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ମୋ' ବାପା ମୋ ମା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦ରୁ ଅଧିକ କଣ୍ଠଶିଳ୍ପୀ ବାପାମାଆଙ୍କୁ ନେଇ ୨୫ରୁ ଅଧିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବିଜୟ କୁମାର ଜେନାଙ୍କ ପ୍ରସ୍ତୁତିରୁ। ତାଙ୍କ ପରିବେଷଣରେ ଥିଲା କେଡ଼େ ମଧୁର ତୁମ ନାମ ରସ...। ପରେ ପରେ ମଞ୍ଚର ଶୋଭା ବଢାଇଥିଲେ ସୌରଭ ନାୟକ। ତାଙ୍କ ପ୍ରସ୍ତୁତିରେ ଥିଲା ତତେ ନଦେଖିଲେ କେମିତି ବଞ୍ଚିବି ମୁଁ ମା'...। ଏହାପରେ ବାପା ବାପା ମାଆ...କୁ ପରିବେଷଣ କରିଥିଲେ ଶିଳ୍ପୀ ଅନିନ୍ଦିତା ଦାସ। ସେହିପରି ହରପ୍ରିୟା ସ୍ୱାଇଁ ପରିବେଷଣ ଥିଲା ମା ନାମ ମଧୁର ଅତି ଅମୃତ ସମାନ...। ବୈଷ୍ଣବୀ ଘୋଷଙ୍କ ପ୍ରସ୍ତୁତିରେ ଥିଲା ଯୋଛନା ଲୁଚନା..., ସାଗରବାଳା ରାଉତ ପରିବେଷଣ କରିଥିଲେ ଯା'ରେ ଭାସି ଭାସି ଯା ନୌକା ମୋର...। ପରେ ପରେ ଶିଳ୍ପୀ ପ୍ରଶାନ୍ତ ପାଢୀ, ସତ୍ୟବ୍ରତ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବାପୁ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବାପାମାଆଙ୍କ ଉପରେ ଚିତ୍ତାକର୍ଷକ ନୃତ୍ୟ କରାଯାଇଥିଲା। ଏହି ଅସବରରେ ସମସ୍ତ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଉପନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଅନୁଷ୍ଠାନର ସଭାପତି ସୁଧାକର ପତ୍ରୀ ଏବଂ ସମ୍ପାଦକ ଶୁଭକାନ୍ତ ପାଢୀ ଯୋଗଦେଇଥିଲେ। ଡ.ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୃଷ୍ଟିବାଧିତ ପିଲାଙ୍କ ପାଇଁ ଆଜିଠୁ ଯୁକ୍ତ୨ କଲେଜ ଖୋଲିବ

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ସୋମବାରଠାରୁ ଯୁକ୍ତ୨ କଲେଜ ଖୋଲିବ। ରାଜ୍ୟରେ ପ୍ରଥମ କରି ଦୃଷ୍ଟିବାଧିତଙ୍କ ପାଇଁ ଏଭଳି କଲେଜ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିବା ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି। ରବିବାର ଲୁଇସ୍ ବ୍ରେଲୀ ଫାଉଣ୍ଡେଶନ ପକ୍ଷରୁ ଦଶମ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ବୁଦ୍ଧ ମନ୍ଦିରଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ବିଧାୟକ ଏହି ସୂଚନା ଦେବା ସହ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରୁଥିବା କହିଥିଲେ। ଦୃଷ୍ଟିବାଧିତକ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରାଗଲେ ସେମାନେ ମଧ୍ୟ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି ମତ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିରିଶ ଚନ୍ଦ୍ର ଦାସ କହିଲେ, ଦୃଷ୍ଟିବାଧିତଙ୍କ ମନୋବଳ ଅତ୍ୟନ୍ତ ଦୃଢ଼। ଏଭଳି ସମ୍ବର୍ଦ୍ଧନା ଦ୍ୱାରା ଅନ୍ୟମାନେ ଅନୁପ୍ରାଣିତ ହେବେ ବୋଲି ସେ କହିଥିଲେ। ଏହି ଅବସରରେ ଦଶମ ପାସ୍ କରିଥିବା ୯ଜଣ ଛାତ୍ରୀଛାତ୍ରଙ୍କୁ ୨୫ଶହ ଟଙ୍କା, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଆଶାଲତା ମହାପାତ୍ର ଏବଂ ଦୃଷ୍ଟିହୀନ ସାମାଜିକ କର୍ମୀ ବିନୋଦ ବିହାରୀ ସାହୁଙ୍କୁ ୫ହଜାର ଟଙ୍କା, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଜୟଦେବ ବିହାର ବିକାଶ ପରିଷଦ ସଭାପତି ମିହିର ରଞ୍ଜନ ରଥ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଲୁଇସ୍ ବ୍ରେଲୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ସ୍କୁଲର ଶିକ୍ଷକ ମୁରଲୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଫାଉଣ୍ଡେନ ପ୍ରତିଷ୍ଠାତା ସାହୁ ନିଜ ପେନ୍‌ଶନ ଅର୍ଥରେ ୭୦ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ଓ ବ୍ରେଲୀ ସରଞ୍ଜାମ ଯୋଗାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଆର୍ଥିକ ସହାୟତା, କରୋନା ସମୟରେ ପ୍ରବାସୀ ଫେରନ୍ତାଙ୍କ ଲାଗି ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ମାଟ୍ରିକ୍ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ଓ ଅନ୍ୟମାନେ। (ଫଟୋ: ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ପରିବା ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ

**ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ):** ପରିବା କିଲୋ ଶହେ ଟଙ୍କା ପାର୍ କରିଛି। ଟମାଟୋ କିଲୋ ୧୨୦, ବିନ୍ସ ୨୦୦ ପାର, ଅଦା ୩୦୦ ଉପରେ। ପୋଟଳ, କଲରା, ବାଇଗଣ କୌଣସି ପରିବାରେ ହାତ ମାରି ହେଉନି। ୫୦୦ ଟଙ୍କାରେ ବି ବ୍ୟାଗ ପୂରୁନି। ତା ସାଙ୍ଗକୁ ଡାଲି କିଲୋ୧୬୦ ଟଙ୍କା ଛୁଇଁ ଥିବାରୁ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ମାତ୍ର ଏ ସବୁକୁ ଦେଖି ମଧ ସରକାର ନିଦାବିଷ୍ଣୁ ସାଜିଛନ୍ତି ବୋଲି ସିପିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ଅହେତୁକ ଦରବୃଦ୍ଧି ପ୍ରତିବାଦରେ ରବିବାର ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ବିକ୍ଷୋଭ ଏବଂ ରାସ୍ତାରୋକ କରି ଆନ୍ଦୋଳନ କରାଯାଇଥିଲା। ପୂର୍ବାହ୍ନରେ ଉଭୟ ସଙ୍ଗଠନର ଶତାଧିକ କର୍ମୀ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦୦ ମସିହାରେ ବିଜୁ ଜନତା ଦଳ ତା'ର ନିର୍ବାଚନ ଇସ୍ତାହାରରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ୨୩ ବର୍ଷ ଭିତରେ ତାହା ହୋଇପାରି ନାହିଁ। ଫଳରେ ଅମଳ ସମୟରେ ଚାଷୀ ଟମାଟୋ ବିକି ନ ପାରି ରାସ୍ତାରେ ଫିଙ୍ଗିବାକୁ ବାଧ ହେଉଛି। ଶୀତଳ ଭଣ୍ଡାର ଥିଲେ କୋବି କିଆରିରେ ଚାଷୀ ଟ୍ରାକ୍ଟର ମଡ଼ାନ୍ତା ନାହିଁ କି ପରିବା ଦରରେ ଅହେତୁକ ଭାବେ ବଢନ୍ତା ନାହିଁ ବୋଲି ସିପିଆଇର ଜୋନ ସମ୍ପାଦକ ତଥା ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ କହିଥିଲେ। ବିକ୍ଷୋଭ ପରେ ରାଜମହଲ ଛକଠାରେ ରାସ୍ତାରୋକୋ କରାଯିବାରୁ ଯାନବାହନ ଚଳାଚଳ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା। ଅନ୍ୟମାନଙ୍କ ମଧରେ ବିକେଏମ୍‌ୟୁ ରାଜ୍ୟ ସହସମ୍ପାଦକ ଶଙ୍କର ବାରିକ, ଭୁବନେଶ୍ୱର ସିପିଆଇ ସହ ସମ୍ପାଦକ କୈଳାସ ପୁହାଣ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ମୋ ବସ୍ ଚଳାଚଳ ପାଇଁ ଦାବି

**ପୁରୁଣା ଭୁବନେଶ୍ୱରା, ୨।୭(ସୁବାସ ଚନ୍ଦ୍ର ପ୍ରଧାନ):** ପୁନାମା ଗେଟ୍‌ରୁ ମହତାବ ରୋଡ୍ ଦେଇ କପିଳେଶ୍ୱର ଛକ, ଶ୍ରୀରାମ ନଗର ଓ ସାମନ୍ତରାପୁର ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାରେ 'ମୋ ବସ୍' ଚଳାଚଳ ପାଇଁ ୬୦ନମ୍ବର ୱାର୍ଡର କର୍ପୋରେଟର ଚନ୍ଦ୍ର ଶେଖର ମଲିଆ ଦାବି କରିଛନ୍ତି। ଏନେଇ ସେ ପରିଚାଳନା ନିର୍ଦ୍ଦେଶକ କୁଟଙ୍କୁ ପତ୍ର ଲେଖିଥିବା ବେଳେ ଗତ ଶୁକ୍ରବାର ପୌରନିଗମ ବୈଠକରେ ଏସମ୍ପର୍କରେ ଦାବି ଉପସ୍ଥାପିତ କରିଥିଲେ। କର୍ପୋରେଟର ମଲିଆଙ୍କ ଦାବିକୁ ଗ୍ରହଣ କରାଯାଇ ମହାନଗର ନିଗମ ପକ୍ଷରୁ କୁଟଙ୍କୁ ଅନୁରୋଧ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଥିବା ଜଣାପଡ଼ିଛି।

# 'ଲୋକକଳା ଓଡ଼ିଆ ସ୍ୱାଭିମାନର ପରିଚାୟକ'

**କୋଣାର୍କ, ୨।୭(ଜ୍ୟୋତିରାଜ ମହାନ୍ତି)**

### ରାଷ୍ଟ୍ରୀୟ କୋଣାର୍କ କଳା ମହୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନଜୀବନର ଗାଥାକୁ ନେଇ ଲୋକକଳା ଓ ଲୋକ ସଂସ୍କୃତିର ପ୍ରବହମାନ ଧାରା ଅତୀବ ପ୍ରାଚୀନ। ପାଶ୍ଚାତ୍ୟ ସଂସ୍କୃତି ତଥା ଆଧୁନିକତାର ପ୍ରଭାବରେ ଓଡ଼ିଆ ଜନଜୀବନର ଗାଥାକୁ ଜୀବନ୍ତ କରିଥିବା ଲୋକକଳା ଓ ଲୋକ ସଂସ୍କୃତି ଆଜି ବିଲୁପ୍ତିର ଦ୍ୱାରଦେଶରେ। ଏହି ଲୋକକଳା ଓଡ଼ିଆ ସ୍ୱାଭିମାନର ପରିଚାୟକ ବୋଲି ରବିବାର କୋଣାର୍କ ଯାତ୍ରୀନିବାସଠାରେ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ଭୁବନେଶ୍ୱର ପକ୍ଷରୁ ରାଷ୍ଟ୍ରୀୟ କୋଣାର୍କ କଳା ମହୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଏହା କହଛନ୍ତି। ଏଥିରେ ମହାସଂଘର ସଭାପତି ବିଜୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ତ୍ରିପାଠୀଙ୍କ ସମେତ ମୁଖ୍ୟ ବକ୍ତା ରୂପେ ପୁଣ୍ୟ ଉତ୍କଳର ସଭାପତି ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ପ୍ରାଚୀ ସଂସ୍କୃତିର ଗବେଷକ ହଂସନାଥ ସାହୁ, ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ, ଇଂ.ମୂରଲୀଧର ସେଠୀ, ମଧୁର ଭାରତୀର ସମ୍ପାଦିକା ଜୟନ୍ତୀ ପଡିଆରୀ, ପ୍ରାଚୀ ପ୍ରଜ୍ଞା ପରିଷଦର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ତୁଳସୀ କ୍ଷେତ୍ରର ସମ୍ପାଦକ ସୁଦର୍ଶନ ମହାପାତ୍ର ଯୋଗଦେଇ ବିଲୁପ୍ତପ୍ରାୟ ଲୋକକଳାର ମହତ୍ୱ ଏବଂ ଏହାକୁ ବଞ୍ଚାଇ ରଖିଥିବା କଳାକାରଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘ ସଭାପତି ମିଶ୍ର ଓ ସମ୍ପାଦକ ବିନୋଦ କୁମାର ଭୋଇ ସଙ୍ଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତଙ୍କୁ ଶିକ୍ଷାରତ୍ନ ଓ ରେଡିଓ ନମସ୍କାର ଅଧକ୍ଷ ଏନ.ଏ.ଶାହା ଅନସାରୀଙ୍କୁ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। କଳାକ୍ଷେତ୍ରରେ କଂସ ଭୂମିକାରେ ଅଭିନୟ କରିଥିବା ବରଗଡ଼ର ବସୁଦେବ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରୁ ବିଭିନ୍ନ କଳାକାର ଗୋଷ୍ଠୀ ଘଟ କଳସୀ ନୃତ୍ୟ, ଛଉନୃତ୍ୟ, ଚନ୍ଦ୍ରଭାଗା କଥାବସ୍ତୁକୁ ନେଇ ମୁଖା ନୃତ୍ୟ, କଂସ ଦ୍ୱାର ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କବୟିତ୍ରୀ ରଶ୍ମୀ ସାମଲ, କ୍ଷଣପ୍ରଭା ମହାନ୍ତି ଓ କବି ଦେବେନ୍ଦ୍ର ସେନାପତି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସମାରୋହକୁ ସଂଯୋଜନା କରିଥିଲେ। ବାଳକୃଷ୍ଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୩ଶହ କଳାକାର ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଗଣ୍ଡମୁଣ୍ଡା ବିଦ୍ୟାଳୟରେ ପରିବେଶ ସଚେତନତା

**ଭୁବନେଶ୍ୱର, ୧।୭(ଅନୁରାଧା ମହାରଣା)**

ଗଣ୍ଡମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନାଲୋକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରୀଛାତ୍ର ଓ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସର ପରିଷ୍କାର କରାଯାଇଥିଲା। ପରେ ବିଭିନ୍ନ ପ୍ରକାରର ଚାରା ଲଗାଯିବା ପରେ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇଥିଲା। ପରିବେଶକୁ ସ୍ୱାସ୍ଥ୍ୟକର ରଖିବା ପଦ୍ଧତି ଓ ଏହାର ଉପକାର ସମ୍ପର୍କରେ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହିମାଂଶୁ ଶେଖର ରାଉତ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଆଇନ୍ ମହାବିଦ୍ୟାଳୟ ଅଧାପକ ଡ. ଗିରିଶ ରଞ୍ଜନ ସାହୁ, କଟକସ୍ଥିତ ଉଇ କେୟାରର ନିର୍ଦ୍ଦେଶକ ସୋଲୋମନ ମହାରଣା, ସୋସିଆଲ ଆଲ୍‌ଫାର ରାଜ୍ୟ ସଂଯୋଜକ ମାନସ ରଞ୍ଜନ ଦାସ ଓ ନୟାଗଡ଼ ଗ୍ରୀନ୍ କ୍ଲବର ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୟାଗଡ ଜିଲାର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରି ପରିବେଶ ସଚେତନତା ସୃଷ୍ଟି କରୁଥିବା ଗ୍ରୀନ କ୍ଲବ୍‌ର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୀଳାଦ୍ରି ବିଜେ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏବଂ ଅନ୍ୟ ଅତିଥି।

**ପୁରୀ, ୨।୭(ଅଜିତ୍ ମହାନ୍ତି):**

### ରାମଚନ୍ଦ୍ର ସିଂହାରୀଙ୍କୁ ଶ୍ରୀଜଗନ୍ନାଥ ସେବକ ସମ୍ମାନ

ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ଶ୍ରୀଜଗନ୍ନାଥ ନୀଳାଦ୍ରି ସେବା ଟ୍ରଷ୍ଟ ପକ୍ଷରୁ ନୀଳାଦ୍ରି ବିଜେ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କୋଟିଏ ଧେନୁ ଦାନ ସହ ନିର୍ମାଲ୍ୟର ମହିମାକୁ ତୁଳନା କରି ଚାରିଧାମ ମଧରେ ମହାପ୍ରସାଦ କେବଳ ଶ୍ରୀକ୍ଷେତ୍ରରେ ମିଳୁଥିବାରୁ ଏହା ଅନନ୍ୟ, ଅବ୍ୟକ୍ତ ଓ ପାପତାପ ହରଣ କରିଥାଏ ବୋଲି କହିଥିଲେ। ମହାପ୍ରଭୁ ଭୋଜନ ଓ କଳାପ୍ରିୟର ଠାକୁର। ଶ୍ରୀକ୍ଷେତ୍ର ବ୍ୟତୀତ ୮୨୪ ପ୍ରକାର ଭୋଗ ଆଉ କେଉଁଠାରେ ପାଇବା ନାହିଁ। ଆମ ପ୍ରତ୍ୟେକଙ୍କ ଶରୀରରେ ପ୍ରଭୁଙ୍କ ଡିଏନ୍‌ଏ ସନ୍ନିବେସିତ ବୋଲି ସେ କହିବା ସହ ଶ୍ରୀଜଗନ୍ନାଥଙ୍କ ଚରଣ ଧୂଳିରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଦେବବ୍ରତ ଦାସ ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ମହିମା ଅପାର। ସେ ଭକ୍ତର ଭକ୍ତି ଓ ଭାବରେ ବନ୍ଧା। ନୀଳାଦ୍ରିବିଜେ ପରେ ନୀଳାଚଳ ଅବଢ଼ା ବାହାରିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ଆନନ୍ଦମୟ କଥା। ଭଗବାନଙ୍କ କୃପା ପ୍ରାପ୍ତିର ଅନେକ ମାର୍ଗ ରହିଛି। ତନ୍ମଧ୍ୟରୁ ଭକ୍ତି ଓ ଭଜନ ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଗୌରୀଶଙ୍କର ସିଂହାରୀ ମହାପ୍ରସାଦର ମହିମା, ଟ୍ରଷ୍ଟ ପ୍ରତିଷ୍ଠାର ଆବଶ୍ୟକତା ଓ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷାବିତ ପ୍ରଫେସର ହରେକୃଷ୍ଣ ଶତପଥୀ କହିଥିଲେ, ପ୍ରଭୁଙ୍କ ମାନବୀୟ ଲୀଳାର ପଟାନ୍ତର ନାହିଁ। ନୀଳାଚଳ ମହାପ୍ରସାଦର ମହତ୍ତ୍ୱ ଦର୍ଶାଇ ଏହା ବିଷାଦରୁ ପ୍ରସାଦ ବୋଲି ସେ କହିଥିଲେ। ଅଭ୍ୟର୍ଥନା କମିଟିର ଅଧକ୍ଷା ଡ. ରୀନା ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସିଂହାରୀଙ୍କୁ ଶ୍ରୀଜଗନ୍ନାଥ ସେବକ ସମ୍ମାନ ଏବଂ ଅନ୍ୟ ପ୍ରତିଭାଧାରୀଙ୍କୁ ଶ୍ରୀଜଗନ୍ନାଥ ନୀଳାଦ୍ରି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଭଜନ ପରିବେଷଣ ହୋଇଥିଲା।

### ରଥଯାତ୍ରାରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

**ପୁରୀ, ୨।୭(ଅଜିତ ମହାନ୍ତି)**

ମାନବ ସେବା ହିଁ ମାଧବ ସେବା। ଚଳିତ ରଥଯାତ୍ରାରେ ବିଭିନ୍ନ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ଉତ୍ତମ ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଜଗନ୍ନାଥ ବଲ୍ଲଭ ସ୍ୱଚ୍ଛତା ମିଶନ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନାୟକ ଯୋଗଦେଇ କହିଥିଲେ, ରଥଯାତ୍ରା ଏକ ବ୍ୟାପକ କାର୍ଯ୍ୟକ୍ରମ। ଏଥିରେ ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ, ସ୍ୱଚ୍ଛତା, ଶାନ୍ତିଶୃଙ୍ଖଳା, ସୁରକ୍ଷା, ସୂଚନା ସେବା ଇତ୍ୟାଦି ବହୁତ ସେବାର ଆବଶ୍ୟକତା ଥାଏ। ଏହି ସେବା ପାଇଁ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଏଭଳି ମହନୀୟ ସେବାକୁ ଭବିଷ୍ୟତରେ ମଧ ଯୋଗାଇବାକୁ ନାୟକ ପରାମର୍ଶ ଦେଇଥିଲେ। ଅଧାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ବାସୁଦେବ ଛାଟୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଶୀ ପ୍ରମୁଖ ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କଲେ ହାଇକୋର୍ଟ ବିଚାରପତି

**କଣାସ, ୨।୭ (ବିଭୂତି ଭୂଷଣ ତ୍ରିପାଠୀ)**

ହାଇକୋର୍ଟ ବିଚାରପତି ବିଭୂପ୍ରସାଦ ରାଉତରାୟ ରବିବାର କଣାସସ୍ଥିତ ମା' କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ବୁଲି ଦେଖିଛନ୍ତି। ବିଚାରପତି ରାଉତରାୟଙ୍କୁ କଣାସ ସିଭିଲ କୋର୍ଟର ବିଚାରପତି ଅନୁସମ୍ ଦାସ ସ୍ୱାଗତ କରିଥିଲେ। ପରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ସାନମଠ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ ଏବଂ ମା' କୁଶେଶ୍ୱରୀ ମନ୍ଦିରର ସେବାୟତ ହାଡ଼ିବନ୍ଧୁ ପାଢୀ, ବସନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବିଜୟ ମହାପାତ୍ର, ଶ୍ୟାମ ମହାପାତ୍ର, ଅକ୍ଷୟ ମହାପାତ୍ର, ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ସେମାନେ ବିଚାରପତି ରାଉତରାୟଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।


ହାଇକୋର୍ଟ ବିଚାରପତି ବିଭୂପ୍ରସାଦ ରାଉତରାୟ କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କରି ଫେରୁଛନ୍ତି।

# 'ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଯୁଗ ପ୍ରବର୍ତ୍ତକ'


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ପୁରୀ, ୨।୭ (ଅଜିତ୍ ମହାନ୍ତି):**

ପୁରୀର ଐତିହ୍ୟ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ଖୁଣ୍ଟିଆସାହିସ୍ଥିତ ସୁନାମଣି ପାଠାଗାର ପରିସରରେ ରବିବାର ବିଶିଷ୍ଟ କବି ପଦ୍ମଭୂଷଣ ସ୍ୱର୍ଗତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ଶିବସୁନ୍ଦର ମିଶ୍ର ଅଧକ୍ଷତା କରିଥିଲେ। ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ସୁରେଶ କୁମାର ପଟ୍ଟନାୟକ, ଲେଖକ ସାରଙ୍ଗଧର ଷଡ଼ଙ୍ଗୀ, ସ୍ତମ୍ଭକାର ଗୁରୁ ଚରଣ ଦାସ, ସାହିତ୍ୟିକା ହେମାଙ୍ଗିନୀ ମହାନ୍ତି, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଥିଲେ ବିଶିଷ୍ଟ କବି, ଯୁଗ ପ୍ରବର୍ତ୍ତକ ଏବଂ ପ୍ରଖ୍ୟାତ ଔପନାସିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ଅବିସ୍ମରଣୀୟ ଅବଦାନ ପାଇଁ ସେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ। କାଳିନ୍ଦୀଚରଣ କେବଳ ରବୀନ୍ଦ୍ର କାବ୍ୟଧାରାର ଉଜ୍ଜ୍ୱଳତମ ଅନୁଗାମୀ ନ ଥିଲେ, ସେ ଥିଲେ ଅବିଶ୍ୱସନୀୟ ଅତିକ୍ରମୀ। ସବୁଜ ଯୁଗର କବିମାନେ ନିଜ ନାମର ଆଦ୍ୟ ଅକ୍ଷରକୁ ନେଇ ଅବକାଶ ଗ୍ରନ୍ଥ ପ୍ରଣୟନ କରିଥିଲେ। ଅବକାଶର ଅର୍ଥ 'ଅ'ରେ ଅନ୍ନଦାଶଙ୍କର, 'ବ'ରେ ବୈକୁଣ୍ଠନାଥ, 'କା'ରେ କାଳିନ୍ଦୀ ଚରଣ ଏବଂ 'ଶ'ରେ ଶରତ ଚନ୍ଦ୍ର ପ୍ରମୁଖ ଉଦୀୟମାନ ସମୂହ କବି ଭାବେ ପରିଚିତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସୁନାମଣି ପାଠାଗାରର ପରିଚାଳିକା ଭବାନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ବିଚାର ବିଭାଗୀୟ ଅଧିକାରୀ ଜ୍ଞାନ ବୃଦ୍ଧି କରନ୍ତୁ'

**କଟକ, ୨।୭ (କାର୍ତ୍ତିକ ସାହୁ)**

### ବିଚାର ବିଭାଗୀୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା

**■ କୋରାପୁଟ ଟିମ୍ ବିଜୟୀ**

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଅବସରରେ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଜୁଡିସିଆଲ ଏକାଡେମୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୋରାପୁଟ ଟିମ୍ ବିଜେତା ହୋଇଥିବାବେଳେ ଗଜପତି ଟିମ୍ ପ୍ରଥମ ଓ ସୁନ୍ଦରଗଡ଼ ଟିମ୍ ଦ୍ୱିତୀୟ ଉପବିଜେତା ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ବିଚାରପତି ସଙ୍ଗମ କୁମାର ସାହୁ, ବିଚାରପତି ଚିତ୍ତରଞ୍ଜନ ଦାଶ ପ୍ରମୁଖ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି କହିଥିଲେ, ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଆଇନ ଛାତ୍ରୀଛାତ୍ର ଓ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅତ୍ୟନ୍ତ ଉପଭୋଗ୍ୟ ହୋଇଛି। ବହୁ ମହିଳା ବିଚାର ବିଭାଗୀୟ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ମୁଖ୍ୟ ବିଚାରପତି ସନ୍ତୋଷ ପ୍ରକାଶ କରିଥିଲେ। କୁଇଜ୍ ପ୍ରଶ୍ନଗୁଡ଼ିକ ବୁକ୍‌ଲେଟ୍ ଆକାରରେ ପ୍ରକାଶିତ ହେବ ବୋଲି ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ସେହିପରି ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଜ୍ଞାନ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏଥିପାଇଁ ହାଇକୋର୍ଟ ପକ୍ଷରୁ ଲାପ୍‌ଟପ୍, ଇଣ୍ଟରନେଟ୍ ସଂଯୋଗ, ଆଇନ୍ ପତ୍ରିକା, ପୁସ୍ତିକା ଓ ଆଇନ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ଜ୍ଞାନ ବୃଦ୍ଧି କରିବା ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଛି। ବିଚାରପତି ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟୁଶାଲା ସହଯୋଗରେ ପ୍ରିଲିମିନାରି, ଜୋନାଲ ଓ ଗ୍ରାଣ୍ଡ ଫିନାଲେ ଭଳି ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୩୦ଟି ଜିଲାର ମୋଟ ୪୩୨ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନେଇ ଜୁନ୍ ୧୧ରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରତି ଜିଲାରୁ ୩ ଜଣ ଲେଖାଏ ବିଜେତା ଜୋନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ପ୍ରତି ୫ଟି ଜିଲାକୁ ନେଇ ଗୋଟିଏ ଲେଖାଏ ଜୋନ୍ କରାଯାଇ ମୋଟ ୬ଟି ଜୋନ୍ କରାଯାଇଥିଲା। ଜୁନ୍ ୨୫ରେ ଜୟପୁର, ବ୍ରହ୍ମପୁର ଓ ସମ୍ବଲପୁର ଜୋନ୍ ଏବଂ ଜୁନ୍ ୨୮ରେ ଅନୁଗୋଳ, ବାଲେଶ୍ୱର, କଟକ ଜୋନ୍‌ରେ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଜୋନ୍‌ସ୍ତରରୁ ବିଜେତା ଦଳ ଭାବେ ଜୟପୁର ଜୋନ୍‌ରୁ କୋରାପୁଟ ଟିମ୍, ବ୍ରହ୍ମପୁର ଜୋନ୍‌ରୁ ଗଜପତି ଟିମ୍, ସମ୍ବଲପୁର ଜୋନ୍‌ରୁ ସମ୍ବଲପୁର ଟିମ୍, ଅନୁଗୋଳ ଜୋନ୍‌ରୁ ସୁନ୍ଦରଗଡ଼ ଟିମ୍, ବାଲେଶ୍ୱର ଜୋନ୍‌ରୁ ଭଦ୍ରକ ଟିମ୍ ଓ କଟକ ଜୋନ୍‌ରୁ ପୁରୀ ଟିମ୍‌ର ୩ ଜଣ ଲେଖାଏ ପ୍ରତିଯୋଗୀ ଗ୍ରାଣ୍ଡ୍ ଫିନାଲେ ରାଉଣ୍ଡରେ ଭାଗ ନେଇଥିଲେ। ଇତିହାସ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର, କଳା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ବିଷୟରୁ ଆଇନ୍, ରାଜନୀତି ଓ ସାମାଜିକ ପାଠ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ କୁଇଜ୍ ପ୍ରଶ୍ନ ଭାବେ ପଚରା ଯାଇଥିଲା। କ୍ୟୁଶାଲାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଘବ ଚକ୍ରବର୍ତ୍ତି କୁଇଜ ମାଷ୍ଟର ଭାବେ ପ୍ରିଲିମିନାରୀ ଓ ଜୋନାଲ ରାଉଣ୍ଡ ପରିଚାଳନା କରିଥିଲେ। ସେହିପରି କ୍ୟୁଶାଲାର ସହ-ପ୍ରତିଷ୍ଠାତା ସଚିନ୍ ରବି କୁଇଜ୍ ମାଷ୍ଟର ଭାବେ ଗ୍ରାଣ୍ଡ ଫିନାଲେ କୁଇଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ବିଜୟୀ କୋରାପୁଟ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୭।୨୦୨୩

| | |
|---|---|
| ୨,୭୪,୭୮୭ ଟଙ୍କା | |
| ସୁନା | ୭୫୦ ଗ୍ରାମ୍ |
| ରୁପା | ୩୬.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ଚାରିଛକ ପ୍ରେସକ୍ଲବର ସଭାପତି ହେଲେ ଶିଶିର ସ୍ୱାଇଁ

ନିମାପଡ଼ା,୨।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ବ୍ଲକ ଅଧୀନ ଚାରିଛକ ପ୍ରେସକ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଚାରିଛକ ବଜାର ନିକଟ ଏକାନ୍ତ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ଭାବେ ଶିଶିର ସ୍ୱାଇଁ, ସମ୍ପାଦକ ଭାବେ କେଦାରନାଥ ସାହୁ, ସହ ସମ୍ପାଦକ ଭାବେ ସନ୍ତୋଷ ଦାସ, କୋଷାଧକ୍ଷ ଭାବେ ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ପ୍ରେସକ୍ଲବର ଉପଦେଷ୍ଟା ଚନ୍ଦ୍ରକାନ୍ତ ଦଳାଇ, ଶିକ୍ଷାବିତ୍ ଗୋପୀନାଥ କର, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ମୁରଲୀଧର ଭାରତୀ, ସନାତନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନବନିର୍ବାଚିତ କର୍ମକର୍ତ୍ତା ଚାରିଛକ ପ୍ରେସକ୍ଲବକୁ ଜିଲା ଓ ରାଜ୍ୟରେ ଏକ ଅଗ୍ରଣୀ ପ୍ରେସକ୍ଲବ ଭାବେ ଗଢି ତୋଲିବାକୁ ଓ କ୍ଲବ କିପରି ଚାରିଛକ ଅଞ୍ଚଳବାସୀଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିବ ଏ ଦିଗରେ ଆପ୍ରାଣ ଉଦ୍ୟମ କରିବେ ବୋଲି ନିର୍ବାଚିତ କର୍ମକର୍ତ୍ତା ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସକ୍ଲବର ବହୁ ସଦସ୍ୟ ଯୋଗଦେଇ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

### ବେଳାଭୂମିରୁ ମିଳିଲା ଶିବଲିଙ୍ଗ



ପୁରୀ, ୨।୭(ଅଜିତ୍ ମହାନ୍ତି): ପୁରୀ ବଳିଆପଣ୍ଡା ଲାଇଟ ହାଉସ୍ ନିକଟ ବେଳାଭୂମିରୁ ଏକ ଶିବଲିଙ୍ଗ ମିଳିଛି । ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ସୂଚନାଯୋଗ୍ୟ, ଶନିବାର ବାସେଳୀ ସାହିର ରାକେଶ ସାହୁ, କାହ୍ନା ମହାନ୍ତି ଏବଂ ତାଙ୍କ ସାଙ୍ଗମାନେ ବେଳାଭୂମିରେ ବସିଥିଲେ । ହଠାତ ଏକ କଳା ରଙ୍ଗର ଜିନିଷ ଭାସୁଥିବା ଦେଖାଯିବାରୁ କୌତୁହଳବଶତଃ ବାଲି ଖୋଳିବା ବେଳେ ଏହି ଲିଙ୍ଗ ପାଇଥିଲେ। ଏହା କେଉଁ ଆଡୁ ସମୁଦ୍ରରେ ଭାସି ଆସିଥିବା ଅନୁମାନ କରାଯାଉଛି। ଅଥବା କୌଣସି ମନ୍ଦିରରେ ପୂଜା ପାଉଥିବା ଏବଂ ସମୁଦ୍ରରେ ଭାସିଆସିଥିବା କୁହାଯାଉଛି। ଯୁବକମାନେ ନୀଳାଦ୍ରି ବିଜେ ଦର୍ଶନ ସାରି ବେଳାଭୂମିର ଏହି ସ୍ଥାନରେ ବସିଥିଲେ। ପୂର୍ବରୁ ଲିଙ୍ଗ ସମୁଦ୍ର ବାଲିରେ ପୋତି ହୋଇ ରହିଥିଲା। ଢେଉ କୂଳରେ ବାଡେଇ ହେବା ବେଳେ ଲିଙ୍ଗ ଦେଖାଯାଇଥିଲା। ଯୁବକମାନେ ଏହାକୁ ବାଲିରୁ ଉଦ୍ଧାର କରିଥିଲେ। ତେବେ ରାତି ବେଶି ହୋଇଯାଇଥିବାରୁ ସେଠାରୁ ଚାଲି ଆସାଥିଲେ। ରବିବାର ଲିଙ୍ଗ ସେଠାରେ ଥିବା ଦେଖାଯାଇଛି ।

# ନୀଳାଦ୍ରି ବିଜେ ମହୋତ୍ସବ ଉଦ୍‌ଘାଟିତ

## ରାମଚନ୍ଦ୍ର ସିଂହାରୀଙ୍କୁ ଶ୍ରୀଜଗନ୍ନାଥ ସେବକ ସମ୍ମାନ

ପୁରୀ, ୨।୭(ଅଜିତ୍ ମହାନ୍ତି):

ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ଶ୍ରୀଜଗନ୍ନାଥ ନୀଳାଦ୍ରି ସେବା ଟ୍ରଷ୍ଟ ପକ୍ଷରୁ ନୀଳାଦ୍ରି ବିଜେ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କୋଟିଏ ଧେନୁ ଦାନ ସହ ନିର୍ମାଲ୍ୟର ମହିମାକୁ ତୁଳନା କରି ଚାରିଧାମ ମଧ୍ୟରେ ମହାପ୍ରସାଦ କେବଳ ଶ୍ରୀକ୍ଷେତ୍ରରେ ମିଳୁଥିବାରୁ ଏହା ଅନନ୍ୟ, ଅବ୍ୟକ୍ତ ଓ ପାପତାପ ହରଣ କରିଥାଏ ବୋଲି କହିଥିଲେ। ମହାପ୍ରଭୁ ଭୋଜନ ଓ କଳାପ୍ରିୟର ଠାକୁର। ଶ୍ରୀକ୍ଷେତ୍ର ବ୍ୟତୀତ ୮୨୪ ପ୍ରକାର ଭୋଗ ଆଉ କେଉଁଠାରେ ପାଇବା ନାହିଁ। ଆମ ପ୍ରତ୍ୟେକଙ୍କ ଶରୀରରେ ପ୍ରଭୁଙ୍କ ଡିଏନ୍‌ଏ ସନ୍ନିବେସିତ ବୋଲି ସେ କହିବା ସହ ଶ୍ରୀଜଗନ୍ନାଥଙ୍କ ଚରଣ ଧୂଳିରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଦେବବ୍ରତ ଦାସ ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ମହିମା ଅପାର। ସେ ଭକ୍ତର ଭକ୍ତି ଓ ଭାବରେ ବନ୍ଧା। ନୀଳାଦ୍ରିବିଜେ ପରେ ନୀଳାଚଳ ଅବଢ଼ା ବାହାରିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ଆନନ୍ଦମୟ କଥା। ଭଗବାନଙ୍କ କୃପା ପ୍ରାପ୍ତିର ଅନେକ ମାର୍ଗ ରହିଛି। ତନ୍ମଧ୍ୟରୁ ଭକ୍ତି ଓ ଭଜନ ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ସେ କହିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ଗୌରୀଶଙ୍କର ସିଂହାରୀ ମହାପ୍ରସାଦର ମହିମା, ଟ୍ରଷ୍ଟ ପ୍ରତିଷ୍ଠାର ଆବଶ୍ୟକତା ଓ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷାବିତ ପ୍ରଫେସର ହରେକୃଷ୍ଣ ଶତପଥୀ କହିଥିଲେ, ପ୍ରଭୁଙ୍କ ମାନବୀୟ ଲୀଳାର ପଟାନ୍ତର ନାହିଁ। ନୀଳାଚଳ ମହାପ୍ରସାଦର ମହତ୍ତ୍ୱ ଦର୍ଶାଇ ଏହା ବିଷାଦରୁ ପ୍ରସାଦ ବୋଲି ସେ କହିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ଡ. ରୀନା ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସିଂହାରୀଙ୍କୁ ଶ୍ରୀଜଗନ୍ନାଥ ସେବକ ସମ୍ମାନ ଏବଂ ଅନ୍ୟ ପ୍ରତିଭାଧାରୀଙ୍କୁ ଶ୍ରୀଜଗନ୍ନାଥ ନୀଳାଦ୍ରି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଭଜନ ପରିବେଷଣ ହୋଇଥିଲା।



ନୀଳାଦ୍ରି ବିଜେ ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏବଂ ଅନ୍ୟ ଅତିଥିମାନେ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# କାକଟପୁର ସବ୍‌ମାଇନର କେନାଲ ପାଲଟିଛି ଡମ୍ପିଂୟାର୍ଡ଼

## ସଫେଇ ନାଁରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ହରିଲୁଟ୍



କାକଟପୁର, ୨।୭(ଶୁଭଦର୍ଶନ ମିଶ୍ର)

କାକଟପୁର ଜଳସେଚନ ଉପଖଣ୍ଡ ଅଧୀନ ମାଇନର ଓ ସବ୍‌ମାଇନର କେନାଲଗୁଡ଼ିକରେ ପ୍ରତିବର୍ଷ ବର୍ଷା ଦିନେ ଜଳ ଥାଉ କିମ୍ବା ନ ଥାଉ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସଫେଇ କରାଯାଇଥାଏ। କିନ୍ତୁ କେନାଲକୁ ଅପ୍ରାକୃତିକ ଉପାୟରେ ଅପରିଷ୍କାର କରିବାରେ ସ୍ଥାନୀୟ ଜନସାଧାରଣ ଯେତିକି ପରିମାଣରେ ଦାୟୀ, ସମପରିମାଣରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମଧ୍ୟ ଦାୟୀ ବୋଲି ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଲୋକେ ଗୃହପାଳିତ ପ୍ରାଣୀଙ୍କ ମୃତ ଶରୀରକୁ କେନାଲରେ ପକାଉଛନ୍ତି। ଏଥିସହ କେନାଲରେ ବିଭିନ୍ନ ଦୋକାନି ଅନେକ ବର୍ଜ୍ୟବସ୍ତୁ ଫିଙ୍ଗୁଛନ୍ତି। ଏଭଳି କାର୍ଯ୍ୟ ପାଇଁ ମଧ୍ୟ ସ୍ଥାନୀୟ ପ୍ରଶାସନ ବାରଣ କରିପାରୁ ନାହିଁ। କାରଣ କେନାଲ ବନ୍ଧଗୁଡ଼ିକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ପ୍ରଶାସନକୁ ଜଣାଥାଏ। କେତେକ ଜାଗାରେ ଗୁହାଳରୁ ନିର୍ଗତ ବର୍ଜ୍ୟବସ୍ତୁ, ଲାଟ୍ରିନ୍ ଓ ବାଥ୍‌ରୁମର ଅପରିଷ୍କାର ପାଣି କେନାଲ ମଧ୍ୟକୁ ଆସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ସହିତ ବନ୍ଧରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିହାତି ଦରକାର। ଆହୁରି ମଧ୍ୟ ବନ୍ଧ ସଫେଇ ସମୟରେ ଠିକାଦାର ଏଷ୍ଟିମେଣ୍ଟ ମୁତାବକ କାର୍ଯ୍ୟ ନ କରୁଥିବାର ଅଭିଯୋଗ ହେଉଛି। ଠିକାଦାର ପ୍ରଶାସନିକ ଅଧିକାରୀଙ୍କ ସହିତ ମିଳିମିଶି ଜେସିବି ମାଧ୍ୟମରେ ଘାସକୁ ଲେସିବା ଭଳି କାର୍ଯ୍ୟ କରିବା ସହିତ ଜେସିବିରେ ସଫା କରିବା ଫଳରେ କେନାଲର ବେଡ ମାଇନସ୍ ହେବାରୁ ସୋଠକୁ ପାଣି ନ ଉଠି ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଗ୍ରଣୀ କୃଷକ ସଂଗଠନ ମତପ୍ରକାଶ କରିଛନ୍ତି।

# ‘ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଯୁଗ ପ୍ରବର୍ତ୍ତକ’



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ, ୨।୭ (ଅଜିତ୍ ମହାନ୍ତି):

ପୁରୀର ଐତିହ୍ୟ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ଖୁଣ୍ଟିଆସାହିସ୍ଥିତ ସୁନାମଣି ପାଠାଗାର ପରିସରରେ ରବିବାର ବିଶିଷ୍ଟ କବି ପଦ୍ମଭୂଷଣ ସ୍ୱର୍ଗତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ସୁରେଶ କୁମାର ପଟ୍ଟନାୟକ, ଲେଖକ ସାରଙ୍ଗଧର ଷଡ଼ଙ୍ଗୀ, ସ୍ତମ୍ଭକାର ଗୁରୁ ଚରଣ ଦାସ, ସାହିତ୍ୟିକା ହେମାଙ୍ଗିନୀ ମହାନ୍ତି, ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଥିଲେ ବିଶିଷ୍ଟ କବି, ଯୁଗ ପ୍ରବର୍ତ୍ତକ ଏବଂ ପ୍ରଖ୍ୟାତ ଔପନ୍ୟାସିକ। କାଳଜୟୀ ଉପନ୍ୟାସ ‘ମାଟିର ମଣିଷ’ ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ଅବିସ୍ମରଣୀୟ ଅବଦାନ ପାଇଁ ସେ ‘ପଦ୍ମଭୂଷଣ’ ସମ୍ମାନରେ ସମ୍ମାନିତ ହୋଇଥିଲେ। କାଳିନ୍ଦୀଚରଣ କେବଳ ରବୀନ୍ଦ୍ର କାବ୍ୟଧାରାର ଉଜ୍ଜ୍ୱଳତମ ଅନୁଗାମୀ ନ ଥିଲେ, ସେ ଥିଲେ ଅବିଶ୍ୱସନୀୟ ଅତିକ୍ରମୀ। ସବୁଜ ଯୁଗର କବିମାନେ ନିଜ ନାମର ଆଦ୍ୟ ଅକ୍ଷରକୁ ନେଇ ଅବକାଶ ଗ୍ରନ୍ଥ ପ୍ରଣୟନ କରିଥିଲେ। ଅବକାଶର ଅର୍ଥ ‘ଅ’ରେ ଅନ୍ନଦାଶଙ୍କର, ‘ବ’ରେ ବୈକୁଣ୍ଠନାଥ, ‘କା’ରେ କାଳିନ୍ଦୀ ଚରଣ ଏବଂ ‘ଶ’ରେ ଶରତ ଚନ୍ଦ୍ର ପ୍ରମୁଖ ଉଦୀୟମାନ ସମୂହ କବି ଭାବେ ପରିଚିତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସୁନାମଣି ପାଠାଗାରର ପରିଚାଳିକା ଭବାନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସବୁଜିମା ଓଡ଼ିଶା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ

## ୭୪ତମ ବନମହୋତ୍ସବ ପାଳିତ

ନିମାପଡ଼ା,୨।୭(ବିଚିତ୍ରାନନ୍ଦ ସାହୁ)

ଆମ ରାଜ୍ୟ ଓଡ଼ିଶାକୁ ସବୁଜିମା, ଶସ୍ୟ ଶ୍ୟାମଳା କରିବାକୁ ପ୍ରତ୍ୟେକ ବ୍ୟକ୍ତି ସଂକଳ୍ପବଦ୍ଧ ହେବା ଆବଶ୍ୟକ। ପରିବେଶର ସୁରକ୍ଷା, ପ୍ରଦୂଷଣମୁକ୍ତ, ସବୁଜ ଓଡ଼ିଶା ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ସବୁଜ ବିପ୍ଳବ ସୃଷ୍ଟି କରିବା ଦିଗରେ ଆଗେଇ ଆସିବା ଉଚିତ୍। ବୃକ୍ଷ ହିଁ ଜୀବନ, ତେଣୁ ଆମେ ସମସ୍ତେ ଗଛ ଲଗାଇବା ଦିଗରେ ଯତ୍ନବାନ ହେବା ଜରୁରୀ ବୋଲି ୭୪ତମ ବନମହୋତ୍ସବ ପାଳନ ଅବସରରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପୁରୀ ବନ୍ୟପ୍ରାଣୀ ଉପଖଣ୍ଡ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ନୟାସବେରା ୟୁଥ୍ ଟ୍ରଷ୍ଟ ସହାୟତାରେ ନିମାପଡ଼ା ଉପକାରାଗାରଠାରେ ଏହି ଦିବସ ପାଳିତ ହୋଇଥିଲା। ଆୟୋଜିତ ସମାରୋହରେ ଅତିଥି ଭାବେ ନିମାପଡ଼ା ଉପକାରାଗାର ଅଧିକାରୀ ସ୍ମିତା ମହାନ୍ତି, ଫାର୍ମାସିଷ୍ଟ ଜୟନ୍ତ ବେହେରା, ମୁଖ୍ୟ ୱାର୍ଡର ଗଙ୍ଗାଧର ପଣ୍ଡା, ଗୋପ ବନାଞ୍ଚଳ ଅଧିକାରୀ ରମେଶଚନ୍ଦ୍ର ଯାନି, ଫରେଷ୍ଟର ଅଭିନାଶ ଖୁଣ୍ଟିଆ, ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା, ଶିକ୍ଷାବିତ୍ ରବୀନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଏହି ବନମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ, ଲକ୍ଷ୍ୟ, ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥି, ଜେଲ କର୍ତ୍ତୃପକ୍ଷ, କର୍ମଚାରୀ, ବନବିଭାଗ ଅଧିକାରୀ, ଟ୍ରଷ୍ଟର ସଦସ୍ୟ ଜେଲ ପରିସରରେ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରିଥିଲେ। ଟ୍ରଷ୍ଟର ସଦସ୍ୟ ପ୍ରଦୀପ ସ୍ୱାଇଁ, ଜଗବନ୍ଧୁ ପରିଡ଼ା, ସୋମିତା ଭାଟିଆ, ମିନତି ବେହେରା, ସୁଲଗ୍ନା ସାହୁ, ଟି. ମୁନି, ଶ୍ରଦ୍ଧାଞ୍ଜଳି ଓଝା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

# ‘ନିମାପଡ଼ାକୁ ବିକାଶମୁଖୀ ଏନ୍‌ଏସିରେ ପରିଣତ କରିବା ଲକ୍ଷ୍ୟ’

ନିମାପଡ଼ା,୨।୭(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଏନ୍‌ଏସିକୁ ରାଜ୍ୟରେ ଏକ ଅଗ୍ରଣୀ, ପ୍ରତିଷ୍ଠିତ, ବିକାଶମୁଖୀ ଏନ୍‌ଏସିରେ ପରିଣତ କରିବା ଆମ ପରିଷଦର ପରିକଳ୍ପନା ଓ ସଂକଳ୍ପ। ପରିଷଦ ଅଞ୍ଚଳର ସମସ୍ତ ପୌରବାସୀଙ୍କ ବିକାଶ, ସୁଖ, ସମୃଦ୍ଧି ଆମର ମୂଳ ଲକ୍ଷ୍ୟ। ସ୍ଥାନୀୟ ଏନ୍‌ଏସି ଅଧୀନ ୮ନଂ. ୱାର୍ଡର ଦପିରେଣ୍ଡା ଗ୍ରାମ ଠାକୁରାଣୀଙ୍କ ପୀଠରେ ଆୟୋଜିତ ଏକ ଉଦ୍‌ଘାଟନକାଳୀନ ସାଧାରଣ ସଭାରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ମୁକ୍ତା ଯୋଜନାରେ ପ୍ରତ୍ୟେକ ୱାର୍ଡରେ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା ବହୁ ବିକାଶମୁଖୀ ନୂତନ ପ୍ରକଳ୍ପର ନିର୍ମାଣ ପରିଷଦବାସୀଙ୍କ ସେବା ଓ କାର୍ଯ୍ୟରେ ସହାୟକ ହେବ ବୋଲି ବିଧାୟକ କହିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନସିଲର ନିବେଦିତା ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ସନାତନ ପ୍ରଧାନ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଯୁବନେତା ବିଶ୍ୱଜିତ୍ ସ୍ୱାଇଁ, ଶିକ୍ଷାବିତ୍ ବସନ୍ତ ସ୍ୱାଇଁଙ୍କ ସମେତ ଗ୍ରାମ୍ୟ କମିଟିର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଦାଶ ଦପିରେଣ୍ଡା ଗ୍ରାମଠାରେ ୫ ଲକ୍ଷ ଟଙ୍କା ବ୍ୟୟରେ ବନଦୁର୍ଗା ଠାକୁରାଣୀଙ୍କ ନବନିର୍ମିତ କୋଠାଘର, ୪ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ବନଦୁର୍ଗା କ୍ଲବ ଗୃହ, ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନବନିର୍ମିତ ମା’ ମଙ୍ଗଳା କୋଠାଘର, ୨ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପରିଡ଼ା ସାହି ବାସୁଦେବ କୋଠାଘର, ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନବନିର୍ମିତ ହରିଜନ ସାହି ଶ୍ମଶାନ ଗୃହ ଆଦି ୫ଟି ନୂତନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଦାଶଙ୍କୁ ଗ୍ରାମବାସୀ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।



ଦପିରେଣ୍ଡା ଗ୍ରାମରେ ବିଧାୟକ ସମୀର ରଞ୍ଜନ ଦାଶ ନବନିର୍ମିତ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

# ରଥଯାତ୍ରାରେ ନିୟୋଜିତ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ, ୨।୭(ଅଜିତ ମହାନ୍ତି):

ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶନିବାର ନୀଳାଦ୍ରିବିଜେ ପରେ ଅନ୍ୟ ଜିଲା ଓ ପୁରୀ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଅଧିକାରୀମାନଙ୍କୁ ସେମାନଙ୍କ ମୂଳ ଦାୟିତ୍ୱସ୍ଥଳକୁ ଫେରାଇ ଦିଆଯାଇଛି। ଏହି ଉପଲକ୍ଷେ ପୁରୀ ଟାଉନ ହଲରେ ରବିବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହାପ୍ରଭୁଙ୍କ ସେବା କରିବା ସମସ୍ତଙ୍କ ଭାଗ୍ୟରେ ଜୁଟେ ନାହିଁ। ତେଣୁ ଯେଉଁମାନେ ଏହି ରଥଯାତ୍ରା ଦାୟିତ୍ୱରେ ଆସିଥିଲେ ସେମାନେ ନିଜକୁ ସୌଭାଗ୍ୟବାନ ମନେ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ପରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ଜିତେନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ଜେନା, ରାକେଶ କୁମାର ପଣ୍ଡା, ନିରଞ୍ଜନ ବାରିକ, ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ଏବଂ ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କଲେ ହାଇକୋର୍ଟ ବିଚାରପତି

କଣାସ, ୨।୭ (ବିଭୂତି ଭୂଷଣ ତ୍ରିପାଠୀ):

ହାଇକୋର୍ଟ ବିଚାରପତି ବିଭୂପ୍ରସାଦ ରାଉତରାୟ ରବିବାର କଣାସସ୍ଥିତ ମା’ କୁଶେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ବୁଲି ଦେଖିଛନ୍ତି। ବିଚାରପତି ରାଉତରାୟଙ୍କୁ କଣାସ ସିଭିଲ କୋର୍ଟର ବିଚାରପତି ଅନୁସମ୍ ଦାସ ସ୍ୱାଗତ କରିଥିଲେ। ପରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ସାନମଠ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ ଏବଂ ମା’ କୁଶେଶ୍ୱରୀ ମନ୍ଦିରର ସେବାୟତ ହାଡ଼ିବନ୍ଧୁ ପାଢ଼ୀ, ବସନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବିଜୟ ମହାପାତ୍ର, ଶ୍ୟାମ ମହାପାତ୍ର, ଅକ୍ଷୟ ମହାପାତ୍ର, ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ସେମାନେ ବିଚାରପତି ରାଉତରାୟଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।



ମା’ କୁଶେଶ୍ୱରୀ ମନ୍ଦିର ପରିଦର୍ଶନ ଅବସରରେ ବିଚାରପତି ବିଭୂପ୍ରସାଦ ରାଉତରାୟ ।

# ଘରୋଇ କ୍ଷୀର କମ୍ପାନୀର ବିଷାକ୍ତ ପାଣି ଯୋଗୁ ଫସଲ କ୍ଷତି, ବ୍ୟାପୁଛି ଚର୍ମରୋଗ

## ବିରୋଧ କରି ୫ରେ ଧାରଣା ଦେବେ ଗ୍ରାମବାସୀ

ଗୋପ,୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ- କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ଥିବା ଏକ ଘରୋଇ କ୍ଷୀର କମ୍ପାନୀର ଜଳ ଓ ବାୟୁ ପ୍ରଦୂଷଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏପରି ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନ ହେବାରରେଗ୍ରାମବାସୀ ଆସନ୍ତା ୫ ତାରିଖରେ କମ୍ପାନୀ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୧ରେ ଶାରଡ଼ା ଛକ ନିକଟରେ ଗୋଟିଏ ଘରୋଇ କମ୍ପାନୀ କ୍ଷୀର ଉତ୍ପାଦନ କମ୍ପାନୀ ଖୋଲିଥିଲା। କମ୍ପାନୀ ଖୋଲିବା ସମୟରେ ବିଭିନ୍ନ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯିବାରୁ ସାଧାରଣରେ ମଧ୍ୟ ଅସନ୍ତୋଷ ଦେଖାଦେଇଥିଲା। କ୍ଷୀର କମ୍ପାନୀ ଚାଲିବା ପରେ କମ୍ପାନୀ ପକ୍ଷରୁ ଏକ ସରକାରୀ କାଡା ନାଳରେ କମ୍ପାନୀରୁ ନିର୍ଗତ ହେଉଥିବା ପ୍ରଦୂଷିତ ଜଳ ଛଡ଼ାଯିବାରୁ ଚାରିଆଡ଼େ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଦୈନନ୍ଦିନ ପୁରୀ, କୋଣାର୍କକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ଏହି ଅଭିଯୋଗ ଆଣିଥିଲେ। କମ୍ପାନୀ ନିକଟରେ ଥିବା ଶାରଡ଼ା ଗ୍ରାମବାସୀ ଏହାକୁ ବିରୋଧ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ନିର୍ଗତ କେମିକାଲଯୁକ୍ତ ଜଳକୁ ଅନ୍ୟତ୍ର ଛାଡ଼ିବେ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ନିର୍ଗତ କେମିକାଲଯୁକ୍ତ ଜଳରେ ଶହଶହ ଏକର ଜମିରେ ଧାନଚାଷ ହୋଇପାରୁ ନ ଥିବା ସମୟରେ ନିକଟ ଗାଁରେ ଚର୍ମରୋଗ ବ୍ୟାପିବା, କମ୍ପାନୀ ପକ୍ଷରୁ ଛଡ଼ା ଯାଉଥିବା ଧୂଆଁରେ ନଡ଼ିଆ ଗଛ ସହିତ ବିଭିନ୍ନ ଫଳ ଫୁଲ ଗଛ ନଷ୍ଟ ହେଉଛି। କେମିକାଲ ପାଣି ପିଇ ଗୋରୁ, ଛେଳି, ମେଣ୍ଢାଙ୍କ ମୃତ୍ୟୁ ଘଟିବା ସହ ପେଟ ରୋଗରେ ସ୍ଥାନୀୟ ଅଞ୍ଚଳର ଲୋକେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏପରିକି କମ୍ପାନୀ ବେଆଇନ ଭାବେ ଦିନକୁ ୩ ଲକ୍ଷ ଲିଟରରୁ ଅଧିକ ପିଇବା ପାଣି ନେଉଥିବାରୁ ପାଣି ସମସ୍ୟା ଉତ୍କଟ ହେଉଛି ବୋଲି ଅଭିଯୋଗ ରହିଛି। କମ୍ପାନୀ ସମସ୍ତ ନିୟମକୁ ଉଲ୍ଲଂଘନ କରି ଏପରି କରୁଥିବାବେଳେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ସେଥିପାଇଁ ଗ୍ରାମ ସଭାପତି ତ୍ରିଲୋଚନ ଜେନା, ସମ୍ପାଦକ ଲିଙ୍ଗରାଜ ଖୁଣ୍ଟିଆ, ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଶହ ଶହ ଗ୍ରାମବାସୀ କମ୍ପାନୀ ସମ୍ମୁଖରେ ଧାରଣା ଦେବେ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୁରୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏନେଇ ସମ୍ପୃକ୍ତ ଘରୋଇ କ୍ଷୀର କମ୍ପାନୀର ଜଣେ ଅଧିକାରୀଙ୍କୁ ପଚାରିବାରେ, ଅଭିଯୋଗ ସମ୍ପର୍କରେ ସେ ଜାଣି ନ ଥିବାବେଳେ ଅଭିଯୋଗ ଆସିଲେ ଦେଖିବେ ବୋଲି କହିଛନ୍ତି।

# 'ବିଚାର ବିଭାଗୀୟ ଅଧିକାରୀ ଜ୍ଞାନ ବୃଦ୍ଧି କରନ୍ତୁ'

## ବିଚାର ବିଭାଗୀୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା

■ କୋରାପୁଟ ଟିମ୍ ବିଜୟୀ

କଟକ,୨।୭ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଅବସରରେ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଜୁଡିସିଆଲ ଏକାଡେମୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୋରାପୁଟ ଟିମ୍ ବିଜେତା ହୋଇଥିବାବେଳେ ଗଜପତି ଟିମ୍ ପ୍ରଥମ ଓ ସୁନ୍ଦରଗଡ଼ ଟିମ୍ ଦ୍ୱିତୀୟ ଉପବିଜେତା ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ବିଚାରପତି ସଙ୍ଗମ କୁମାର ସାହୁ, ବିଚାରପତି ଚିତ୍ତରଞ୍ଜନ ଦାଶ ପ୍ରମୁଖ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି କହିଥିଲେ, ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଆଇନ ଛାତ୍ରୀଛାତ୍ର ଓ ବିଚାର ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅତ୍ୟନ୍ତ ଉପଭୋଗ୍ୟ ହୋଇଛି। ବହୁ ମହିଳା ବିଚାର ବିଭାଗୀୟ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ମୁଖ୍ୟ ବିଚାରପତି ସନ୍ତୋଷ ପ୍ରକାଶ କରିଥିଲେ। କୁଇଜ୍ ପ୍ରଶ୍ନଗୁଡ଼ିକ ବୁକ୍‌ଲେଟ୍ ଆକାରରେ ପ୍ରକାଶିତ ହେବ ବୋଲି ମୁଖ୍ୟ ବିଚାରପତି ଘୋଷଣା କରିଥିଲେ। ସେହିପରି ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ବିଚାର ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଜ୍ଞାନ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏଥିପାଇଁ ହାଇକୋର୍ଟ ପକ୍ଷରୁ ଲାପ୍‌ଟପ୍, ଇଣ୍ଟରନେଟ୍ ସଂଯୋଗ, ଆଇନ୍ ପତ୍ରିକା, ପୁସ୍ତିକା ଓ ଆଇନ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ଜ୍ଞାନ ବୃଦ୍ଧି କରିବା ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଛି। ବିଚାରପତି ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ୟୁଶାଲା ସହଯୋଗରେ ପ୍ରିଲିମିନାରି, ଜୋନାଲ ଓ ଗ୍ରାଣ୍ଡ ଫିନାଲେ ଭଳି ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୩୦ଟି ଜିଲାର ମୋଟ ୪୩୨ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନେଇ ଜୁନ୍ ୧୧ରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରତି ଜିଲାରୁ ୩ ଜଣ ଲେଖାଏ ବିଜେତା ଜୋନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ପ୍ରତି ୫ଟି ଜିଲାକୁ ନେଇ ଗୋଟିଏ ଲେଖାଏ ଜୋନ୍ କରାଯାଇ ମୋଟ ୬ଟି ଜୋନ୍ କରାଯାଇଥିଲା। ଜୁନ୍ ୨୫ରେ ଜୟପୁର, ବ୍ରହ୍ମପୁର ଓ ସମ୍ବଲପୁର ଜୋନ୍ ଏବଂ ଜୁନ୍ ୨୮ରେ ଅନୁଗୋଳ, ବାଲେଶ୍ୱର, କଟକ ଜୋନ୍‌ରେ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଜୋନ୍‌ସ୍ତରରୁ ବିଜେତା ଦଳ ଭାବେ ଜୟପୁର ଜୋନ୍‌ରୁ କୋରାପୁଟ ଟିମ୍, ବ୍ରହ୍ମପୁର ଜୋନ୍‌ରୁ ଗଜପତି ଟିମ୍, ସମ୍ବଲପୁର ଜୋନ୍‌ରୁ ସମ୍ବଲପୁର ଟିମ୍, ଅନୁଗୋଳ ଜୋନ୍‌ରୁ ସୁନ୍ଦରଗଡ଼ ଟିମ୍, ବାଲେଶ୍ୱର ଜୋନ୍‌ରୁ ଭଦ୍ରକ ଟିମ୍ ଓ କଟକ ଜୋନ୍‌ରୁ ପୁରୀ ଟିମ୍‌ର ୩ ଜଣ ଲେଖାଏ ପ୍ରତିଯୋଗୀ ଗ୍ରାଣ୍ଡ୍ ଫିନାଲେ ରାଉଣ୍ଡରେ ଭାଗ ନେଇଥିଲେ। ଇତିହାସ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର, କଳା ଓ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ବିଷୟରୁ ଆଇନ୍, ରାଜନୀତି ଓ ସାମାଜିକ ପାଠ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ କୁଇଜ୍ ପ୍ରଶ୍ନ ଭାବେ ପଚରା ଯାଇଥିଲା। କ୍ୟୁଶାଳାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଘବ ଚକ୍ରବର୍ତ୍ତି କୁଇଜ ମାଷ୍ଟର ଭାବେ ପ୍ରିଲିମିନାରୀ ଓ ଜୋନାଲ ରାଉଣ୍ଡ ପରିଚାଳନା କରିଥିଲେ। ସେହିପରି କ୍ୟୁଶାଳାର ସହ-ପ୍ରତିଷ୍ଠାତା ସଚିନ୍ ରବି କୁଇଜ୍ ମାଷ୍ଟର ଭାବେ ଗ୍ରାଣ୍ଡ ଫିନାଲେ କୁଇଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ବିଜୟୀ କୋରାପୁଟ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଜଳିଗଲା: ଚାଳକ ଗୁରୁତର

ଫୁଲନଖରା, ୨।୭ (ସତ୍ୟରଞ୍ଜନ ଦାସମହାପାତ୍ର): କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନଖରା ଓଭରବ୍ରିଜ୍‌ରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହିର ମଦନ ମୋହନ ସ୍ୱାଇଁ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଦନ ନିଜ ବାଇକ୍‌ରେ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ପଛରୁ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡିଯିବାରୁ ପିକ୍‌ଅପ୍ ଭ୍ୟାନ୍ ଚକ ତାଙ୍କ ଗୋଡ ଉପରେ ମାଡି ଯାଇଥିଲା। ପରେ ପିକ୍‌ଅପ୍ ଭ୍ୟାନ୍‌ଟି ବାଇକ୍‌କୁ ଘୋଷାଡି ନେବାରୁ ତାହା ଜଳିଯାଇଥିଲା। କଟକ ସଦର ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଓ ଜଳି ଯାଇଥିବା ବାଇକ୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

କଟକ,୨।୭(ସୁପ୍ରିୟା ପ୍ରିୟଦର୍ଶିନୀ): କଟକସ୍ଥିତ ସିଆର୍‌ଆର୍‌ଆଇ ହାଇସ୍କୁଲ ପରିସରରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ହେବାକୁ ଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇ ମତାମତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ସଂସଦ ତରଫରୁ ସନାତନ ପଣ୍ଡା, ଗିରିଜା ଶଙ୍କର ମିଶ୍ର, ସୁଶାନ୍ତ ସାହୁ, ନୀହାର ରଞ୍ଜନ ମହାନ୍ତି, ମନୋଜ ରାଉତ, ଶରତ ଚନ୍ଦ୍ର ପରିଡା, ଭାଗ୍ୟଧର ପ୍ରଧାନ, ଶୁକଦେବ ଦାସ, ପାପକ ରଞ୍ଜନ ସେଠୀ, ଆଶୁତୋଷ ପଣ୍ଡା, ଦିଲୀପ କୁମାର ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୬ରେ ହେବାକୁ ଥିବା ବୈଠକରେ ସମସ୍ତଙ୍କୁ ଯୋଗ ଦେବାକୁ କୁହାଯାଇଛି।

### ଚିତ୍ରାଙ୍କନ ପ୍ରତିଯୋଗିତା

କଟକ,୨।୭(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ଟାଉନ୍‌ହଲଠାରେ ରବିବାର ସକାଳେ ଫ୍ରଣ୍ଟ ରୋ' ଆନୁକୂଲ୍ୟରେ ଷ୍ଟେପ୍‌ଫି' ଡ୍ୟାନ୍ସ ଷ୍ଟୁଡିଓ ସହାୟତାରେ ଶ୍ରୀଜଗନ୍ନାଥଙ୍କ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ ଜଣ ଶିଶୁ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। କୃତୀ ଚିତ୍ରଶିଳ୍ପୀଙ୍କୁ ପରବର୍ତ୍ତୀ ସମୟରେ ଅନୁଷ୍ଠାନ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପୁରସ୍କୃତ କରାଯିବ। ଆଇନଜୀବୀ ବନଜା ପଣ୍ଡା, ସୁନନ୍ଦା ମହାନ୍ତି ଓ ପ୍ରିୟଙ୍କା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଇମର୍ତ୍ତୀ ଦେବୀ ମହିଳା କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କଟକ,୨।୭ (କାର୍ତ୍ତିକ ସାହୁ): ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା କଲେଜର ଅଣଶିକ୍ଷକ କର୍ମଚାରୀ ଅଞ୍ଜଳି ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧକ୍ଷା ଡ. ସାଗରିକା ମହାନ୍ତି, ପରିଚାଳନା ସମିତି ସଭାପତି ଡା. ରବି ରଞ୍ଜନ ସାହୁଙ୍କ ସମେତ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀନ ଉପସ୍ଥିତ ଥିଲେ। ଅଞ୍ଜଳିଙ୍କ ୨୯ ବର୍ଷର ଅକୁଣ୍ଠ ସେବା, କର୍ତ୍ତବ୍ୟ ପରାୟଣତା, ନିଷ୍ଠାପରତା, ସମୟାନୁବର୍ତ୍ତିତା ଓ ସହନଶୀଳତା ଗୁଣକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ମାନପତ୍ର, ଉପହାର ଓ ଉପଢୌକନ ଦିଆଯାଇ ଅଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ସୁମଲୁ ମିତ୍ର ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ଜଳିଗଲା

ଚୌଦ୍ୱାର,୨।୭(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀରେ ଶନିବାର ରାତିରେ ଦୁଇଟି ବାଇକ୍ ଜଳିଯାଇଛି। କେହି ଦୁର୍ବୃତ୍ତ ଗାଡି ଦୁଇଟିରେ ନିଆଁ ଲଗାଇ ଦେଇଥିବା ନେଇ କଲୋନୀ ବାସିନ୍ଦା ଶୋଭାରାଣୀ ନାଇଡୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ରାତିରେ ଶୋଭାରାଣୀଙ୍କ ପରିବାର ଲୋକେ ଘରେ ଶୋଇଥିଲେ। ରାତି ପ୍ରାୟ ୨ଟାରେ ତାଙ୍କ ପୋଷା କୁକୁର ଭୁକିବାରୁ ପରିବାର ଲୋକେ ଉଠି ବାହାରକୁ ଆସିବାରୁ ବାଇକ୍ ଦୁଇଟି ଜଳୁଥିବା ଦେଖିବାକୁ ପାଇଥିଲେ।

## ଅନ୍ନପୂର୍ଣ୍ଣା ଦିବସ ପାଳିତ

ଚୌଦ୍ୱାର,୨।୭(ଆଶୁତୋଷ ଦାସ)

ରୋଟାରୀ କ୍ଲବ କଟକ ଅଭିନବ ପକ୍ଷରୁ ମଙ୍ଗରାଜପୁର ପଞ୍ଚାୟତ ଆମ୍ବିଳିଝରୀ ଗ୍ରାମସ୍ଥିତ ଜୀବନ ସନ୍ଧ୍ୟା ଆଶ୍ରମରେ ରବିବାର ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ଶ୍ରୀନିବାସ ରଣା, ସୁଧାଂଶୁ ଶେଖର ଜେନା, ଉମାକାନ୍ତ ମହାନ୍ତି, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହାଣୀ, ଶିକ୍ଷକ ବାସୁଦେବ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନ୍ନପୂର୍ଣ୍ଣା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୀତା ସାହୁ ଓ ନିମାଇଁ ଚରଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ତୁଳସୀପୁର ଡିୟର ପାର୍କ ନିକଟ ମଧୁକୁଞ୍ଜ ପାର୍କ ପରିସରରେ ସିଏମ୍‌ସି ପକ୍ଷରୁ ଅନୁଷ୍ଠିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ପୋରେଟରମାନେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

କଟକ ସଦର,୨।୭ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ୨୦୨୦ ଏପ୍ରିଲରୁ ଅଦ୍ୟାବଧି ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ ନିମନ୍ତେ କୁହାଯାଇଛି। ଏନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଯୁଗ୍ମ ଶାସନ ସଚିବ ପତ୍ରସଂଖ୍ୟା ୧୨୧୮୪/୭।୬ ୨୦୨୩ରେ ନିର୍ଦ୍ଦେଶନାମା ଇ-ମେଲ ଯୋଗେ ପଠାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୋଭିଡ୍ ସମୟରେ ଶ୍ରମିକମାନଙ୍କୁ କାମ ଦେବା ଆଳରେ ମଜୁରି ବାବଦ ଟଙ୍କା ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆକାଉଣ୍ଟକୁ ପଠାଯାଇଥିବା ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିକି ସି-୧ ଫର୍ମରେ ଆବେଦନ ନ କରି ମଧ ୨୩ଟି ପଞ୍ଚାୟତର ବହୁ ଲୋକଙ୍କ ପାଖକୁ ଟଙ୍କା ଯାଇଥିଲା। ଏହାଛଡା ବିଭିନ୍ନ ପ୍ରକଳ୍ପରେ ଶ୍ରମିକମାନେ କାମ କରୁଥିବା ବେଳର ୪ଟି ଫଟୋ ମଧ କେନ୍ଦ୍ର ସରକାରଙ୍କ ଭୁବନ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇ ନାହିଁ। ଏହି ତଦନ୍ତ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କର କହିଛନ୍ତି, ଜୁନ୍ ୭ରୁ ଇ-ମେଲରେ ଆସିଥିବା ନିର୍ଦ୍ଦେଶନାମା ସମ୍ପର୍କରେ ଜାଣି ନାହିଁ। ତଥାପି ଏ ସମ୍ପର୍କରେ ଜାଣିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଜବରଦଖଲ ଉଚ୍ଛେଦ: ଭଜଗୋବିନ୍ଦ ପୀଠକୁ ରକ୍ଷା ପାଇଁ ଉଦ୍ୟମ

କଟକ ସଦର,୨।୭ (ସୁଶାନ୍ତ କୁମାର ଜେନା)

୪୨ ମୌଜା ମୁଖ୍ୟ ରାସ୍ତା ପାର୍ଶ୍ୱରୁ ରବିବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବେଣ୍ଟକାର ଛକରେ ଉଚ୍ଛେଦ ସମୟରେ ପ୍ରାଚୀନ ଭଜଗୋବିନ୍ଦ ପୀଠ ଉପରେ ପ୍ରଶାସନର ଦୃଷ୍ଟି ପଡ଼ିଥିଲା। ଉକ୍ତ ପୀଠକୁ ଉଚ୍ଛେଦ ନ କରିବା ପାଇଁ ସ୍ଥାନୀୟ ଲୋକେ କଟକ ସଦର ତହସିଲଦାର ମାନସ କୁମାର ଭୋଇଙ୍କ ନିକଟରେ ଦାବି କରିଥିଲେ। କାରଣ ଉକ୍ତ ପୀଠ ନିଜସ୍ୱ ଜାଗାରେ ରହିଛି। ଏହା ରାସ୍ତା କିସମ ଜାଗାରେ ଆଦୌ ନାହିଁ ବୋଲି ସ୍ଥାନୀୟ ବରିଷ୍ଠ ନାଗରିକଙ୍କ କଥାରୁ ସ୍ପଷ୍ଟ ହୋଇଯାଇଥିଲା। ଏହା ଉପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଆଶ୍ୱାସନା ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## 'ସବୁଜ ଯୁଗର ଶ୍ରେଷ୍ଠ ବିନ୍ଧାଣି ଥିଲେ କାଳିନ୍ଦୀଚରଣ'

### ସାରସ୍ୱତ ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ

କଟକ,୨।୭ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ କଟକ ସାରଳା ଭବନଠାରେ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଯୋଗଦେଇ କାଳିନ୍ଦୀଚରଣଙ୍କୁ ମହାନ୍ କବି ରୂପେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଡ. ସୁଲୋଚନା ଦାସ କହିଥିଲେ, କାଳିନ୍ଦୀଚରଣଙ୍କ ମାଟିର ମଣିଷ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଏକ କ୍ରାନ୍ତିକାରୀ ସୃଷ୍ଟି। ତାଙ୍କ ରଚିତ ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା ଆଦି ଉପନ୍ୟାସ ତାଙ୍କ ସାରସ୍ୱତ ସ୍ୱୀକୃତିର ସ୍ୱାକ୍ଷର ବହନ କରେ ବୋଲି ଦାସ କହିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧକ୍ଷତା କରି କାଳିନ୍ଦୀଚରଣଙ୍କୁ ସବୁଜ ଯୁଗର ଶ୍ରେଷ୍ଠ ବିନ୍ଧାଣି ଭାବେ ବର୍ଣ୍ଣନା କରିଥିଲେ। ତାଙ୍କ ରଚିତ ମାଂସର ବିଳାପ ଗଳ୍ପ ଭାରତୀୟ ସାହିତ୍ୟରେ ଏକ କାଳଜୟୀ କାହାଣୀ ବୋଲି ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ନିମାଇଁ ଚରଣ ପରିଡା, ସଙ୍ଗୀତ କୁମାର ପଟ୍ଟନାୟକ, ଅଧାପକ ଗୋପୀନାଥ ପଣ୍ଡା ଓ ନିର୍ମଳ ଚନ୍ଦ୍ର ପହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୫୦୦୦ ଫଳ, ଔଷଧୀୟ ଚାରା ରୋପଣ

ଫୁଲନଖରା, ୨।୭ (ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ଅନ୍ତର୍ଗତ ଉତ୍ତର ଉଷୁମା ଗ୍ରାମରେ ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡ୍ସ ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪ ଏକର ବିଶିଷ୍ଟ ଜମିରେ ୫୦୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଛି। ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶରେ ଉତ୍ସର୍ଗୀକୃତ କରାଯାଇଛି। ଏହି ଅବସରରେ ସ୍ତମ୍ଭକାର ଇଂ. ଶ୍ରୀ ସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ରଥ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ପାତ୍ର, ସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦକ ଅତୁଲ୍ୟ ସାମଲ, ଉପଦେଷ୍ଟା କାନନ ବିହାରୀ ନାୟକ, ରଶ୍ମିରଞ୍ଜନ ନାୟକ, ଦିବ୍ୟକାନ୍ତ ରଥ, ଜୟପ୍ରକାଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷମାନବ ପ୍ରଭାସ ମଙ୍ଗରାଜ, ସୁମନ ଶେଖର ସାହୁ, ସୁନୀଲ ସାହୁ, ପ୍ରମୋଦ ବେହେରା, ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ବହୁ ବୃକ୍ଷପ୍ରେମୀ, ଶିକ୍ଷାବିତ୍ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚୋରି ସାମଗ୍ରୀ ଫେରିପାଇଲେ ମାଲିକ


ଡିସିପି ପିନାକ ମିଶ୍ର ଜଣେ ମହିଳାଙ୍କୁ ଉଦ୍ଧାର ମୋବାଇଲ ଫେରାଉଛନ୍ତି।

କଟକ,୨।୭ (କାର୍ତ୍ତିକ ସାହୁ)

କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ଉଦ୍ଧାର ସାମଗ୍ରୀ ଫେରସ୍ତ ମେଳା ଡିସିପିଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୋଲିସ ଦ୍ୱାରା ବିଭିନ୍ନ ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିବା ମୋବାଇଲ୍, ବାଇକ୍, ଲାପ୍‌ଟପ୍ ଆଦି ସାମଗ୍ରୀକୁ ପ୍ରକୃତ ମାଲିକଙ୍କୁ ଡିସିପି ପିନାକ ମିଶ୍ର ଫେରାଇଥିଲେ। ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୦୬ଟି ମୋବାଇଲ୍, ୧୧ଟି ବାଇକ୍ ଏବଂ ଗୋଟିଏ ଲେଖାଏଁ ଟିଭି, ଲାପ୍‌ଟପ୍, ସାଇକେଲ ପୋଲିସ ଉଦ୍ଧାର କରିଥିଲା। ବିଡାନାସୀ ପୋଲିସ ପକ୍ଷରୁ ସର୍ବାଧିକ ୧୮ଟି ମୋବାଇଲ୍ ଉଦ୍ଧାର କରାଯାଇଥିଲା। ଚୋରି ସାମଗ୍ରୀ ପାଇବା ପରେ ଲୋକେ ଖୁସି ହେବା ସହ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି। ତେବେ ଏଭଳି କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଡିସିପି ମିଶ୍ର କହିଛନ୍ତି।

## ରଙ୍ଗତୂଳୀରେ ପରିବେଶ ସୁରକ୍ଷା ବାର୍ତ୍ତା

କଟକ,୨।୭ (କାର୍ତ୍ତିକ ସାହୁ)

ବନମହୋତ୍ସବ ସପ୍ତାହ ପାଳନ ଅବସରରେ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍ସା ପକ୍ଷରୁ ପରିବେଶ ସଂକ୍ରାନ୍ତୀୟ 'ଗୋ ଗ୍ରୀନ୍' ଶୀର୍ଷକ ବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ଚିତ୍ରକର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଦାମବାଡ଼ିସ୍ଥିତ ପ୍ରଶାନ୍ତି ଶିକ୍ଷାଶ୍ରମଠାରେ ରବିବାର ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ରଙ୍ଗତୂଳୀ ମାଧ୍ୟମରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାଶ, ସୁଲତା ପଣ୍ଡା, ଅନୁଷ୍ଠାନର ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଓ ପ୍ରକାଶ ଚନ୍ଦ୍ର ସିଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଦାମବାଡ଼ିସ୍ଥିତ ପ୍ରଶାନ୍ତି ଶିକ୍ଷାଶ୍ରମଠାରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ଚିତ୍ରକର ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## 'ସମାଜବାଦ ଆଦର୍ଶରେ ବ୍ରତୀ ଥିଲେ ଦେବୀ ରାୟ'

### ସମାଜବାଦୀ ନେତା ଦେବୀ ରାୟଙ୍କ ଶ୍ରାଦ୍ଧବାର୍ଷିକୀ

କଟକ,୨।୭ (କାର୍ତ୍ତିକ ସାହୁ)



ସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ବକ୍ତବ୍ୟ ଦେଉଛନ୍ତି।

ଦେବୀ ରାୟ ସ୍ମୃତି କମିଟି ପକ୍ଷରୁ ସମାଜବାଦୀ ନେତା ଦେବୀ ରାୟଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ କକ୍ଷରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ କହିଥିଲେ, ସମାଜବାଦ ଆଦର୍ଶରେ ବ୍ରତୀ ହୋଇ ଦେବୀ ରାୟ ସାଧାରଣ ଲୋକଙ୍କ ସହ ସର୍ବଦା ଜଡ଼ିତ ରହୁଥିଲେ। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ୍, ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ଏମ୍‌ପି ରବି ପାଣି, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ନଗର କଂଗ୍ରେସ୍ ସଭାପତି ସୁରେଶ ମହାପାତ୍ର, ଭାଜପା ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡୁ, ଶ୍ରୀତମ ଦାସ, ଅମରେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ରାୟଙ୍କ ଦୁଇ ପୁତ୍ର ଦେବାଶିଷ ଓ ସିଦ୍ଧାର୍ଥ ଉପସ୍ଥିତ ଥିଲେ। ଜ୍ୟୋତିପ୍ରକାଶ ଘୋଷ କାର୍ଯ୍ୟକ୍ରମ ସଞ୍ଚାଳନ ଓ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ୍: ସାଙ୍ଗ ସମେତ ୨ ଗିରଫ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ଚନ୍ଦ୍ରଶେଖପୁର ଥାନା ଅନ୍ତର୍ଗତ ଶ୍ରୀବିହାରର ଆଲୋକ କୁମାର ଦତ୍ତ (୩୦)ଙ୍କୁ ଶନିବାର ରାତିରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କର ଜଣେ ସାଙ୍ଗଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିଳାଦ୍ରୀବିହାରରେ ରହୁଥିବା ସାଙ୍ଗ ଉତ୍କଳ କେଶରୀ ଖୁଣ୍ଟିଆ ଓରଫ ଲୁଲୁ ଓ ପ୍ରକାଶ ବେହେରା ଓରଫ ଗୁଲୁ। ଉଭୟଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଫେରାର ଥିବା ମୁନାଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି।




ରସୁଲଗଡ଼ ଭାଗବତ ସନ୍ଧାନ କଲୋନୀ ନିକଟ ଦୟା ୱେଷ୍ଟ୍ କେନାଲର ପଚା ପାଣିରେ ମଶା ଲାର୍ଭା। (ବାମ) ଭୁବନେଶ୍ୱର ୟୁନିଟ୍-୧ ପରିବା ମାର୍କେଟ। (ଫଟୋ : ବିକାଶ ନାୟକ)

# ଡେଙ୍ଗୁ ହଟ୍ସ୍ପଟ୍ ଭୁବନେଶ୍ୱର

## ବିଏମ୍ସି ପ୍ରଚାରରେ ବ୍ୟସ୍ତ, ସହର କହୁଛି ବାସ୍ତବ ଚିତ୍ର

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ରାଜ୍ୟରେ କାୟା ମେଲାଉଛି ଡେଙ୍ଗୁ। ଆଉ ଡେଙ୍ଗୁର ହଟ୍ସ୍ପଟ୍ ପାଲଟିଛି ରାଜଧାନୀ ଭୁବନେଶ୍ୱର। ଜୁଲାଇ ୧ ସୁଦ୍ଧା ରାଜ୍ୟରୁ ୧୭୫ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ସର୍ବାଧିକ ୯୨ଜଣ ଭୁବନେଶ୍ୱରରୁ ରହିଥିଲେ। ତେବେ ରବିବାର ସୁଦ୍ଧା ଭୁବନେଶ୍ୱରରେ ଶତକ ଛୁଇଁଛି ସଂକ୍ରମଣ। ଅଧିକାଂଶ ସଂକ୍ରମିତ ନୟାପଲ୍ଲୀ, ପୋଖରୀପୁଟ ଏବଂ ସାଲିଆସାହିରୁ ଚିହ୍ନଟ ହୋଇଛନ୍ତି। ପ୍ରଥମେ ଆଇଆର୍ସି ଭିଲେଜରୁ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଧୀରେ ଧୀରେ ସହରର ସମସ୍ତ ୱାର୍ଡକୁ ସଂକ୍ରମଣ ବ୍ୟାପିଗଲାଣି। ଘରେ ଘରେ ଜ୍ୱର ରୋଗୀ ଦେଖିବାକୁ ମିଳିଲେଣି। ଏହାକୁ ନେଇ ଚିନ୍ତା ଓ ଭୟରେ ରହିଛନ୍ତି ରାଜଧାନୀବାସୀ।

ଡେଙ୍ଗୁ ବାହକ ଏଡିଶ୍ ମଶା ସାଧାରଣତଃ ନାଳ, ନର୍ଦ୍ଦମା ଏବଂ ଅପରିଷ୍କାର ପରିବେଶରେ ବଂଶ ବିସ୍ତାର କରୁଥିବାବେଳେ ଏହାକୁ ଖୋରାକ୍ ଯୋଗାଉଛି ସହରର ବାତାବରଣ। ଯୁଆଡେ ଚାହିଁବ କୁଢକୁଢ ଆବର୍ଜନାରେ ଭର୍ତ୍ତି ହୋଇଛି ସହର। ଏହାସହିତ ଅଧିକାଂଶ ଡ୍ରେନ୍ର ଅବସ୍ଥା ଶୋଚନୀୟ ହୋଇପଡିଥିଲେ ବି ଏହା ଉପରେ ବିଏମ୍ସିର ନିଘା ନାହିଁ। କେତୋଟି ମାତ୍ର ସ୍ଥାନରେ ସଫାସୁତୁରା କରି, ମଶାତେଲ ପକାଇ ବିଏମ୍ସି ନିଜର ପ୍ରଚାର କରିବାରେ ବ୍ୟସ୍ତ ଥିବାବେଳେ ସହରର ବାସ୍ତବ ଚିତ୍ର କିଛି ଭିନ୍ନ କଥା କହୁଛି। ପ୍ରତିବର୍ଷ ଡେଙ୍ଗୁ ସଂକ୍ରମଣରେ ଭୁବନେଶ୍ୱର ଆଗରେ ରହୁଛି। ମାତ୍ର ବିଏମ୍ସି ଏଯାଏ ଡେଙ୍ଗୁମୁକ୍ତ ସହର ପାଇଁ ସେପରି ସଫଳ, ଦୃଢ଼ ତଥା ସୁବ୍ୟବସ୍ଥିତ ପଦକ୍ଷେପ ଗ୍ରହଣ କରିପାରି ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।




ରସୁଲଗଡ଼ ଛକସ୍ଥିତ ପଳାଶୁଣି ସ୍କୁଲ ପାଚେରି ପାର୍ଶ୍ୱରେ ରଖାଯାଇଥିବା ଅଳିଆ ଟ୍ରଲି



ସତ୍ୟନଗର ନିକଟ ଜନପଥକୁ ଲାଗି ରହିଥିବା ଖୋଲା ନାଳ



ବିଏମ୍ସି ଅଫିସ୍ ନିକଟରେ ଗଦା ହୋଇ ରହିଥିବା ଆବର୍ଜନା।





ସତ୍ୟନଗର ଦେଇ ଯାଇଥିବା ନାଳରେ ଆର୍ବଜନା ପଡୁଛି।




ଦୟାୱେଷ୍ଟ୍ କେନାଲର ବିଭିନ୍ନ ସ୍ଥାନର ସ୍ଥିତି

# ଆବର୍ଜନାମୟ ମାର୍କେଟ ବିଲ୍ଡିଂ

- ସ୍ଥାୟୀ, ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ତୁତୁନି ବିବାଦ
- ଅଳିଆ ସଫା କରୁନି ମାର୍କେଟ ଆସୋସିଏଶନ୍

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ୟୁନିଟ-୨ ମାର୍କେଟ ବିଲ୍ଡିଂ ସ୍ଥିତି ଏବେ ଦୟନୀୟ ହୋଇପଡିଛି। ସବୁଠି ଅଳିଆ ଭର୍ତ୍ତି ହୋଇଥିବାବେଳେ ମାର୍କେଟ ଆସୋସିଏଶନ୍ ପକ୍ଷରୁ ସଫେଇ କାର୍ଯ୍ୟ ବନ୍ଦ ରହିଛି। ଅସ୍ଥାୟୀ ବ୍ୟବସାୟୀମାନେ ବସୁଥିବା ସ୍ଥାନକୁ ସଫା ନକରି ଚାଲିଯାଉଛନ୍ତି। ଫଳରେ ଏଣେତେଣେ ସବୁଠି ବର୍ଜ୍ୟ ପଡି ରହୁଛି। ପୂର୍ବରୁ ପ୍ରତ୍ୟେକ ଦିନ ମାର୍କେଟ ଆସୋସିଏଶନ୍ ଏହି ଅଞ୍ଚଳକୁ ସଫା କରିଥାଏ। କିନ୍ତୁ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଲାଗି ଏବେ ଆସୋସିଏଶନ୍ ବର୍ଜ୍ୟ ସଫା କରୁନାହିଁ। ଦୁର୍ଗନ୍ଧରେ ନାକ ଫାଟିପଡୁଥିବାରୁ ମାର୍କେଟ ବିଲ୍ଡିଂ ସ୍ଥିତିକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆସୋସିଏଶନ୍ ସଭାପତି ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ମାର୍କେଟ ବିଲ୍ଡିଂରେ ଦେଖାଦେଇଥିବା ବିବାଦ ସମ୍ପର୍କରେ ଆସୋସିଏଶନ୍ ବିଏମସି କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲା। ୭ ଦିନ ମଧ୍ୟରେ ସେ ନିଜେ ମାର୍କେଟକୁ ଆସି ସ୍ଥିତି ଯାଞ୍ଚ କରିବା ସହ ସ୍ଥାୟୀ ବ୍ୟବସାୟୀଙ୍କ ଅଭିଯୋଗ ଶୁଣିବେ ବୋଲି କହିଥିଲେ। ମାତ୍ର ପ୍ରତିଶ୍ରୁତିକୁ ମାସେ ବିତିଥିଲେ ମଧ୍ୟ କମିଶନରଙ୍କର ପାଦ ମାର୍କେଟ ବିଲ୍ଡିଂରେ ପଡିନାହିଁ। ମାର୍କେଟ ବିଲ୍ଡିଂ କର୍ତ୍ତୃପକ୍ଷ ବିଏମସିକୁ ଟିକସ ଦେଉଛନ୍ତି। ତେଣୁ ବିଏମସି ତା'ର ସେବା ପ୍ରଦାନ କରିବା ଜରୁରୀ, ମାତ୍ର ମାର୍କେଟବିଲ୍ଡିଂ ପାଇଁ ବିଏମସି ନିଦାବିଷ୍ଟ ପାଲଟିଯାଇଛି। ଅପରପକ୍ଷେ ମାର୍କେଟ ସଫା ହେଉ ନ ଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିବା ସହ ମୁହଁ ଫେରାଇ ନେଉଛନ୍ତି। ତେଣୁ ଏନେଇ ରବିବାର ଆସୋସିଏଶନ୍ ସଦସ୍ୟଙ୍କ ମଧ୍ୟରେ ଏକ ବୈଠକ ବସିବାର ଥିଲା। ମାତ୍ର କିଛି ଜରୁରୀ କାରଣବଶତଃ ଏହାକୁ ଆସନ୍ତା ବୁଧବାର ଯାଏ ଘୁଞ୍ଚାଇ ଦିଆଯାଇଛି। ଯଦି ଆସନ୍ତା ବୁଧବାର ମଧ୍ୟରେ ବିଏମସି କର୍ତ୍ତୃପକ୍ଷ ମାର୍କେଟ ବିଲ୍ଡିଂ ସ୍ଥିତିକୁ ନେଇ କିଛି ପଦକ୍ଷେପ ନ ନିଅନ୍ତି, ତେବେ ବୁଧବାର ମାର୍କେଟ ଆସୋସିଏଶନ୍ ତାର ବିକଳ୍ପ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାର୍କେଟବିଲ୍ଡିଂ ପରିସରରେ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଚାଲିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡିପାରୁ ନାହିଁ। ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ତୁ ତୁ ମେଁ ମେଁ ଜାରି ରହିବା ସହ ସ୍ଥିତି ବିଗିଡିବାରେ ଲାଗିଛି। ବିଏମ୍ସି ଥରକୁ ଥର ଉଠାଦୋକାନୀଙ୍କୁ ସେଠାରୁ ହଟାଉଛି ସତ, କିନ୍ତୁ ପୁନର୍ବାର ସେମାନେ ସେଠାରେ ବ୍ୟବସାୟ କରୁଛନ୍ତି, ଯାହାକୁ ନେଇ ବିଏମ୍ସିର ପାରିବା ପଣିଆକୁ ଆସୋସିଏସନ୍ପକ୍ଷରୁ ପ୍ରଶ୍ନ କରାଯାଇଛି।





# ଉତ୍କଳ ହସ୍ପିଟାଲ ପକ୍ଷରୁ ନ୍ୟାଶନାଲ ଡକ୍ଟର୍ସ ଡେ ପାଳିତ




ଭୁବନେଶ୍ୱର,୨।୭: (ଅଭୟ ଦାଶ): ରାଜ୍ୟର ପ୍ରମୁଖ ଘରୋଇ ମଲ୍ଟିସ୍ପେଶାଲିଟି ହେଲ୍ଥ କେୟାର ୟୁନିଟ୍ ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ମଧ୍ୟରେ ନ୍ୟାଶନାଲ ଡକ୍ଟର୍ସ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ହସ୍ପିଟାଲର ଏମଡି ଡ. ପ୍ରଜ୍ଞାନ ରଞ୍ଜନ ଘଡେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହସ୍ପିଟାଲର ସିଇଓ ଡା. ଆଶିଷ ଚନ୍ଦ୍ରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ହସ୍ପିଟାଲର ଚେୟାରମ୍ୟାନ ତଥା ବିଶିଷ୍ଟ ଇନଭାସିଭ କାର୍ଡିଓଲୋଜିଷ୍ଟ ଡା. ଆଦିତ୍ୟ କୁମାର ସାମଲ ଏବଂ ଡାଇରେକ୍ଟର ଡା. କଲ୍ୟାଣ କୁମାର ରଥ ଆମେରିକାରୁ ଭିସି ଜରିଆରେ ଯୋଗ ଦେଇ ହସ୍ପିଟାଲର ସମସ୍ତ ଚିକିତ୍ସକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅପରପକ୍ଷରେ ଉତ୍କଳ ହସ୍ପିଟାଲ ପକ୍ଷରୁ ଏକ ସ୍ୱତନ୍ତ୍ର ସୁବିଧା ସହ ରୋଗୀମାନଙ୍କୁ ମାଗଣା ବହିଃରୋଗ ସେବା ସବୁ ବର୍ଗଙ୍କୁ ଯୋଗାଇ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ହସ୍ପିଟାଲର କାର୍ଡିଓଲୋଜି, ନ୍ୟୁରୋଲୋଜି, ପଲ୍ମୋନୋଲୋଜି, ଅଙ୍କୋଲୋଜି, ଗାଇନକୋଲୋଜି, ଅପଥାଲ୍ମୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଜେନେରାଲ ସର୍ଜରି, ଜେନେରାଲ ମେଡ଼ିସିନ ଏବଂ ଆହୁରି ଅନେକ ବିଭାଗର ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଉକ୍ତ ସୁବିଧାକୁ ହସ୍ପିଟାଲର ଶତାଧିକ ବିଭିନ୍ନ ବର୍ଗର ରୋଗୀମାନେ ମାଗଣାରେ ପାଇପାରିଥିଲେ।

# 'ସର୍ଜନଶୀଳ ବ୍ୟକ୍ତି ହିଁ ସମାଜର ପରିବର୍ତ୍ତନ ଆଣିପାରିବେ'

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨।୭(ଅନୁରାଧା ମହାରଣା)

ଆମ ଦେଶର ମୂଳ ସଂସ୍କୃତି ସମଗ୍ର ମାନବ ଜାତିର ବିକାଶ ଉପରେ ପର୍ଯ୍ୟବସିତ। ସର୍ଜନଶୀଳ ବ୍ୟକ୍ତିମାନେ ହିଁ ସମାଜର ପରିବର୍ତ୍ତନ ଆଣିପାରିବେ ବୋଲି ଗୋଆ ରାଜ୍ୟପାଳ ପିଏସ୍ ଶ୍ରୀଧରନ ପିଲାଇ କହିଛନ୍ତି। ରବିବାର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ର ୧୭ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଇ କହିଲେ, ବିବେକାନନ୍ଦଙ୍କ ମତରେ ଶିକ୍ଷା ହେଉଛି ପୂର୍ଣ୍ଣତାର ପରିପ୍ରକାଶ। କିଟ୍ ଓ କିସ୍ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ ସମୟର ଅନୁଭୂତି ବଖାଣିଥିଲେ। କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାଶନାଲ ଏହି ୧୭ବର୍ଷ ମଧ୍ୟରେ ଅନେକ କିଛି ସଫଳତା ହାସଲ କରିପାରିଛି। ସ୍କୁଲର ସଫଳତା ପାଇଁ ସାମନ୍ତ ସ୍କୁଲର ଚେୟାରପର୍ସନ, ଅଧ୍ୟକ୍ଷ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଗୋଆ ରାଜ୍ୟପାଳଙ୍କ ସ୍ତ୍ରୀ ରିତା ଶ୍ରୀଧରନ୍ ପିଲାଇ, କିଟ ଓ କିସ୍ର ସଭାପତି ଶାଶ୍ୱତୀ ବଳ ଓ ସ୍କୁଲ୍ର ଇଣ୍ଟରନ୍ୟାଶନାଲ ପାଠ୍ୟକ୍ରମ ମୁଖ୍ୟ ରୋରି ମାକନାମାରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟର ଛାତ୍ର କ୍ୟାବିନେଟ ଶପଥ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଗୋଆ ରାଜ୍ୟପାଳ ପିଏସ୍ ଶ୍ରୀଧରନ ପିଲାଇ ଓ ଅନ୍ୟଅତିଥିମାନେ।

# ଗଣ୍ଡମୁଣ୍ଡା ବିଦ୍ୟାଳୟରେ ପରିବେଶ ସଚେତନତା



କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଉଛନ୍ତି।

ଭୁବନେଶ୍ୱର,୨।୭(ଅନୁରାଧା ମହାରଣା): ଗଣ୍ଡମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନାଲୋକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରୀଛାତ୍ର ଓ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସର ପରିଷ୍କାର କରାଯାଇଥିଲା। ପରେ ବିଭିନ୍ନ ପ୍ରକାରର ଚାରା ଲଗାଯିବା ପରେ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇଥିଲା। ପରିବେଶକୁ ସ୍ୱାସ୍ଥ୍ୟକର ରଖିବା ପଦ୍ଧତି ଓ ଏହାର ଉପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହିମାଂଶୁ ଶେଖର ରାଉତ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଆଇନ୍ ମହାବିଦ୍ୟାଳୟ ଅଧ୍ୟାପକ ଡ. ଗିରିଶ ରଞ୍ଜନ ସାହୁ, କଟକସ୍ଥିତ ଉଇ କେୟାରର ନିର୍ଦ୍ଦେଶକ ସୋଲୋମନ ମହାରଣା, ସୋସିଆଲ ଆଲ୍ଫାର ରାଜ୍ୟ ସଂଯୋଜକ ମାନସ ରଞ୍ଜନ ଦାସ ଓ ନୟାଗଡ଼ ଗ୍ରୀନ୍ କ୍ଲବର ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୟାଗଡ ଜିଲାର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରି ପରିବେଶ ସଚେତନତା ସୃଷ୍ଟି କରୁଥିବା ଗ୍ରୀନ କ୍ଲବ୍ର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନାଲୋକ ଅଧ୍ୟକ୍ଷ ତଥା ସମାଜ ସେବୀ ଡ. ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ଅବସର ପରେ ଶୋଭାଯାତ୍ରାରେ ବାସଭବନକୁ ଗଲେ ଶିକ୍ଷକ**

ଏକ ନିଆରା ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଦେଖିବାକୁ ମାହାଙ୍ଗା ବ୍ଲକ ଇଟାମୁଣ୍ଡଳୀ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ବୁଢ଼ୀ ଜାଗୁଳାଇ ବିଦ୍ୟାପୀଠର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଶନିବାର ଚାକିରିରୁ ଅବସର ନେଲାପରେ ତାଙ୍କୁ ଏକ ପଟୁଆର ନିଆଯାଇ ବାଣ ଓ ବାଜା ବଜେଇ ଏକ ସୁସଜ୍ଜିତ ରଥରେ ଅଞ୍ଚଳ ପରିକ୍ରମା କରାଯାଇ ବାସଭବନରେ ଛଡ଼ାଯାଇଥିଲା। ଦାସ ଏହି ବିଦ୍ୟାଳୟରୁ ୧୯୮୯ ମସିହାରୁ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। ଜଣେ ଦାୟିତ୍ୱବାନ ଶିକ୍ଷକ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଖ୍ୟାତି ଅର୍ଜନ କରିବା ସହ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପ୍ରିୟଭାଜନ ହୋଇପାରିଥିଲେ।

## ସଂକ୍ଷେପରେ

### ଘରୁ ଚୋରି ଅଭିଯୋଗରେ ଯୁବକ ଗିରଫ

ସାଲେପୁର,୨।୭(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ ମହନାପୁର ଗ୍ରାମର ବିଜୟ ସାମଲଙ୍କ ଘରୁ ଗତ ୩୦ତାରିଖ ରାତିରେ ଆଲ୍‌ମିରା ଭାଙ୍ଗି ସୁନା,ରୂପା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନିଆଯାଇଥିଲା। ଏହି ଘଟଣାରେ ଫାଣ୍ଡି ପୋଲିସ କେନ୍ଦ୍ରାପଡ଼ା ଅଞ୍ଚଳର ବିନୀତ କୁମାର ଲେଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୧୮୫/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ସୁନା ଚେନ୍ ଓ ଶାବଳ ଜବତ କରାଯାଇଛି ବୋଲି ଜପକୁଦ ଫାଣ୍ଡି ପୋଲିସ ଅଧିକାରୀ ମାନସ କୁମାର ମିଶ୍ର ପ୍ରକାଶ କରିଛନ୍ତି।

### ମିଶନ ଶକ୍ତି ପରାମର୍ଶଦାତାଙ୍କ ୨ ପଞ୍ଚାୟତ ପରିଦର୍ଶନ

ନିଶ୍ଚିନ୍ତକୋଇଲି,୨।୭(ଅଶୋକ କୁମାର ମହାପାତ୍ର)- ମିଶନ ଶକ୍ତିର ପରାମର୍ଶଦାତା ଲୋପାମୁଦ୍ରା ବକ୍ସିପାତ୍ର ଶନିବାର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସିଥିଲେ। ତାଙ୍କ ସହ ଜିଲା ପ୍ରକଳ୍ପ ଅଧିକାରିଣୀ ସ୍ୱାଗତିକା ପରିଡା ମଧ ସାମିଲ ହୋଇଥିଲେ। ପ୍ରଥମେ ଲୋପାମୁଦ୍ରା କେନ୍ଦୁପାଟଣା ପଞ୍ଚାୟତ ଗସ୍ତ କରି କଳ୍ପବଟ ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏଥିସହ ପଞ୍ଚାୟତରେ ହେଉଥିବା ମିଶନ ଶକ୍ତି ଗୃହ ବୁଲି ଦେଖିଥିଲେ। ପରେ ଫଙ୍ଗୋଳ ପଞ୍ଚାୟତରେ ପହଞ୍ଚି ଜୟ ହନୁମାନ ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିବା କୁକୁଡା ଫାର୍ମ ପରିଦର୍ଶନ କରି ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ନବ ନିର୍ମିତ ମିଶନ ଶକ୍ତି ଗୃହ ବୁଲି ଦେଖିଥିଲେ। ବ୍ଲକ ସମ୍ମୁଖରେ ଏକ କାଫେ ଗଠନ ପାଇଁ ବ୍ଲକସ୍ତରୀୟ ମହାସଂଘ ସଭାପତି କନକଲତା ଭୂୟାଁ ଓ ସମ୍ପାଦକ ସତ୍ୟଭାମା ନାୟକଙ୍କୁ ଲୋପାମୁଦ୍ରା ପରାମର୍ଶ ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ବ୍ଲକ ପ୍ରକଳ୍ପ ମ୍ୟାନେଜର ତନୁଜା ସାହୁ ଓ ମିଶନ ଶକ୍ତିର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଜାତୀୟ ଡାକ୍ତର ଦିବସ

ଚୌଦ୍ୱାର,୨।୭(ଆଶୁତୋଷ ଦାସ)- ଚୌଦ୍ୱାର ରୋଟାରୀ କ୍ଲବ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି କ୍ଷିତୀନ୍ଦ୍ର ନାଥ କାନୁନ୍‌ଗୋଙ୍କ ଅଧକ୍ଷତାରେ କପାଳେଶ୍ୱର ସାଇବିହାରସ୍ଥିତ ରୋଟାରୀ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ବିଚିତ୍ରାନନ୍ଦ ସ୍ୱାଇଁ, ରୋଟାରୀ ଆସିଷ୍ଟାଣ୍ଟ ଗଭର୍ନର ମନୋରଞ୍ଜନ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ଦିଗରେ ଡାକ୍ତରମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡା. ଶରତ କୁମାର ସିଂ, ସ୍ୱୟଂକାନ୍ତ ବିଶୋଇ, ସୁଶ୍ରୀ ଜଗଦେବ, ଅନୁପମା ଦାଶ, ଆଶିଷ କୁମାର ସ୍ୱାଇଁ, ଡା. ପ୍ରାର୍ଥନା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ଶ୍ରାବଣୀ ବନ୍ଦୋପାଧ୍ୟାୟ ସ୍ୱାଗତ ଭାଷଣ, ଶରତ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ଜୟଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ଜୟଶ୍ରୀ ମହାନ୍ତି, ବିଶ୍ୱକଲ୍ୟାଣ ଦାସ, ପ୍ରତାପ ଶତପଥୀ ଓ ସଞ୍ଜିତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିର୍ମାଣକୁ ୨ ମାସ ପୂରିଲାନି: ରାସ୍ତା ଫାଟିଲା

**ଗୋକନ-ବଇଁଚୁଆ -ପଲ୍ଲିସାହି ଗ୍ରାମ ଉନ୍ନୟନ ରାସ୍ତା**

- ମଞ୍ଜୁର ହୋଇଛି ୫.୩୧ କୋଟି
- ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଲା

ମାହାଙ୍ଗା,୨।୭(ଯଯାତି ସିଂହ)

ସରକାର ଗ୍ରାମାଞ୍ଚଳରେ ଲୋକମାନଙ୍କ ଗମନାଗମନର ସୁବିଧା ନିମନ୍ତେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ଉନ୍ନତୀକରଣ କରୁଛନ୍ତି । ତେବେ ରାସ୍ତା ନିର୍ମାଣର କିଛି ଦିନ ମଧ୍ୟରେ ଅନେକ ସ୍ଥାନରେ ଏହା ଭାଙ୍ଗିରୁଜି ଯାଉଛି। ଏହାର ଉଦାହରଣ ମାହାଙ୍ଗା ବ୍ଲକରେ ଦେଖିବାକୁ ମିଳିଛି। ଏହି ବ୍ଲକର ମାହାଙ୍ଗା ଗ୍ରାମରେ ଗୋକନ-ବଇଁଚୁଆ -ପଲ୍ଲିସାହି ଭାୟା ଆଦର୍ଶ ବିଦ୍ୟାଳୟ ରାସ୍ତା ନିର୍ମାଣ ଓ ଉନ୍ନତୀକରଣ କାର୍ଯ୍ୟ ଚାଲୁଛି । ମାତ୍ର ଠିକାଦାର କାର୍ଯ୍ୟ ଅଧାରୁ ବନ୍ଦ କରିଦେଇଛି। ସେହିପରି ଆଦର୍ଶ ବିଦ୍ୟାଳୟ -ମୁରଲିଛକ ରାସ୍ତାରେ ୨ ମାସ ପୂର୍ବେ ପିଚୁ କାର୍ଯ୍ୟ କରାଯାଇଥିଲା। ମାତ୍ର ଅଳ୍ପ ଦିନ ମଧ୍ୟରେ ରାସ୍ତାର ଓଷଙ୍ଗ ସ୍କୁଲ ନିକଟ ଉଭୟ ପାର୍ଶ୍ୱରେ ପିଚୁ ଉଠିଯାଇଛି। ଏହା ଦବିଯାଇ ଫାଟି ଆଁ କରିଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିମ୍ନମାନର କାମଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଥିବା କୁହାଯାଉଛି।

ପ୍ରକାଶ ଯେ, ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗତ ୨୭।୩।୨୨ରେ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ । ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୯ କିମି ରାସ୍ତା ପାଇଁ ୫ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ଥିଲା। କିନ୍ତୁ ଏହି କାର୍ଯ୍ୟର ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ଆଦର୍ଶ ବିଦ୍ୟାଳୟଠାରୁ ମୁରଲିଛକ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଗତ ୨ ମାସ ହେବ ସରିଥିବାବେଳେ ପଲ୍ଲିସାହି-ଗୋକନ-ବଇଁଚୁଆ ରାସ୍ତା ନିର୍ମାଣ କାର୍ଯ୍ୟକୁ ସମ୍ପୃକ୍ତ ଠିକାଦାର ଅଧାପନ୍ତରିଆ କରି ବନ୍ଦ କରିଦେଇଛି। ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନିର୍ମାଣ ହୋଇଥିବା ରାସ୍ତାରେ ପିଚୁ କାର୍ଯ୍ୟ ପରେ ଠିକ୍ ଭାବରେ ରୋଲିଂ ନ ହେବାରୁ ବିଭିନ୍ନ ସ୍ଥାନରେ ସମତୁଲ ହୋଇ ନପାରି ଫାଟି ଯାଇଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ କଟକ ଜିଲା ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସାହୁ କୁହନ୍ତି, ଏ ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ସେହିପରି ଅର୍ଦ୍ଧ ନିର୍ମିତ ହୋଇପଡି ରହିଥିବା ରାସ୍ତାକାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସାହୁ କହଛନ୍ତି।


ଗୋକନ-ବଇଁଚୁଆ ରାସ୍ତାରୁ ପିଚୁ ଉଠିଯାଇଛି ।

# ମୁଣ୍ଡଦେଉଳ ସ୍ମାରକୀ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କିତ ଆଲୋଚନା


ରାଣୀ ଶୁକଦେଇ ସ୍ମୃତି ପରିଷଦର ସଦସ୍ୟ ଓ ଅନ୍ୟମାନେ ମୁଣ୍ଡଦେଉଳର ଭଗ୍ନାଂଶକୁ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି ।

ବାଙ୍କୀ,୨।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଖୋର୍ଦ୍ଧା ରଣକ୍ଷେତ୍ରସ୍ଥିତ କୁଶୁପଲ୍ଲାଠାରେ ବାହାଗନ୍ ତୋଟାସ୍ଥିତ ମୁଣ୍ଡଦେଉଳର ଭଗ୍ନାଂଶକୁ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରାଣୀ ଶୁକଦେଇ ସ୍ମୃତି ପରିଷଦର ସଦସ୍ୟମାନେ ବୁଲି ଦେଖିବା ସହ ଗ୍ରାମ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ସ୍ମୃତି ପରିଷଦର ଉପସଭାପତି ବ୍ରଜବନ୍ଧୁ ପାଲ ଏହାର ନେତୃତ୍ୱ ନେଇଥିଲେ। ଖୋର୍ଦ୍ଧା ଓ ବାଙ୍କୀ ବୀର ସୈନିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଣୀ ଶୁକଦେଇ ଏହି ମୁଣ୍ଡଦେଉଳ ନିର୍ମାଣ କରିଥିଲେ। ଏହାର ଭଗ୍ନାଂଶ ଏଠାରେ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ରାଣୀ ଶୁକଦେଇ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧାପକ ମନୋଜ କୁମାର ମହାପାତ୍ର, ସୁବାସ ଚନ୍ଦ୍ର ପ୍ରହରାଜ, ନୀଳମାଧବ ମିଶ୍ର, ବାଙ୍କୀ ଗଡ଼ ରାଜବଂଶର ଦାୟଦ ଜିତେନ୍ଦ୍ର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମୁଣ୍ଡଦେଉଳ ସ୍ମାରକୀ ଆସନ୍ତା ଭାଗବତ ଜନ୍ମତିଥି ତଥା ରାଣୀ ଶୁକଦେଇଙ୍କ ଜନ୍ମ ଦିବସରେ ଲୋକାର୍ପଣ ହେବ ବୋଲି ପରିଷଦର ସମ୍ପାଦକ ପ୍ରାଧାପକ ମହାପାତ୍ର ଉଲ୍ଲେଖ କରିଛନ୍ତି। ଆଲୋଚନାରେ କୁଶପଲ୍ଲା ଗ୍ରାମ୍ୟ କମିଟିର ସଭାପତି ଏମ୍. ଡି.ମଇଉଦ୍ଦିନ୍ ମହମଦ୍ , ଆଜମତ୍ ଖାଁ, ଐଶ୍ୱନୀ ମହାପାତ୍ର, ଦୟାନ୍ ଖାନ୍, ସୁନୀଲ୍ କୁମାର ଦଳବେହେରା ଓ ଲଡୁକେଶରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଐତିହ୍ୟର ଚାରିପଟେ ପାଚେରୀ ନିର୍ମାଣ, ଉଦ୍ୟାନ ନିର୍ମାଣ ଓ ଏକ ସ୍ମାରକୀ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ବୋଲି କୁଶୁପଲ୍ଲା ଗ୍ରାମ୍ୟ କମିଟି ସଭାପତି ମଇଉଦ୍ଦିନ୍ ମହମ୍ମଦ ପ୍ରକାଶ କରିଛନ୍ତି।

# ନିଶ୍ଚିନ୍ତକୋଇଲିକୁ ମୋ ବସ ଚଳାଚଳ ପାଇଁ ଦାବି


ନିଶ୍ଚିନ୍ତକୋଇଲିରେ ଲୋକେ ବସ୍‌କୁ ଅପେକ୍ଷା କରିଛନ୍ତି ।

ନିଶ୍ଚିନ୍ତକୋଇଲି,୨।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲିକୁ ମୋ ବସ ଚଳାଚଳ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଠାକାର ବଜାର ଉପରେ ନିଶ୍ଚିନ୍ତକୋଇଲି ସମେତ ମାହାଙ୍ଗା, ଡେରାବିଶ ବ୍ଲକର ବହୁ ଲୋକେ ନିର୍ଭରଶୀଳ। ନିଶ୍ଚିନ୍ତକୋଇଲିରେ ୨ ଟି ମହାବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ବିଦ୍ୟୁତ୍ ସବଡିଭିଜନ ଅଫିସ, ଥାନା ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ ସମେତ ବହୁ ସରକାରୀ ଦପ୍ତର ଏବଂ ବେସରକାରୀ ସ୍କୁଲ, କଲେଜ, ବୈଷୟିକ ଅନୁଷ୍ଠାନ, ଏକାଧିକ ଜାତୀୟକରଣ ବ୍ୟାଙ୍କ ରହିଛି। ଦୈନନ୍ଦିନ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଶହ ଶହ ଯାତ୍ରୀ ଯାତାୟାତ କରିଥାନ୍ତି। ମାତ୍ର ଏହି ସ୍ଥାନକୁ ଠିକ୍ ସମୟରେ ଓ ନିୟମିତ ଭାବେ ବେସରକାରୀ ବସ ଆସୁ ନାହିଁ। ଏନେଇ ଲୋକେ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ସରକାରଙ୍କ ପ୍ରଦତ୍ତ ମୋ ବସ ସେବା ସାଲେପୁର ପର୍ଯ୍ୟନ୍ତ ଆସୁଥିଲା ବେଳେ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଆସୁନାହିଁ। ଏନେଇ ସରକାରଙ୍କ ତରଫରୁ ନିଶ୍ଚିନ୍ତକୋଇଲିକୁ ମୋ ବସ ସେବା ଯୋଗାଇଦେବା ନିମନ୍ତେ ବରିଷ୍ଠ ନାଗରିକ ଧ୍ରୁବଚରଣ ମହାପାତ୍ର,ବିଜୟ କୁମାର ସାହୁ,ପୂର୍ବତନ ସରପଞ୍ଚ, ରବୀନ୍ଦ୍ର ନାଥ ସେଠୀ ସମେତ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ୪୬ନଂ ଜୋନ୍ ବିଜେଡି ଯୁବ ଛାତ୍ର ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ସାଲେପୁର,୨।୭(ଅରବିନ୍ଦ ଭୂୟାଁ)

ସାଲେପୁର ବିଜେଡିର ୪୬ନଂ ଜୋନ୍ ସ୍ତରୀୟ ଯୁବଛାତ୍ର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟ କାରିଣୀ ବୈଠକ ସାଲେପୁର ମଧୁମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ଓ ଛାତ୍ରମାନଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲ। ସେହିପରି ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟକୁ ଓ ବିକାଶର ବାର୍ତ୍ତା ସବୁଘରେ ପହଞ୍ଚାଇବାକୁ ସେ କହିଥିଲେ। ସାଲେପୁର ବ୍ଲକ୍ ଛାତ୍ର ବିଜେଡିର ଉପସଭାପତି ଅନିଲ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ନେତା ନବ କିଶୋର କର, ପୂର୍ବତନ ଜିଲାପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ସରପଞ୍ଚ ଅଶୋକ ଭୂୟାଁ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ସରପଞ୍ଚ ପବିତ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସମିତିସଭ୍ୟ ବିଭୁତିଭୂଷଣ ଦାଶ, ସୌମ୍ୟରଞ୍ଜନ ମଲ୍ଲ, ଚନ୍ଦ୍ରାଦେଇପୁର ସମିତିସଭ୍ୟାଙ୍କ ପ୍ରତିନିଧି ଅଶ୍ୱିନୀ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ଚିକିତ୍ସା ଦିବସରେ ଚିକିତ୍ସକଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୨।୭(ଅରବିନ୍ଦ ଭୂୟାଁ)

ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପା ଆନୁକୂଲ୍ୟରେ ଜାତୀୟ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିକିତ୍ସକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସ, ମେଡିକାଲ ଅଫିସର ଡାକ୍ତର ରଘୁନାଥ ବେହୁରା, ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରର ବିଭାଗୀୟ ମୁଖ୍ୟ ଡାକ୍ତର ମିତା ମହାପାତ୍ର, ଡେଣ୍ଟାଲ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଆଶିଷ କୁମାର ବାରିକ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ ଓ ଏସ୍‌ସିବି ରକ୍ତଭଣ୍ଡାରର ଡାକ୍ତର ସବିତା ବେହେରା ପ୍ରମୁଖଙ୍କୁ ଉତ୍ତରୀୟ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ୍ ଅଫ୍ ବିରୂପାର ସମ୍ପାଦିକା ସୀମା ଲେଙ୍କା, ସଭ୍ୟ ବିଶ୍ୱରଞ୍ଜନ ନାଥ, ଦେବବ୍ରତ ଜେନା ଓ ମୋନାଲିସା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ଜାତୀୟ ଚିକିତ୍ସା ଦିବସରେ ସମ୍ବର୍ଦ୍ଧିତ ହୋଇଥିବା ଚିକିତ୍ସକମାନେ ।

# ଛାତ୍ରଙ୍କ ଉଚ୍ଚ ଶିକ୍ଷାରେ ଅର୍ଥ ସାଜିଛି ବାଧକ

**ଯୁକ୍ତ ୩ରେ ଓଡିଆ ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି**

ନିଶ୍ଚିନ୍ତକୋଇଲି,୨।୭ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ଅନ୍ତର୍ଗତ ଦେମାଣ୍ଡୋ ଗ୍ରାମର ଜଣେ ମେଧାବୀ ଛାତ୍ରଙ୍କ ଉଚ୍ଚ ଶିକ୍ଷାରେ ଅର୍ଥ ବାଧକ ସାଜିଛି। ସେ ହେଲେ ହରେକୃଷ୍ଣ ସାହୁଙ୍କ କନିଷ୍ଠ ପୁତ୍ର ଭାସ୍କର ସାହୁ । ସେ ସ୍ଥାନୀୟ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୩ ସ୍ନାତକରେ ଓଡିଆ ସମ୍ମାନରେ କଲେଜରେ ସର୍ବୋଚ୍ଚ ନମ୍ବର ରଖି ସମ୍ବର୍ଦ୍ଧିତ ହୋଇଛନ୍ତି। ମାତ୍ର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଆଗକୁ କିପରି ପଢ଼ିବେ ସେନେଇ ଚିନ୍ତିତ ଅଛନ୍ତି। ବାପା ହରେକୃଷ୍ଣ ସାହୁ ଜଣେ ଗରିବ ଚାଷୀ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ପରିବା ବିକ୍ରି କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରନ୍ତି। ମା' ଘରେ ଛେଳି ଚାଷ କରନ୍ତି। ୨ ପୁଅକୁ ନେଇ ଏହି ପରିବାର ଟଙ୍କା ଅଭାବରୁ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ମହାବାତ୍ୟା ପୂର୍ବରୁ ୨୨ ହଜାର ଟଙ୍କାର ଏକ ଆବାସ ଯୋଜନା ଗୃହ ଯୋଗାଇ ଦିଆଯାଇଥିଲା। ଏହି ଟଙ୍କାରେ ହରେକୃଷ୍ଣ ଗୋଟିଏ ବଖରା ଗୃହ ନିର୍ମାଣ କରି ସେଠାରେ ପୁରା ପରିବାର ବସବାସ କରୁଛନ୍ତି। ତାଙ୍କ କନିଷ୍ଠ ପୁତ୍ର ଭାସ୍କର ଭଲ ପାଠ ପଢ଼ନ୍ତି। ପୂର୍ବରୁ ତାଙ୍କୁ ପ୍ରାକ୍ତନ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହିତ ପୂଜାରୀ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ କିଟ ବିଶ୍ୱ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରିଛନ୍ତି। ଭାସ୍କର ଏକାଧାରରେ ଜଣେ ଭଲ ଚିତ୍ରକର ହୋଇଥିବାବେଳେ ପ୍ରବନ୍ଧ ଲେଖି ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଭାସ୍କର ବହୁ ସମୟରେ ଘରୁ ଚାଲି ଚାଲି କିମ୍ବା ଗାଡିରେ ଲିଫ୍ଟ ମାଗି ୧୦ କିମିରୁ ଉର୍ଦ୍ଧ୍ୱ ସାଲେପୁର କଲେଜକୁ ଅଧ୍ୟୟନ କରିବା ନିମନ୍ତେ ଯାଇଥାନ୍ତି। ଆର୍ଥିକ ଅନାଟନ ଓ ବହୁ ବାଧାବିଘ୍ନ ସତ୍ତ୍ୱେ ସାହୁ ଦୈନିକ ୧୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଧ୍ୟୟନରେ ବିତାଇଥାନ୍ତି। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବ୍ୟସାୟ ନିକଟରେ ଶିକ୍ଷା ହାର ମାନିଛି। ନିକଟରେ କଲେଜ ତରଫରୁ ତାଙ୍କୁ ଶ୍ରେଷ୍ଠ ଛାତ୍ର ହିସାବରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ଏହି ସଫଳତା ପାଇଁ ସାହୁ ମା' ବାପା ,ମହାବିଦ୍ୟାଳୟର ଅଧ୍ୟକ୍ଷ,ଅଧ୍ୟାପକ,ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଜଣେ ଅଧ୍ୟାପକ ହୋଇ ଶିକ୍ଷାର ଆଲୋକ ବିତରଣ କରିବାକୁ ସାହୁ ଲକ୍ଷ ରଖିଛନ୍ତି। ଓଡିଆରେ ପିଜି କରିବା ନିମନ୍ତେ ତାଙ୍କର ପାଇଁ ଅର୍ଥ ବାଧକ ସାଜିଛି। କୌଣସି ସହୃଦୟ କିମ୍ବା ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ସେ ଉଚ୍ଚ ଶିକ୍ଷାଲାଭ କରିପାରିବେ ବୋଲି ଆଶାବାନ୍ଧି ରହିଛନ୍ତି।


ଭାସ୍କର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । (ଫାଇଲ୍ ଫଟୋ)

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୁଣ୍ଟୁଣୀ, ୨।୭(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ସାରକୋଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସର୍ବଭାରତୀୟ ଶିକ୍ଷକ ନେତା ପ୍ରତାପ କୁମାର ମହାପାତ୍ର, ପ୍ରଦୀପ ନାୟକ, ପ୍ରତାପ ଧଳ, ସୌଦାମିନୀ ମିଶ୍ର, ଶାନ୍ତିଲତା ଦାସ, ପ୍ରମୋଦିନୀ ମହାରଣା, ଭାରତ ଚରଣ ପତ୍ରୀଙ୍କ ସମେତ ବାଳି କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମ ମୁରବୀ ଯୋଗଦେଇ ବିଶ୍ୱାଳଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଶ୍ୱାଳଙ୍କ ଅବସର ଖବର ପାଇବା ପରେ ଉକ୍ତ ସଭାରେ ତାଙ୍କର ଶିକ୍ଷକ ସାଥୀ ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମୀଧର ନାୟକ ଓ ନବଘନ ନାୟକ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଅଞ୍ଚଳରୁ ଆସି ଯୋଗଦେଇଥିଲେ। ସୀତାରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାରକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷୟିତ୍ରୀ ପୁଷ୍ପଲତା ଦେଉରୀ ଧନ୍ୟବାଦ ଦେଇଥିଲେ।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

**ବନ ମହୋତ୍ସବ ସପ୍ତାହ**

ବଡ଼ମ୍ବା,୨।୭(ମାୟାଧର ମଲ୍ଲିକ):

ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀଶ୍ରୀ ସପ୍ତେଶର ଦେବଙ୍କ ମନ୍ଦିର ପାର୍ଶ୍ୱ ପାହାଡ଼ରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବଡ଼ମ୍ବା ବନବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ବଡ଼ମ୍ବା ସଦର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପରିଚାଳନାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବନରକ୍ଷୀ ସୋନାଲି ପୃଷ୍ଟି, ଉତ୍କଳ ରାଉତ ଓ ଶାନ୍ତନୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପାହାଡ଼ରେ କୃଷ୍ଣଚୁଡ଼ା, ରାଧା ଚୁଡ଼ା, ଅଁଳା ଓ ଆମ୍ବ ଆଦି ପ୍ରାୟ ୨୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଶଙ୍ଖାମେରୀ ଶ୍ରୀଶ୍ରୀ ସପ୍ତେଶର ସେବାସଂଘ ସଭାପତି ଜଗନାଥ ବିଶ୍ୱାଳ, ସମ୍ପାଦକ ତ୍ରିବିକ୍ରମ ନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ବାରିକ, ରଶ୍ମିରଞ୍ଜନ ମହାପାତ୍ର, ନୀଳମଣି ସାହୁ ଓ ରବୀନ୍ଦ୍ର କୁମାର ବାୟୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେବାସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ରବିବାର ବଡ଼ମ୍ବା ବ୍ଲକ ଅନ୍ତର୍ଗତ ନୂଆ ମଙ୍ଗରାଜପୁର ଗ୍ରାମଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଶ୍ରୀଶ୍ରୀ କ୍ଷେତ୍ରପାଳ ଗ୍ରାମ୍ୟ କମିଟି ମୁଖ୍ୟ କର୍ମକର୍ତ୍ତା ବଳଭଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବୃକ୍ଷ ହିଁ ଜୀବନ ବୋଲି ସେ ବକ୍ତବ୍ୟରେ କହିଥିଲେ। ବନ ବିଭାଗର ଉପରୋକ୍ତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ବିପୁଳ ଚାରାରୋପଣ ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ନିକଟସ୍ଥ ପଡ଼ିଆରେ ବିଭିନ୍ନ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଏକ ସପ୍ତାହ ବ୍ୟାପୀ ଚାଲିବାକୁ ଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଫରେଷ୍ଟର ସ୍ୱାଇଁ ସୂଚନା ଦେଇଥିଲେ।


ବଡ଼ମ୍ବା ବନବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବନକର୍ମଚାରୀ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜୁଲାଇ, ୨୦୨୩



# ସଂକ୍ଷେପରେ

## ବାଇକ୍‌କୁ ଧକ୍କାଦେଇ କ୍ୟାବିନ ଉପରେ ମାଡ଼ିଗଲା କାର୍



ବ୍ରହ୍ମଗିରି,୨।୭( ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ପୁରୀ-ସାତପଡ଼ା ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ କାର୍ ( ଓଡି ୫ପି ୭୪୧୪) ବାଇକକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଥିବା ଏକ କ୍ୟାବିନ ଉପରକୁ ମାଡ଼ିଯାଇଥିଲା। ଫଳରେ ବାଇକ୍ ଆରୋହୀ ଅନାଥ ମହାରଣା ଗୁରୁତର ହେବା ସହ କାର୍‌ରେ ଥିବା ଦୁଇ ଜଣ ଓ କ୍ୟାବିନ ମାଲିକ ବୃନ୍ଦାବନ ପୃଷ୍ଟି ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ସ୍ଥାନୀୟଲୋକେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ କ୍ୟାବିନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ରେଳଧାରଣା ପାର୍ଶ୍ୱରୁ ବୃଦ୍ଧଙ୍କ ମୃତଦେହ ଜବତ

ନିରାକାରପୁର,୨।୭(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ରେଳ ଫାଟକ ଉତ୍ତର ଦିଗ ପଟ ରେଳଧାରଣା ପାର୍ଶ୍ୱରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କର ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଘର ନିରାକାରପୁର ପଞ୍ଚାୟତ ମଞ୍ଜାରିଆ ପାଟଣା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ରେଳଧାରଣା ପାର୍ଶ୍ୱରେ ଏକ ମୃତଦେହ ଦୀର୍ଘସମୟ ଧରି ପଡ଼ିଥିଲେ ମଧ ରେଲୱେର କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରେଲୱେ ପୋଲିସ ପହଞ୍ଚି ନ ଥିଲା। ଖବରପାଇ ସମ୍ପର୍କୀୟମାନେ ପହଞ୍ଚି ବୃଦ୍ଧଙ୍କ ମୃତଦେହକୁ ଆଣିଥିଲେ। ଅନ୍ୟପକ୍ଷରେ କୌଣସି ଟ୍ରେନ୍ ଚାଳକ ମୃତ୍ୟୁ ମେମୋ ଦେଇ ନ ଥିବା ଷ୍ଟେଶନ ପରିଚାଳକ ଚିନ୍ମୟ ପରିଡା କହିଛନ୍ତି।

## ବୃଦ୍ଧ ନିଖୋଜ ନେଇ ଅଭିଯୋଗ

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମର ଜନାର୍ଦ୍ଦନ ଶ୍ରୀଚନ୍ଦନ(୯୦) ଗତ ୪ଦିନ ହେବ ନିଖୋଜ ଅଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ତାଙ୍କ ପୁଅ କୈଳାଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଅନୁସନ୍ଧାନ ଜାରି ରଖିବା ସହ ସମସ୍ତ ଥାନାକୁ ଅବଗତ କରାଇଛି। ଅନ୍ୟପକ୍ଷରେ ଗତ ୨୭ ତାରିଖ ସନ୍ଧ୍ୟାରେ ତାଙ୍କ ବାପା ବାହାରକୁ ଯାଇ ଆଉ ଫେରିନଥିଲେ ବୋଲି କୈଳାଶ କହିଛନ୍ତି।

## ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଗମ୍ଭାରୀମୁଣ୍ଡା,୨।୭(ଦିଲୀପ ସ୍ୱାଇଁ): ବାଣପୁର ବ୍ଲକ ଅନ୍ତର୍ଗତ ଅଲାଇଡ଼ିହ ପଦ୍ମଚରଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଜିତ୍ ବୋଷ୍‌ଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପତି, ଶରତ ଚନ୍ଦ୍ର ପଲେଇ, ବିଜୟ କୁମାର ମହାନ୍ତି, ସଞ୍ଜୀବ କୁମାର ପାଙ୍ଗଶାଣୀ, ଜୟନ୍ତ କୁମାର ବଳିଆରସିଂହ, ମୀନାକ୍ଷୀ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବୋଷ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ବିଦ୍ୟାଳୟର ବହୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୨୪ରୁ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନକ୍ରମେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଶିକ୍ଷକ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ୨୦୦୧ ମସିହାରୁ ପର୍ଯ୍ୟାୟକ୍ରମେ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ଓ ଶିକ୍ଷା ସହାୟକ ଭାବେ ୧୫୦୦ ଟଙ୍କାରେ ନିୟୋଜିତ କରିଥିଲେ। ବହୁ ଆନ୍ଦୋଳନ ପରେ ସେମାନଙ୍କୁ ୮ ଓ ୬ ବର୍ଷ ପରେ ସରକାରୀ ଶିକ୍ଷକ ମାନ୍ୟତା ଦିଆଗଲା। ଠିକା ଓ ଚୁକ୍ତିରେ ଉଚ୍ଚଶିକ୍ଷିତ ଯୁବତୀଯୁବକମାନେ କମ୍ ଟଙ୍କାରେ କାମ କରୁଛନ୍ତି। ସରକାର ଓଡ଼ିଶାରୁ ଠିକା ନିଯୁକ୍ତି ବାତିଲ କରାଗଲା ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ହେଲେ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ କରାଗଲାନାହିଁ। ୬ ବର୍ଷ ନିରବଚ୍ଛିନ୍ନ ଭାବେ ଠିକାରେ ଓ କମ୍ ପଇସାରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କୁ ମୂଳ ଚାକିରିରେ ଗଣନା କରାଯାଇନାହିଁ। ଏନେଇ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୨ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ୫୭ହଜାର କର୍ମଚାରୀଙ୍କ ଠିକା ଉଚ୍ଛେଦ କରି ୬ଟି ଇନ୍‌କ୍ରିମେଣ୍ଟ ସହ ନିୟମିତ ଘୋଷଣା କରିଥିବା ବେଳେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଠିକା ଉଚ୍ଛେଦ କରିନାହାନ୍ତି। ୨୦୧୭ ମସିହାରୁ ପ୍ରାଥମିକ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା +୨ ସିଟି ହୋଇଥିଲେ ମଧ୍ୟ ମୂଳ ଦରମା ୨୮୦୦

### ଶିକ୍ଷକ ସଂଘ ବୈଠକ

ଗ୍ରେଡ୍ ପେ' ଦିଆଯାଉନାହିଁ। ୨୦୧୭ ନଭେମ୍ବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରାଥମିକ ଶିକ୍ଷକଙ୍କୁ ୨୮୦୦ ଗ୍ରେଡ୍ ପେ' ମୂଳ ଦରମା ଦେବା ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ ୬ ବର୍ଷ ପରେ ବି ତାହା ପୂରଣ କରାଗଲାନାହିଁ। ୨୦୨୨ ନଭେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷକଙ୍କ ଗଣଧାରଣା ସହ ସରକାରଙ୍କୁ ୩ ଦଫା ଦାବି ପୂରଣ କରିବାକୁ ନିବେଦନ କରିଥିଲେ ମଧ ତାହା ପୂରଣ ହୋଇନାହିଁ। ଏପରିକି ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଗଲା ନାହିଁ। ପ୍ରାଥମିକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଠିକା ନିଯୁକ୍ତି ଉଚ୍ଛେଦ ସହ ସମସ୍ତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ୨୮୦୦ ଗ୍ରେଡ୍ ପେ' ହାରରେ ଦରମା, ପୁରୁଣା ପେନ୍‌ସନ ଲାଗୁ ଦାବି କରିଛନ୍ତି। ଦାବି ପୂରଣ ନିମନ୍ତେ କୌଣସି ପଦକ୍ଷେପ ନିଆ ନ ଯିବା ପ୍ରତିବାଦରେ ଆସନ୍ତା ୨୪ ତାରିଖରୁ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଦାବି ପୂରଣ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହିବେ। ଏତଦ୍‌ବ୍ୟତୀତ ସମସ୍ତ ପ୍ରାଥମିକ ଶିକ୍ଷକ ଡ୍ରେସ୍ କୋଡ୍ ବର୍ଜନ କରିବା ସହିତ ୨୪ ତାରିଖରୁ ବ୍ଲକ ଅଫିସ୍ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶିକ୍ଷକ ନେତା ଜିତ୍ ରଞ୍ଜନ ମହାପାତ୍ର, ଆକାଶ କୁମାର ମହାନ୍ତି, ଅମିୟ କୁମାର ପରିଡ଼ା, ବିଜୟଲକ୍ଷ୍ମୀ ପାଣି, ଦିବ୍ୟସିଂହ ସୁବୁଦ୍ଧି, ଜ୍ୟୋତିର୍ମୟୀ ନାୟକ, ପ୍ରତାପ ସ୍ୱାଇଁ, ପ୍ରହ୍ଲାଦ ମହାରଣା, ସତ୍ୟବ୍ରତ ଚମ୍ପତିରାୟ, ପୂର୍ଣ୍ଣଚନ୍ଦ୍ର ତରାଇ, କରୁଣାକର ସାହୁ, ରତ୍ନାବତି ସୁନ୍ଦରାୟ, ଅନିତାବାଳା ମହାପାତ୍ର, ସତ୍ୟଭାମା ସାହୁ, ଗୀତାଞ୍ଜଳି ବେହେରା, ସତ୍ୟଦର୍ଶିନୀ ତ୍ରିପାଠୀ, ମନୋରମା ବେହେରା, ପ୍ରତିମା ଜେନା, ତପନ ଚମ୍ପତିରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦୃଷ୍ଟିବାଧିତ ପିଲାଙ୍କ ପାଇଁ ଆଜିଠୁ ଯୁକ୍ତ୨ କଲେଜ ଖୋଲିବ

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ସୋମବାରଠାରୁ ଯୁକ୍ତ୨ କଲେଜ ଖୋଲିବ। ରାଜ୍ୟରେ ପ୍ରଥମ କରି ଦୃଷ୍ଟିବାଧିତଙ୍କ ପାଇଁ ଏଭଳି କଲେଜ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିବା ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି। ରବିବାର ଲୁଇସ୍ ବ୍ରେଲୀ ଫାଉଣ୍ଡେଶନ ପକ୍ଷରୁ ଦଶମ ଶ୍ରେଣୀରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ବୁଦ୍ଧ ମନ୍ଦିରଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ବିଧାୟକ ଏହି ସୂଚନା ଦେବା ସହ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରୁଥିବା କହିଥିଲେ। ଦୃଷ୍ଟିବାଧିତଙ୍କ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରାଗଲେ ସେମାନେ ମଧ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ମତ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିରିଶ ଚନ୍ଦ୍ର ଦାସ କହିଲେ, ଦୃଷ୍ଟିବାଧିତଙ୍କ ମନୋବଳ ଅତ୍ୟନ୍ତ ଦୃଢ଼। ସମ୍ବର୍ଦ୍ଧନା ଦ୍ୱାରା ଅନ୍ୟମାନେ ଅନୁପ୍ରାଣିତ ହେବେ।



ବୋଲଗଡ଼: ନନ୍ଦିଘୋଷ ଭବନ ନିକଟ ଆମ୍ବତୋଟାରେ ଅନୁଷ୍ଠିତ ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

ବୋଲଗଡ଼,୨।୭(ଦେବବ୍ରତ ହୋତା)

ବୋଲଗଡ଼ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପଞ୍ଚାୟତସ୍ତରୀୟ ସାଧାରଣ ବୈଠକ ନନ୍ଦିଘୋଷ ଭବନ ନିକଟ ଆମ୍ବତୋଟାରେ ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ ଓ ଜନ ଅଧିକାର ମଞ୍ଚ ଆବାହକ ଅକ୍ଷୟ ରାଉତରାୟଙ୍କ ଆହ୍ୱାନକ୍ରମେ ଏହି ବୈଠକ ହୋଇଥିଲା। ସଦସ୍ୟ ଦିଲୀପ କୁମାର ଯତିଙ୍କ ସଭାପତିତ୍ୱରେ ବୋଲଗଡ଼ ବ୍ଲକର ୧୪ଟି ପଞ୍ଚାୟତର ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। 'ଜୱାଦ୍' କ୍ଷତିପୂରଣ ତୁରନ୍ତ ପ୍ରଦାନ, ବିଦ୍ୟୁତ୍ ବିଭାଗର ମନମାନି ଓ ଟାଟା ପାୱାରକୁ ହଟାଇବା, ମଣ୍ଡିରେ ଧାନ କାଣ୍ଟଛାଣ୍ଟ ନୀତିକୁ ବନ୍ଦ କରିବା, ଗେଲ୍ ଇଣ୍ଡିଆର ଜମି ଅଧିଗ୍ରହଣର ଚାଷୀଙ୍କୁ ତୁରନ୍ତ ପ୍ରାପ୍ୟ ଅର୍ଥ ପ୍ରଦାନ, ଚାଷୀଙ୍କୁ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ରାଜ୍ୟ ସରକାର ଏହି ଦାବିଗୁଡ଼ିକ ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ସଦସ୍ୟମାନେ କହିଥିଲେ। ବୋଲଗଡ଼ ବ୍ଲକ ସଂଯୋଜକ ଜୟନ୍ତ ଷଡ଼ଙ୍ଗୀ, କାହ୍ନୁ ବେହେରା, ଲକ୍ଷ୍ମଣ ସେଠୀ, ସୋମନାଥ ମହାପାତ୍ର, ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଝାରପଡ଼ା ଜେଲରେ ପରେଡ୍
## ଅପରାଧୀଙ୍କୁ ଚିହ୍ନିଲେ ପୋଲିସ ଅଧିକାରୀ

ଭୁବନେଶ୍ୱର,୨।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ (ୟୁପିଡି) ପକ୍ଷରୁ ରବିବାର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାରାଧୀନ କଏଦୀଙ୍କ ପରେଡ୍ କରାଯାଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ତରୁଣ କୁମାର ଦାସ, ଏସିପି ଏଚ୍.କେ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ପଲେଇ ଓ ଜୋନ ୪ ଏସିପି ସୁଭନାରାୟଣ ମୁଦୁଲିଙ୍କ ଉପସ୍ଥିତିରେ ପିଓପିଡି ଅଧିକାରୀ ଏବଂ ବିଭିନ୍ନ ଥାନାର ପୋଲିସ ଅଧିକାରୀମାନେ ଏହି ପରେଡରେ ଭାଗ ନେଇଥିଲେ। ପରେଡ୍‌ରେ ପୋଲିସ ଅଧିକାରୀମାମୀନେ ବିଶେଷକରି ଅନେକ ମାମଲାରେ ସମ୍ପୃକ୍ତ ଥିବା ଅଭ୍ୟାସଗତ ଅପରାଧୀ, ଚୋର, ଲୁଟେରା, ନିଶା ବ୍ୟାବସାୟୀ, ଓ ରାଜ୍ୟ ବାହାର ଅପରାଧୀଙ୍କୁ ଚିହ୍ନିଥିଲେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

ଗମ୍ଭାରୀମୁଣ୍ଡା, ୨।୭ (ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ମାଣିକପୁର ଗ୍ରାମ ଛକ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଣପୁର ପ୍ରତାପ ଗ୍ରାମର କାହ୍ନୁଚରଣ ସ୍ୱାଇଁ। ତେବେ ଆହତ ମାଣିକପୁର ଗ୍ରାମର ଶିବୁନ ବେହେରା (୧୭) ଓ ନିବାସୀ ବାରିକ (୨୧)ଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମାଣିକପୁର ଗ୍ରାମର ଶିବୁନ ଓ ନିବାସୀ ଏକ ବାଇକ୍‌ରେ ପ୍ରତାପ ଗ୍ରାମକୁ ଆସୁଥିଲେ। ଏହି ସମୟରେ କାହ୍ନୁଚରଣ ବାଣପୁର ଅଭିମୁଖେ ଯାଉଥିବା ବେଳେ ମାଣିକପୁର ଗ୍ରାମ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ହୋଇଥିଲା। ବାଇକ୍‌ଦ୍ୱୟ ଭାଙ୍ଗିରୁଜି ଯିବା ସହ କାହ୍ନୁଚରଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଶିବୁନ ଓ ନିବାସୀଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଣପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଉତ୍ତେଜନା



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଲୋକମାନେ ହୋହାଲ୍ଲା କରୁଛନ୍ତି।

ବୋଲଗଡ଼,୨।୭(ଦେବବ୍ରତ ହୋତା)

ବୋଲଗଡ଼ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍‌କାଟ ଓ ଲୋ-ଭୋଲଟେଜ ସମସ୍ୟା ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳ ୮ଟାରୁ ୫ଟା ମଧ୍ୟରେ ବାରମ୍ବାର ବିଦ୍ୟୁତ୍ କାଟ ହେବାରୁ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏନେଇ ତୃତୀୟାପଡା ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହାଲ୍ଲା କରିଥିଲେ। ଚଳିତ ବର୍ଷ ଆଷାଢ଼ ମାସ ଶେଷହେବାକୁ ଥିବା ବେଳେ ଅସହ୍ୟ ତାତି ଏବଂ ଅନିୟମିତ ବର୍ଷା ଯୋଗୁ ପ୍ରବଳ ଗୁଳୁଗୁଳି ହେଉଥିବା ବେଳେ ବୋଲଗଡ ଅଞ୍ଚଳରେ ବେଶ୍ କିଛିଦିନ ହେବ ପକ୍ଷରୁ ବାରମ୍ବାର ବିଦ୍ୟୁତ୍ ଡକାତ୍ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିମାସରେ ନିୟମିତ ବିଦ୍ୟୁତ୍ ବିଲ୍ ଦେଉଥିବା ବେଳେ ସେହି ଅନୁସାରେ ବିଦ୍ୟୁତ୍ ସେବା ପାଇପାରୁ ନାହାନ୍ତି। ଜନସାଧାରଣଙ୍କ କହିବା ଅନୁଯାୟୀ, ବିଦ୍ୟୁତ୍ କାଟ୍ ଯୋଗୁ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେବା ସହ ରୋଗୀ ଓ ଛୋଟ ପିଲାମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ କୁହନ୍ତି, ଆଗାମୀ ଦିନରେ ଏଭଳି ଯଦି ବାରମ୍ବାର ବିଦ୍ୟୁତ୍ କଟିବ ତେବେ ବକେୟା ବିଦ୍ୟୁତ୍ ବିଲ୍ ପଇଠ ନ କରି ଆବଶ୍ୟକ ପଡିଲେ ଆଇନକୁ ହାତକୁ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଜେବି ହାଇସ୍କୁଲରେ ଉଡ଼ିବ ୧୨୫ଫୁଟର ଜାତୀୟ ପତାକା

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)

### ୧୨୫ତମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ପାଇଁ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ସଭା ରବିବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପୌରୋହିତ୍ୟ କରିଥିଲେ। ଆସନ୍ତା ନଭେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିଭାବେ ନିମନ୍ତ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଛାତ୍ର ସଂସଦର ସଂଯୋଜକ ଦେବପ୍ରସାଦ ମଜୁମ୍‌ଦାର ଉତ୍ସବର ରୂପରେଖ ସମ୍ପର୍କରେ କହିଥିଲେ। ସମ୍ପାଦକ ଗୋପାଳକୃଷ୍ଣ ଦାସ ସ୍ମରଣିକା 'ଅବକାଶ' ପ୍ରକାଶନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟତମ ସଂଯୋଜକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ବିଦ୍ୟାଳୟର ବିକାଶ ପାଇଁ ପୁରାତନ ଛାତ୍ରମାନେ ଦାନ ଦେବା ଲାଗି କହିଥିଲେ। ଲକ୍ଷ୍ମୀ ନାରାୟଣ ଭଞ୍ଜ ବର୍ତ୍ତମାନ ସୁଦ୍ଧା ଆଦାୟ ହୋଇଥିବା ପାଣ୍ଠି ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବ ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ବୈକୁଣ୍ଠନାଥ ରାଜଗୁରୁ ଏବଂ ଦିଲୀପ ପଟ୍ଟନାୟକ ବିବିଧ କ୍ରୀଡ଼ା ଆୟୋଜନ ସମ୍ପର୍କରେ କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ରମାନେ ସହଯୋଗ କରିବାକୁ ବିଧାନ ଚନ୍ଦ୍ର ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅଞ୍ଜନ ରାୟ, ସହକାରୀ ଶିକ୍ଷକ ନବକିଶୋର ମିଶ୍ର ଶିକ୍ଷାନୁଷ୍ଠାନର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ପୀଠ ଏହି ଶିକ୍ଷାନୁଷ୍ଠାନ ପରିସରରେ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ଦ୍ୱାରା ୧୨୫ ଫୁଟ ଉଚ୍ଚର ଏକ ବିଶାଳ ଜାତୀୟ ପତାକା ଉତ୍ତୋଳନ ପାଇଁ ପ୍ରସ୍ତାବ ରହିଛି। ଗତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପର୍ଶୁରାମ ମହାପାତ୍ରଙ୍କୁ ୧୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ହେରିଟେଜ୍ ହଲ୍ (ଐତିହାସିକ ପ୍ରେକ୍ଷାଗୃହ)କୁ ବିଧାୟକ ମିତ୍ର ଲୋକାର୍ପିତ କରିଥିଲେ। ଛାତ୍ର ସଂସଦର ସହସମ୍ପାଦକ ସରୋଜ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ:୨ ଗିରଫ

ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଶନିବାର ରାତିରେ ଶ୍ରୀବିହାରର ଆଲୋକ କୁମାର ଦତ୍ତ (୩୦)ଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। ଏନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କର ଜଣେ ସାଙ୍ଗଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୀଳାଦ୍ରିବିହାରରେ ରହୁଥିବା ସାଙ୍ଗ ଉତ୍କଳ କେଶରୀ ଖୁଣ୍ଟିଆ ଓରଫ ଲୁଲୁ ଓ ପ୍ରକାଶ ବେହେରା ଓରଫ ଗୁଲୁ। ଜାମି ନାମାଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମୁନାଙ୍କ ସମେତ ଏକାଧିକ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଲୋକ ତାଙ୍କର ଜଣେ ସାଙ୍ଗଙ୍କ ବିବାହ ଭୋଜି ପାଇଁ ଏକ ମଣ୍ଡପରେ ବୁଝାବୁଝି କରି ରାତି ୧୧ଟା ୩୦ରେ ସ୍କୁଟିରେ ଘରକୁ ଫେରୁଥିଲେ। ଘରଠୁ ପ୍ରାୟ ୩୦୦ ମିଟର ଦୂର ରାସ୍ତାରେ ଅଭିଯୁକ୍ତମାନେ ୪ଟି ବାଇକ ଓ ଗୋଟିଏ କାର୍ ନେଇ ଆସି ଆଲୋକଙ୍କୁ ଘେରି ଯାଇଥିଲେ। ଆଲୋକ କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଆତ୍ମରକ୍ଷା ପାଇଁ ଆଲୋକ ମଧ ସେମାନଙ୍କ ସହ ଲଢ଼ିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଷ୍ଟିଲ୍ ଟିଫିନ୍ ଓ ବିଅର୍ ବୋତଲରେ ଆଲୋକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଆଲୋକଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ତେବେ ଆଲୋକ ସମ୍ପର୍କୀୟଙ୍କୁ ଖବର ଦେବା ପରେ ସେମାନେ ପହଞ୍ଚି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ତେବେ ତଦନ୍ତ ବେଳେ ଜଣାପଡ଼ିଛି, ଲୁଲୁ ଓ ଆଲୋକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବର୍ଷେ ତଳେ ଝଗଡ଼ା ସୃଷ୍ଟି ହୋଇଥିଲା। ଫଳରେ ଲୁଲୁ ପ୍ରତିଶୋଧ ନେବାକୁ ଚାହୁଁଥିଲେ।

# ୧୫ରେ ସରିବ ଓଭରବ୍ରିଜ୍ ନିର୍ମାଣ କାମ

ଜଟଣୀ,୨।୭(ରବୀନ୍ଦ୍ର ନାଥ ମହାକୁଡ଼)

### ଶ୍ରେୟ ପାଇଁ ନେତାଙ୍କ ମଧ୍ୟରେ ଛକାପଞ୍ଝା



ଓଭରବ୍ରିଜ୍ ଉପରେ ପିଚୁ କରାଯାଉଛି।





ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକ।

ଖୋର୍ଦ୍ଧା ଜିଲା ଜଟଣୀ ସୀତାରାମ ଛକ(ଆନ୍ଧ୍ରବ୍ୟାଙ୍କ)ରୁ କୁଦିଆରୀ ବଜାର (ଚିତ୍ରାଳୟ ପ୍ରେକ୍ଷାଳୟ) ପର୍ଯ୍ୟନ୍ତ ଚାଲିଥିବା ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆସନ୍ତା ୧୫ ତାରିଖରେ ସରିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରବିବାର ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ କୁଦିଆରୀ ବଜାର (ଚିତ୍ରାଳୟ ପ୍ରେକ୍ଷାଳୟ)ନିକଟରେ ସୂଚନା ଫଳକ ଲଗାଯାଇ ଉକ୍ତ ଓଭରବ୍ରିଜ ନିର୍ମାଣ କାର୍ଯ୍ୟର ବିବରଣୀ ପ୍ରଦାନ କରାଯାଇଛି। ପ୍ରକଳ୍ପ ଆକଳିତ ମୂଲ୍ୟ ୧୦୪.୬୯୮ ଟଙ୍କା ରହିଥିବା ବେଳେ ନିର୍ମାଣକାରୀ ସଂସ୍ଥା, ଠିକାଦାରଙ୍କ ନାମ ଓ ଫୋନ ନମ୍ବର ଉଲ୍ଲେଖ ରହିଛି। ଓଭରବ୍ରିଜ୍ କେବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ସେନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଉକ୍ତ ଓଭରବ୍ରିଜ ଉଦ୍‌ଘାଟନ ଓ ଶ୍ରେୟ ନେବା ପାଇଁ ରାଜନୈତିକ ନେତାଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ସୂଚନାଥାଉ କି, ରାଜ୍ୟ ସରକାର ୨୦୧୫ରେ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜଟଣୀ ଆନ୍ଧ୍ର ବ୍ୟାଙ୍କ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ୧୧୩୩ ମିଟର ଲମ୍ବ ଏହି ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୭ ମସିହା ସୁଦ୍ଧା ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶା ରଖିଥିଲେ। ତେବେ ବାଦବିବାଦ ଓ ଦୁର୍ନୀତି ଅଭିଯୋଗ ଫଳରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷହେବାକୁ ୮ବର୍ଷ ବିତିଗଲା। ଏହି ଓଭରବ୍ରିଜ ନିର୍ମାଣ ଖର୍ଚ୍ଚ ବର୍ତ୍ତମାନ ୧୦୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ତେବେ ଆଉ କିଛିଦିନ ପରେ କାର୍ଯ୍ୟ ସରିବାକୁ ଥିବା ବେଳେ ଓଭରବ୍ରିଜ୍ ଉଦ୍‌ଘାଟନ ଓ ଶ୍ରେୟ ନେବା ପାଇଁ ରାଜନୈତିକ ନେତାଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସ୍ଥାନୀୟ ବିଜେଡି ନେତାଙ୍କଠାରୁ ଆରମ୍ଭ କରି କର୍ମୀ ଏବଂ ବିରୋଧୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ମଧ୍ୟରେ ଏକପ୍ରକାର ବାକ୍‌ଯୁଦ୍ଧ ଲାଗିରହିଛି। ବିଧାୟକ ରାଉତରାୟ ଓଭରବ୍ରିଜ ଉଦ୍‌ଘାଟନକୁ ନେଇ ବାରମ୍ବାର ତାରିଖ ଘୋଷଣା କରୁଥିବା ବେଳେ ରବିବାର ସୂଚନା ଫଳକ ଲାଗିବା ପରେ ଆଶଙ୍କାର ଅନ୍ତ ଘଟିଛି। ଓଭରବ୍ରିଜ ଆସନ୍ତା ୧୫ ତାରିଖରେ ସମ୍ପୂର୍ଣ୍ଣ ହେବା ପରେ ଉଦ୍‌ଘାଟନ କରାଯିବ। ତେବେ ଉପଯୁକ୍ତ ସର୍ଭିସ ରୋଡ୍ ନ ଥିବା ଏବଂ ସର୍ଭିସ ରୋଡ୍ ଖାଲଖମାରେ ଭର୍ତ୍ତି ଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଜନସାଧାରଣ ଏହି ରାସ୍ତାରେ ଯାତାୟାତ କରୁଥିବାରୁ କେତେବେଳେ ଯେ ଦୁର୍ଘଟଣା ଘଟିବ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କାଦେଇ କ୍ୟାବିନ ଉପରେ ମାଡ଼ିଗଲା କାର୍
#### ଜଣେ ଗୁରୁତର, ୪ ଆହତ

ବ୍ରହ୍ମଗିରି, ୨।୭( ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ପୁରୀ-ସାତପଡ଼ା ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ କାର୍ ( ଓଡି ୫ପି ୭୪୧୪) ବାଇକକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଥିବା ଏକ କ୍ୟାବିନ ଉପରକୁ ମାଡ଼ିଯାଇଥିଲା। ଫଳରେ ବାଇକ୍ ଆରୋହୀ ଅନାଥ ମହାରଣା ଗୁରୁତର ହେବା ସହ କାର୍‌ରେ ଥିବା ଦୁଇ ଜଣ ଓ କ୍ୟାବିନ ମାଲିକ ବୃନ୍ଦାବନ ପୃଷ୍ଟି ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ସ୍ଥାନୀୟଲୋକେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ କ୍ୟାବିନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଟାଏକୋଣ୍ଡୋ କଲର ବେଲ୍ଟ ପରୀକ୍ଷା

ସାକ୍ଷୀଗୋପାଳ, ୨।୭(ଭରତ ରାଉତ)- ସ୍ଥାନୀୟ ସତ୍ୟବାଦୀ ପଞ୍ଚସଖା ଖେଳ ପଡ଼ିଆଠାରେ ରବିବାର ହାନା ଟାଏକୋଣ୍ଡୋ ଏକାଡେମୀ ସାକ୍ଷୀଗୋପାଳ ପକ୍ଷରୁ ୬ଷ୍ଠ ଟାଏକୋଣ୍ଡୋ କଲର ବେଲ୍ଟ ପ୍ରମୋଶନ ପରୀକ୍ଷା ଆୟୋଜିତ ହୋଇଯାଇଛି। ଏଥିରେ ୨୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ହଳଦିଆ ବେଲ୍ଟ, ୮ଜଣ ସବୁଜ ବେଲ୍ଟ, ୨ ଜଣ ନୀଳ ବେଲ୍ଟ ଏବଂ ୮ ଜଣ ନାଲି ବେଲ୍ଟ ପାଇଁ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ବାଳିକାମାନେ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ଦେଖାଇବା ସହ ହାତ ଓ ଗୋଡ଼ରେ ଇଟା ଓ ପଟା ଭାଙ୍ଗିବା କଳା ପ୍ରଦର୍ଶନ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ କୋଷାଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ବେଲ୍ଟ ପ୍ରଦାନ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସମ୍ପାଦକ ମନମୋହନ ଭଞ୍ଜ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ କୋଚ ଦୀପକ ପ୍ରଧାନ, ସୀତାକାନ୍ତ ମହାପାତ୍ର, ଉମାକାନ୍ତ ମିଶ୍ର, ସତ୍ୟନାରାୟଣ ମିଶ୍ର ଏବଂ ରଘୁନାଥ ମଙ୍ଗରାଜ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ଦଇତାପତି ସେବକଙ୍କ ଆଚରଣ ଠିକ୍ ରହୁ ନ ଥିବା ଅଭିଯୋଗ
#### ମୁଖ୍ୟ ଶାସନ ସଚିବଙ୍କୁ ଚିଠି

ପୁରୀ, ୨।୭(ଅଜିତ୍ ମହାନ୍ତି) ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଇତାପତି ସେବକମାନଙ୍କ ଆଚରଣ ଠିକ୍ ରହୁନଥିବା ଅଭିଯୋଗ କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଦାସ ଅଭିଯୋଗରେ ଦର୍ଶାଇଛନ୍ତି ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଇତାପତିଙ୍କ ବ୍ୟବହାରକୁ ନେଇ ଗଭୀର ଚିନ୍ତା କରିବା ସହ ନିରାଶାକୁ ପ୍ରକାଶ କରୁଛି। ରଥଯାତ୍ରା ସମୟରେ ସେମାନଙ୍କର ଆଚରଣ ଅନୁପଯୁକ୍ତ ଏବଂ ଏହା ସିଧାସଳଖ ଟେଲିକାଷ୍ଟ ମାଧ୍ୟମରେ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି। ଯାହା ଏକ ନକାରାତ୍ମକ ଦୃଷ୍ଟି ଆକର୍ଷଣ କରିଛି। ଦଇତାପତି ସେବାୟତଙ୍କ ଦ୍ୱାରା ପ୍ରଦର୍ଶିତ ଆଚରଣ କେବଳ ପ୍ରଭୁ ଜଗନ୍ନାଥଙ୍କ ପବିତ୍ରତା ଏବଂ ସାଂସ୍କୃତିକ ମହତ୍ତ୍ୱ ଉପରେ ଖରାପ ପ୍ରତିଫଳିତ କରୁନାହିଁ ବରଂ ସମଗ୍ର ଜଗନ୍ନାଥ ସଂସ୍କୃତିର ଭାବମୂର୍ତ୍ତିକୁ ମଧ କ୍ଷୁର୍ଣ୍ଣ କରୁଛି । ଏହି ପ୍ରକାର ଆଚରଣ ଗ୍ରହଣୀୟ ନୁହେଁ । ଏହାକୁ ବରଦାସ୍ତ କରାଯିବା ଉଚିତ ନୁହେଁ । ମନ୍ଦିର ପ୍ରଶାସନ ଏହି ପ୍ରସଙ୍ଗରେ କରିଥିବା ଅନୁରୋଧ ଏବଂ ଆବେଦନକୁ ସେବାୟତମାନେ ଅବମାନନା କରିଛନ୍ତି। ଭବିଷ୍ୟତରେ ଏପରି ଆଚରଣ ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପ୍ରଶାସନର ଚିନ୍ତାଧାରାକୁ ସ୍ୱୀକୃତି ଦିଆଯିବା ସହ ତୁରନ୍ତ ସମାଧାନ କରାଯାଉ । ସେବାୟତମାନଙ୍କ ପାଇଁ ରିମୁନେରେସନ୍ ସେମାନଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟ୍ରାନ୍ସଫର କରି ପ୍ରଦାନ କରାଯାଉ । ସେହିପରି ନାବାଳକ ସେବାୟତଙ୍କ କ୍ଷେତ୍ରରେ, ସେମାନଙ୍କ ଅଭିଭାବକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦେୟ ପ୍ରଦାନ କରାଯିବା ଉଚିତ୍ । ଏହି ପଦ୍ଧତି ସେବାୟତମାନଙ୍କ କରାଯାଇଥିବା ଅସ୍ୱାଭାବିକ କାର୍ଯ୍ୟ ଉପରେ ଏକ ପେନାଲ୍ଟି ଲାଗୁ କରିବାକୁ ଅନୁମତି ଦେବ। ଯେଉଁଥିରେ ଧାର୍ଯ୍ୟ ଦରମା ସ୍ଥାନାନ୍ତର କରିବା ପୂର୍ବରୁ ଜରିମାନା ରାଶି କଟାଯାଇପାରିବ। ଏପରି ନିୟମ କାର୍ଯ୍ୟକାରୀ କରିବା ଦ୍ୱାରା କେବଳ ମନ୍ଦିର ପ୍ରଶାସନର ଶୃଙ୍ଖଳା ଏବଂ ଉତ୍ତରଦାୟିତ୍ୱକୁ କାର୍ଯ୍ୟକାରୀ କରିବାର ଏକ ମାଧ୍ୟମ ରହିବ ନାହିଁ । ବରଂ ଏହା ରଥଯାତ୍ରା ସମୟରେ ଅନୁପଯୁକ୍ତ ଆଚରଣ ପାଇଁ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବ । ଏହିପରି ଆର୍ଥିକ ଦଣ୍ଡ ବ୍ୟବସ୍ଥା ନିଶ୍ଚିତ ଭାବରେ ସେବାୟତମାନଙ୍କୁ ପବିତ୍ରତା ରକ୍ଷା କରିବାକୁ ଉତ୍ସାହିତ କରିବ। ମହାପ୍ରଭୁଙ୍କ ସହ ଜଡିତ ସାଂସ୍କୃତିକ ତଥା ଧାର୍ମିକ ମୂଲ୍ୟବୋଧ ସହିତ ସେମାନଙ୍କର ଆଚରଣ ସୁସଙ୍ଗତ ହେବ । ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇ ବିଚାର କରି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ଦାସ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# 'ଲୋକକଳା ଓଡ଼ିଆ ସ୍ୱାଭିମାନର ପରିଚାୟକ'






ସମାରୋହରେ କଳାକାରମାନେ ଲୋକକଳା ପ୍ରଦର୍ଶନ କରୁଛନ୍ତି ।

## ରାଷ୍ଟ୍ରୀୟ କୋଣାର୍କ କଳା ମହୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

କୋଣାର୍କ, ୨।୭(ଜ୍ୟୋତିରାଜ ମହାନ୍ତି): ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନଜୀବନର ଗାଥାକୁ ନେଇ ଲୋକକଳା ଓ ଲୋକ ସଂସ୍କୃତିର ପ୍ରବହମାନ ଧାରା ଅତୀବ ପ୍ରାଚୀନ। ପାଶ୍ଚାତ୍ୟ ସଂସ୍କୃତି ତଥା ଆଧୁନିକତାର ପ୍ରଭାବରେ ଓଡ଼ିଆ ଜନଜୀବନର ଗାଥାକୁ ଜୀବନ୍ତ କରିଥିବା ଲୋକକଳା ଓ ଲୋକ ସଂସ୍କୃତି ଆଜି ବିଲୁପ୍ତିର ଦ୍ୱାରଦେଶରେ। ଏହି ଲୋକକଳା ଓଡ଼ିଆ ସ୍ୱାଭିମାନର ପରିଚାୟକ ବୋଲି ରବିବାର କୋଣାର୍କ ଯାତ୍ରୀନିବାସଠାରେ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ଭୁବନେଶ୍ୱର ପକ୍ଷରୁ ରାଷ୍ଟ୍ରୀୟ କୋଣାର୍କ କଳା ମହୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ ଏହା କହଛନ୍ତି। ଏଥିରେ ମହାସଂଘର ସଭାପତି ବିଜୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ତ୍ରିପାଠୀଙ୍କ ସମେତ ମୁଖ୍ୟ ବକ୍ତା ରୂପେ ପୁଣ୍ୟ ଉତ୍କଳର ସଭାପତି ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ପ୍ରାଚୀ ସଂସ୍କୃତିର ଗବେଷକ ହଂସନାଥ ସାହୁ, ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ, ଇଂ.ମୁରଲୀଧର ସେଠୀ, ମଧୁର ଭାରତୀର ସମ୍ପାଦିକା ଜୟନ୍ତୀ ପଢିଆରୀ, ପ୍ରାଚୀ ପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ତୁଳସୀ କ୍ଷେତ୍ରର ସମ୍ପାଦକ ସୁଦର୍ଶନ ମହାପାତ୍ର ଯୋଗଦେଇ ବିଲୁପ୍ତ ପ୍ରାୟ ଲୋକକଳାର ମହତ୍ୱ ଏବଂ ଏହାକୁ ବଞ୍ଚାଇ ରଖିଥିବା କଳାକାରଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘ ସଭାପତି ମିଶ୍ର ଓ ସମ୍ପାଦକ ବିନୋଦ କୁମାର ଭୋଇ ସଙ୍ଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତଙ୍କୁ ଶିକ୍ଷାରତ୍ନ ଓ ରେଡିଓ ନମସ୍କାର ଅଧ୍ୟକ୍ଷ ଏନ.ଏ.ଶାହା ଅନସାରୀଙ୍କୁ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। କଳାକ୍ଷେତ୍ରରେ କଂସ ଭୂମିକାରେ ଅଭିନୟ କରିଥିବା ବରଗଡ଼ର ବସୁଦେବ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରୁ ବିଭିନ୍ନ କଳାକାର ଗୋଷ୍ଠୀ ଘଟ କଳସୀ ନୃତ୍ୟ, ଛଉନୃତ୍ୟ, ଚନ୍ଦ୍ରଭାଗା କଥାବସ୍ତୁକୁ ନେଇ ମୁଖା ନୃତ୍ୟ, କଂସ ଦ୍ୱାର ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କବୟିତ୍ରୀ ରଶ୍ମୀ ସାମଲ, କ୍ଷଣପ୍ରଭା ମହାନ୍ତି ଓ କବି ଦେବେନ୍ଦ୍ର ସେନାପତି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମର୍ଦ୍ଧନା ସମାରୋହକୁ ସଂଯୋଜନା କରିଥିଲେ। ବାଳକୃଷ୍ଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୩ଶହ କଳାକାର ଯୋଗଦେଇଥିଲେ।

# ଶଙ୍କରାନନ୍ଦ ମଠର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

ପୁରୀ ୨।୭( ଅଜିତ୍ ମହାନ୍ତି)

ରାଜ୍ୟ ଓଡିଆ,ଭାଷା , ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଶ୍ରୀକ୍ଷେତ୍ରର ଅନ୍ୟତମ ମଠ ଶଙ୍କରାନନ୍ଦ ମଠକୁ ଯାଇ ମଠର ସ୍ଥିତି ଓ ମଠର ବିଭିନ୍ନ ଉନ୍ନତି ମୂଳକ ଅନୁଧ୍ୟାନ କରିଛନ୍ତି । ସୂଚନା ଯୋଗ୍ୟ ଶ୍ରୀକ୍ଷେତ୍ର ବିଭିନ୍ନ ମଠ ମାନଙ୍କ ମଧ୍ୟରୁ ଶଙ୍କରାନନ୍ଦ ମଠ ଅନ୍ୟତମ । ଯାହା ଏକ ପ୍ରାଚୀନ ତଥା ପୁରାତନ ମଠ ଭାବରେ ପରିଚିତ । ଆଧ୍ୟାତ୍ମିକ, ଧାର୍ମିକ ଓ ସାଂସ୍କୃତିକ ଭାସ୍କର୍ଯ୍ୟରେ ସମ୍ପର୍ଣ୍ଣ ମଠଟି ବର୍ତ୍ତମାନ୍ ଦେବୋତ୍ତର ଆୟୁକ୍ତଙ୍କ ଅଧୀନରେ କାର୍ଯ୍ୟ କରୁଛି । ଏହି ପ୍ରାଚୀନତମ ମଠରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡିତ କାଞ୍ଚି ଅଭିଯାନ ଆଦି ଭାସ୍କର୍ଯ୍ୟ ଓ ଐତିହକୁ ସଂରକ୍ଷିତ ରଖିବା ପାଇଁ ଓଡିଶା ସରକାର ଅଣ୍ଟା ଭିଡିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତି ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି କିସ୍ତିରେ ନଅ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ରାଜ୍ୟ ପ୍ରତ୍ନତାତ୍ୱିକ ସଂସ୍ଥା ଦ୍ୱାରା ସରଂକ୍ଷଣ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସାଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଅଧିକ୍ଷକ ଅଶ୍ୱିନୀ କୁମାର ସତପଥୀ ଶ୍ରୀ ଶଙ୍କରାନନ୍ଦ ମଠକୁ ଯାଇ ମଠର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ସମୟରେ ଅନ୍ତରଣ ପରିଚାଳନା ଟ୍ରଷ୍ଟି, ଡ. ଦୁର୍ଗା ପ୍ରସାଦ ମିଶ୍ର, ଜଗନ୍ନାଥ ସଂସ୍କୃତିର ଗବେଷକ ସୁରେନ୍ଦ୍ର କୁମାର ମିଶ୍ର, ମଠର ମାହାତ୍ମ୍ୟ ଓ ଐତିହାସିକ ପୃଷ୍ଠଭୂମି ବିଷୟରେ ଅବଲୋକନ କରାଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର କିର୍ତ୍ତିରାଜି ଓ ବୈଭବ ସୁରକ୍ଷା ଦୃଷ୍ଟିରୁ ମଠର ସରଂକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଟ୍ରଷ୍ଟ ବୋର୍ଡର ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ସଂସ୍କୃତି ମନ୍ତ୍ରୀ

ପୁରୀ, ୨।୭(ଅଜିତ୍ ମହାନ୍ତି): ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପରିବାର ସହିତ ରବିବାର ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶିଷ ନେଇଛନ୍ତି। ମନ୍ତ୍ରୀ ପାତ୍ର ପରିବାର ସହ ଗୋବର୍ଦ୍ଧନ ପୀଠକୁ ଯାଇ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ସୂଚନାଯୋଗ୍ୟ ମନ୍ତ୍ରୀ ପାତ୍ର ଗୋବର୍ଦ୍ଧନ ପୀଠର ଶାଖା ମଠ ଶଙ୍କରାନନ୍ଦ ମାଠକୁ ଯାଇ ସମୀକ୍ଷା ବୈଠକ କରିଥିଲେ। ମଠର ପାରିପାର୍ଶ୍ୱିକ ଉନ୍ନତି ରକ୍ଷଣାବେକ୍ଷଣ ଓ ବେଆଇନ ଭାବେ ଦଖଲ ଉଚ୍ଛେଦକୁ ନେଇ ଆଲୋଚନା କରିଥିଲେ। ପରେ ସେଠାରୁ ଆସି ଶଙ୍କରାଚାର୍ଯ୍ୟଙ୍କୁ ଭେଟିଥିଲେ।




ପୁରୀ ୟୁଥ୍ ହଷ୍ଟେଲରେ ଜଗନ୍ନାଥ ବଲ୍ଲଭ ସ୍ୱଚ୍ଛତା ମିଶନ ପକ୍ଷରୁ ସମ୍ବର୍ଦ୍ଧିତ ସ୍ୱେଚ୍ଛାସେବୀଙ୍କ ସହ ଅତିଥିବୃନ୍ଦ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ରଥଯାତ୍ରାରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨।୭(ଅଜିତ ମହାନ୍ତି): ମାନବ ସେବା ହିଁ ମାଧବ ସେବା। ଚଳିତ ରଥଯାତ୍ରାରେ ବିଭିନ୍ନ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ଉତ୍ତମ ଭାବେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଜଗନ୍ନାଥ ବଲ୍ଲଭ ସ୍ୱଚ୍ଛତା ମିଶନ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନାୟକ ଯୋଗଦେଇ କହିଥିଲେ, ରଥଯାତ୍ରା ଏକ ବ୍ୟାପକ କାର୍ଯ୍ୟକ୍ରମ। ଏଥିରେ ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ, ସ୍ୱଚ୍ଛତା, ଶାନ୍ତିଶୃଙ୍ଖଳା, ସୁରକ୍ଷା, ସୂଚନା ସେବା ଇତ୍ୟାଦି ବହୁତ ସେବାର ଆବଶ୍ୟକତା ଥାଏ। ଏହି ସେବା ପାଇଁ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଏଭଳି ମହନୀୟ ସେବାକୁ ଭବିଷ୍ୟତରେ ମଧ ଯୋଗାଇବାକୁ ନାୟକ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ବାସୁଦେବ ଛାଟୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଶୀ ପ୍ରମୁଖ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ନରେନ କୁମାର, ଡ. ପ୍ରମୋଦ କୁମାର ଦଳାଇ, ପ୍ରାଧ୍ୟାପକ ବିଶ୍ୱଜିତ ଦାସ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୪ ଆହତ

ଗୋପ, ୨।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ – ନିମାପଡ଼ା ରାସ୍ତାର ବଣିଆସାହି ନିକଟରେ ରବିବାର ଅପରାହ୍ନରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ କଣ୍ଟି ଗ୍ରାମର ସଚିତ୍ର ସ୍ୱାଇଁ(୪୫) ଓ ଗୋଲଖ ବେହେରା(୪୦)। ଆହତ ୨ ଜଣ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଗ୍ରାମର କାଳୁ ପ୍ରଧାନ(୩୫) ଓ ସୁରେଶ ସ୍ୱାଇଁ(୩୨)।

ପ୍ରକାଶ ଯେ, କାଳୁ ଏବଂ ସୁରେଶ ଏକ ବାଇକ୍‌ରେ କୋଣାର୍କ ବୁଲି ଫେରୁଥିଲେ। ସେହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଉପସ୍ଥିତ ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଗୁରୁତର ୨ ଜଣଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ଅନ୍ୟ ୨ ଜଣଙ୍କୁ ସେଠାରେ ଚିକିତ୍ସା କରୁଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରିଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମନ୍ତ୍ରୀଙ୍କୁ ଚିଠି

ଅସ୍ତରଙ୍ଗ, ୨।୭(ମମତା ଜେନା)

ଅସ୍ତରଙ୍ଗ–କାକଟପୁରବାସୀ ଦୀର୍ଘବର୍ଷ ଧରି ବିଭିନ୍ନ ସମୟରେ ବିଜୁଳି ସମସ୍ୟାକୁ ନେଇ ନାନାବିଧ ହଇରାଣ ହୋଇଆସୁଛନ୍ତି। ଏ ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ହୋଇଥିଲେ ମଧ ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଏନେଇ କର୍ଣ୍ଣପାତ କରୁନାହାନ୍ତି। ଏହି ସମସ୍ୟା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱାଧୀନ ନାୟକ ସ୍ଥାୟୀ ସମାଧାନ ପାଇଁ ତତ୍କାଳୀନ ବିଭାଗୀୟ ମନ୍ତ୍ରୀଙ୍କୁ ସଚିବାଳୟରେ ସାକ୍ଷାତ୍ କରି ବିଦ୍ୟୁତ୍ ସଂଯୋଗୀକରଣ ସମ୍ବନ୍ଧରେ ଏକ ନକ୍ସା ସହିତ ଲିଖିତ ଚିଠି ପ୍ରଦାନ କରିଥିଲେ। କୋଣାର୍କଠାରୁ କାକଟପୁର ପର୍ଯ୍ୟନ୍ତ ୩୩କେଭି ଲାଇନକୁ ଟେଣ୍ଡର ପ୍ରକ୍ରିୟାରେ ସଂଯୋଗୀକରଣ କରିବାକୁ ମଧ ଅନୁରୋଧ କରିଥିଲେ। ମାତ୍ର ସେହି ପ୍ରକ୍ରିୟା କାର୍ଯ୍ୟକାରୀ ହେବାରେ କାକଟପୁରର ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କ ବୈଷୟିକ ରିପୋର୍ଟ ତ୍ରୁଟି ଯୋଗୁ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଏହି ସମସ୍ୟା ଏବେ ଉତ୍କଟ ହେବାରୁ ପୁନର୍ବାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ସ୍ୱାଧୀନ ନାୟକଙ୍କ ମିଳିତ ଉଦ୍ୟମରେ ବର୍ତ୍ତମାନର ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କୁ ସଚିବାଳୟରେ ସାକ୍ଷାତ୍ କରି ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏଥିସହ ଉପାଧ୍ୟକ୍ଷ ନାୟକ ତାଙ୍କ ପ୍ୟାଡ୍‌ରେ ସମସ୍ୟା ସମ୍ପର୍କରେ ତଥ୍ୟ ସହ ବିଦ୍ୟୁତ୍ ସଂଯୋଗୀକରଣର ଏକ ନକ୍ସା ମଧ ପ୍ରଦାନ କରିଥିଲେ। ବିଭାଗ ପକ୍ଷରୁ ଏକ ବୈଷୟିକ ଟିମ ସର୍ଭେ କରି ୧ କୋଟି ୧୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରିଛି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବିଭାଗୀୟ ମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତିରେ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମଧ ସୂଚନା ଦେଇଥିଲେ। ଅସ୍ତରଙ୍ଗ ଆଉ କାକଟପୁରଠାରୁ ୧୦ କିମି ଦୂର ବାଙ୍ଗୁରିଗାଁଠାରୁ କୋଣାର୍କ ଗ୍ରୀଡ଼ର ୩୩ କେଭି ଲାଇନ କାକଟପୁର ସହିତ ସଂଯୋଗ ହୋଇପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ବିଭାଗୀୟ ଅଧିକାରୀ ମତ ରଖିଛନ୍ତି। ଅସ୍ତରଙ୍ଗର ପାଟଳଦାରେ ଲାଗିଥିବା ୩୩/୧୧ କେଭି ସବ୍ ଷ୍ଟେଶନ ଯେଉଁଥିରେ ୩୩ କେଭି ଜାଗାରେ ୨୨ କେଭି ମିଳୁଛି। ଏକଥା ସବୁ ବରିଷ୍ଠ ଇଞ୍ଜିନିୟର ଜାଣିଥିଲେ ମଧ ପ୍ରତିକାର ଦିଗରେ ଚୁପ ରହୁଛନ୍ତି।

# ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା

ପୁରୀ, ୨।୭( ଅଜିତ ମହାନ୍ତି)

ଶିଶୁ ସମ୍ବାଦପତ୍ର 'ଶିଶୁ ସମାଚାର'ର ଷୋଡ଼ଶ ସ୍ୱନକ୍ଷତ୍ର ସମାରୋହ ଉପଲକ୍ଷେ ରବିବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମନୋଜ କୁମାର ରଥଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର କର ମୁଖ୍ୟ ଅତିଥି, ପ୍ରାକ୍ତନ ମଣ୍ଡଳ ସାଧନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଭାରତୀୟ ଜୀବନ ବୀମା ନିଗମ ପୁରୀ ଶାଖାର ଉପଦେଷ୍ଟା ନାରାୟଣ ଦାସ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଶିଶୁଙ୍କ ପ୍ରତିଭାକୁ ବିକଶିତ କରିବାରେ ଶିଶୁ ସମାଚାର ଉଦ୍ୟମକୁ ପ୍ରଶଂସା କରିଥିଲେ। ଚେସ୍ ପ୍ରଶିକ୍ଷକ ସାମଲ କୁଣ୍ଡୁଙ୍କ ନେତୃତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଚେସ ପ୍ରଶିକ୍ଷକ ଅଶୋକ କୁମାର ଶତପଥୀ ସହଯୋଗ କରିଥିଲେ । ଆସନ୍ତା ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ସହ ମହିଳାଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନଙ୍କୁ ଅଗଷ୍ଟ ୧୨ରେ ପୌର ସଦନରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଶିଶୁ ସମାଚାର ସମ୍ପାଦକ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ଶ୍ରୀୟାଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅମର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ।

# 'ଉପଭୋକ୍ତା ଶୋଷଣକୁ ବିରୋଧ କରୁଥିଲେ କୈଳାସ ରାୟ'

## ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାବେଶ

ପୁରୀ, ୨।୭(ଅଜିତ ମହାନ୍ତି)



ଶ୍ରଦ୍ଧାଞ୍ଜଳି ସମାବେଶରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସର ରାଜ୍ୟ ଉପସଭାପତି, ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି ତଥା ଶ୍ରମିକ ନେତା କବି କୈଳାସ ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାବେଶ ରବିବାର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଏଆଇଟିୟୁସିର ରାଜ୍ୟ ସଭାପତି ରାମକୃଷ୍ଣ ପଣ୍ଡା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। କବି ଚିନ୍ମୟ ବିବେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ପ୍ରାରମ୍ଭରେ ଭଗବତୀ ବିଦ୍ୟା ନିକେତନର ବିଦ୍ୟାର୍ଥୀମାନେ ସ୍ମୃତି ସଙ୍ଗୀତ ପରିବେଷଣ କରିଥିଲେ। ଗବେଷକ ଡ. ଭୀମସେନ ମହାପାତ୍ର କୈଳାସ ରାୟ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସ୍ତମ୍ଭକାର ତଥା ଜାତୀୟ ଅଡିଟ ମହାସଂଘର ମହାସଚିବ ଗୌରାଙ୍ଗ ଚରଣ ପରିଡ଼ା, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଖବରଦାତା ନାରାୟଣ ପ୍ରସାଦ ସିଂହ, କବି ଶଙ୍କର ପରିଡ଼ା, ସାମାଜିକ କର୍ମୀ ବଦ୍ରି ମିଶ୍ର, କବି ମାନସ ରଞ୍ଜନ ମହାପାତ୍ର, ଡ. ଦିଲୀପ ସ୍ୱାଇଁ, ଦେବୀପ୍ରସନ୍ନ ନନ୍ଦ, ଡ. ବଳରାମ ଦାସ, ହରିହର ମିଶ୍ର, ଉମାକାନ୍ତ ମହାପାତ୍ର, ପ୍ରାଣକୃଷ୍ଣ ମହାପାତ୍ର, କାମଦେବ ମହାରଣା, ଲକ୍ଷ୍ମୀକାନ୍ତ ଦଳେଇ, କ୍ରିଷ୍ଣା ମହାପାତ୍ର, ପ୍ରଭାତ ଚନ୍ଦ୍ର ରଥ, ବୀରେନ୍ଦ୍ର ମହାନ୍ତି, ପ୍ରାଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ, ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ପ୍ରତିମା ମିଶ୍ର, ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ, ପୁରୀ ବିଦ୍ୟୁତ୍ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି, ପୁରୀ ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ଲୋକନାଥ ପାଣି, ଏଆଇଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଡାକ୍ତର ପ୍ରଫୁଲ୍ଲ ମହାପାତ୍ର, ସୁରେନ୍ଦ୍ର ତପସ୍ୱୁ, ଶରତ ଚନ୍ଦ୍ର ରାୟଗୁରୁ, ଜଗନ୍ନାଥ ଦେଓ, ଶ୍ରୀକ୍ଷେତ୍ର ପ୍ରେସ୍ କ୍ଲବ ସମ୍ପାଦକ ସୌମିତ୍ର ରଞ୍ଜନ ହରିଚନ୍ଦନ, ଓଡ଼ିଶା କୁରାଳ ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରା, ସରପଞ୍ଚ ମୁକ୍ତିକାନ୍ତ ପଣ୍ଡା, ପୁରୀ ସେବା ସମିତି ସମ୍ପାଦକ ସୌମେନ୍ଦ୍ର ଦାସ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ ବିଶ୍ୱନାଥ ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. କାର୍ତ୍ତିକ କୁମାର ଦାସ, ମାରୁତିନଗର ଉନ୍ନୟନ ପରିଷଦ ସଭାପତି ଗୋଲକ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ରାୟ ବିଦ୍ୟୁତ ସଂସ୍କାର ନାମରେ ଉପଭୋକ୍ତା ଶୋଷଣକୁ ତୀବ୍ର ବିରୋଧ କରି ବିଭିନ୍ନ ସଂଗଠନ ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ସହିତ ଶ୍ରମିକ ଏକତା ଉପରେ ଗୁରୁତ୍ୱାରୋପ କରୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାବେଶରେ ସ୍ମୃତି ପତ୍ରିକା 'ଅପାସୋରା' ଉନ୍ମୋଚିତ ହେବା ସହ ରାୟଙ୍କ ଜୀବନୀ ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କ୍ଷେତ୍ରପ୍ରସାଦ, ଅନନ୍ତ ପ୍ରସାଦ, ଅନୁଷ୍ଟୁପା, ଅନୁସୃତା, ମହେନ୍ଦ୍ର ବିଶୋଇ, ରମେଶ ଚନ୍ଦ୍ର ଦାଶ, ଲକ୍ଷ୍ମୀଧର ମାଝି, ପ୍ରଫୁଲ୍ଲ କୁମାର ରାଉତ, ନୃସିଂହ ଚରଣ ପ୍ରଧାନ, ବି. ଜଗଦୀଶ ପଟ୍ଟନାୟକ, ଗଣେଶ ବେହେରା ପ୍ରମୁଖ ଏହି ସମାବେଶ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀକଳ୍ପତରୁ ସେବାଶ୍ରମ ବାୟାବାବା ମଠ ପକ୍ଷରୁ ଶ୍ରୀଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ, ମଠ ପରିସର, ଭୋଇନଗର, ୟୁନିଟ୍-୯, ସକାଳ ୯ଟା।
- ହୋମିଓପାଥିକ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ଜାତୀୟ ହୋମିଓପାଥିକ କଂଗ୍ରେସ-୨୦୨୩, ସୂଚନା ଭବନ, ପୂର୍ବାହ୍ନ ୧୦ଟା।

କଟକ
- ସାଇ କୁଟୀର ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୁରୁପୂର୍ଣ୍ଣିମା ମହୋତ୍ସବ, ଦେଉଳସାହିସ୍ଥିତ ସାଇ ମନ୍ଦିର, ସନ୍ଧ୍ୟା ୭ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଗୁରୁପୂର୍ଣ୍ଣିମା ମହୋତ୍ସବ, ଅନନ୍ତ ଭବନ, ସିଡିଏ ସେକ୍ଟର-୧୦, ସନ୍ଧ୍ୟା ୭ଟା।

ତିଗିରିଆ
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପାଟଣା, ଜେମାଦେଈପୁରର ନୂତନ ଶ୍ରେଣୀଗୃହ ଶୁଭ ଉଦ୍‌ଘାଟନ, ନୂଆପାଟଣା, ଜେମାଦେଈପୁର, ପୂର୍ବାହ୍ନ ୧୦ ଟା।

# କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଯୁଗ ପ୍ରବର୍ତ୍ତକ ସାହିତ୍ୟିକ

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ଶର୍ମିଷ୍ଠା ପାଣିଗ୍ରାହୀ)/ପୁରୁଣା ଭୁବନେଶ୍ୱର, ୨।୭ (ସୁବାସ ଚନ୍ଦ୍ର ପ୍ରଧାନ)

କାଳିନ୍ଦୀଚରଣ ପାଣିଗ୍ରାହୀ କେବଳ ଜଣେ କବି ନ ଥିଲେ, ସବୁଜ ଯୁଗର ସେ ଥିଲେ ବିସ୍ମୟ। ସେ ଥିଲେ ଯୁଗ ପ୍ରବର୍ତ୍ତକ ସାହିତ୍ୟିକ। ତାଙ୍କ ଉପନ୍ୟାସ 'ମାଟିର ମଣିଷ' ଓ ଗଳ୍ପ 'ମାଂସର ବିଳାପ' ଆଜି ବି କାଳଜୟୀ ସୃଷ୍ଟି ଭାବେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିଛି। ତାଙ୍କ ରଚିତ ଭଜନ 'କେଉଁ ନାମ ଧରି ଡାକିବି ତୁମକୁ..', 'ତୁମେ ଯେ ସର୍ବନାମ...'ର ବିକଳ୍ପ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରବିବାର କେଦାର ନାଥ ଗବେଷଣା ପ୍ରତିଷ୍ଠାନଠାରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ନିତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ଲେଖକ ଦେବେନ୍ଦ୍ର ନାଥ ଦାଶ, ସମ୍ମାନିତ ଅତିଥି ଏକାଡେମୀର ଖୋର୍ଦ୍ଧା ଜିଲା ପ୍ରତିନିଧି ବିବେକାନନ୍ଦ ପାଣିଗ୍ରାହୀ ଏବଂ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇଥିଲେ। ଏକାଡେମୀର ଅଧିକାରୀ ସଞ୍ଜୟ ଛୁଆଳସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଡ. ରମେଶ ଚନ୍ଦ୍ର ପାଣି, ଡ. ଦେବାଶିଷ ମହାପାତ୍ର, ତନ୍ମୟା ଦାଶ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।



କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# ତୀବ୍ର ହେବ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

## ୧୦ରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ

**ଭୁବନେଶ୍ୱର,୨।୭(ଅନୁରାଧା ମହାରଣା):** ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନେଇ ରାଜ୍ୟ ମହାସଂଘ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ମାତ୍ର ଦାବି ପୂରଣ ନ ହେବାରୁ ଏହି କର୍ମଚାରୀମାନେ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରିବେ। ରବିବାର ସଂଘ ପକ୍ଷରୁ ଆୟୋଜିତ ସଭାରେ ଏପରି ନିଷ୍ପତ୍ତି ନିଆଯାଇଛି। ସଂଘ ସଦସ୍ୟମାନେ କଳା ବ୍ୟାଜ୍ ପରିଧାନ କରିବା ସହ ମୁଖ୍ୟଶାସନ ସଚିବ ଓ ୫-ଟି ସଚିବଙ୍କୁ ସାମାଜିକ ଗଣମାଧମ ମାଧମରେ ଦାବି ଉପସ୍ଥାପନ କରିବେ। ୧୭ ତାରିଖରେ ବ୍ରହ୍ମପୁର ଆର୍‌ଡିସି, ୧୯ରେ ସମ୍ବଲପୁର ଆର୍‌ଡିସି, ୨୧ରେ କଟକ ଆର୍‌ଡିସି ଅଫିସ୍ ଘେରାଉ କରିବେ। ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସଂଘ ଉପଦେଷ୍ଟା ପ୍ରଭାତ ମହାନ୍ତି ଏବଂ ସଭାପତି ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ତୁରନ୍ତ ସ୍ଥାୟୀ ଚାକିରି ଓ ସେପର୍ଯ୍ୟନ୍ତ ଚାକିରି ନିରାପତ୍ତା, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଓ ଦରମା ବୃଦ୍ଧି ଆଦି ଦାବି ରଖିଛି ମହାସଂଘ।

# ଆର୍ଯ୍ୟ ସମାଜ ଭୁବନେଶ୍ୱରର ନୂତନ କାର୍ଯ୍ୟକାରୀ ସମିତି

**ଭୁବନେଶ୍ୱର,୨।୭(ଶର୍ମିଷ୍ଠା ପାଣିଗ୍ରାହୀ):** ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସଭାପତି ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ଭୁବନେଶ୍ୱର ଆର୍ଯ୍ୟ ସମାଜର କାର୍ଯ୍ୟକାରୀ ସମିତିକୁ ଭଙ୍ଗ କରିଛନ୍ତି। ଏଥିସହ ଶୃଙ୍ଖଳିତ କାର୍ଯ୍ୟ ସମ୍ପାଦନ ଲାଗି ଏକ ୭ଜଣିଆ ନୂତନ ସଦସ୍ୟ ଚୟନ କରି କ୍ଷମତା ପ୍ରଦାନ କରିଛନ୍ତି। ଏହି ସଦସ୍ୟମାନେ ହେଲେ ବିକାଶ ପଣ୍ଡା, ସୁଧାକର ପତ୍ରୀ, ବୀରେନ୍ଦ୍ର କର, ଡା. ଗୋପାଳଚନ୍ଦ୍ର ଦାସ, ସୁନୀଲ କୁମାର ଦେ, ସିଦ୍ଧାର୍ଥ ରଥ ଓ ଲୀତା ଦାଶ। ଏମାନେ ଆସନ୍ତା ୬ମାସ ମଧ୍ୟରେ କାର୍ଯ୍ୟ ସଞ୍ଚାଳନ ସହ ବିଧିବଦ୍ଧ ନିର୍ବାଚନ ମାଧମରେ ନୂତନ କର୍ମକର୍ତ୍ତାଙ୍କୁ କ୍ଷମତା ହସ୍ତାନ୍ତର କରିବେ ବୋଲି ଆର୍ଯ୍ୟ ସମାଜ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ରଥରୁ କଢ଼ାଗଲା ସାରଥି, ପାର୍ଶ୍ୱଦେବଦେବୀ


ନନ୍ଦିଘୋଷ ରଥରୁ ସାରଥିଙ୍କୁ କଢ଼ାଯିବା ପରେ ସ୍ଥାନାନ୍ତର କରାଯାଉଛି।

ପୁରୀ, ୨।୭( ଅଜିତ୍ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଡ଼ଠାକୁର ପ୍ରଭୁ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କ ସହ ନବଦିନାତ୍ମକ ଯାତ୍ରା ସାରି ଶନିବାର ନୀଳକନ୍ଦର ଶ୍ରୀମନ୍ଦିରକୁ ବିଜେ କରିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏବେ ମହାପ୍ରଭୁ ଭାଇ ଭଉଣୀଙ୍କୁ ସାଥିରେ ଧରି ଶ୍ରୀମନ୍ଦିର ରତ୍ନସିଂହାସନରେ ବିଜେ କରିଛନ୍ତି। ଶ୍ରୀମନ୍ଦିରକୁ ଦାରୁବିଗ୍ରହମାନେ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଛି ଶୂନ୍ୟ ଥିବା ତିନିରଥ। ସୋମବାର ଭୋଇ ସେବକମାନେ ରଥଗୁଡ଼ିକରୁ ସାରଥିମାନଙ୍କୁ ଖୋଲି ବାହାର କରିଦେଇଛନ୍ତି। ତିନିରଥରେ ଥିବା ତିନି ସାରଥିଙ୍କ ସମେତ ସମସ୍ତ ଘୋଡ଼ା, ସଖୀ, ପାର୍ଶ୍ୱଦେବଦେବୀ, ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, ଠେକରାବାଡ଼ ଏବଂ ଚାରମାଳ ପ୍ରଭୃତିକୁ ଖୋଲିଦିଆଯାଇଛି। ରଥରୁ ବାହାର କରାଯାଇଥିବା ସମସ୍ତ ପାର୍ଶ୍ୱ ଦେବଦେବୀ, ହଂସପଟା, ଠେକରାବାଡ଼ ସମେତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ସେହିଭଳି ତିନି ରଥର ତିନି ସାରଥିଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି। ଅପରପକ୍ଷରେ ତିନି ରଥର ଘୋଡ଼ା ଓ ଚାରମାଳଗୁଡ଼ିକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ଭୋଇ ସର୍ଦ୍ଦାରଙ୍କ ନେତୃତ୍ୱରେ ଭୋଇ ସେବକମାନେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଏବେ ଶୂନ୍ୟ ଭାବେ ଦଣ୍ଡାୟମାନ। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥ ଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

# ୨୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ ଓଏଭି ଶିକ୍ଷକ ମହାସଂଘ

ଭୁବନେଶ୍ୱର,୨।୭ (ଅନୁରାଧା ମହାରଣା)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଶିକ୍ଷକ ମହାସଂଘ ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ସ୍ଥିତ ଡ. ସ୍ୱାମୀନାଥନ ସମ୍ମିଳନୀ କକ୍ଷରେ ଏକ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧ହଜାରରୁ ଅଧିକ ଶିକ୍ଷକ ଯୋଗ ଦେଇଥିବାବେଳେ ସଂଘ ପକ୍ଷରୁ ୨୦ ଦାବି ସରକାରଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରାଯାଇଥିଲା। ଏଚ୍‌ଆର୍‌ଏମ୍‌ଏସ୍ ଓ ଟ୍ରେଜେରି ଦ୍ୱାରା ଦରମା ପ୍ରଦାନ ମହାସଂଘର ମୁଖ୍ୟ ଦାବି ରହିଛି। ଏହାସହ ୨୦୧୬ ନିଯୁକ୍ତି ବିଜ୍ଞପ୍ତି ମୁତାବକ ଆଦର୍ଶ ବିଦ୍ୟାଳୟଗୁଡ଼ିକ ସରକାରୀ ହୋଇଥିବାବେଳେ ଶିକ୍ଷକ ଓ କର୍ମଚାରୀମାନେ ହେଉଛନ୍ତି ବେସରକାରୀ। ତେଣୁ ଉକ୍ତ ନିୟମରେ ପରିବର୍ତ୍ତନ ପୂର୍ବକ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ ଅନ୍ୟ ଏକ ଦାବି ରହିଛି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଶିକ୍ଷକ ଓ କର୍ମଚାରୀଙ୍କ ପଦୋନ୍ନତି ନିୟମ ଚୂଡ଼ାନ୍ତ କରିବା, ଗତ ୭ବର୍ଷ ମଧ୍ୟରେ ମୃତ ୧୫ଜଣ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ କୁହାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଶିକ୍ଷକ ଓ କର୍ମଚାରୀମାନେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବା ପୂର୍ବକ ମୌଳିକ ଅଧିକାର ହାସଲ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଜିତ ସମ୍ମିଳନୀରେ ମହାସଂଘର ସଭାପତି ଦୀପକ କୁମାର ରାଉଳ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ମୀନକେତନ ରାୟ ଓ ଯୁଗମ ସଚିବ କାହ୍ନୁଚରଣ ଭୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୟୁଜିସି ନିର୍ଦ୍ଦେଶ ସତ୍ତ୍ୱେ ୧୪ ଘଣ୍ଟା ଖୋଲୁନି ପରିଜା ଲାଇବ୍ରେରି

ଭୁବନେଶ୍ୱର,୨।୭(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ଲାଇବ୍ରେରିକୁ ଅତିକମ୍‌ରେ ଦିନକୁ ୧୪ ଘଣ୍ଟା ଖୋଲିବା ଲାଗି ଛାତ୍ରୀଛାତ୍ର ଦାବିକରି ଆସୁଛନ୍ତି। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବିଶ୍ୱବିଦ୍ୟାଳୟ ଛାତ୍ର ଅରୂପ ଶ୍ରୀଚନ୍ଦନ ୟୁଜିସିକୁ ଏନେଇ ଅବଗତ କରାଇଥିଲେ। ଏହାପରେ ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟ ମୁଖ୍ୟ ଲାଇବ୍ରେରିଆନ, କୁଳସଚିବ ଓ କୁଳପତିଙ୍କୁ ଏନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ୧୪ ଘଣ୍ଟା ବଦଳରେ ଏବେ କେବଳ ପୁରୁଣା ନିୟମରେ ସାମାନ୍ୟ ପରିବର୍ତ୍ତନ କରାଯାଇ ୧୦ ଘଣ୍ଟା ଲାଇବ୍ରେରୀ ଖୋଲୁଥିବା ଛାତ୍ରୀଛାତ୍ର କହିଛନ୍ତି। ଅନ୍ୟପଟେ ଚଳିତବର୍ଷ ନୂଆ କର୍ମଚାରୀ ନିଯୁକ୍ତ କରାଯିବା ସହ ଅଧିକ ସମୟ ଲାଇବ୍ରେରି ଖୋଲିବା ପାଇଁ ଯୋଜନା ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ କୁଳପତିଙ୍କ ସହ ପ୍ରତିକ୍ରିୟା ମିଳିପାରି ନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରବୀନ୍ଦ୍ର


@ ସୋନୁ


@ ସୁନନ୍ଦା


@ ପ୍ରିୟଙ୍କା


@ ଗୋପୀନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ମାତୃଭାଷାରେ ଭାବନାର ଠିକ୍ ପରିପ୍ରକାଶ ହୋଇଥାଏ'

## 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଇତିହାସ, ଐତିହ୍ୟ ଓ ସଂସ୍କୃତି ହେଉଛି ଜୀବନ୍ତ। ଓଡ଼ିଆ ହେଉଛି ଏକ ପ୍ରାଚୀନ ଭାଷା। ସାରଳା ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ ସେନାପତିଙ୍କ ଭଳି ମହାନ ସାହିତ୍ୟିକ ଓ କବି ଓଡ଼ିଆ ଭାଷାକୁ ସମୃଦ୍ଧ କରିଯାଇଛନ୍ତି। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲେ ମଧ ଏବେ ବି ପତ୍ରିକା ଓ ସମ୍ବାଦପତ୍ରର ଗୁରୁତ୍ୱ ରହିଛି ବୋଲି ଗୋଆ ରାଜ୍ୟପାଳ ପି.ଏସ.ଶ୍ରୀଧରନ ପିଲାଇ କହିଛନ୍ତି। ରବିବାର ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଚତୁର୍ବିଂଶ ଓ ଶିଶୁ କିଶୋର ପତ୍ରିକା 'କୁନିକଥା'ର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀଧରନ କହିଲେ, ମାତୃଭାଷାରେ ଜଣେ ବ୍ୟକ୍ତି ତା'ର ଭାବନାକୁ ଠିକ୍ ଭାବେ ପରିପ୍ରକାଶ କରିବା ସହ ଠିକ୍ ଭାବେ ଗ୍ରହଣ କରିପାରିଥାଏ। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାତୃଭାଷାରେ ଶିକ୍ଷାଦାନ କରିବା ଉଚିତ। ଏଥିପାଇଁ ଆମ ଜାତୀୟ ଶିକ୍ଷାନୀତି ୨୦୨୦ରେ ମାତୃଭାଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଭୋପାଳସ୍ଥିତ ରବୀନ୍ଦ୍ରନାଥ ଟାଗୋର ବିଶ୍ୱବିଦ୍ୟାଳୟ ଓ ଛତିଶଗଡ଼ସ୍ଥିତ ଡ. ସିଭି ରମଣ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସନ୍ତୋଷ ଚୌବେ ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷା ସାହିତ୍ୟରେ ପରମ୍ପରା ଓ ଆଧୁନିକତା ଉଭୟ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ସମୟରେ ଆଞ୍ଚଳିକ ଭାଷାରେ ଅନେକ ଭଲ କାମ ହେଉଛି। ଏହା ଆଗକୁ ଆହୁରି ହେବ ବୋଲି ଆମର ଆଶା ଓ ବିଶ୍ୱାସ ରହିଛି। ସମସ୍ତ ଭାରତୀୟ ଭାଷା ମଧ୍ୟରେ ସମ୍ମାନ ଓ ସମନ୍ୱୟ ରହିବା ଉଚିତ। ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଅନ୍ୟ ଭାଷାର ସାହିତ୍ୟ ଅନୁବାଦ ହେବା ଉଚିତ। ଫଳରେ ଆମେ ସମସ୍ତେ ସମସ୍ତଙ୍କ ସଂସ୍କୃତି ଓ ପରମ୍ପରା ତଥା ଐତିହ୍ୟ ଭାଷା ସାହିତ୍ୟକୁ ଜାଣିପାରିବା ବୋଲି ଚୌବେ କହିଛନ୍ତି। ଏହି ଅବସରରେ ୨୦୨୩ ପାଇଁ ବିଶିଷ୍ଟ କବି ପଦ୍ମଶ୍ରୀ ହଳଧର ନାଗଙ୍କୁ 'କାଦମ୍ବିନୀ ସମ୍ମାନ', ଅରବିନ୍ଦ ରାୟଙ୍କ 'କାଦମ୍ବିନୀ ଗଳ୍ପ ପୁରସ୍କାର', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ 'କାଦମ୍ବିନୀ କବିତା ପୁରସ୍କାର', ସ୍ୱରାଜ ବାରିକ ଓ ସନ୍ନିସା ପଟେଲଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ପୁରସ୍କାର', ବିନ୍ଧ୍ୟବାସିନୀ ଜେନାଙ୍କୁ 'କାଦମ୍ବିନୀ ଆମ ରୋଷେଇ ପୁରସ୍କାର', ଇନ୍ଦୁମତି ରାୟ ଓ ମେଜର ଡ. ସୁମିତ୍ରା ମିଶ୍ରଙ୍କୁ 'କାଦମ୍ବିନୀ ପ୍ରିୟ ପାଠକ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ଏଥିସହ କାଦମ୍ବିନୀ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଡ. ଇତି ସାମନ୍ତଙ୍କ ରଚିତ ମନ୍ମୟ-ପ୍ରବନ୍ଧ ସଂକଳନ 'ମହୀୟସୀ, ଗରୀୟସୀ: ଭାରତୀୟ ନାରୀପ୍ରତିମା', ପ୍ରବନ୍ଧ ସଙ୍କଳନ 'ବାମା ପ୍ରସଙ୍ଗ ଓ ଅନ୍ୟାନ୍ୟ' ଏବଂ ଲଘୁକଥା ସଙ୍କଳନ 'କଥାସ୍ରୋତ' ଉନ୍ମୋଚିତ ହୋଇଥିଲା। ପଦ୍ମଶ୍ରୀ ହଳଧର ନାଗ କହିଲେ, ଓଡ଼ିଶା ମାଟିର ଏକ ମହକ ଅଛି। ଆମର କବି, ଲେଖକ ଓ ସାହିତ୍ୟିକଙ୍କ ପ୍ରତି ସମଗ୍ର ବିଶ୍ୱର ସମ୍ମାନ ରହିଛି। କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ପଦ୍ମଶ୍ରୀ ହଳଧର ନାଗଙ୍କୁ 'କାଦମ୍ବିନୀ ସମ୍ମାନ' ପ୍ରଦାନ କରାଯାଉଛି।

## ପଦ୍ମଶ୍ରୀ ହଳଧର ନାଗ ପାଇଲେ 'କାଦମ୍ବିନୀ ସମ୍ମାନ', ଅନ୍ୟ ୫ ବ୍ୟକ୍ତିତ୍ୱ ସମ୍ମାନିତ

# ଡା.ମନୋଜ ସାହୁଙ୍କୁ 'ପ୍ରେରଣାଦାୟୀ ପେଟରୋଗ ବିଶେଷଜ୍ଞ' ସମ୍ମାନ

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)



ବରିଷ୍ଠ ଓଡ଼ିଆ ପେଟରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ ସାହୁଙ୍କୁ 'ଭାରତର ପ୍ରେରଣାଦାୟୀ ପେଟରୋଗ ବିଶେଷଜ୍ଞ' ଭାବେ ସ୍ୱୀକୃତି ମିଳିଛି। ଦ ଇକୋନୋମିକ ଟାଇମ୍ସ ପକ୍ଷରୁ ଦିଲ୍ଲୀରେ ଆୟୋଜିତ ଡକ୍ଟର୍ସ ଡେ' କନକ୍ଲେଭ ୨୦୨୩' ଅବସରରେ ଡା. ସାହୁଙ୍କ ଅନବରତ ନିଃସ୍ୱାର୍ଥପର ମାନବସେବା ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏମ୍‌ପି ତଥା ଅନୁସୂଚିତ ଜନଜାତି ବିକାଶ କମିଟି ଅଧକ୍ଷ ଡ. କେ.ପି ଶୋଲାଙ୍କି ଏହି ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବରିଷ୍ଠ ପେଟରୋଗ ବିଶେଷଜ୍ଞ ପ୍ରଫେସର ସାହୁ ଦୀର୍ଘବର୍ଷ ଧରି ଓଡ଼ିଶାରେ ଲୋକଙ୍କ ସେବା କରିବା ସହିତ ନୂଆନୂଆ ପ୍ରଣାଳୀ ଅନୁସରଣ କରି ରୋଗୀସେବା କରି ଆସୁଛନ୍ତି। ଏଥିସହିତ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ ଡାକ୍ତରମାନଙ୍କୁ ଉନ୍ନତ ପେଟରୋଗ ଚିକିତ୍ସା ନିମନ୍ତେ ଜ୍ଞାନକୌଶଳ ଶିଖାଇ ବେଶ ପ୍ରଶଂସା ସାଉଣ୍ଟିଛନ୍ତି। ପୂର୍ବ ଭାରତ ତଥା ଓଡ଼ିଶାର ଏକମାତ୍ର ଡାକ୍ତର ଭାବରେ ଏଭଳି ସମ୍ମାନ ମିଳିଥିବାରୁ ଏହା ଆଗକୁ ତାଙ୍କୁ ସମାଜସେବା ପାଇଁ ଅଧିକ ପ୍ରେରଣା ଦେବ ବୋଲି ସେ କହିଛନ୍ତି।



ତେଲଙ୍ଗାନାର ଖମମ୍‌ରେ ରବିବାର ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ରତ୍ନଭଣ୍ଡାର ଖୋଲିବା ଦାବି ଥମୁନି

ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)

■ ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କେଉଁଠି: ବିଜୟ

■ ଦେଶ ବାହାରକୁ ଚାଲିଯାଇନି ତ ଜଗନ୍ନାଥଙ୍କ ରତ୍ନ: ତାରା

■ କିଛି କହିବାକୁ ଚାହୁଁନି ବୋଲି କହିଲେ ପିନାକୀ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଉ ନ ଥିବାବେଳେ ବିରୋଧୀ କିନ୍ତୁ ଏହି କଥାକୁ ଜାବୁଡ଼ି ଧରିଛନ୍ତି। ରତ୍ନଭଣ୍ଡାର ନିହାତି ଖୋଲିବା ଦରକାର ବୋଲି ଉଭୟ ଭାଜପା ଏବଂ କଂଗ୍ରେସ ନେତାମାନେ ଦାବି କରିଆସୁଛନ୍ତି। ଭାଜପା ଏହି ପ୍ରସଙ୍ଗରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିବା ବେଳେ କଂଗ୍ରେସ କିଛି ବିଭ୍ରାଟ ଯୋଗୁ ସରକାର ରତ୍ନଭଣ୍ଡାର ଖୋଲୁ ନ ଥିବା ଯୁକ୍ତି ବାଢ଼ିଛି। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର କହିଛନ୍ତି ଯେ, ରତ୍ନଭଣ୍ଡାର ଖୋଲିବାରେ ଅସୁବିଧା କେଉଁଠାରେ ଅଛି। ପୂର୍ବରୁ ମଧ୍ୟ ଗୋଟିଏ କଥା କହିଛି ରତ୍ନଭଣ୍ଡାର ରାଜ୍ୟ ସରକାରଙ୍କ ସମ୍ପତ୍ତି ନୁହେଁ। ଏହା ସରକାରୀ କିମ୍ବା କୌଣସି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତି। ରତ୍ନଭଣ୍ଡାର ସେଥିଲାଗି ସେତେବେଳେ ତିଆରି ହୋଇଥିଲା। ପ୍ରଭୁଙ୍କ ଅଳଙ୍କାର ସବୁ ରତ୍ନଭଣ୍ଡାର ଭିତରେ ସୁରକ୍ଷିତ ଭାବେ ରହିବ ବୋଲି ତାକୁ ୩ ଭାଗରେ ବିଭକ୍ତ କରି ତିଆରି କରାଯାଇଥିଲା। ଶହ ଶହ ବର୍ଷ ତଳେ ଏହା ତିଆରି ହେଲାବେଳେ ଆମେ ମଧ୍ୟ ନ ଥିଲୁ, ଏହା ବହୁ ପୁରୁଣା କଥା ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ସମସ୍ତଙ୍କ ଭଳି ତାଙ୍କ ମନରେ ବି ସନ୍ଦେହ ସୃଷ୍ଟି ହେଉଛି। ରତ୍ନଭଣ୍ଡାରର ରତ୍ନସବୁ ବାହାରକୁ ଚାଲିଯାଇନି ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବାହାର ଦେଶ ବା ରାଜ୍ୟକୁ ଜଗନ୍ନାଥଙ୍କ ସମ୍ପତ୍ତି ଚାଲିଯାଇନି ତ। ଜଗନ୍ନାଥଙ୍କ ଜମିବାଡ଼ି ସବୁ ତ ବିକ୍ରି କରି ଖାଇଗଲେ, ଏବେ ତାଙ୍କର ଯେଉଁ ମହଣ ମହଣ ସୁନା ଗହଣା ଥିଲା ତାହାକୁ ବି ସବୁ ବିକ୍ରି କରି ଖାଇଗଲେ ବୋଲି ଭାବୁଛି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେଇ ରତ୍ନଭଣ୍ଡାର ଖୋଲନ୍ତୁ। ନ ହେଲେ ଆଗକୁ ଏହି ଘଟଣାରେ ଦେଶବ୍ୟାପୀ ଆନ୍ଦୋଳନ ହେବ ବୋଲି ତାରା କହିଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି ଯେ, ଏହି ମାମଲା କୋର୍ଟରେ ବିଚାରାଧୀନ ଅଛି। ତେଣୁ କୋର୍ଟରେ ମାମଲା ଥିବାବେଳେ ଏହା ଉପରେ କିଛି କହିବା ଠିକ୍ ହେବ ନାହିଁ। ତେଣୁ ଯାହା କୋର୍ଟ ଏବଂ ଲୋକଙ୍କ ଇଚ୍ଛା ହେବ ସେହି ଅନୁସାରେ କାମ ହେବ, ଏ ବିଷୟରେ ଅଧିକ କିଛି କହିବାକୁ ଚାହୁଁନି ବୋଲି ପିନାକୀ କହିଛନ୍ତି।

## ବିଆର୍‌ଏସ୍ ଭାଜପାର ବି-ଟିମ୍: ରାହୁଲ

ଖମ୍ମାମ, ୨।୭

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କୁ କଡ଼ା ସମାଲୋଚନା କରିଛନ୍ତି। କେସିଆର୍‌ଙ୍କ ରିମୋଟ କଣ୍ଟ୍ରୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖରେ ରହିଛି ଏବଂ ତେଲଙ୍ଗାନାର ଶାସକ ଦଳ ଭାଜପାର ବି-ଟିମ୍ ବୋଲି ରାହୁଲ ଏଠାରେ ଏକ ଜନସଭାକୁ ସମ୍ବୋଧନ କରିବା ଅବସରରେ ଅଭିଯୋଗ କରିଛନ୍ତି। କେସିଆର୍ ଏବଂ ତାଙ୍କ ଦଳୀୟ ନେତାମାନଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ରହିଛି, ଯାହା ସେମାନଙ୍କୁ ଭାଜପା ସହ ସାଲିସ କରିବାକୁ ବାଧ୍ୟ କରିଛି। ତେଣୁ ବିଆର୍‌ଏସ୍ ସମ୍ପୃକ୍ତ ଥିବା କୌଣସି ମେଣ୍ଟରେ କଂଗ୍ରେସ ଯୋଗଦେବ ନାହିଁ ବୋଲି ରାହୁଲ ସମସ୍ତ ବିରୋଧୀ ଦଳ ନେତାଙ୍କୁ ଜଣାଇଦେଇଥିବା କହିଛନ୍ତି।

## ଉତ୍ତରପ୍ରଦେଶରୁ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ନୀତୀଶ

ପାଟନା, ୨।୭

ଦିଲ୍ଲୀ ରାଜନୀତି ଉପରେ ନଜର ରଖିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉତ୍ତରପ୍ରଦେଶକୁ ତାଙ୍କର ଲଞ୍ଚ୍‌ପ୍ୟାଡ୍ କରିପାରନ୍ତି। ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସ୍‌ପି) ସହ ମେଣ୍ଟ କରିବାକୁ ଜେଡିୟୁ ଚାହୁଁଛି। ୟୁପିର ଫୁଲପୁର ଏବଂ ପ୍ରତାପଗଡ଼ ଲୋକ ସଭା ଆସନ ଉପରେ ଏହି ଦଳ ନଜର ପକାଇଛି। ଯଦି ନୀତୀଶ ଫୁଲପୁରରୁ ଲୋକ ସଭା ପ୍ରାର୍ଥୀ ହୁଅନ୍ତି, ତେବେ ସେ କୁର୍ମି ଓ ଯାଦବ ଭୋଟଗୁଡ଼ିକୁ ଏକାଠି କରିପାରିବେ। ଓବିସି ବର୍ଗର ଏହି ଦୁଇ ସମ୍ପ୍ରଦାୟ ଭାଜପା ବିରୋଧରେ ବିରୋଧୀ ମେଣ୍ଟକୁ ସମର୍ଥନ କରିବେ ବୋଲି କୁହାଯାଉଛି। ଉତ୍ତରପ୍ରଦେଶରେ ୨୦୧୯ ସାଧାରଣ ନିର୍ବାଚନରେ ଜେଡିୟୁକୁ ମାତ୍ର ୦.୧% ଭୋଟ ମିଳିଥିଲା। ପ୍ରଧାନମନ୍ତ୍ରୀ ହେବା ଲାଗି ଅଭିଳାଷ ରଖିଥିବା ନୀତୀଶ ଭାଜପା ବିରୋଧରେ ସମସ୍ତ ବିରୋଧୀ ଦଳଙ୍କୁ ଏକାଠି କରିବାକୁ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ବିହାର ବାହାରେ କୌଣସି ଆସନରୁ ଲଢ଼ିପାରନ୍ତି। ସେ ରାମ ମନୋହର ଲୋହିଆଙ୍କ ବିଚାରଧାରାର ସମର୍ଥକ ହୋଇଥିବାରୁ ତାଙ୍କର ପୂର୍ବ ନିର୍ବାଚନ ମଣ୍ଡଳୀ ଫୁଲପୁର ନୀତୀଶଙ୍କ ପାଇଁ ଉପଯୁକ୍ତ ଆସନ ହୋଇପାରେ। ୨୦୨୨ ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓବିସି ଭୋଟଗୁଡ଼ିକୁ ଏକାଠି କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଯଦି ନୀତୀଶ ଫୁଲପୁରରୁ ନିର୍ବାଚନ ଲଢ଼ନ୍ତି ତେବେ ସେ କୁର୍ମି ଓ ଯାଦବ ଭୋଟକୁ ଏକାଠି କରିପାରିବେ ବୋଲି ଜଣେ ବରିଷ୍ଠ ଜେଡିୟୁ ନେତା କହିଛନ୍ତି। ସେଥିପାଇଁ ୟୁପିରେ ଏସ୍‌ପି ସହ ଜେଡିୟୁର ମେଣ୍ଟ ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଆସନ ଭାଗବଣ୍ଟା ଆଲୋଚନା ବେଳେ ଫୁଲପୁର ଏବଂ ପ୍ରତାପଗଡ଼ ଜେଡିୟୁକୁ ଛାଡ଼ିଦେବା ପାଇଁ ଏହି ଦଳ ଏସ୍‌ପିକୁ କହିବ ବୋଲି ନେତା ଜଣକ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଉପରେ ଜନ ଭରସା କୋଭିଡ୍ ମୁକାବିଲାର ବଡ଼ ଅସ୍ତ୍ର ଥିଲା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)



ମୋଦି ସରକାରଙ୍କ ୯ ବର୍ଷର ସେବା ଅବସରରେ ଦିଲ୍ଲୀଠାରେ ଆୟୋଜିତ ଏକ କନ୍‌କ୍ଲେଭରେ ଯୋଗଦେଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

କୋଭିଡ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜନ ଭରସା କୋଭିଡକୁ ମୁକାବିଲା କରିବାର ବଡ଼ ଅସ୍ତ୍ର ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଦିଲ୍ଲୀରେ ମୋଦି ସରକାରଙ୍କ ୯ ବର୍ଷର ସେବା ଅବସରରେ ଆୟୋଜିତ କନକ୍ଲେଭରେ ଯୋଗଦେଇ ଧର୍ମେନ୍ଦ୍ର ମୋଦି ସରକାରରେ ଆସିଥିବା ସଂସ୍କାର, ଉପଲବ୍ଧି, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟ ଉପରେ ନିଜର ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କୋଭିଡ୍ ମହାମାରୀକୁ ସୁବ୍ୟବସ୍ଥିତ ଭାବେ ପରାଜୟ କରାଯାଇପାରିଛି। କେବଳ ଭାରତ ନୁହେଁ ବିଶ୍ୱର ଅନେକ ଶକ୍ତିଶାଳୀ ରାଷ୍ଟ୍ର କୋଭିଡ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିଲେ। ମାତ୍ର ଦେଶରେ କୋଭିଡର ସଫଳ ପରିଚାଳନା ଯୋଗୁ ଅଧିକ ଲୋକଙ୍କୁ ସ୍ୱଦେଶୀ ଟିକା ଲଗାଯାଇଛି। ପିପିଇ କିଟ୍, କୋଭିଡ ଟିକା ପ୍ରସ୍ତୁତ କରିବା ସହ ବାହାର ରାଷ୍ଟ୍ରକୁ ମଧ୍ୟ ରପ୍ତାନି କରାଯାଇଛି। ମୋଦି ସରକାରରେ ଦେଶରେ ଅଧିକ ମେଡିକାଲ ଖୋଲାଯିବା ସହ ମେଡିକାଲ ସିଟ୍ ସଂଖ୍ୟା ମଧ୍ୟ ବଢ଼ିଛି। କେବଳ ଭାରତ ନୁହେଁ ବଡ଼ ବଡ଼ ରାଷ୍ଟ୍ର ବ୍ୟତୀତ କୁଏତ୍ ଓ ପାପୁଆ ନ୍ୟୁ ଗିନି ଭଳି ଦେଶରେ ମୋଦିଙ୍କ ବିଶ୍ୱସନୀୟତା ବଢ଼ିଛି। ପାପୁଆ ନ୍ୟୁ ଗିନି ଗସ୍ତ କାଳରେ ସେଠାକାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁ ସ୍ୱାଗତ କରୁଛନ୍ତି। ଏହା ଥିଲା ୧୪୦ କୋଟି ଭାରତୀୟଙ୍କ ସମ୍ମାନ, ଯାହାକୁ ବିଶ୍ୱ ଦେଖିଲା। ଭାରତ ଏକ ଜ୍ଞାନ ଆଧାରିତ ରାଷ୍ଟ୍ର। ମୋଦି ସରକାରରେ ଗୁଣାତ୍ମକ ଶିକ୍ଷା ସହ ଟେକ୍ନୋଲୋଜି ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ରାଷ୍ଟ୍ରୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି। ତେବେ ଜାତୀୟ ଶିକ୍ଷା ନୀତିର କାମ ୨୦୧୪ରୁ ଆରମ୍ଭ ହୋଇଯାଇଥିଲା। ଆମର ଶିକ୍ଷା ବ୍ୟବସ୍ଥାରେ ଭାରତୀୟ ଜ୍ଞାନ ପ୍ରଣାଳୀ ଓ ବୈଶ୍ୱିକ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଛି, ଯେଉଁ ଶିକ୍ଷା କେବଳ ଦେଶର ନୁହେଁ ବରଂ ବିଶ୍ୱର ଆବଶ୍ୟକତାକୁ ମଧ୍ୟ ପୂରଣ କରିବ।

## ଆସନ୍ତା ୬ରେ ଗୁଆହାଟୀରେ ବସିବ ଓଡ଼ିଶା ଭାଜପାର ବୈଠକ

ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)

ଦେଶର ସବୁ ରାଜ୍ୟକୁ ନେଇ ଭାଜପା ଗୁଆହାଟୀଠାରେ ଆସନ୍ତା ୬ ତାରିଖରୁ ୩ ଦିନିଆ ବୈଠକ ଡାକିଛି। ଆସନ୍ତା ୬, ୭ ଏବଂ ୮ ତାରିଖରେ ହେବାକୁ ଥିବା ଏହି ବୈଠକରେ ଦେଶକୁ ୩ଟି ଜୋନ୍‌ରେ ଭାଗ କରି ପ୍ରତ୍ୟେକ ଦିନ କିଛି କିଛି ରାଜ୍ୟ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଲୋଚନା କରିବେ। ଏଥିରେ ମୁଖ୍ୟତଃ ସେମାନେ ଗୋଟିଏ ରାଜ୍ୟ ସହ ପ୍ରାୟ ୨ ଘଣ୍ଟା ଲେଖା ଆଲୋଚନା କରି ଦଳର ଭବିଷ୍ୟତ ରଣନୀତି ସମ୍ପର୍କରେ ଏକ ପ୍ରକାର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ତେବେ ଆସନ୍ତା ୬ ତାରିଖରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବୈଠକ ରହିଛି। ସେହିକ୍ରମରେ ଓଡ଼ିଶା ଏହି ବୈଠକରେ ଯୋଗଦେବ। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଏବଂ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଡକାଯାଇଥିବା ସୂଚନା ମିଳିଛି। ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଲାଗି ଦଳ କେତେ ପ୍ରସ୍ତୁତ ଏବଂ କିପରି ସଙ୍ଗଠନକୁ ସଜଡ଼ାଯିବ ସେନେଇ ଆଲୋଚନା ହେବ। ଓଡ଼ିଶାର ଯେଉଁଦିନ ବୈଠକ ବସିବ ସେଦିନ ଅନ୍ୟ ୧୧ଟି ରାଜ୍ୟ ସହ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ମୁଖ୍ୟତଃ ଓଡ଼ିଶା କିପରି ସରକାର କରିବ ସେନେଇ ଆଲୋଚନା ହେବ ବୋଲି ଭାଜପା ରାଜ୍ୟ ସଭାପତି ମତ ରଖିଥିବା ବେଳେ ଗୁଆହାଟୀ ବୈଠକର କୌଣସି ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି।

ମନମୋହନ କହିଛନ୍ତି, ଓଡ଼ିଶାର ଏକ ବହୁମତ ସରକାର ହେବ। କେନ୍ଦ୍ରରେ ମଧ୍ୟ ଏଥର ୩ୟ ଥର ପାଇଁ ଭାଜପା ସରକାର କରିବ। ଅନ୍ୟପକ୍ଷରେ ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ, ୨୦୧୯ରେ ଭାଜପା ଯେଉଁ ମିଶନ ୧୨୦ ପ୍ଲସ୍ କଥା କହୁଥିଲା ତା'ର ଫଳାଫଳ କ'ଣ ହେଲା ସେକଥା ସମସ୍ତେ ଦେଖିଲେ। ସେମାନେ ସବୁବେଳେ ବାହୁସ୍ଫୋଟ ମାରନ୍ତି ଏବଂ ଓଡ଼ିଶା ଲୋକ ସେମାନଙ୍କୁ ଠିକଣା ସମୟରେ ଜବାବ ଦିଅନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଜେଡି-ଭାଜପା ଭିତରେ ୨୪ ବର୍ଷ ହେଲା ସାଲିସ୍ ରାଜନୀତି ଚାଲିଛି। ଏବେ ତୃଣମୂଳସ୍ତରରେ ଲଢ଼େଇ କରିବାକୁ ବସିଛନ୍ତି। ଏହାର କାରଣ ହେଉଛି ବିଜେଡିକୁ ଯେଉଁ ପୋଷ୍ଟ ନ ଯିବ, ସେଇଟା ଭାଜପାକୁ କିପରି ଯିବ ସେନେଇ ଯୋଜନା କରୁଛନ୍ତି। ସେମାନଙ୍କ ଲଢ଼େଇର ଏହା ହେଉଛି ସବୁଠାରୁ ବଡ଼ କଥା ବୋଲି ତାରା କହିଛନ୍ତି।

## ବିରୋଧୀଙ୍କ ବେଙ୍ଗାଲୁରୁ ବୈଠକ ସ୍ଥଗିତ

ପାଟନା, ୨।୭

ବିରୋଧୀ ଦଳଗୁଡ଼ିକର ପ୍ରସ୍ତାବିତ ଦ୍ୱିତୀୟ ବୈଠକ ଜୁଲାଇ ୧୩ ଓ ୧୪ରେ ବେଙ୍ଗାଲୁରୁରେ ହେବାକୁ ଥିବାବେଳେ ଏହାକୁ ସ୍ଥଗିତ ରଖାଯାଇଛି। ବୈଠକର ପରବର୍ତ୍ତୀ ତାରିଖ ଧାର୍ଯ୍ୟ ହୋଇନାହିଁ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପରେ ପରବର୍ତ୍ତୀ ବୈଠକ ବସିପାରେ ବୋଲି ଜେଡିୟୁର ମୁଖ୍ୟ ମୁଖପାତ୍ର କେ.ସି. ତ୍ୟାଗୀ ରବିବାର ଗଣମାଧ୍ୟମକୁ କହିଛନ୍ତି। ଦୁଇ ପ୍ରମୁଖ ବିରୋଧୀ ଦଳ ଆର୍‌ଜେଡି ଏବଂ ଜେଡିୟୁ ବେଙ୍ଗାଲୁରୁ ବୈଠକ ତାରିଖ ଘୁଞ୍ଚାଇବା ପାଇଁ ପୂର୍ବରୁ କଂଗ୍ରେସକୁ ଅନୁରୋଧ କରିଥିଲେ। ବିହାର ବିଧାନସଭା ଅଧିବେଶନ ଥିବାରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବେଙ୍ଗାଲୁରୁ ବୈଠକରେ ଯୋଗଦେଇପାରିବେ ନାହିଁ ବୋଲି କହିଥିଲେ। ବୈଠକର ଆୟୋଜକ ଥିବା କର୍ଣ୍ଣାଟକ କଂଗ୍ରେସ ମଧ୍ୟ ମୌସୁମୀ ଅଧିବେଶନ ପାଇଁ ବୈଠକ ସ୍ଥଗିତ ରଖିବାକୁ କେନ୍ଦ୍ରୀୟ ନେତୃତ୍ୱକୁ ଅନୁରୋଧ କରିଥିଲା।

## ନାନୋ ୟୁରିଆ ବ୍ୟବହାର ନେଇ ରାଜନୀତି

ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)

■ ଚାଷୀଙ୍କ ଉତ୍ପାଦନ, ଆୟରେ ହ୍ରାସ ଘଟିବ କହିଲେ ମନ୍ତ୍ରୀ

■ ଘୋଟାଲା ବନ୍ଦ ହେବା ନେଇ ମନ୍ତ୍ରୀ ଚିନ୍ତିତ ହୋଇପଡୁଛନ୍ତି: ଭାଜପା

କେନ୍ଦ୍ର ସରକାରଙ୍କ ନାନୋ ୟୁରିଆ ଯୋଜନାକୁ ରାଜ୍ୟ ସରକାର ଲାଗୁ କରାଇବାକୁ ଇଚ୍ଛା ଦେଖାଉ ନାହାନ୍ତି। ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଜୋର୍ ଜବରଦସ୍ତ ଚାଷୀଙ୍କ ଉପରେ ଲଦି ଦିଆ ନ ଯାଉ। ଏହି ନୂଆ ଟେକ୍ନୋଲୋଜି ଲାଗୁ ହେଲେ ଓଡ଼ିଶାରେ ଚାଷ ନଷ୍ଟ ହେବ ବୋଲି ମନ୍ତ୍ରୀ ଯୁକ୍ତି ରଖିଛନ୍ତି। ହେଲେ ଭାଜପା କିନ୍ତୁ ମନ୍ତ୍ରୀଙ୍କ ଏଭଳି ମତକୁ ନେଇ ପାଲଟା ଟାର୍ଗେଟ କରିଛି।

କୃଷି ମନ୍ତ୍ରୀ କହିଛନ୍ତି ଯେ, ଏହି ନାନୋ ୟୁରିଆର ବ୍ୟବହାର ସମ୍ପର୍କରେ ଓଡ଼ିଶା ଚାଷୀ ସମ୍ପୂର୍ଣ୍ଣ ଅଜ୍ଞ। ତେଣୁ ଜବରଦସ୍ତ ଓଡ଼ିଶା ଉପରେ କେନ୍ଦ୍ର ସରକାର ଏହାକୁ ଲଦି ନ ଦିଅନ୍ତୁ। ଡ୍ରୋନ୍ ଦ୍ୱାରା ଚାଷୀମାନେ ତାକୁ ନିଜ ଜମିରେ ଛିଞ୍ଚିବା ଲାଗି ପ୍ରାବଧାନ ନ ଥିବାବେଳେ ସେ ଟେକ୍ନୋଲୋଜି ମଧ୍ୟ ଆସିନାହିଁ। ଧୀରେ ଧୀରେ ତାହା ବ୍ୟବହାର କରାଯିବ। ଏପରି କରିବା ଦ୍ୱାରା ଚାଷୀଙ୍କ ଫସଲ ଉତ୍ପାଦନ ହଠାତ୍ ହ୍ରାସ ପାଇବ। ଫଳରେ ଚାଷୀଙ୍କ ଆୟ ମଧ୍ୟ ହ୍ରାସ ପାଇବ। ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବ। ଗତବର୍ଷ ବକେୟା ଥିବା ୨୨,୫୦୦ ମେଟ୍ରିକ ଟନ୍ ୟୁରିଆ ପଠାଇବାକୁ ମନ୍ତ୍ରୀ ଦାବି କରିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ, ଓଡ଼ିଶାରେ ନାନୋ ୟୁରିଆ ବ୍ୟବହାର ଲାଗି ମନା କିଏ କରିଛି। ରାଜ୍ୟକୁ ବସ୍ତା ଆକାରରେ ୟୁରିଆ ଆସୁଥିବାରୁ ସେଥିରେ ବାଟମାରଣା ହେଉଛି। ନାନୋ ୟୁରିଆ ବଟଲରେ ଆସିଲେ ଘୋଟାଲା ବନ୍ଦ ହେବା ଆଶଙ୍କାରେ ମନ୍ତ୍ରୀ ଚିନ୍ତିତ ହେଇପଡୁଛନ୍ତି। ଓଡ଼ିଶା ସରକାର ବାସ୍ତବରେ ଚାଷୀର ଉନ୍ନତି ଚାହୁଁଛନ୍ତି ନା ନିଜର ପକେଟ୍ ଗରମ ଚାହୁଁଛନ୍ତି ସେକଥା କୁହନ୍ତୁ ବୋଲି ଗୋଲକ କହିଛନ୍ତି।

ରାଜ୍ୟ ଖବର

## କନ୍ଧମାଳରୁ ଡାକି ମୁମ୍ବାଇରେ କାଟିଦେଲେ ୨ ହାତ

ଫୁଲବାଣୀ, ବାଲିଗୁଡା,୨।୭(ରାକେଶ କୁମାର ରାଉତ /ସଞ୍ଜୟ ପାଣିଗ୍ରାହୀ)

■ କାମ କରିବାକୁ ଡାକି ନେଇଥିବା ଲୋକଙ୍କ ନାଁରେ ଏତଲା

■ ଜିଲା ଶ୍ରମ ଅଧିକାରୀ କରିବେ ତଦନ୍ତ

କାମ ଦେବାକୁ କହି କନ୍ଧମାଳରୁ ମୁମ୍ବାଇ ଡାକିନେଇ ଜଣେ ଯୁବକଙ୍କ ହାତ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଦୁଇ ହାତ ହରାଇଥିବା ଯୁବକ ଜଣକ ହେଲେ ବାଲିଗୁଡ଼ା ଥାନା ଏନ୍‌ଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡର ଡହଲପଡ଼ି ସାହିର ଅଙ୍ଗଦ ମଲିକ(୨୨)। ଏହି ଘଟଣାରେ ବାଲିଗୁଡା ଥାନାରେ ପରିବାର ପକ୍ଷରୁ ଯୁବକଙ୍କୁ ନେଇଥିବା ଲୋକଙ୍କ ନାଁରେ ଏତଲା ଦିଆଯାଇଛି। ଏହି ଘଟଣାର ତଦନ୍ତ ଜିଲା ଶ୍ରମ ଅଧିକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ସାଙ୍ଗ ରବି ସାହାଣୀଙ୍କ ସହ କାମଧନ୍ଦା କରିବା ପାଇଁ ଗତ ଏପ୍ରିଲ ୨୭ ତାରିଖରେ ବାଲିଗୁଡାରୁ ମୁମ୍ବାଇ ଘରେ ନ କହି ଅଙ୍ଗଦ ଯାଇଥିଲେ। ଅଙ୍ଗଦଙ୍କ ଘରଲୋକେ ଖୋଜାଖୋଜି କରି ନ ପାଇବାରୁ ଦୁଇଦିନ ପରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିଲା। ଗତ ଜୁନ ୨୨ ତାରିଖରେ ଗୁଜରାଟର ପାଲାରା-କୁଟଛର ରାମଦେବ ସେବାଶ୍ରମର ରିତୁବେନ ବର୍ମା ଏକ ଫୋନ ଯୋଗେ ବାଲିଗୁଡା ଥାନାକୁ ଅଙ୍ଗଦ ଦୁର୍ଘଟଣା ଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ଦେଇଥିଲେ। ବାଲିଗୁଡା ଥାନାଧିକାରୀ ବାବା ଶଙ୍କର ସରାଫ ଗୁଜରାଟର ଏକ ସେବାଶ୍ରମରେ ଅଙ୍ଗଦ ଥିବା ନେଇ ପରିବାରକୁ ସେଠାକାର ଠିକଣା ଦେଇଥିଲେ। ଏହାପରେ ବାଲିଗୁଡା ପୋଲିସର ପରାମର୍ଶ ନେଇ ଅଙ୍ଗଦଙ୍କ ଭାଇ ରତ୍ନାକର ଓ ଭିଣୋଇ ରଞ୍ଜିତ ଠିକଣା ସ୍ଥାନକୁ ଯାଇଥିଲେ। ସେଠାରେ ଭାଇର ଦୁଇହାତ କଟି ଯାଇ ଥିବା ବେଳେ ମୁଣ୍ଡ ଏବଂ ପିଠିରେ ମାଡ ହୋଇଥିବା ଦେଖିବାକୁ ପାଇଥିଲେ। ସେଠାରେ ଚିକିତ୍ସା କରାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରାମର୍ଶ କ୍ରମେ ଅଙ୍ଗଦଙ୍କୁ ଧରି ବାଲିଗୁଡ଼ା ଆସିଥିଲେ।

ସୂଚନାଯୋଗ୍ୟ, ରବି ସାହାଣୀ କାମ କରିବାକୁ ବମ୍ବେକୁ ଯିବା କହି ଅଙ୍ଗଦଙ୍କୁ ଆଠ ହଜାର ଟଙ୍କା ଦେଇଥିଲେ। ଉଭୟ ମୁମ୍ବାଇରେ ପହଞ୍ଚିବା ପରେ ଏକ କଲ ଆସିଛି କହି ରବି ଟିକେ ଦୂରକୁ ଚାଲି ଯାଇଥିଲେ। ପରେ କିଛି ବ୍ୟକ୍ତି ଆସି ଅଙ୍ଗଦଙ୍କ ମୁଣ୍ଡରେ ମାଡ଼ ମାରି ବେହୋସ କରିଦେଇଥିଲେ। ପୂର୍ବ ଯୋଜନା ମୁତାବକ ଦୁଇ ହାତ କାଟି ଫିଙ୍ଗି ଦେଇଥିଲେ ବୋଲି ଅଙ୍ଗଦ କହିଛନ୍ତି। ରେଲୱେ ପୋଲିସ ଅଙ୍ଗଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ମୁମ୍ବାଇ ପୋଲିସରେ ଏକ ମାମଲା ରୁଜୁ କରି ପାଲାରା-କୁଟଛର ରାମଦେବ ସେବାଶ୍ରମକୁ ପଠାଇଦେଇଥିଲା। ଅଙ୍ଗଦ ବିବାହିତ ଓ ତାଙ୍କର ଗୋଟିଏ ଝିଅ ଅଛି। ଏହି ଘଟଣାରେ ବାଲିଗୁଡା ପୋଲିସ ରବି ସାହାଣୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ମୁମ୍ବାଇ ପୋଲିସ ଓ ରେଲୱେ ପୋଲିସ ସହ ଯୋଗାଯୋଗ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସରାଫ କହିଛନ୍ତି।

## 'ଆତ୍ମବିଶ୍ୱାସ ଆଗରେ କିଛି ଅପହଞ୍ଚ ନୁହେଁ'

### ବିକାଶରେ ଏଚିଭର୍ସ ମିଟ୍-୨୦୨୩

ବରଗଡ଼ ଅଫିସ୍,୨।୭
(ପ୍ରେମାନନ୍ଦ ଖମାରୀ)




ବିକାଶରେ ଏଚିଭର୍ସ ମିଟ୍-୨୦୨୩ରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ବକ୍ତବ୍ୟ ରଖୁଛନ୍ତି।

ବରଗଡ଼ସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର ଚଳିତବର୍ଷ ସିବିଏସ୍‌ଇ ଦଶମ, ଦ୍ୱାଦଶ, ସିଏଚ୍‌ଏସ୍‌ଇ ଯୁକ୍ତ ୨ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏବଂ ଜେଇଇ(ମେନ୍), ଏନ୍‌ଟିଏ ନିଟ୍(ୟୁଜି) ମେଡିକାଲ ଓ ଆଇଏମ୍‌ୟୁସିଇଟି(ମର୍ଚାଣ୍ଟ ନେଭି) ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରମାନଙ୍କୁ ରବିବାର ସହର ଉପକଣ୍ଠ ବରାହଗୁଡ଼ାସ୍ଥିତ ବିକାଶ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ଏଚିଭର୍ସ ମିଟ୍-୨୦୨୩ କାର୍ଯ୍ୟକ୍ରମରେ ମାନପତ୍ର ଓ ଟ୍ରଫି ସହିତ ସମ୍ମାନିତ କରାଯାଇଛି। ବିକାଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ୨୦୨୦ ଉତ୍ତୀର୍ଣ୍ଣ ଛାତ୍ରୀ ନିକିତା ଗଙ୍ଗଦେବ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଇଂଲିଶ ସ୍ନାତକରେ ଟପ୍ପର ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ।

ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇ କୃତୀ ଛାତ୍ରୀଛାତ୍ରଙ୍କ ଶୁଭ କାମନା କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ଆଜିର ଦିନ ଆତ୍ମନିଯୁକ୍ତିର ଦିନ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ନିଜ ବକ୍ତବ୍ୟରେ ସର୍ବଭାରତୀୟ ସ୍ତରରେ ବିକାଶର ଛାତ୍ରୀଛାତ୍ର ସଫଳତାର ଶୀର୍ଷ ଅଧିକାର କରି ବିକାଶ ଗ୍ରୁପ୍ ପାଇଁ ଗର୍ବ ଗୌରବ ଆଣୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ କର୍ମନିଷ୍ଠତା, ସମୟାନୁବର୍ତ୍ତିତା, ସଂସ୍କାର ଓ ନିଜ ଉପରେ ବିଶ୍ୱାସ ରଖିଲେ କୌଣସି କାର୍ଯ୍ୟ ଅପହଞ୍ଚ ନୁହେଁ ବୋଲି ସେ କହିଥିଲେ। ନ୍ୟୁ ଏଜୁକେଶନ ପଲିସି, ସହଯୋଗ ଓ ସମନ୍ୱୟ, କ୍ରିଏଟିଭିଟି, ଲାଇଫ୍ ସ୍କିଲ୍ସ, ହୋଲିଷ୍ଟିକ୍ ଆଣ୍ଡ୍ ଡେଭଲପମେଣ୍ଟ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କ ସମସ୍ତ ସଫଳତା ବିକାଶ କାର୍ଯ୍ୟ ପ୍ରଣାଳୀର ଉଦାହରଣ ବୋଲି ଚେୟାରମ୍ୟାନ କ୍ରୀଷ୍ଣା କହିଥିଲେ।

ଏହି ସମ୍ବର୍ଦ୍ଧନା ସମାରୋହରେ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିକାଶ ଏଣ୍ଟ୍ରାନ୍ସ ଏକାଡେମୀର ୧୯୦ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ଏବଂ ୨୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ସିବିଏସ୍‌ଇ ଦଶମରେ ୮୮, ଦ୍ୱାଦଶରେ ୭୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୨୬ଜଣ ଛାତ୍ରୀଛାତ୍ର ସିଏଚ୍‌ଏସ୍‌ଇ ଯୁକ୍ତ ୨ ପରୀକ୍ଷାରେ ୫୦୦ମାର୍କରୁ ଊର୍ଦ୍ଧ୍ୱ, ଜେଇଇ(ମେନ୍)ରେ ୬୫ଜଣ, ଏନ୍‌ଟିଏ ନିଟ୍(ୟୁଜି) ମେଡିକାଲରେ ୩୦ଜଣ ଏବଂ ଆଇଏମ୍‌ୟୁସିଇଟି(ମର୍ଚାଣ୍ଟ ନେଭି) ପରୀକ୍ଷାରେ ୨ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଜୁଲାଇରେ ଖୋଲିବ ସେନ୍‌କୋ ଗୋଲ୍ଡର ଆଇପିଓ

ଭୁବନେଶ୍ୱର,୨।୭(ଅଭୟ ଦାଶ)



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ସେନ୍‌କୋ ଗୋଲ୍ଡ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ୨୦୨୩ ଜୁଲାଇ ୪ରେ ଖୋଲିବ ବୋଲି ସେନ୍‌କୋ ଗୋଲ୍ଡ ପକ୍ଷରୁ ସୂଚନା ଦିଆଯାଇଛି, ଯେଉଁଥିରେ ୪୦୫ କୋଟି ଟଙ୍କାର ଇକ୍ୱିଟି ଶେୟାର ସାମିଲ ରହିଛି। ଏଥିରେ ୨୭୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଏସ୍‌ଏଆଇଏଫ୍ ପାର୍ଟନର୍ସ ଇଣ୍ଡିଆ ୪ ଲିମିଟେଡ୍ ୧୩୫ କୋଟି ଟଙ୍କାର ଇକ୍ୱିଟି ଶେୟାର ଅଫର ଫର ସେଲ୍ ପାଇଁ ଉପଲବ୍ଧ କରିବେ। ଆଙ୍କର ନିବେଶକମାନେ ୨୦୨୩ ଜୁଲାଇ ୪ରେ ବିଡ୍ ଦାଖଲ କରିପାରିବେ। ଏହି ଅଫର ୨୦୨୩ ଜୁଲାଇ ୬ ରେ ବନ୍ଦ ହେବ। ଏହି ଅଫରର ଇକ୍ୱିଟି ଶେୟାର ପିଛା ମୂଲ୍ୟ ୩୦୧ ଟଙ୍କାରୁ ୩୧୭ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୪୭ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ଏହା ପରେ ୪୭ର ଗୁଣିତକ ହିସାବରେ ଅଧିକ ଇକ୍ୱିଟି ଶେୟାର ଯୋଡ଼ିପାରିବେ। ଏହି ଅଫରରୁ ଯେଉଁ ପାଣ୍ଠି ମିଳିବ ସେଥିରୁ ୧୯୬ କୋଟି ଟଙ୍କାକୁ କମ୍ପାନୀର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବା ଲାଗି ବ୍ୟବହାର କରାଯିବ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଅପରପକ୍ଷରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ଇସ୍ୟୁର ଭାଗ ୭୫%ରୁ କମ୍ ହେବ ନାହିଁ। ସେହିପରି କ୍ୟୁଆଇବିଙ୍କ ପାଇଁ ରହିଥିବା ଭାଗର ୬୦% ଆଙ୍କର ନିବେଶକଙ୍କୁ ସେବି ନିୟମ ଅନୁସାରେ ପ୍ରଦାନ କରାଯିବ। ଯେଉଁଥିପାଇଁ ବିଆର୍‌ଏଲ୍‌ଏମ୍ ସହିତ ଆଲୋଚନା ହୋଇଛି। ତାହାର ଏକ ତୃତୀୟାଂଶ ଦେଶ ଭିତରର ମ୍ୟୁଚୁଆଲ୍ ଫଣ୍ଡ୍ ପାଇଁ ସଂରକ୍ଷିତ ରହିବ। ସେଥିପାଇଁ ଆବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ନ ମିଳିଲେ ଅବଶିଷ୍ଟ ଇକ୍ୱିଟି ଶେୟାରକୁ ନେଟ୍ କ୍ୟୁଆଇବିଙ୍କ ଭାଗରେ ଯୋଡ଼ାଯିବ। ନେଟ୍ କ୍ୟୁଆଇବି ଭାଗର ୫% ମ୍ୟୁଚୁଆଲ୍ ଫଣ୍ଡ୍‌ମାନଙ୍କ ପାଇଁ ରହିବ। ନିଟ୍ ଇସ୍ୟୁର ୧୫% ଅଣ ସଂସ୍ଥାଗତ ବିଡରମାନଙ୍କ ଲାଗି ରହିବ। ତାହାର ୧୦% ରିଟେଲ୍ ନିବେଶକମାନଙ୍କ ପାଇଁ ରଖାଯିବ।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨।୭

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଏମ୍‌ଡିଆର୍-ଏମ୍‌ଭି୧ ରେଫରେନ୍ସ ମନିଟର ହେଡ୍‌ଫୋନ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ପ୍ରଫେସନାଲ ସାଉଣ୍ଡ୍ ଇଞ୍ଜିନିୟର ଓ ସଙ୍ଗୀତ ସ୍ରଷ୍ଟାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ଉତ୍ପାଦ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଏପରିକି ଏଥିରେ ଉନ୍ନତ ସାଉଣ୍ଡ୍ ସହିତ ଦୀର୍ଘସ୍ଥାୟିତ୍ୱ ଓ ଭରସାର ମିଶ୍ରଣ ରହିଛି। ସେହିଭଳି ଏହାର ଓପନ୍ ବ୍ୟାକ୍ ଡିଜାଇନ୍‌ଗୁଡିକ ୩୬୦° ରିଅଲିଟି ଅଡିଓ, ଷ୍ଟେରିଓ ସାଉଣ୍ଡ୍ ସହିତ ଉଚ୍ଚମାନର ରିଜଲ୍ୟୁଶନ ଦକ୍ଷତା ଆଦିର ମିଶ୍ରଣ କରିବାରେ ସହାୟକ ହେବ। ସେହିପରି ସୋନି ଇଣ୍ଡିଆ ପକ୍ଷରୁ ସି-୮୦ ମାଇକ୍ରୋଫୋନ୍‌ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ସୋନି ଇଣ୍ଡିଆର ଅଡିଓ ବିଜନେସ୍ ମୁଖ୍ୟ ସୋହେଇ ଟୋୟୋଡା କହିଛନ୍ତି, ଜାଗତିକ ସ୍ୱର ଓ ଉଚ୍ଚମାନର ଷ୍ଟ୍ରିମିଂ ସଙ୍ଗୀତ ସେବାରେ ବୃଦ୍ଧି ହେବା ସହ ହେଡ୍‌ଫୋନ୍ ଚାହିଦାରେ ବୃଦ୍ଧି ହୋଇଥିବା ଆମେ ଦେଖିପାରୁଛୁ, ଯାହା ଏହି ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରିବ।

## ଅମୁଲ ସହ ପିଏନ୍‌ବିର ସହଭାଗିତା




ଭୁବନେଶ୍ୱର,୨।୭

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଗୁଜରାଟ ସମବାୟ ଦୁଗ୍ଧ ବିତରଣ ଫେଡେରେଶନ (ଜିସିଏମଏମଏଫଏଲ) ବା ଅମୁଲ ସହ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଭାରତ ସରକାରଙ୍କ ମୁଦ୍ରା ଯୋଜନାର ସମସ୍ତ ସୁବିଧା ଚାଷୀ ଓ ବ୍ୟବସାୟୀଙ୍କୁ ଯୋଗାଇ ଦେବା ଆଶାରେ ଉଭୟ ସଂସ୍ଥା ମଧ୍ୟରେ ସହଭାଗିତା ହୋଇଥିବା ଜଣାପଡିଛି। ଏପରିକି ଅମୁଲର ପ୍ରାୟ ୧୧ ଲକ୍ଷ ରିଟେଲର୍ସ ଓ ହୋଲସେଲ ଡିଲର୍ସମାନେ ଲାଭବାନ ହୋଇପାରିବେ ବୋଲି ଉଭୟ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପିଏନବିର ନୂଆଦିଲ୍ଲୀର ଦ୍ୱାରକାସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସାମାରୋହାରେ ଉକ୍ତ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଜିସିଏମଏମଏଫଏଲ(ଅମୁଲ)ର ଏମ୍‌ଡି ଜୟେନ ମେହେତା,ଏସଜିଏମ ଆଣ୍ଡ ସିଏଫଓ ଅତୁଲ ଅଗ୍ରୱାଲଙ୍କ ସମେତ ପିଏନବିର ଇଡି ଏମ.ପରମାସିଭମ, ସିଜିଏମ ସୁନୀଲ କୁମାର ଚୁଗ, ସିଜିଏମ ସୁନୀଲ ଗୋଏଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧ରୁ ବିଧିବଦ୍ଧଭାବେ ଉକ୍ତ ବୁଝାବଣା କାର୍ଯ୍ୟକାରୀ ହେବ ବୋଲି ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି।

## ଜୁନ୍‌ରେ ହୋଣ୍ଡାର ଘରୋଇ ବିକ୍ରି ୫୦୮୦ ୟୁନିଟ୍

ଭୁବନେଶ୍ୱର,୨।୭

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଭାରତର ଅଗ୍ରଣୀ ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ୨୦୨୩ ଜୁନ୍‌ର କାରବାର ସମ୍ପର୍କରେ ବିସ୍ତୃତ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ ଚଳିତ ବର୍ଷ ଜୁନ୍ ମାସରେ ମୋଟ ୫୦୮୦ ୟୁନିଟ କାର ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୧୧୨ ୟୁନିଟ ରପ୍ତାନି କରିଥିବା ଏଚସିଆଇଏଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କମ୍ପାନୀ ଗତ ବର୍ଷ ଜୁନରେ ମୋଟ ୭୮୩୪ ୟୁନିଟ କାର ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୫୦୨ ୟୁନିଟ ରପ୍ତାନି କରିଥିବା ଏଚସିଆଇଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏଚସିଆଇଏଲର ନିର୍ଦ୍ଦେଶକ ( ମାର୍କେଟିଙ୍ଗ ଆଣ୍ଡ ସେଲ୍‌ସ) ୟୁଇଚି ମୁରାତା କହିଛନ୍ତି, ୨୦୨୩ ଜୁନରେ କମ୍ପାନୀ କାରବାର ଆଶାନୁଯାୟୀ ହୋଇଥିବାବେଳେ ଆଗାମୀ ଦିନରେ କାରବାର ବଢିବାର ସମ୍ଭାବନା ରହିଛି। କାରଣ ନିକଟରେ କମ୍ପାନୀର ନୂତନ ମଡେଲ ବଜାରରେ ଉପଲବ୍ଧ ହେଉଥିବାବେଳେ ଏସୟୁଭି ଗ୍ରାହକମାନେ ହୋଣ୍ଡାର ନୂତନ ମଡେଲ ସାଙ୍ଗକୁ ପୂଜା ବଜାରକୁ ଅପେକ୍ଷା କରିଛନ୍ତି। ସେହିଭଳି ପୂଜାରେ ନୂତନ ମଡେଲ ସହିତ ନୂଆ ନୂଆ ଅଫର ଓ ସୁବିଧା ସହ ନୂଆ ମଡେଲ ଉନ୍ମୋଚନ ହେବାର ଯୋଜନା ରହିଛି।

## ୨୧ ମୋ ସ୍କୁଲର ବିକାଶ କରିବ ବେଦାନ୍ତ ଲାଞ୍ଜିଗଡ଼

ଭୁବନେଶ୍ୱର,୨।୭



ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲାଞ୍ଜିଗଡ଼ ଏବଂ କଳାହାଣ୍ଡି ଜିଲା ପ୍ରଶାସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ଜଣାପଡିଛି। ଏପରିକି ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ମୋ ସ୍କୁଲର ଅଂଶ ବିଶେଷ (ମୋ ସ୍କୁଲ ଅଭିଯାନ) ଅନୁସାରେ କଳାହାଣ୍ଡି ଜିଲାର ୨୧ଟି ମୋ ସ୍କୁଲର ବିକାଶ ପାଇଁ ଉଭୟ କଳାହାଣ୍ଡି ଜିଲା ପ୍ରଶାସନ ଓ ବେଦାନ୍ତ ଲାଞ୍ଜିଗଡ଼ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ବିକାଶ ଅଧିକାରୀ ପାୱାର ସଚିନ ପ୍ରକାଶ କହିଛନ୍ତି, ମୋ ସ୍କୁଲ ଅଭିଯାନର ଏଭଳି ଏକ ସୁନ୍ଦର ପଦକ୍ଷେପ ପାଇଁ ବେଦାନ୍ତ ଜିଲା ପ୍ରଶାସନ ସହିତ ସହଭାଗୀ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ବେଦାନ୍ତ ଜିଲାର ୨୧ଟି ସ୍କୁଲର ନବୀକରଣ କାର୍ଯ୍ୟ କରିବ। ଏପରିକି ଆମେ ଆଶା କରୁଛୁ ଏହାଦ୍ୱାରା ଛୋଟ ଛୋଟ ପିଲାମାନେ ବହୁ ଉପକୃତ ହେବେ। ବେଦାନ୍ତର ଏଭଳି ଏକ ମହତ କାର୍ଯ୍ୟକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି। ସେହିଭଳି ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବିଜ୍‌ନେସ) ଜି.ଜି.ପାଲ କହିଛନ୍ତି, ମୋ ସ୍କୁଲ କାର୍ଯ୍ୟକ୍ରମ ପାଇଁ ଆମେ ଓଡ଼ିଶା ସରକାରଙ୍କ ସହିତ ଭାଗୀଦାରି ହୋଇ ବେଶ୍ ଆନନ୍ଦିତ। କମ୍ପାନୀର ଏଭଳି ଏକ ମହତ ପଦକ୍ଷେପ ଶିକ୍ଷାକୁ ସଶକ୍ତ କରିବ। ଫଳରେ ସରକାରଙ୍କ ସହିତ ମିଳିତ ହୋଇ ଆମେ ଏହି ବିକାଶ କାର୍ଯ୍ୟରେ ସାମିଲ ହେବା ସହିତ ୨୧ଟି ବିଦ୍ୟାଳୟର ଉନ୍ନତିକୁ ନିଶ୍ଚିତ କରିବୁ।

## ଓଡ଼ିଶାରେ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ସିସିସି

ଭୁବନେଶ୍ୱର,୨।୭

ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ତଥା ସର୍ବପ୍ରଥମ ସମ୍ପୂର୍ଣ୍ଣ ସ୍ୱୟଂକ୍ରୀୟ ନିର୍ମାଣ ସର୍ଭିସ୍ ସେଣ୍ଟର୍ (ସିସିସି) ଓଡ଼ିଶାର କଟକ ଜିଲା ଅନ୍ତର୍ଗତ ଟାଙ୍ଗିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍‌ର ଚେୟାରପର୍ସନ (ମାର୍କେଟିଂ ଏବଂ ସେଲ୍‌ସ ଓ ଲଙ୍ଗ ପ୍ରଡକ୍ଟସ୍ ବିଭାଗ) ଆଶିଷ ଅନୁପମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କମ୍ପାନୀର ଚ୍ୟାନେଲ୍ ପାର୍ଟନର ସାଗର ବିଜ୍‌ନେସ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଉକ୍ତ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୧୧ ଏକର ପରିବ୍ୟାପ୍ତ ଅଞ୍ଚଳରେ ଉକ୍ତ ସିସିସି କାର୍ଯ୍ୟକ୍ଷମ ହେବ। ଏପରିକି ଏହି ଅତ୍ୟାଧୁନିକ ସ୍ୱୟଂକ୍ରୀୟ ମାନୁଫାକଚରିଂ ସୁବିଧା ସହିତ କଟ୍ ଆଣ୍ଡ୍ ବେଣ୍ଡ୍ ରିବାର, କପଲର୍ ଥ୍ରେଡିଂ ଓ ୱେଲ୍‌ଡେଡ୍ ଓୟାର ମେସ୍ ଉତ୍ପାଦନ ଲାଗି ଉକ୍ତ କେନ୍ଦ୍ରର କ୍ଷମତା ୩୦୦୦ ଟିପିଏମ୍ (ମାସ ପିଛା ଟନ୍) ରହିଛି। ଏ ସମ୍ପର୍କରେ ଆଶିଷ ଅନୁପମ କହିଛନ୍ତି, ଓଡ଼ିଶାରେ ଏଭଳି ଏକ ଅତ୍ୟାଧୁନିକ ସୁବିଧା କେନ୍ଦ୍ରର ସ୍ଥାପନ କରି ଆମେ ବେଶ୍ ଉତ୍ସାହୀ ଅଛୁ। ଏପରିକି କମ୍ପାନୀ ସାଗର ବିଜନେସ୍ ପ୍ରାଇଭେଟ୍ ଲିମିଟେଡ୍ ସହ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଉତ୍ସାହିତ ଓ ଏହା ଜରିଆରେ ଆମେ ଦୀର୍ଘସ୍ଥାୟିତ୍ୱ, ସୂକ୍ଷ୍ମ, ଗୁଣାତ୍ମକ ଓ ଦ୍ରୁତ ନିର୍ମାଣର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଛୁ। ଅପରପକ୍ଷରେ ଭୁବନେଶ୍ୱରରେ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଭିତ୍ତିଭୂମି, ଗୃହ ଓ ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହିତ ୬୦ରୁ ଅଧିକ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଫୁର୍‌ସତ୍**

# କୁମ୍ଭୀରକୁ ବିବାହ କଲେ ମେୟର

ମେକ୍ସିକୋ ସିଟି



ଦକ୍ଷିଣ ମେକ୍ସିକୋର ସାନ ପେଡ୍ରୋ ହୁଆମେଲୁଲାର ମେୟର ଭିକ୍ଟର ହୁଗୋ ସୁସା ପୈତୃକ ରୀତିନୀତିରେ ଆଲିସିଆ ଆଡ୍ରିନା ନାମକ ଏକ ମାଈ କୁମ୍ଭୀରକୁ ବିବାହ କରିଛନ୍ତି। ଚୋଣ୍ଟାଲ ଏବଂ ହ୍ୱାଭି ଆଦିବାସୀଙ୍କ ମଧ୍ୟରେ ଶାନ୍ତି ଏବଂ ଭଲ ଫସଲ ପାଇଁ ମେୟର ଏପରି ବିବାହ କରିଥିବା ଜଣାପଡ଼ିଛି। ଏପରି ବିବାହ ପ୍ରଥା ୨୩୦ ବର୍ଷ ଧରି ଚାଲିଆସୁଛି। ଏଠାରେ ପରମ୍ପରା ରହିଛି ଯେ ଯେତେବେଳେ ଚୋଣ୍ଟାଲ ରାଜା ମେୟରଙ୍କ ରୂପରେ ଆବିର୍ଭୂତ ହୋଇଥିଲେ, ସେତେବେଳେ ମାଈ କୁମ୍ଭୀର ଦ୍ୱାରା ପ୍ରତିନିଧିତ୍ୱ ହୋଇଥିବା ହ୍ୱାଭି ଗୋଷ୍ଠୀର ଜଣେ ରାଜକୁମାରୀଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ମେୟର ସରୀସୃପକୁ ଘରକୁ ନେଇଥିଲେ। ସେଠାରେ ମାଈ କୁମ୍ଭୀରକୁ ବିବାହ ପାଇଁ ନୂଆ ବସ୍ତ୍ର ପିନ୍ଧାଯାଇଥିଲା। ଏଥିସହ କୌଣସି ଦୁର୍ଘଟଣାକୁ ଏଡ଼ାଇବାକୁ କୁମ୍ଭୀରର ପାଟି ବନ୍ଧା ଯାଇଥିଲା। ଏହାପରେ ଦୁହେଁ ଆଶୀର୍ବାଦ ପାଇଁ ଟାଉନ ହଲ୍‌ରେ ପହଞ୍ଚିଥିଲେ। ଆଲିସିଆ ଆଡ୍ରିନା ମଥାକୁ ମେୟର ଚୁମ୍ବନ ଦେଇଥିଲେ। ଏହାପରେ ବାସିନ୍ଦାମାନେ ତାକୁ କୋଳରେ ଧରି ନାଚରେ ମଜି ଯାଇଥିଲେ।

# ବ୍ରେକ୍‌ଅପ୍ ପରେ ଦିଶା, ଟାଇଗର ଏକାଠି

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଏବଂ ଅଭିନେତା ଟାଇଗର ଶ୍ରଫଙ୍କୁ ନିକଟରେ ଏକାଠି ଦେଖିବାକୁ ମିଳିଛି। ଦୁହିଁଙ୍କର ବ୍ରେକ୍‌ଅପ୍ ପରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ କୋଠି ନଜରକୁ ଆସିଛନ୍ତି। ଏହାର ଫଟୋ ଓ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦିଶା ଏବଂ ଟାଇଗର ଇଭେଣ୍ଟ ସମୟରେ ପରସ୍ପର ପାଖରେ ବସିବା ସହ କଥା ହେଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଉଭୟେ ବିମାନବନ୍ଦରରେ ପହଞ୍ଚିବାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଟାଇଗର କ୍ୟାମେରା ସାମ୍ନାରେ ପୋଜ୍ ଦେଇଥିବା ବେଳେ ଦିଶା ପଛରେ ଠିଆ ହୋଇ ତାଙ୍କୁ ଅପେକ୍ଷା କରିଥିଲେ। ଟାଇଗରଙ୍କ ପରେ ଦିଶା କ୍ୟାମେରା ଆଗରେ ଆସି ପୋଜ୍ ଦେଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଟାଇଗରଙ୍କ ଜନ୍ମଦିନରେ ଦିଶା ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା। ଦିଶା ୨୦୧୫ରେ ତେଲୁଗୁ ଫିଲ୍ମରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଭାରତର ପୂର୍ବତନ କ୍ରିକେଟ ଖେଳାଳି ଏମ୍.ଏସ୍. ଧୋନୀଙ୍କ ଉପରେ ଆଧାରିତ ଫିଲ୍ମରେ ବଲିଉଡ୍‌କୁ ଆସିଥିଲେ। ସେ କିଛି ଫିଲ୍ମରେ ଟାଇଗରଙ୍କ ସହ ମଧ ନଜରକୁ ଆସିଛନ୍ତି। ଏବେ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି। ଏଥିସହ ୨ଟି ମ୍ୟୁଜିକ୍ ଭିଡିଓରେ ମଧ କାମ କରିଛନ୍ତି।

# ସାଇକେଲରେ କେଦାରନାଥ ଯାତ୍ରା

ପାଟନା




ଉତ୍ତରାଖଣ୍ଡରେ ଥିବା ଶୈବପୀଠ କେଦାରନାଥ ପୀଠକୁ ବର୍ତ୍ତମାନ ସମୟରେ ବହୁ ଲୋକଙ୍କ ସମାଗମ ହେଉଛି। ଲୋକଙ୍କ ଭକ୍ତି ସେମାନଙ୍କୁ ଏଠାକୁ ଟାଣି ଆଣୁଛି। ତେବେ ବିହାରର ଜଣେ ବ୍ୟକ୍ତି ୩ ହଜାର କି.ମି. ସାଇକେଲ ଯାତ୍ରା କରି କେଦାରନାଥରେ ପହଞ୍ଚିଛନ୍ତି। ବିହାର ଜମୁଇ ଜିଲାର ଝାଝାର ବାସିନ୍ଦା ପ୍ରୀତମ ରାଜହଂସ ମେ' ୫ ତାରିଖରେ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ସେ ଜମୁଇରୁ ତାଙ୍କ ଯାତ୍ରା ଆରମ୍ଭ କରି ଅଯୋଧ୍ୟା, ଗୋରଖପୁର ହୋଇ ଉତ୍ତରାଖଣ୍ଡରେ ପହଞ୍ଚିଲେ। ସେଠାରୁ ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ହୋଇ କେଦାରନାଥରେ ପହଞ୍ଚିଥିଲେ। ଏହାପରେ ସେ ବଦ୍ରିନାଥରେ ପହଞ୍ଚି ସେଠାରେ ବିଷ୍ଣୁଙ୍କୁ ଦର୍ଶନ କରିଥିଲେ। ଲଗାତର ୫୬ ଦିନର ଯାତ୍ରା ପରେ ସେ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିଥିଲେ। କୌଣସି ଲକ୍ଷ୍ୟ ରଖି ଯାତ୍ରା ଆରମ୍ଭ କଲେ ରାସ୍ତାରେ ଯେତେ ବାଧାବିଘ୍ନ ଆସିଲେ ବି ସେସବୁକୁ ସାମ୍ନା କରି ଆଗକୁ ବଢିବାକୁ ପଡ଼େ ବୋଲି ପ୍ରୀତମ କହିଛନ୍ତି। ଏହି ଯାତ୍ରା ସମୟରେ ସେ ଲୋକଙ୍କୁ ପରିବେଶ ସମ୍ବନ୍ଧୀୟ ବାର୍ତ୍ତା ଦେଇଥିଲେ। ଅନେକ ଲୋକ ତାଙ୍କୁ ବାଟରେ ସାହାଯ୍ୟ ମଧ କରିଥିଲେ। ପ୍ରୀତମ ୩ ହଜାର କି.ମି.ରୁ ଅଧିକ ରାସ୍ତା ସାଇକେଲରେ ହିଁ ଯାତ୍ରା କରିଛନ୍ତି। ଏହାପରେ ସେ ୪ ଧାମ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ୪ ଧାମ ଯାତ୍ରା ସମୟରେ ସେ ସାଇକେଲରେ ଯାଇ ପରିବେଶ ବାବଦରେ ଲୋକଙ୍କୁ ବାର୍ତ୍ତା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି, ଆମକୁ ପରିବେଶ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସାଇକେଲର ବ୍ୟବହାର କଲେ ପରିବେଶର କୌଣସି କ୍ଷତି ହେବନି। ଏଥିସହ ସେ ଲୋକଙ୍କୁ ପରିବେଶ ପାଇଁ ଅଧିକ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି।

# ପାଦରୁ ଲକ୍ଷାଧିକ ରୋଜଗାର



ନୂଆଦିଲ୍ଲୀ

ବର୍ତ୍ତମାନ ସମୟରେ ଲୋକେ ସୋସିଆଲ ମିଡିଆରୁ ଅନେକ ରୋଜଗାର କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଲୋକ ଏପରି କିଛି ଉପାୟରେ ଟଙ୍କା ରୋଜଗାର କରୁଛନ୍ତି, ଯାହା ବିଷୟରେ ଆମେ କେବେ ଚିନ୍ତା ବି କରିପାରିବାନାହିଁ। ଜଣେ ମହିଳା ତାଙ୍କ ନର୍ସ ଚାକିରି ଛାଡ଼ି କିପରି ସୋସିଆଲ ମିଡିଆରୁ ଟଙ୍କା ରୋଜଗାର କରୁଛନ୍ତି, ସେ ବାବଦରେ କହିଛନ୍ତି। ସେ ତାଙ୍କ ପାଦର ଫଟୋ ଶେୟାର କରି ମାସରେ ୫ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଥିବା କହିଛନ୍ତି। କଣ୍ଟେଣ୍ଟ କ୍ରିଏଟର ଅମେଲିଆ କହିଛନ୍ତି, ସେ ତାଙ୍କ ପାଦର ଫଟୋ ଏବଂ ପାଦର ଉପଚାର ବାବଦୀୟ ଅନେକ ଭିଡିଓ ଇଣ୍ଟରନେଟ୍‌ରେ ଛାଡୁଛନ୍ତି। ଏହାକୁ ବହୁ ଲୋକ ଦେଖିବା ସହ ତାଙ୍କୁ ଲକ୍ଷାଧିକ ଲୋକ ଫଲୋ କରୁଛନ୍ତି। ୨୮ ବର୍ଷୀୟା ଅମେଲିଆ ଯେତେବେଳେ ପାଦରେ କୌଣସି ବି ଉପଚାର କରନ୍ତି, ତାହାର ଭିଡିଓ ଛାଡ଼ିଥାନ୍ତି। ତାଙ୍କର କଣ୍ଟେଣ୍ଟ ପାଇଁ ତାଙ୍କୁ ଅନେକ ଟଙ୍କା ମିଳିଥାଏ। ସେ ଲୋକଙ୍କ କମେଣ୍ଟ ମୁତାବକ କଣ୍ଟେଣ୍ଟ ମଧ ପ୍ରସ୍ତୁତ କରିଥାନ୍ତି। ସେ ତାଙ୍କ ୱେବ୍‌ସାଇଟ ଜରିଆରେ କିପରି ଲୋକଙ୍କୁ ଭେଟିଲେ ସେ ବାବଦରେ ମଧ କହିଛନ୍ତି। ପ୍ରାରମ୍ଭରୁ ୬ ମାସ ମଧରେ ତାଙ୍କୁ ଅନେକ ଲୋକ ଫଲୋ କରିବା ସହ ଟଙ୍କା ମିଳିବା ଆରମ୍ଭ ହୋଇଗଲା। ଫଲୋୟର୍ସଙ୍କ କହିବା ମୁତାବକ ସେ ପାଦର ବିଭିନ୍ନ ପ୍ରକାର ଫଟୋ ଶେୟାର କରିଥାନ୍ତି। ଫଳରେ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିଥାଏ। ପ୍ରତି ମାସରେ ପ୍ରାୟ ୫ ହଜାର ପାଉଣ୍ଡ ଅର୍ଥାତ୍ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେ ରୋଜଗାର କରୁଛନ୍ତି।

# ଦୁର୍ଦ୍ଧର୍ଷରୁ ଦୟନୀୟ ସ୍ଥିତିରେ ୱେଷ୍ଟଇଣ୍ଡିଜ୍





୧୯୭୫ ଓ ୧୯୭୯ ବିଶ୍ୱକପ ଟ୍ରଫି ସହ କ୍ଲାଇବ୍ ଲଏଡ୍। ପରାଜୟ ପରେ ୱେଷ୍ଟଇଣ୍ଡିଜ ଦଳ।

ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ୍‌ରୁ ବାଦ୍ ପଡିଛି। ଭାରତରେ ହେବାକୁ ଥିବା ୨୦୨୩ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ଦଳ ବିଫଳ ହୋଇଛି। ଦିନିକିଆ ବିଶ୍ୱକପ୍‌ର ୪୮ ବର୍ଷର ଇତିହାସରେ ପ୍ରଥମ ଥର ଏଭଳି ଘଟଣା ଘଟିବାକୁ ଯାଉଛି। ୱେଷ୍ଟଇଣ୍ଡିଜ୍ ଏମିତି ଏକ ଦେଶ, ଯାହାର କ୍ରିକେଟ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏହି ଦଳ ପ୍ରଥମ ଦୁଇ ସଂସ୍କରଣର ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇଥିଲା। ଯେଉଁ ଦଳ ନିକଟରେ ସାର ଗାରଫିଲ୍ଡ ସୋବର୍ସ, ଭିଭିଆନ୍ ରିଚାର୍ଡ୍ସ, କ୍ଲାଇବ ଲଏଡ, ବ୍ରାଏନ୍ ଲାରାଙ୍କ ପରି କିମ୍ବଦନ୍ତୀ ଖେଳାଳି ରହିଥିଲେ ସେଭଳି ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲରେ ବିଫଳ ହେବା ସମଗ୍ର ବିଶ୍ୱର କ୍ରିକେଟ ଫ୍ୟାନ୍‌ଙ୍କୁ ଚକିତ କରିଦେଇଛି। ଏହା ଏମିତି ଏକ ଦଳ ଯାହାର ପେସ୍ ବୋଲିଂ ବିଶ୍ୱର ବ୍ୟାଟରମାନଙ୍କୁ ଭୀତତ୍ରସ୍ତ କରୁଥିଲା। ବର୍ତ୍ତମାନ ତାହା ଏକ ଦନ୍ତହୀନ ବାଘରେ ପରିଣତ ହୋଇଛି। ଏପରି ସ୍ଥିତିରେ ଏହି ଦଳ ବିଫଳ ହେବାର କିଛି କାରଣ ସମ୍ପର୍କରେ ଏକ ନଜର....

### ୧୯୭୫ ଓ ୧୯୭୯

ଦିନିକିଆ କ୍ରିକେଟ ବିଶ୍ୱକପ୍ ପ୍ରଥମ ଥର ପାଇଁ ୧୯୭୫ରେ ଆୟୋଜିତ ହୋଇଥିଲା। ପ୍ରଥମ ଦୁଇ ସଂସ୍କରଣରେ ଦଳ ଚାମ୍ପିୟନ ହୋଇଥିବା ବେଳେ ଉଭୟ ବ୍ୟାଟିଂ ଓ ବୋଲିଂରେ ଏହା ଥିଲା ବିଶ୍ୱର ସର୍ବଶକ୍ତିଶାଳୀ ଦଳ। ୧୯୮୩ରେ ଭାରତ ନିକଟରୁ ହାରି ଦଳ ରନର୍ ଅପ୍ ହୋଇଥିଲା। ଏହି ସମୟରେ ସାର ଗାରଫିଲ୍ଡ ସୋବର୍ସ, ଭିଭିଆନ୍ ରିଚାର୍ଡ୍ସ, କ୍ଲାଇବ ଲଏଡ, କର୍ଟଲି ଆମ୍ବ୍ରୋଜ୍, ଜୋଏଲ ଗାର୍ନର ଓ ମାଲକମ୍ ମାର୍ଶାଲଙ୍କ ପରି ଖେଳାଳି ଦଳକୁ ସଫଳତାର ଶୀର୍ଷତମ ସୋପାନରେ ପହଞ୍ଚାଇଥିଲେ।

### ପ୍ରଥମ ଥର ବିଫଳତା

୭୦ ଦଶକର ସବୁଠାରୁ ଦୁର୍ଦ୍ଧର୍ଷ ଦଳ ୧୯୮୩ ପରଠାରୁ ବିଫଳ ହୋଇଥିଲା। ଦଳର ପ୍ରଦର୍ଶନ ଖରାପ ରହି ନ ଥିଲେ ମଧ୍ୟ ଆଇସିସି ଇଭେଣ୍ଟଗୁଡ଼ିକରେ ଟ୍ରଫି ହାସଲରେ ଏହା ସମର୍ଥ ହୋଇ ନ ଥିଲା। ଶେଷ ଥର ପାଇଁ ୧୯୭୯ରେ ଦିନିକିଆ ବିଶ୍ୱକପ୍ ବିଜୟୀ ହେବା ପରେ ୨୫ ବର୍ଷ ପାଇଁ ଦଳ ଆଇସିସି ଇଭେଣ୍ଟରେ ଟ୍ରଫି ଶୂନ୍ୟ ରହିଥିଲା। ତେବେ ବ୍ରାଏନ୍ ଲାରାଙ୍କ ଅଭ୍ୟୁତ୍ଥାନ ପରେ ୨୦୦୪ରେ ଏହି ପ୍ରତୀକ୍ଷାର ଅନ୍ତ ଘଟିଲା। ୨୦୦୪ରେ ଦଳ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିବା ବେଳେ ୨୦୦୬ରେ ରନର୍ ଅପ୍ ରହିଥିଲା।

## ପ୍ରଥମଥର ଦିନିକିଆ ବିଶ୍ୱକପ ଯୋଗ୍ୟତା ଅର୍ଜନରେ ବିଫଳ

### ଟି୨୦ର ପ୍ରଭାବ

୨୦୦୭ରେ ସମଗ୍ର ବିଶ୍ୱ କ୍ରିକେଟର ଏକ ନୂତନ ଫର୍ମାଟ ସହିତ ପରିଚିତ ହେଲା। ଟି୨୦ରେ ଆକ୍ରମଣାତ୍ମକ କ୍ରିକେଟ ଦେଖିବାକୁ ମିଳୁଥିବା ବେଳେ ଏହା ୱେଷ୍ଟଇଣ୍ଡିଜ୍‌ର ଖେଳ ଷ୍ଟାଇଲକୁ ସୁହାଇଥିଲା। ଦଳ ୨୦୧୨ ଓ ୨୦୧୬ରେ ଦୁଇ ଦୁଇ ଥର ଚାମ୍ପିୟନ ମଧ୍ୟ ରହିଥିଲା। ତେବେ ଦଳର ପ୍ରଦର୍ଶନ ଖରାପ ହେବା ସହିତ ଏହା ୨୦୨୨ରେ ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରି ପାରି ନ ଥିଲା।

### ବେତନ ଓ ଫ୍ରାଞ୍ଚାଇଜ କ୍ରିକେଟ

ୱେଷ୍ଟଇଣ୍ଡିଜ୍ ଦଳର ବିଫଳତା ପାଇଁ ଏହାର କ୍ରିକେଟ ବୋର୍ଡ ମଧ୍ୟ ଅନେକାଂଶରେ ଦାୟୀ। ବୋର୍ଡ ପକ୍ଷରୁ ଖେଳାଳିମାନଙ୍କୁ ଉପଯୁକ୍ତ ବେତନ ମିଳୁ ନ ଥିବା ବେଳେ ଖେଳାଳିମାନେ ଫ୍ରାଞ୍ଚାଇଜି କ୍ରିକେଟକୁ ପ୍ରାଧାନ୍ୟ ଦେବାରେ ଲାଗିଲେ। ଫଳରେ ବୋର୍ଡ ଓ ଖେଳାଳିଙ୍କ ମଧ୍ୟରେ ଏହାକୁ ନେଇ ଅତୀତରେ ଅନେକ ସମୟରେ ବିବାଦ ଦେଖା ଦେଇଛି। ଡ୍ୱେନ୍ ବ୍ରାଭୋ, କିରନ୍ ପୋଲାର୍ଡଙ୍କ ପରି ପ୍ରତିଭାଶାଳୀ ଅଲରାଉଣ୍ଡରମାନେ କ୍ୟାରିୟରର ପିକ୍ ସମୟରେ କ୍ରିକେଟ ଛାଡିଛନ୍ତି।

### ଶୃଙ୍ଖଳା

ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ଖେଳାଳିଙ୍କ ନିକଟରେ ଶୃଙ୍ଖଳାର ଅଭାବ ଦେଖିବାକୁ ମିଳିଥାଏ। ଖେଳାଳିମାନେ ପାର୍ଟି କରୁଥିବା ବେଳେ ଜାତୀୟ ଦଳ ପ୍ରତି ଥିବା ଦାୟିତ୍ୱର ଅବମାନନା କରିଥାନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ସିମରନ୍ ହେଟମେୟର। ବିଭିନ୍ନ ଫ୍ରାଞ୍ଚାଇଜି କ୍ରିକେଟର ଅଂଶବିଶେଷ ରହିଥିବା ହେଟମେୟର ଜାତୀୟ ଦଳର କ୍ୟାମ୍ପ ପାଇଁ ୩୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ଏହି କାରଣ ପାଇଁ ହେଟମେୟରଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଯାହାର ଫଳାଫଳ ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଦେଖିବାକୁ ମିଳିଛି। ଦଳର ମଧ୍ୟକ୍ରମ ବିଫଳତା କାରଣରୁ ନେଦରଲାଣ୍ଡସ୍ ଓ ସ୍କଟଲାଣ୍ଡ ପରି ଆସୋସିଏଟ୍ ନେଶନ ନିକଟରୁ ପରାଜିତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଛି।

–ପ୍ରସ୍ତୁତି: ସରୋଜ ଜେନା

# ଭର୍ଷ୍ଟାପେନ୍‌ଙ୍କୁ ଅଷ୍ଟ୍ରିଆନ୍ ଗ୍ରାଁପ୍ରି



ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।

**ସ୍ପିଲବର୍ଗ, ୨/୭ (ଏପି)**

ଫର୍ମୁଲାୱାନ ଚାମ୍ପିୟନ ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ଅଷ୍ଟ୍ରିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ କ୍ରମାଗତ ତୃତୀୟ ବିଶ୍ୱକପ୍ ଟାଇଟଲ ଅଭିମୁଖେ ତାଙ୍କ ଯାତ୍ରା ଜାରି ରଖିଛନ୍ତି। ଭର୍ଷ୍ଟାପେନ କଅମାଗତ ୪ର୍ଥ ଥର ପୋଲ୍ ପୋଜିଶନରୁ ତାଙ୍କର ରେସ୍ ଆରମ୍ଭ କରିଥିଲେ। ଚଳିତ ସିଜନରେ ଇତିମଧ୍ୟରେ ୯ଟି ରେସ୍ ଅନୁଷ୍ଠିତ ହୋଇସାରିଥିବା ବେଳେ ଭର୍ଷ୍ଟାପେନଙ୍କର ଏହା କ୍ରମାଗତ ୫ମ ଓ ମୋଟ ଉପରେ ୭ମ ବିଜୟ। ଚାମ୍ପିୟନଶିପ୍ ଟେବୁଲରେ ରେଡ୍‌ବୁଲ୍ ଟିମ୍‌ମେଟ୍ ସର୍ଗିଓ ପେରେଜ ଓ ତାଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୮୧କୁ ବୃଦ୍ଧି ପାଇଛି। ନେଦରଲାଣ୍ଡସ୍‌ର ଏହି ୨୫ ବର୍ଷୀୟ ଡ୍ରାଇଭରଙ୍କ ଏହା ହେଉଛି ଓଭର ଅଲ ୪୨ତମ ଫର୍ମୁଲା ୱାନ ବିଜୟ। ଫର୍ମୁଲାୱାନର ସର୍ବକାଳୀନ ବିଜେତା ତାଲିକାରେ ସେ ସ୍ୱର୍ଗତ ଆଇର୍ଟନ ସେନାଙ୍କଠାରୁ ଗୋଟିଏ ସ୍ଥାନ ଉପରେ ୫ମ୍ ସ୍ଥାନରେ ଅଛନ୍ତି। ଏଠାରେ ଗତବର୍ଷର ବିଜେତା ଚାର୍ଲ୍ସ ଲେକ୍‌ରେକ୍ ଭର୍ଷ୍ଟାପେନ୍‌ଙ୍କଠାରୁ ୫.୨ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ୧୭.୨ ପଛରେ ତୃତୀୟ ହୋଇଥିଲେ। ପିଟ୍ ଷ୍ଟପ୍ ବିଳମ୍ବ ଯୋଗୁ ଭର୍ଷ୍ଟାପେନ୍‌ଙ୍କ ବିଜୟ ବ୍ୟବଧାନ କମି ଯାଇଥିଲା। ସ୍ପିଲବର୍ଗର ଘରୋଇ ଟ୍ରାକ୍‌ରେ ତାଙ୍କ ଟିମ୍‌ର ଏହାଥିଲା ଆଉ ଏକ ସହଜ ବିଜୟ।





ବର୍ମିଂହାମ୍‌ଠାରେ ଅଗଷ୍ଟ ୧୮ରୁ ୨୭ ପର୍ଯ୍ୟନ୍ତ ହେବାକୁ ଥିବା ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ ପାଇଁ ମନୋନୀତ ରାଜ୍ୟର ୪ ମହିଳା ଓ ୩ ପୁରୁଷ ଖେଳାଳିଙ୍କୁ ରବିବାର ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ପକ୍ଷରୁ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରାଯାଉଛି।

# ହକି ଇଣ୍ଡିଆର ଆର୍ଥିକ ସହାୟତା

**ନୂଆଦିଲ୍ଲୀ, ୨/୭(ପି.ଟି.)**

ଭାରତରେ ତୃଣମୂଳ ସ୍ତରରୁ ହକିର ବିକାଶ ପାଇଁ ସମସ୍ତ ରାଜ୍ୟ ଫେଡେରେଶନ୍ ଓ ଜିଲା ପାଇଁ ପୁରସ୍କାର ଘୋଷଣା କରିଛି ହକି ଇଣ୍ଡିଆ। ରାଜ୍ୟ ଓ ଜିଲା ସ୍ତରରେ ଆୟୋଜିତ ହେଉଥିବା ବିଭିନ୍ନ ଟୁର୍ନାମେଣ୍ଟର ସ୍ତରକୁ ଉନ୍ନତ କରିବା ପାଇଁ ଏହି ଘୋଷଣା କରାଯାଇଛି। ପୂର୍ବରୁ ପ୍ରତ୍ୟେକ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମ୍ପୃକ୍ତ ବୋର୍ଡକୁ ଦିଆଯାଇଥାଏ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଅର୍ଥରାଶିକୁ ବୃଦ୍ଧି କରିବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ପ୍ରାରମ୍ଭିକ ଭାବରେ ୧ ଲକ୍ଷ ଟଙ୍କାର ଅର୍ଥରାଶି ବଢାଇବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଦ୍ଧିତ ଅର୍ଥରାଶିକୁ ଇନ୍‌ସେଣ୍ଟିଭ ଜରିଆରେ ସମ୍ପୃକ୍ତ ରାଜ୍ୟ ଅଥବା ଜିଲା ୟୁନିଟକୁ ପ୍ରଦାନ କରାଯିବ। ଏହା ସହିତ କୌଣସି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟର ସଫଳ ଆୟୋଜନ ପରେ ସମ୍ପୃକ୍ତ ରାଜ୍ୟ ୟୁନିଟକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ। ଚଳିତ ୨୦୨୩ରୁ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ସମସ୍ତ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟଗୁଡିକ ଅନ୍ତର୍ଜାତୀୟ ହକି ଫେଡେରେଶନ ନିୟମ ଅନୁସାରେ ହେବ ବୋଲି ବିବୃତିରେ କୁହାଯାଇଛି।

# ଲାଫେ ଜିତିଲେ ଦ୍ୱିତୀୟ ଷ୍ଟେଜ୍



ଦ୍ୱିତୀୟ ଷ୍ଟେଜ୍ ବିଜୟ ପରେ ଉଲ୍ଲସିତ ଫ୍ରାନ୍ସର ଭିକ୍ଟର ଲାଫେ।

**ବିଲ୍‌ବାଓ (ସ୍ପେନ), ୨/୭ (ଏପି)**

ଫ୍ରାନ୍ସର ଭିକ୍ଟର ଲାଫେ ଚଳିତ ଟୁର ଡି' ଫ୍ରାନ୍ସର ଦ୍ୱିତୀୟ ଷ୍ଟେଜ୍ ଜିତିଛନ୍ତି। ୨୦୮.୯ କିଲୋମିଟର ଦୂରତା ବିଶିଷ୍ଟ ଏହି ରେସ୍‌ରେ ବେଲଜିୟମର ଓଟ୍ ଭାନ୍ ଆର୍ଟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଟାଡେଜ ପୋଗାକାର ତୃତୀୟ ଏବଂ ବ୍ରିଟେନର ଟମ୍ ପିଡ୍‌କକ୍ ଚତୁର୍ଥ ହୋଇଛନ୍ତି। ପୂର୍ବଦିନର ଲିଡର ଆଡାମ ୟେଟ୍ସ ଓଭରାଲ ଲିଡର ଭାବେ ୟେଲୋ ଜର୍ସି ବଜାୟ ରଖିଛନ୍ତି। ଷ୍ଟେଜ୍–୩ ସୋମବାର ଅନୁଷ୍ଠିତ ହେବ। ବାସକ୍ କଣ୍ଟ୍ରିରେ ଏକ ଫ୍ୟାମିଲି ସେଲିବ୍ରେଶନ ସହ ବିଶ୍ୱର ସବୁଠାରୁ ବଡ଼ ସାଇକ୍ଲିଂ ପ୍ରତିଯୋଗିତା ଟୁର୍ ଡି' ଫ୍ରାନ୍ସ ଶନିବାରଠାରୁ ଆରମ୍ଭ ହୋଇଛି। ଆଡାମ ୟେଟ୍ସ ତାଙ୍କ ଯାଆଁଳା ଭାଇ ସିମନ ୟେଟ୍ସଙ୍କୁ ପଛରେ ପକାଇ ପ୍ରଥମ ଷ୍ଟେଜରେ ବିଜୟ ଲାଭ କରିଥିଲେ। ରେସ୍ ଫେଭରାଇଟ୍ ଟାଡେଜ ପୋଗାକାର ଓ ଜୋନାସ ଭିଙ୍ଗେଗାର୍ଡ ସେମାନଙ୍କଠାରୁ କିନ୍ତୁ ବେଶି ଦୂରରେ ନ ଥିଲେ। ସ୍ପେନ ଉତ୍ତରାଞ୍ଚଳରେ ଅବସ୍ଥିତ ବାସକ୍ କଣ୍ଟ୍ରିରେ ଆରମ୍ଭ ଏହି ରେସ୍ ୩ ସପ୍ତାହ ଧରି ଚାଲିବ। ଏଥିରେ ପ୍ରାରମ୍ଭିକ ୟଲୋ ଜର୍ସି ହାସଲ କରିଥିଲେ। ଆଡାମ ଓ ସିମନ ଦୁଇଟି ଅଲଗା ଅଲଗା ଟିମ୍ ଯଥାକ୍ରମେ ୟୁଏଇ ଟିମ୍ ଏମିରେଟ୍ସ ଓ ଜେକୋ–ଅଲ୍‌ଉଲା ଟିମ୍‌ରୁ ପ୍ରତିନିଧିତ୍ୱ କରୁଛନ୍ତି। ଆଡାମ ୟେଟ୍ସ ଏପର୍ଯ୍ୟନ୍ତ ଏକ ଗ୍ରାଣ୍ଡ ଟୁର୍ ରେସ୍ ଜିତି ନାହାନ୍ତି, କିନ୍ତୁ ସେ ୨୦୨୦ ଟୁର୍ ଡି' ଫ୍ରାନ୍ସ ବେଳେ ସେ ଲିଡର୍ସ ୟେଲୋ ଜର୍ସି ହାସଲ କରିଥିଲେ। ଅନ୍ୟପକ୍ଷରେ ସିମନ ୟେଟ୍ସ ୨୦୧୮ ସ୍ପାନିଶ ଭୁଏଲ୍‌ଟା ରେସ୍ ଜିତିଥିଲେ।

**ଟୁର୍ ଡି' ଫ୍ରାନ୍ସ**

# ବିଶ୍ୱକପ୍ ପାଇଁ ଶ୍ରୀଲଙ୍କାକୁ ଯୋଗ୍ୟତା

**ବୁଲାୱାୟୋ, ୨/୭(ପି.ଟି.)**

ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି ଶ୍ରୀଲଙ୍କା। ମହୀଷ ଥିକ୍‌ଶାନାଙ୍କ ୪ ଉଇକେଟ ଓ ପାଥୁମ ନିଶଙ୍କାଙ୍କ ଶତକ ବଳରେ ୯ ଉଇକେଟରେ ଜିମ୍ବାୱେକୁ ପରାସ୍ତ କରି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆଉ ଗୋଟିଏ ମ୍ୟାଚ୍ ବାକି ରହିଥିବା ବେଳେ ୮ ପଏଣ୍ଟ ସହିତ ଆଗୁଆ ଯୋଗ୍ୟତା ହାସଲ କରିଛି ୧୯୯୬ ସଂସ୍କରଣ ଚାମ୍ପିୟନ। ଥିକ୍‌ଶାନାଙ୍କ ୪/୨୫ ବଳରେ ଜିମ୍ବାୱେ ୩୨.୨ ଓଭରରେ ୧୬୫ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ନିଶଙ୍କାଙ୍କ ଅପରାଜିତ ୧୦୧ ରନ୍ ବଳରେ ୩୩.୧ ଓଭରରେ ୧ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା ଶ୍ରୀଲଙ୍କା।

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବୋଲିଂ ନେଇଥିଲା। ୩୦ ରନ୍‌ରେ ୩ ଉଇକେଟ ହରାଇ ଜିମ୍ବାୱେ ସଂଘର୍ଷ କରୁଥିବା ବେଳେ ସନ୍ ୱିଲିୟମ୍ସ(୫୬ ରନ୍) ଓ ସିକନ୍ଦର ରାଜା(୩୧ ରନ୍) ଚତୁର୍ଥ ଉଇକେଟରେ ୫୮ ରନ୍ ଯୋଡିଥିଲେ। ରାଜାଙ୍କୁ ଆଉଟ କରି ଦାଶୁନ ସନକା ଏହି ଯୋଡି ଭାଙ୍ଗିଥିଲେ। ଏହାପରେ ୫୭ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୫୬ ରନ୍ କରିଥିବା ୱିଲିୟମ୍ସଙ୍କୁ ଆଉଟ କରିଥିଲେ ଥିକ୍‌ସାନା। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଜିମ୍ବାୱେ ୧୬୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଶ୍ରୀଲଙ୍କା ପକ୍ଷରୁ ଥିକ୍‌ସାନା ୪, ଦିଲସାନ ମଦୁଶନକା ୩ ଉଇକେଟ ନେଇଥିଲେ।

୧୬୬ ରନ୍‌ର ପିଛା କରୁଥିବା ଶ୍ରୀଲଙ୍କା ପକ୍ଷରୁ ଦୁଇ ଓପନର ପ୍ରଥମ ଉଇକେଟରେ ୧୦୩ ରନ୍ ଯୋଡିଥିଲେ। ଦିମୁଥ କରୁଣାରତ୍ନେ ୩୦ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ୟତମ ଓପନର ନିଶଙ୍କା ୧୦୧ ରନ୍‌ରେ ଅପରାଜିତ ରହିଥିଲେ। ୧୦୨ ବଲ୍‌ର ଇନିଂସରେ ୧୪ ଚୌକା ସାମିଲ ଥିଲା। ନିଶଙ୍କା ଓ କୁଶାଲ ମେଣ୍ଡିସ୍ (୨୫ ରନ୍) ଅବିଭାଜିତ ୬୬ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ରିଚାର୍ଡ ଏନ୍‌ଗାଭରା ଗୋଟିଏ ଉଇକେଟ ନେଇଥିଲେ। ମହୀଷ ଥିକ୍‌ସାନାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ୩୨.୨ ଓଭରରେ ୧୬୫/୧୦(ସନ୍ ୱିଲିୟମ୍ସ–୫୬, ସିକନ୍ଦର ରାଜା–୩୧, ର୍ୟାନ୍ ବର୍ଲ–୧୬, ମହୀଷ ଥିକ୍‌ସାନା–୪/୨୫, ଦିଲସାନ ମଦୁଶନକା–୩/୧୫, ମଥୀଷା ପଥିରାନା–୨/୧୮)।

ଶ୍ରୀଲଙ୍କା ୩୩.୧ ଓଭରରେ ୧୬୯/୧( ପାଥୁମ ନିଶଙ୍କା–୧୦୧*, ଦିମୁଥ କରୁଣାରତ୍ନେ–୩୦,କୁଶାଲ ମେଣ୍ଡିସ୍–୨୫ ରନ, ରିଚାର୍ଡ ଏନ୍‌ଗାଭରା–୧/୩୫)।

# 'କ୍ରୀଡ଼ା ଖବରରେ ଲୁଚି ରହିଥାଏ ଏକ ଭିନ୍ନ ପ୍ରେରଣା'

**ଭୁବନେଶ୍ୱର, ୨/୭ (ବିଜୟ ରଣା)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ତରଫରୁ ସ୍ଥାନୀୟ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ବିଶ୍ୱ କ୍ରୀଡ଼ା ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଲିମ୍ପିଆନ ଶ୍ରାବଣୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ସାମ୍ବାଦିକତା କେବଳ ଖବର ସଂଗ୍ରହ କରି ତାହାକୁ ପ୍ରକାଶ କରିବା ବୋଲି ଆମେ ଭାବିଥାଉ। କ୍ରୀଡ଼ା ଖବରଦାତାମାନେ ଖେଳ ବିଷୟରେ ଲେଖିଥାନ୍ତି। କିନ୍ତୁ ଏହି ଲେଖା ଭିତରରେ ଲୁକ୍କାୟିତ ରହିଥାଏ ଏମିତି କିଛି ପ୍ରେରଣା, ଯାହା ଛୋଟପିଲା ଓ ଯୁବବର୍ଗଙ୍କୁ ବେଶ ପ୍ରଭାବିତ କରିଥାଏ। ତାଙ୍କ ଖେଳ ଜୀବନ ମଧ୍ୟ ଏମିତି ଆରମ୍ଭ ହୋଇଥିଲା। କ୍ରୀଡ଼ା ପୃଷ୍ଠାରେ ବାହାରିଥିବା ଜଣକ ଫଟୋ ଦେଖି ସେ ଉତ୍ସାହିତ ହୋଇପଡ଼ିଥିଲେ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ସେ ଆଜି ଯେଉଁଠାରେ ପହଞ୍ଚିଛନ୍ତି, ତାହାର ପ୍ରଥମ ଶ୍ରେୟ ସେ କ୍ରୀଡ଼ା ଖବରଦାତରମାନଙ୍କୁ ଦେବେ ବୋଲି ଶ୍ରାବଣୀ କହିଥିଲେ। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ବ୍ଲୁ ଓ ରେଡ୍ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି କହିଥିଲେ, କ୍ରୀଡ଼ା କେବଳ ଜୀବନକୁ ସୁସ୍ଥ ସବଳ କରିନ ଥାଏ, ଏହାର କ୍ୟାରିୟର ଗଢ଼ିବାରେ ମଧ୍ୟ ସହାୟକ ହୋଇଥାଇ। ଓସ୍‌ଜାର ବରିଷ୍ଠ ଉପସଭାପତି ସମ୍ବିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ସନ୍ଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓସ୍‌ଜା ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ, କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ସଦସ୍ୟ ସନ୍ତୋଷ ମହାନ୍ତି, କୁମାର ବିମଳ ଓ ଶକ୍ତି ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।





ବାସ୍କେଟବଲ ଖେଳାଳିଙ୍କ ସହ ଅତିଥି ଓ ଓସ୍‌ଜା କର୍ମକର୍ତ୍ତା।

# ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ

**ଭୁବନେଶ୍ୱର, ୨/୭ (ତପନ ସ୍ୱାଇଁ):** ମଞ୍ଚେଶ୍ୱର ସମେଇଗାଡିଆସ୍ଥିତ ଜିମ୍ନାଷ୍ଟିକ ଏକାଡେମୀ ଜେଏମ୍ ସ୍ପୋର୍ଟ୍ସ ଆନୁକୂଲ୍ୟରେ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ରବିବାର ପାଳିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡା ଖବରଦାତା ସୁରେଶ ସ୍ୱାଇଁ, ଲିଙ୍ଗରାଜ ରାଉତ, ପ୍ରତାପ ପ୍ରଧାନ, ବିଜୟ କୁମାର ରଣା ଓ ମନୋରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଶ କୁମାର ରାଉତ ଓ ଲଳିତ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ବିଶ୍ୱ କ୍ରୀଡା ଖବରଦାତା ଦିବସ ସମ୍ପର୍କରେ ଉପସ୍ଥିତ ଥିବା ଖେଳାଳି, କୋଚ୍ ଓ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। କ୍ରୀଡ଼ାବିତ୍ ଓ ଖେଳ ଖବରଦାତାଙ୍କ ମଧ୍ୟରେ ଥିବା ସ୍ନେହ ଓ ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରତିବର୍ଷ ଏହି ଦିବସଟିକୁ ପାଳନ କରି ଆସୁଛି ବୋଲି ମୀରାରାଣୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀର ଆଇନଗତ ପରାମର୍ଶଦାତା ସୁବ୍ରତ ମହାପାତ୍ର ସଂଯୋଜନା କରିଥିଲେ। ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।





ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତାଙ୍କ ସହ ଜେଏମ୍ ସ୍ପୋର୍ଟ୍ସ ଜିମ୍ନାଷ୍ଟିକ୍ ଏକାଡେମୀର କର୍ମକର୍ତ୍ତା।

# ବାଦ ପଡ଼ିଲେ ରିଚା, ଶିଖା

**ନୂଆଦିଲ୍ଲୀ, ୨/୭:** ବାଂଲାଦେଶ ଗସ୍ତ ପାଇଁ ଭାରତୀୟ ମହିଳା ଟି୨୦ ଓ ଦିନିକିଆ ଦଳ ଘୋଷଣା କରାଯାଇଛି। ଉଇକେଟ କିପର ରିଚା ଘୋଷ ଏବଂ ଶିଖା ପାଣ୍ଡେ ଏହି ଦଳରୁ ବାଦ ପଡିଥିବା ବେଳେ ଆସାମର ଉମା ଚେତ୍ରୀ ନୂଆ ମୁହଁ ଭାବରେ ଦଳରେ ସାମିଲ ହୋଇଛନ୍ତି। ଟି୨୦ ବିଶ୍ୱକପ ପାଇଁ ଡାକରା ପାଇଥିବା ଶିଖା ପାଣ୍ଡେଙ୍କୁ ବାଦ ଦିଆଯାଇଥିବା ବେଳେ ଉଭୟ ଟି୨୦ ଓ ଦିନିକିଆ ଦଳରୁ ରିଚା ବାଦ ପଡିଛନ୍ତି। ପେସ୍ ବୋଲର ରେଣୁକା ସିଂ ବାଦ ପଡିଥିବା ବେଳେ ୧୮ ଜଣିଆ ଦଳରେ ମିନ୍ନୁ ମଣି, ଅନୁଶା ବରେଡି ଓ ରାଶି କନୋଜିୟାଙ୍କୁ ସାମିଲ କରାଯାଇଛି। ଶେଷ ଥର ପାଇଁ ୨୦୨୧ରେ ଖେଳିଥିବା ମୋନିକା ପଟେଲ ଓ ପ୍ରିୟା ପୁନିଆଙ୍କୁ ଦଳରେ ସାମିଲ କରାଯାଇଛି। ସ୍ନେହ ରଣା ଟି୨୦ ଦଳରୁ ବାଦ ପଡିଥିବା ବେଳେ ସବ୍ଭିନେନୀ ମେଘନା ଦିନିକିଆ ଦଳରୁ ବାଦ ପଡିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପଲକ
ପରିବାରବର୍ଗ


ପାୟଲ
ପରିବାରବର୍ଗ


ସ୍ନେହାଞ୍ଜଳୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାର୍‌ରୁ ୧୦୪ କେଜି ଗଞ୍ଜେଇ ଜବତ, ୨ ଗିରଫ
## ବୌଦ୍ଧରୁ କଟକ ହେଉଥିଲା ଚାଲାଣ

**ବାରଙ୍ଗ,୨।୭(ଲିଙ୍ଗରାଜ ରାଉତ):** ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ଛକରୁ ରବିବାର ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଏକ କାର୍‌ରୁ ୧୦୪ କେଜି ଗଞ୍ଜେଇ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଠମଲ୍ଲିକ ଥାନା ଅଞ୍ଚଳର ଅରୁଣ ସେଠୀ (୪୬) ଓ ବୌଦ୍ଧ ଜିଲା ସଦର ଥାନା ଅଞ୍ଚଳର ସୁମନ୍ତ ଜ୍ୟୋତିଷ (୩୮)। ଏନେଇ ଏକ ମାମଲା (ନଂ.୧୯୧/୨୩) ରୁଜୁ ପରେ ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ୪୦ହଜାର ଟଙ୍କା ହେବ। କଟକପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍(ଓଡି ୦୨ସିଏଚ୍ ୩୩୫୭)କୁ ଯାଞ୍ଚ କରିବା ବେଳେ କାର୍ ଭିତରୁ ୧୦୪ କେଜି ଗଞ୍ଜେଇ ବାହାରିଥିଲା। ଉକ୍ତ ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ କଟକକୁ ଚାଲାଣ କରାଯାଉଥିବା କାର୍‌ରେ ଥିବା ୨ଜଣ ସ୍ୱୀକାର କରିଥିଲେ।

# ୭୧.୫ହଜାର ଟଙ୍କାର ଜାଲ୍‌ନୋଟ ଜବତ

## ଜଣେ ଗିରଫ, ୩ ଫେରାର

**ଦେବଗଡ଼, ୨।୭(ଶଶାଙ୍କ ଶେଖର ଝାଙ୍କର)**

ଜାଲ୍‌ନୋଟ ଦେଇ ବିଭିନ୍ନ ସାମଗ୍ରୀ କ୍ରୟ କରୁଥିବା ବିହାର ଅଞ୍ଚଳର ଜଣେ ବ୍ୟକ୍ତିକୁ ଦେବଗଡ଼ ଆଦର୍ଶ ଥାନା ପୋଲିସ ରବିବାର ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ବିନୋଦ ସିଂ। ତାଙ୍କ ନିକଟରୁ ୭୧ହଜାର ୫ଶହ ଟଙ୍କାର ଜାଲ୍ ନୋଟ ଜବତ ହୋଇଛି। ଏଥିରେ ୧୩୫ଟି ୫ଶହ ଟଙ୍କିଆ ଓ ୨୦ଟି ୨୦୦ ଟଙ୍କିଆ ନୋଟ ରହିଛି। ଏଥିସହ ସେ ବ୍ୟବହାର କରୁଥିବା ଏକ ବୋଲେରୋ, ୬ଟି ମୋବାଇଲ ଫୋନ ଓ ୧୪ଟି ଏଟିଏମ୍ କାର୍ଡ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁସାରେ ବିନୋଦ ଗତ ଏକ ମାସ ହେଲା ଦେବଗଡ଼ ସହର ଖପରସାହିରେ ଏକ ଭଡ଼ା ଘରେ ରହି ଜାଲ୍ ନୋଟ ଦେଇ ଦୋକାନମାନଙ୍କରୁ ଜିନିଷପତ୍ର କିଣୁଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଦେବଗଡ଼ ଆଦର୍ଶ ଥାନା ଏସ୍‌ଆଇ ପ୍ରଧାନ ସଦଳବଳ ଦେବଗଡ଼ରେ ପଡିଥିବା ଏକ୍ସପୋ ମେଳାରେ ପହଞ୍ଚିଥିଲେ। ମେଳା ମାଲିକ ମୁକେଶ ଚନ୍ଦ୍ର, ମ୍ୟାନେଜର କରନ ସିଂ ଓ କର୍ମଚାରୀଙ୍କୁ ସେ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପଚରାଉଚରା ସମୟରେ ଗତ ଜୁନ ୩୦ ତାରିଖରେ ମେଳାରେ ହୋଇଥିବା ବିକ୍ରୀ ଟଙ୍କାକୁ ସ୍ଥାନୀୟ ବ୍ୟାଙ୍କରେ ଜମା କରିବା ସମୟରେ ସେଥିରୁ ଏକ ଜାଲ୍ ୨୦୦ଟଙ୍କିଆ ନୋଟ ବାହାରିଥିଲା। ଫଳରେ ମେଳା କର୍ତ୍ତୃପକ୍ଷ ଏହି ଜାଲ ନୋଟକୁ ଫେରାଇ ଆଣି ଗ୍ରାହକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଏହି କ୍ରମରେ ଶନିବାର ସନ୍ଧ୍ୟା ୫ଟାରେ ବିନୋଦ ଜଣେ ଗ୍ରାହକ ସାଜି ଉକ୍ତ ଏକ୍ସପୋ ମେଳାକୁ ଆସି ଜିନିଷ କିଣିବା ସହ ଏକ ୫ଶହ ଟଙ୍କିଆ ନୋଟ ଦେଇଥିଲେ। ସନ୍ଦେହ ହେବାରୁ ମେଳା ମ୍ୟାନେଜର ଏହାକୁ ଯାଞ୍ଚ କରିବାରୁ ଏହାର କାଗଜ ପ୍ରିଣ୍ଟ ନମ୍ବର, ସିକ୍ୟୁରିଟି ଥ୍ରେଡ ଓ ମହାତ୍ମା ଗାନ୍ଧୀଙ୍କ ଜଳଛବି ସ୍ପଷ୍ଟ ନ ଥିବା ଜଣାପଡ଼ିଥିଲା। ଫଳରେ ମେଳା କର୍ତ୍ତୃପକ୍ଷ ବିନୋଦଙ୍କୁ ଅଟକ ରଖି ଯାଞ୍ଚ କରିବା ସହ ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ବିନୋଦ ଖପରସାହିରେ ଏକ ଭଡ଼ାଘରେ ରହୁଥିବା ମେଳା ମାଲିକ ଓ ମ୍ୟାନେଜରଙ୍କଠାରୁ ସୂଚନା ମିଳିବା ପରେ ପୋଲିସ ତାଙ୍କ ଭଡ଼ା ଘର ଉପରେ ଚଢ଼ାଉ କରି ଏକ ପ୍ୟାଣ୍ଟ ପକେଟରୁ ୨୦ଟି ୨୦୦ ଟଙ୍କିଆ ନୋଟ ଓ ୧୩୫ଟି ୫୦୦ ଟଙ୍କିଆ ଜାଲ୍ ନୋଟ ନୋଟ ମିଳିଥିଲା। ପରେ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସାଲଡେଗା ଗ୍ରାମର ପୁନେଇ ଓରାମ ତାଙ୍କୁ ୩୦ହଜାର ଟଙ୍କାର ଅସଲି ନୋଟ ବଦଳ(ଅନୁପାତ)ରେ ଏକ ଲକ୍ଷ ଟଙ୍କାର ଜାଲ୍ ନୋଟ ଦେଇଥିବା ପୋଲିସକୁ ସୂଚନା ଦେଇଥିଲେ। ସେହିପରି ବରଗଡ ଜିଲା ପଦ୍ମପୁରର ମଧୁ ବାରିକ ଓ ଛତିଶଗଡ଼ ରାଜ୍ୟ ରାୟଗଡ ଟାଉନ ନନ୍ଦେଲିର ଆଞ୍ଜେ ମହାକୁଳ ମେଶିନରେ ଟଙ୍କା ଛାପି ଦେଉଥିବା ପ୍ରକାଶ କରିଥିଲେ। ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ବିନୋଦ, ମଧୁ ବାରିକ, ଆଞ୍ଜେ ମହାକୁଳ ଓ ପୁନେଇ ଓରାମଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।



ଗିରଫ ଅଭିଯୁକ୍ତ ଓ ଜବତ ଜାଲ୍ ନୋଟ୍।

# ଆନ୍ଧ୍ର ଚାଷୀଙ୍କ ଦଖଲରେ ଚାଷ ଜମି

## ସୁବର୍ଣ୍ଣପୁର ଜିଲା

### ଗାଁରେ ଦେଖିବାକୁ ମିଳୁଛି ଆନ୍ଧ୍ରପଡ଼ା, ଆନ୍ଧ୍ର କଲୋନୀ

**କେବଳ ଓଡ଼ିଶାର ସୀମାନ୍ତ ଅଞ୍ଚଳ ନୁହେଁ, ରାଜ୍ୟର ମଧ୍ୟବର୍ତ୍ତୀ ସ୍ଥାନ ସୁବର୍ଣ୍ଣପୁର ଜିଲାରେ ମଧ ଆନ୍ଧ୍ରପ୍ରଦେଶ ଲୋକଙ୍କ ରାଜ୍ ବଢିଚାଲିଛି। ନିଜର ସ୍ୱତନ୍ତ୍ର ସାହି, ବସ୍ତି କରି ସେମାନେ ପ୍ରାଧାନ୍ୟ ବିସ୍ତାର କରି ଚାଲିଛନ୍ତି। ପ୍ରଶାସନର ଅଙ୍କୁଶ ନ ଥିବାରୁ ଶାଗ ମାଛ ଦରରେ ଚାଷଜମି କିଣି ମାଲାମାଲ୍ ହେଉଥିବା ବେଳେ ଅଞ୍ଚଳର ଅଧିକାଂଶ ଗରିବ ଚାଷୀ ସେମାନଙ୍କ ପାଖରେ ମୂଲ ଲାଗିବା ଦେଖିବାକୁ ମିଳୁଛି।**

**ସୋନପୁର,୨।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ହଜାର ହଜାର ଏକର ଚାଷଜମି ଏବେ ଆନ୍ଧ୍ରଚାଷୀଙ୍କ ଦଖଲରେ ରହିଛି। ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଆନ୍ଧ୍ର ଚାଷୀମାନେ ଧାନ ଚାଷ କରୁଥିବା ବେଳେ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଧାନ, ମାଛ ଓ କପା ଚାଷ କରୁଛନ୍ତି। ଗ୍ରାମାଞ୍ଚଳର ରାସ୍ତାପାର୍ଶ୍ୱରେ ଏବେ ଆନ୍ଧ୍ରପଡ଼ା, ଆନ୍ଧ୍ରଡେରା ଓ ଆନ୍ଧ୍ର କଲୋନୀ ଭଳି ନାଁ ଦେଖିବାକୁ ମିଳୁଛି। ନିଜର ଏକ ସ୍ୱତନ୍ତ୍ର ସାହି ବସ୍ତି କରି ସେମାନେ ସ୍ଥାନୀୟ ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରିଚାଲିଛନ୍ତି। ଆନ୍ଧ୍ର ଚାଷୀ ଏଠାରେ ପ୍ରଭାବ ବିସ୍ତାର କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗା ଯାଉନାହିଁ।

ସୁବର୍ଣ୍ଣପୁର ଜିଲାରେ ୯୫ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଏଠାରେ ଚିରସ୍ରୋତା ମହାନଦୀ, ତେଲନଦୀ, ଅଙ୍ଗନଦୀ ସମେତ ଅନେକ ଛୋଟବଡ଼ ନଦୀନାଳ ଓ ହରିହରଯୋର ଡ୍ୟାମ୍ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ରହିଛି। ଏହାସତ୍ତ୍ୱେ ସମସ୍ତ ଚାଷଜମିକୁ ଜଳସେଚନର ସୁବିଧା ହୋଇପାରିନି। ଚାଷୀଙ୍କୁ ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡୁଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଅଧିକାଂଶ ଚାଷଜମି ହୀରାକୁଦ କେନାଲ ପାଣି ଦ୍ୱାରା ଖରିଫ ଓ ରବିରେ ଚାଷ ହେଉଛି। ସେହିପରି ହରିହରଯୋର ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜମି ଜଳସେଚିତ ହେଉଛି। ବିଭିନ୍ନ ଜଳଉତ୍ସରୁ ଖରିଫରେ ୧ଲକ୍ଷ ୨୮ହଜାର ଓ ରବି ଋତୁରେ ୮୮ହଜାର ୪୯୬ ହେକ୍ଟର ଜମିରେ ଚାଷ ହୋଇଥାଏ। ତେବେ ଅନିୟମିତ ବର୍ଷା ଯୋଗୁ ଅଣଜଳସେଚିତ ଜମିରେ ଚାଷ କରୁଥିବା ଚାଷୀ କ୍ଷତି ସହୁଛି। ସେହିପରି ଧାନର ଅଭାବୀ ବିକ୍ରି ତଥା ଉନ୍ନତ ଜ୍ଞାନକୌଶଳର ଅଭାବ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବେ ଚାଷ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ରାଜମହେନ୍ଦ୍ରୀ, ପାର୍ବତୀପୁରମ, ସୀତାକୁଲମ ଓ ଇଷ୍ଟ ଗୋଦାବରୀ ଭଳି ଦୂର ସ୍ଥାନରୁ ଲୋକେ ଆସି ଏଠାରେ ଚାଷ ଜମି ସବୁ କିଣୁଛନ୍ତି। ଗରିବ ଓଡ଼ିଆ ଚାଷୀଙ୍କ ଠାରୁ ସେମାନେ ଶାଗମାଛ ଦରରେ ଚାଷ ଜମି କିଣୁଥିବା ଅଭିଯୋଗ ହେଉଛି। ଆନ୍ଧ୍ରପ୍ରଦେଶର ଲୋକେ ଏଠାକୁ ଆସି ପ୍ରଥମେ ଗ୍ରାମବାସୀଙ୍କ ସହିତ ମିଳାମିଶା କରୁଛନ୍ତି। ପରେ ଜମି ଦଲାଲ ତଥା ମଧ୍ୟସ୍ଥିଙ୍କ ଜରିଆରେ କମ୍ ଦରରେ ଶତାଧିକ ଏକର ଚାଷଜମି କିଣୁଛନ୍ତି। ଜିଲାର ଅନେକ କ୍ଷୁଦ୍ର ତଥା ମଧ୍ୟମ ଚାଷୀ ସେମାନଙ୍କ ପୈତୃକ ଚାଷ ଜମି ଆନ୍ଧ୍ର ଚାଷୀଙ୍କୁ ବିକ୍ରି କରି ଏବେ ଭୂମିହୀନ ହୋଇ ପଡିଛନ୍ତି। ଦୁଃଖର ବିଷୟ ହେଲା ସେମାନେ ପୁଣି ଆନ୍ଧ୍ର ଚାଷୀଙ୍କ ନିକଟରେ ଦିନମଜୁରିଆ ଭାବେ କାମ କରୁଛନ୍ତି। ଏପରି କି ଅନେକ ଯୁବକ କାମଧନ୍ଦା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ଅପରପକ୍ଷରେ ଆନ୍ଧ୍ର ଚାଷୀ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷରେ ଲାଭାନ୍ୱିତ ହେଉଛନ୍ତି। ଅନୁସନ୍ଧାନରୁ ଜଣାପଡିଛି ଯେ, ଡୁଙ୍ଗୁରିପାଲି ବ୍ଲକର ଭାଟବାହାଲି, କପାସିରା, ଡୁଙ୍ଗୁରିପାଲି, ରାମପୁର, ପଣ୍ଡକିଟାଲ, ସାଲେପାଲି, ବିନିକା ବ୍ଲକର ବାଙ୍କିଘିର୍ଡି, ସିଂଘିଯୁବା, ସାରଙ୍ଗପାଲି, ହୁଡୁମ୍ମା, ବାବୁପାଲି, ଫୁଲମୁଠି, ଉର୍ଲେ, ଘଣ୍ଟାପାଲି, ବାଉଁଶୁଣୀ, ଜୁଲୁଣ୍ଡା, ଅମାମୁଣ୍ଡା ଓ ଟିକାବାଲି ଭଳି ଗ୍ରାମରେ ଆନ୍ଧ୍ରର ଲୋକମାନେ ଚାଷଜମି କିଣି ଗତ ୨୦ରୁ ୨୫ ବର୍ଷ ଧରି ଧାନ ଚାଷ କରୁଛନ୍ତି। ସେହିପରି ତରଭା ବ୍ଲକର କୁମ୍ଭାରମୁଣ୍ଡା, କର୍ଲାମୁହାଣ, ବ୍ରାହ୍ମଣୀ, ବୁରାଡ, ଚାରଭଟା, ବାଲିଖମାର, କମସରା, ସୋନପୁର ବ୍ଲକର ବସଲାଟ, ରେଙ୍ଗାଲି, ମଝିମୁଣ୍ଡା, ଖଇରଟିକିରା, ରୁଗୁଡିପାଲି, ବାଲପୁର ଓ ଟିଂପାଲି, ବୀରମହାରାଜପୁର ବ୍ଲକର ସୁବଲୟା, ଆନନ୍ଦପୁର, ସାଲଟିକିରା, ମୁର୍ଷୁଣ୍ଡି, କର୍ଡାପାଲି, ବାଗବର, ରଥପୁର, ତେଲିପାଲି, ଟିଠିପାଲି, ପିତାମହୁଲ, ଜଟେସିଙ୍ଗା, କେନ୍‌ଜିରିଆପାଲି, ବହଲପଦର ଓ ଉଫୁଲା ଅଞ୍ଚଳରେ ଆନ୍ଧ୍ରଚାଷୀ ବହୁ ଚାଷ ଜମି ନିଜ ଦଖଲକୁ ନେଇଗଲେଣି। ଏଭଳି କେତେକ ଗ୍ରାମରେ ସେମାନେ ସରକାରୀ, ଗୋଚର ତଥା ଜଙ୍ଗଲ ଜମିକୁ ମଧ ଜବରଦଖଲ କରିଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ହାତ କରି ସରକାରୀ ଜମି ସବୁ ସେମାନଙ୍କ ଅକ୍ତିଆରରେ ରଖିଛନ୍ତି। ଆନ୍ଧ୍ର ଚାଷୀ ଏଠାରେ ପ୍ରଭାବ ବିସ୍ତାର କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ରୋକ୍ ଲଗାଯାଉନାହିଁ। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଅଭିଯୋଗ କରିଛନ୍ତି, ଜିଲାର ଚାଷ ଜମି ଆନ୍ଧ୍ର ଚାଷୀଙ୍କ କବଜାକୁ ଚାଲିଯାଉଛି। ଆନ୍ଧ୍ରର ଲୋକ ଓଡିଆଙ୍କ ଚାଷ ଜମି କିଣୁଛନ୍ତି ନହେଲେ ଲିଜ୍ ନେଇ ଚାଷ କରୁଛନ୍ତି। ବୀରମହାରାଜପୁର ବ୍ଲକର କେନଜିରିଆପାଲି, ବାହାଲପଦର ଓ ଦୁର୍ଯୋନଟେଲା ଅଞ୍ଚଳରେ ଆନ୍ଧ୍ର ଲୋକେ ଶତାଧିକ ଏକର ଜମିରେ କପା ଚାଷ କରୁଛନ୍ତି। ଏ ନେଇ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି, ଦୀର୍ଘ ବର୍ଷ ପୂର୍ବରୁ ଅନ୍ୟ ରାଜ୍ୟର ଲୋକେ ଏଠାରେ ଜମି କିଣି ଚାଷ କରୁଛନ୍ତି। ଏବେ ମଧ ସ୍ଥାନୀୟ ଅଞ୍ଚଳର ଲୋକେ ବାହାର ରାଜ୍ୟର ଲୋକଙ୍କୁ ଚାଷ ଜମି ବିକ୍ରି କରୁଛନ୍ତି। କିଣାବିକାରେ ସେମିତି କିଛି କଟକଣା ନାହିଁ।



ବିନିକା ବ୍ଲକ ସଅଁରାପାଲି-ହୁଡ୍‌ମା ରାସ୍ତା ପାର୍ଶ୍ୱରେ ଥିବା ଆନ୍ଧ୍ରଡେରା।



ବିନିକା ବ୍ଲକ ଅରିଗାଁ-ରାମପୁର ରାସ୍ତା ପାର୍ଶ୍ୱରେ ଥିବା ଆନ୍ଧ୍ରପଡ଼ା।


# Classified Everyday
0674-2580101, 2549949


REAL ESTATE
SALE

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Lands: open plots: Houses; apartments for sale in Visakhapatnam city. 6302162943, 9493483749. D-0722

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

ପୁରୀ ଶ୍ରୀମନ୍ଦିର ପାଖରେ **Furnished one Bedroom new flat with Kitchen & Bathroom** ମାତ୍ର **25** ଲକ୍ଷ। **(Negotiable), only genuine buyer contact: 9438220432, 8144658008.** D-0714

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875




**To-let 2200square foot 1st floor price @25/- square foot Near Sai International School, Patia. Contact9439856856 9040116788.** D-0711

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74700

Herbal full body massage by smart/expert therapist. Contact: 9040171280. D-74699

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon /Spa with expert therapist (Health Benefits). 9090400507. D-75126

Spa Kerala body massage only best Therapist @699/-Bhubaneswar. 9337672475. D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

## ମନେ ପଡ଼ନ୍ତି

ଷୋଡ଼ଶତମ ଶ୍ରାଦ୍ଧ ଉପଲକ୍ଷେ



**ଂ଼ଅନିରୁଦ୍ଧ ମହାନ୍ତି**
(ଗୁରୁପୂର୍ଣ୍ଣିମା ତିଥି)
ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭
ବାପା, ତୁମର ପ୍ରତ୍ୟେକ କଥା, ପ୍ରତ୍ୟେକ କର୍ତ୍ତବ୍ୟ ଆମମାନଙ୍କର ପ୍ରେରଣା ହେଉ। ତୁମର ନିଷ୍ଠା ଆମ ଜୀବନର ପାଥେୟ ହେଉ। ତୁମେ ଆମ ପାଇଁ ସର୍ବଦା ଅମର ହୋଇଅଛ ଏବଂ ଅମର ରହିବ ମଧ। ତୁମ ଅମର ଆତ୍ମାକୁ ବାୟାବାବା ଶାନ୍ତି ଦିଅନ୍ତୁ।
ତୁମର ପୁଅ, ବୋହୂ, ଝିଅ, ଜ୍ୱାଇଁମାନେ, ନାତୁଣୀମାନେ ଓ ଆତ୍ମୀୟସ୍ୱଜନମାନେ।
ଧ-୦୭୨୦

ନବମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମଇନା ମାହାରୀ**
କେରେଣ୍ଡିଆପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪
ଆଜି ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
କୁଣ୍ଢେଇ ପଞ୍ଚାୟତ ଅଫିସ୍, ସନାତନ ସାହୁ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୭୦୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ଼ସ୍ୱର୍ଣ୍ଣଲତା ସେଠୀ**
ମୂଳଗାଁ, ଜଗତସିଂହପୁର
ଆବିର୍ଭାବ- ୦୭.୦୩.୧୯୩୯ | ତିରୋଧାନ- ୧୩.୦୭.୨୦୨୨
ମିତ୍ରାଣି ଧନ ଧାନ୍ୟାନି ପ୍ରଜାନାଂ ସମ୍ମତାନିବ।
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ॥
ବୋଉ, ଆଜକୁ ଏକ ବର୍ଷ ହେବ ତୁମେ ଆମ ଗହଣରେ ନ ରହି ପରମଧାମକୁ ପ୍ରାପ୍ତ ହେଲ। ତୁମର ପ୍ରେରଣା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଓ ପରୋପକାରୀତା ଆମକୁ ଆଜି ନିଜ ଗୋଡ଼ରେ ଠିଆ କରାଇବାରେ ସାହାଯ୍ୟ କରିଛି। ଆଜିର ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପୁତ୍ର ଓ ପୁତ୍ରବଧୂଗଣ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୨

ଦଶାହ ଉପଲକ୍ଷେ



**ଂ଼ବୃନ୍ଦାବନ ପଟ୍ଟନାୟକ**
ନରଗାଙ୍ଗ, ବାଙ୍କି, କଟକ
ଆବିର୍ଭାବ: ୧୫।୦୫।୧୯୪୧
ତିରୋଧାନ: ୨୪।୦୬।୨୦୨୩
ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ ନରଗାଙ୍ଗ ଗ୍ରାମ ପଞ୍ଚାୟତ, ସଚିମଣି ପଟ୍ଟନାୟକ ଏବଂ ସପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୭୨୧


# ଶହୀଦ ଦେବୀପ୍ରସନ୍ନ ସୂତାରଙ୍କୁ ଅଶ୍ରୁଳ ବିଦାୟ


ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

## ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର

**ପାଟକୁରା,୨।୭(ରବୀନ୍ଦ୍ରନାଥ ବାରିକ)**

ଶହୀଦ ଦେବୀପ୍ରସନ୍ନ ସୂତାରଙ୍କୁ ରବିବାର କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ଜନସାଧାରଣ ଅଶ୍ରୁଳ ବିଦାୟ ଦେଇଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ସୁସଜ୍ଜିତ ଗାଡ଼ିରେ ପାଟକୁରା ଓ ଜଗଦଳପୁର ଗ୍ରାମକୁ ନିଆଯାଇଥିଲା। 'ଶହୀଦ ଦେବୀପ୍ରସନ୍ନ ଅମର ରହେ' ସ୍ଲୋଗାନରେ ଶୋଭାଯାତ୍ରା ପ୍ରକମ୍ପିତ ହେଉଥିଲା। ଜଗଦଳପୁର ଗାଁ ଶ୍ମଶାନରେ ମରଶରୀର ପହଞ୍ଚିଲା ପରେ ରିଜର୍ଭ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ୩ ବର୍ଷର ପୁଅ ଦିବ୍ୟଜ୍ୟୋତି ବାପାଙ୍କ ମୁହଁରେ ଘର ନିକଟରେ ମାଟି ଦେବା ପରେ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଏଡିଏମ୍ ପୀତାମ୍ବର ସାମଲ, ବିଡିଓ ଧର୍ମ ରଞ୍ଜନ ପଣ୍ଡା, ତହସିଲଦାର ମହେଶ୍ୱର ସେଠୀ ପ୍ରମୁଖ ଜିଲା ପ୍ରଶାସନ ପକ୍ଷରୁ ଉପସ୍ଥିତ ଥିଲେ। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଶହୀଦଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାବ୍ୟତୀତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଦେବୀପ୍ରସନ୍ନ ଭାରତୀୟ ସେନାରେ ୧୨ବର୍ଷ ହେବ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ସେ ୨୬।୪।୨୦୧୮ରେ ଜ୍ୟୋତ୍ସ୍ନାମୟୀଙ୍କୁ ବିବାହ କରିଥିଲେ। ବୁଧବାର ଜ୍ୟୋତ୍ସ୍ନାମୟୀ ଓ ୩ ବର୍ଷର ପୁତ୍ର କେନ୍ଦ୍ରାପଡ଼ାରୁ ଲଦାଖ ଯାଇ ତାଙ୍କ ପାଖରେ ପହଞ୍ଚି ଥିଲେ। ଶୁକ୍ରବାର ଜମ୍ମୁ-କଶ୍ମୀର ଲଦାଖ ଅଞ୍ଚଳରେ ସଡ଼କ କାର୍ଯ୍ୟ ତଦାରଖ କରୁଥିବା ବେଳେ ତାଙ୍କ ଉପରେ ବରଫ ଅତଡ଼ା ଖସିପଡ଼ିବାରୁ ମୃତ୍ୟୁ ଘଟିଥିଲା। ଶନିବାର ବିଳମ୍ବିତ ରାତ୍ରିରେ ତାଙ୍କ ପାର୍ଥିବ ଶରୀର ଜଗଦଳପୁର ବାସଭବନରେ ପହଞ୍ଚିଥିଲା। ରବିବାର ତାଙ୍କୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା।


CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ)
ଯୋଗାଯୋଗ କରନ୍ତୁ
9473748805

SUPER POWER LED
LED Light Manufacturing Business
MAKE YOUR DREAM PROJECT
ଘରେରହି LED BULB ତିଆରି କରି ଆମ Company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ, ପ୍ରୋଜେକ୍ଟ ରିପୋଟ ଯୋଗାଇ ଦେବୁ। ଦିନକୁ ୧୦୦ଟି LED BULB's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଆପଣଙ୍କ ସ୍ୱପ୍ନର LED BULB ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
7750087295

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଦୂଷିତ ପରିବା ଓ ସ୍ୱାସ୍ଥ୍ୟ



ପ୍ର. ସୁବୋଧ କୁମାର ସାହୁ

**ବଜାରରୁ କିଣା ପରିବାରେ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ ଔଷଧ ପ୍ରୟୋଗ ହେଉ ଅବା ନ ହେଉ; ସହଜରେ ଘରେ ମିଳୁଥିବା ଯେକୌଣସି ପଦାର୍ଥରେ ପରିବାକୁ ଉପଚାର କରି ରୋଷେଇ କଲେ ଆମେ ଖାଉଥିବା ପରିବା ପ୍ରଦୂଷଣମୁକ୍ତ ହେବା ସହ ଆମ ଶରୀର ସୁସ୍ଥ ରହିବ ।**

ପରିବା ଆମ ଖାଦ୍ୟର ଏକ ମୁଖ୍ୟ ଅଂଶ। ବର୍ତ୍ତମାନ ଚାଷୀ ସ୍ଥାନୀୟ କିସମ ବିହନ ପରିବର୍ତ୍ତେ ଉନ୍ନତ, ଅଧିକ ଅମଳକ୍ଷମ ଏବଂ ସଙ୍କରଜାତୀୟ ପରିବା ଚାଷ କରୁଛନ୍ତି। ଏଥିରୁ ଅଧିକ ଅମଳ ପାଇଁ ଚାଷୀ ଆବଶ୍ୟକତାଠାରୁ ଯଥେଷ୍ଟ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଏହା ଦ୍ୱାରା ଫସଲ ଅଧିକ ସବୁଜ ଏବଂ ସୁନ୍ଦର ହୋଇ ବଢ଼େ। କିନ୍ତୁ ଏହି ଫସଲ ବିଭିନ୍ନ ପୋକ ଓ ରୋଗ ଦ୍ୱାରା ଆକର୍ଷିତ ହୁଏ। ଫସଲକୁ ରୋଗ ପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଚାଷୀ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ମନଇଚ୍ଛା ପ୍ରୟୋଗ କରନ୍ତି। ପ୍ରୟୋଗ ରାସାୟନିକ ଦ୍ରବ୍ୟର ପ୍ରଭାବ ଫସଲରେ କିଛି ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ରହେ। ଫସଲରୁ ରାସାୟନିକ ବିଷର ପ୍ରଭାବ ନ ଯିବା ପୂର୍ବରୁ ଚାଷୀ ପରିବା ତୋଳି ଖାଆନ୍ତି ଏବଂ ବଜାରରେ ବିକ୍ରି କରନ୍ତି। ଉକ୍ତ ପ୍ରଦୂଷିତ ପରିବାକୁ ଖାଇ ଆମେ ବିଭିନ୍ନ ରୋଗ ଯଥା ଝାଡ଼ା, ବାନ୍ତି, ମୁଣ୍ଡବିନ୍ଧା, ଚକ୍ଷୁରୋଗ ଏବଂ କ୍ୟାନ୍ସର ପରି ମାରାତ୍ମକ ରୋଗରେ ପୀଡ଼ିତ ହେଉ।

ବିଭିନ୍ନ ପରିବା ମଧ୍ୟରେ ଆଳୁ ମୁଖ୍ୟ। ମାଟିରେ ଆଳୁ ଫଳିବା ପରେ ଉଇ ଏବଂ ଧଳାଗ୍ରବ ଆଳୁକୁ କଣା କରି ନଷ୍ଟ କରନ୍ତି। ଏହି ପୋକର ଆକ୍ରମଣରୁ ଆଳୁକୁ ରକ୍ଷା କରିବା ପାଇଁ ଚାଷୀ ଆଳୁ ଲଗାଇବା ସମୟରେ ମାଟିରେ ଏକର ପିଛା ୧୦ରୁ ୧୨ କିଲୋଗ୍ରାମ ଆଲଡ୍ରିନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତି। ଉକ୍ତ ବିଷାକ୍ତ ଦ୍ରବ୍ୟର ଅବଶିଷ୍ଟାଂଶ ମାଟିରେ ଦୀର୍ଘ ଦିନ ଧରି ରହେ। ଏହାର କିଛି ଅବଶିଷ୍ଟାଂଶ ଆଳୁରେ ମଧ୍ୟ ରହେ। ଉକ୍ତ ଆଳୁ ଖାଇଲେ ଆମେ ରୋଗାକ୍ରାନ୍ତ ହେବାର ଆଶଙ୍କା ଥାଏ। ଆଳୁ ପରି କନ୍ଦମୂଳରେ ମଧ ଉଇ ଲାଗନ୍ତି। ଏଥିପାଇଁ ଚାଷୀ କ୍ଲୋରୋପାଇରିଫସ ଗୁଣ୍ଡ ମାଟିରେ ପ୍ରୟୋଗ କରନ୍ତି। ଏହା ଦ୍ୱାରା କନ୍ଦମୂଳ ପ୍ରଦୂଷିତ ହୁଏ। କଞ୍ଚା କନ୍ଦମୂଳ ଖାଇ ଅନେକଙ୍କର ବାନ୍ତି ହେବାର ମଧ୍ୟ ନଜିର ରହିଛି।

ବାଇଗଣ ଏବଂ ପୋଟଳ ଫସଲରେ କାଣ୍ଡ ଏବଂ ଫଳବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକ। ଉକ୍ତ ପୋକର ଲାର୍ଭା ବାଇଗଣ, ଗଛର ନରମ କାଣ୍ଡକୁ କଣା କରି ଏଥିରେ ପଶି କାଣ୍ଡର ଅଗ୍ରଭାଗକୁ ଭାଙ୍ଗିଦିଏ। ବାଇଗଣ ଏବଂ ପୋଟଳ ଫସଲକୁ କଣା କରି ଫଳ ଭିତରେ ରହି ଫଳକୁ ନଷ୍ଟ କରେ। ଉକ୍ତ ପୋକର ଦମନ ପାଇଁ ଚାଷୀ ଦାନାଦାର ଫୋରେଟ ଗଛ ମୂଳରେ ପ୍ରୟୋଗ କରନ୍ତି। ଗଛର କାଣ୍ଡ ଏବଂ ଫଳରେ ବିଷର ପ୍ରବାହ ପ୍ରାୟ ୩୦ରୁ ୩୫ ଦିନ ପର୍ଯ୍ୟନ୍ତ ରହେ। ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିବା ତୋଳି ଖାଇଲେ ଆମେ ରୋଗାକ୍ରାନ୍ତ ହେବାର ସମ୍ଭାବନା ଥାଏ। ଛୁଇଁ ଜାତୀୟ ଫସଲ ଯଥା ବିନ୍ସ, ଶିମ୍ବ, ମଟର, ଶଜନା ଆଦିର ପତ୍ର, ଡାଳ ଏବଂ ଫଳରେ ଜଉ ପୋକ ମେଞ୍ଚା ମେଞ୍ଚା ହୋଇ ଲାଗନ୍ତି। ପତ୍ର ଏବଂ ଫଳର ସବୁଜ ଅଂଶକୁ ଶୋଷି ଫସଲର କ୍ଷତି ଘଟାନ୍ତି। ଉକ୍ତ ପୋକର ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ମାତ୍ରାଧିକ ଭାବରେ ମେଟାସିଷ୍ଟକ୍ କିମ୍ବା ଏଣ୍ଡୋସଲଫାନ୍ ପରି ତରଳ ବିଷକୁ ପତ୍ର ଛିଞ୍ଚା କରନ୍ତି। ଉକ୍ତ ବିଷର ପ୍ରଭାବ ଫସଲରେ ୧୫ ରୁ ୧୮ ଦିନ ପର୍ଯ୍ୟନ୍ତ ରହେ। ଏହି ସମୟ ମଧରେ ପରିବା ତୋଳି ଖାଇଲେ ଆମେ ଅସୁସ୍ଥ ହେବା।

ସେହିପରି କଲରା ଫସଲ କାଙ୍କେଡ଼ିଆ ପୋକ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୋଇ ଯଥେଷ୍ଟ କ୍ଷତି ହୁଏ। ଉକ୍ତ ପୋକ କଲରାପତ୍ର ଖାଇ ଜାଲି କରନ୍ତି। ଦ୍ୱିତୀୟତଃ ମାଛିର ଲାର୍ଭା କଲରା ଭିତରେ ପଶି କଲରାକୁ ନଷ୍ଟ କରନ୍ତି। ଉକ୍ତ ପୋକ ଦ୍ୱୟର ଦମନ ପାଇଁ ଚାଷୀ ରୋଗର୍ କିମ୍ବା ସେଭିନ୍ ଗୁଣ୍ଡ ପ୍ରତି ସପ୍ତାହରେ ପ୍ରୟୋଗ କରନ୍ତି। ଉକ୍ତ ବିଷର ପ୍ରଭାବ କଲରାରେ ୧୦ ରୁ ୧୨ ଦିନ ପର୍ଯ୍ୟନ୍ତ ରହେ। ଏହାଛଡ଼ା ଉକ୍ତ ବିଷ କଲରାର ଦୁଇ ଶିରା ମଧରେ ସଂଲଗ୍ନ ହୋଇ ରହେ। ଏହି ସମୟରେ କଲରା ତୋଳି ଖାଇଲେ ଆମେ ଅସୁସ୍ଥ ହେଉ।

ଲଙ୍କା ଫସଲରେ ଫୁଲକଷି ଆସିବା ସମୟରେ ଖାଲି ଆଖିକୁ ଦେଖାଯାଉ ନଥିବା ଥ୍ରିପ୍ସ ନାମକ ଏକ କ୍ଷୁଦ୍ର ପୋକ ଗଛର ସବୁଜ ପତ୍ର ଏବଂ କଞ୍ଚାଲଙ୍କାରୁ ରସ ଶୋଷି ଫସଲର କ୍ଷତି ଘଟାନ୍ତି। ଉକ୍ତ ପୋକ ଆକ୍ରମଣରୁ ଲଙ୍କାକୁ ରକ୍ଷା କରିବା ପାଇଁ ଫସ୍‌ପାମିଡନ୍ ନାମକ ରାସାୟନିକ କୀଟ ନିରୋଧକ ଔଷଧ ପତ୍ରଛିଞ୍ଚା କରାଯାଏ। ଏହାର ବିଷାକ୍ତ ଗୁଣ ଲଙ୍କାରେ ପ୍ରାୟ ୨୦ରୁ ୨୫ ଦିନ ରହେ। ଏହି ସମୟରେ କଞ୍ଚାଲଙ୍କା ତୋଳି ଖାଇଲେ ଏହାର ବିଷାକ୍ତ ପ୍ରବାହ ଶରୀରକୁ ଆସେ।

କଖାରୁ ଜାତୀୟ ଫସଲରେ ପାଉଁଶିଆ ରୋଗ ହୁଏ। ଉକ୍ତ ରୋଗର ନିରାକରଣ ପାଇଁ ସଲ୍‌ଫର ଗୁଣ୍ଡ ଗଛରେ ପ୍ରୟୋଗ କରାଯାଏ। ଉକ୍ତ ଗୁଣ୍ଡର ଅବଶିଷ୍ଟାଂଶ ପତ୍ର, ଫୁଲ ଏବଂ ଫଳରେ ପ୍ରାୟ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଲାଖି ରହେ। ଏହି ସମୟରେ କଖାରୁ ଶାଗ, ଫୁଲ ଓ ଫଳ ଖାଇଲେ ସଲ୍‌ଫର ଗୁଣ୍ଡ ଆମ ଶରୀରରେ କ୍ଷତି ଘଟାଏ।

କେତେକ ପରିବା ବ୍ୟବସାୟୀ ପୋଟଳକୁ ସବୁଜ ଏବଂ ସତେଜ ରଖିବା ପାଇଁ କପରସଲ୍‌ଫେଟ୍ ନାମକ ରାସାୟନିକ ଦ୍ରବଣରେ କିଛି ସମୟ ବୁଡ଼ାଇ ରଖି ବିକ୍ରି କରନ୍ତି। ଏହା ଦ୍ୱାରା ପୋଟଳ ପ୍ରଦୂଷିତ ହୁଏ। କିଛି କୋବି ବ୍ୟବସାୟୀ ଫୁଲକୋବିର ଧଳା ରଙ୍ଗକୁ ଅକ୍ଷତ ରଖିବା ପାଇଁ ଥିମେଟ ନାମକ ବିଷାକ୍ତ ଦାନାଦାର ଲଘୁ ଦ୍ରବଣରେ ଉପଚାର କରି ବଜାରରେ ବିକ୍ରି କରିବାର ନଜିର ରହିଛି। ପରୀକ୍ଷାରୁ ଜଣାପଡ଼ିଛି ଯେ, ଦାନାଦାର ଉପଚାର ହୋଇଥିବା ଫୁଲକୋବିରେ ବିଷ ଭାଗ ପ୍ରାୟ ୨୦ରୁ ୨୫ ପ୍ରତିଶତ ରହିଥାଏ। ଉକ୍ତ କୋବି ଖାଇଲେ ବାନ୍ତି, ଝାଡ଼ା, ମୁଣ୍ଡବିନ୍ଧା ରୋଗ ହେବାର ପ୍ରମାଣ ମିଳିଛି।

ପ୍ରଦୂଷିତ ପନିପରିବାରୁ ବିଷର ପ୍ରଭାବ ଦୂରୀକରଣ ପାଇଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୃତ୍ତିକା ଏବଂ ରାସାୟନିକ ବିଭାଗର କୃଷି ରସାୟନବିତ୍‌ଙ୍କ ଦ୍ୱାରା କେତେକ ସରଳ ଏବଂ କମ୍ ଖର୍ଚ୍ଚରେ ହୋଇ ପାରୁଥିବା ଉପାୟମାନ ନିର୍ଣ୍ଣୟ କରାଯାଇଛି। ନିମ୍ନରେ ଏହା ବର୍ଣ୍ଣନା କରାଗଲା।

ଚାଷୀ ପରିବା ଫସଲରେ ପୋକ ତଥା ରୋଗ ନିୟନ୍ତ୍ରଣ ପାଇଁ ପ୍ରୟୋଗ ରାସାୟନିକ ବିଷର ଠିକ୍ ମାତ୍ରା କୃଷି ବିଶେଷଜ୍ଞଙ୍କଠାରୁ ବୁଝି ନେବା ଉଚିତ। କେଉଁ ପ୍ରକାର ରାସାୟନିକ ଔଷଧର ବିଷ ପ୍ରୟୋଗ ପରେ ଏହାର ବିଷାକ୍ତ ପ୍ରଭାବ ପରିବାରେ କେତେ ଦିନ ପର୍ଯ୍ୟନ୍ତ ରହୁଛି ତାହା ଜାଣିବା ଉଚିତ। ସେହି ନିର୍ଦ୍ଦିଷ୍ଟ ଦିନପରେ ପରିବା ତୋଳି ଖାଇବା ଏବଂ ବଜାରରେ ବିକ୍ରି କରିବା ଉଚିତ। ବଜାରରୁ ପରିବା କିଣି ଏହାକୁ ସତେଜ ରଖିବା ପାଇଁ ଫ୍ରିଜରେ ରଖିବା ପୂର୍ବରୁ ବିଶୁଦ୍ଧ ପାଣିରେ ଦୁଇରୁ ତିନି ଥର ଧୋଇ ନିଅନ୍ତୁ। ଏହାଦ୍ୱାରା ପରିବାରେ ସଂଲଗ୍ନ ଥିବା କିଛି ବିଷ ଅଂଶ ଧୋଇଯାଏ। ପରିବାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ନିମ୍ନ ଲିଖିତ ଯେକୌଣସି ଉପାୟ ଅବଲମ୍ବନ କରାଯାଇପାରିବ। ପରିବାକୁ ଶତକଡ଼ା ୮ ରୁ ୧୦ ଭାଗ ଲୁଣପାଣିରେ ୧୫ ରୁ ୨୦ ମିନିଟ୍ ବୁଡ଼ାଇ ପରିଷ୍କାର ପାଣିରେ ଧୋଇଲେ ପରିବାରେ ଥିବା ବିଷଭାଗ ନଷ୍ଟ ହୁଏ। ଦ୍ୱିତୀୟରେ ତୋଳା ପରିବାକୁ ପାଣିରେ ଧୋଇ ୧୦% ହଳଦୀ ପାଣିରେ ୧୫ ରୁ ୨୦ ମିନିଟ୍ ବୁଡ଼ାଇଲେ ପରିବାରୁ ବିଷଅଂଶ ଦୂର ହେବ। ତୃତୀୟରେ ୪ ରୁ ୫ ଭାଗ ଖାଇବା ସୋଡ଼ାରେ ୫ ରୁ ୬ ମିନିଟ୍ ବୁଡ଼ାଇ ପରିଷ୍କାର ପାଣିରେ ଧୋଇଲେ ପରିବାରୁ ଅନେକ ବିଷଭାଗ ଦୂର ହେବ। ଚତୁର୍ଥରେ ୧୦% ଅର୍ଥାତ୍ ୧୦୦ ମିଲିଲିଟର ଭିନେଗାରକୁ ଏକ ଲିଟର ପାଣିରେ ମିଶାଇ ସେଥିରେ ପରିବାକୁ ୫ରୁ ୬ ମିନିଟ୍ ରଖିବା ପରେ ଧୋଇ ରୋଷେଇ କଲେ ପରିବାରେ ଥିବା ବିଷଭାଗ ସମ୍ପୂର୍ଣ୍ଣ ଦୂର ହେବ।

ସର୍ବୋପରି ବଜାରରୁ କିଣା ପରିବାରେ ରୋଗ ଓ ପୋକ ନିରୋଧକ ରାସାୟନିକ ବିଷାକ୍ତ ଔଷଧ ପ୍ରୟୋଗ ହେଉ ଅବା ନ ହେଉ; ସହଜରେ ଘରେ ମିଳୁଥିବା ଉପରୋକ୍ତ ଯେକୌଣସି ପଦାର୍ଥରେ ପରିବାକୁ ଉପଚାର କରି ରୋଷେଇ କଲେ ଆମେ ଖାଉଥିବା ପରିବା ପ୍ରଦୂଷଣମୁକ୍ତ ହେବା ସହ ଆମ ଶରୀର ସୁସ୍ଥ ରହିବ।

– ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫



# ଆଲଜିମର୍ସ



ବିଟା-ଆମିଲଏଡ୍ ଏକ ପ୍ରୋଟିନ୍, ଯାହା ଆମ ଶରୀରରେ ଆଲ୍‌ଜିମର୍ସ ରୋଗ ସୃଷ୍ଟି କରିଥାଏ। ଆମିଲଏଡ୍‌ର ଅନ୍ୟ ରୂପ ବିଟା-ଆମିଲଏଡ୍, ଯାହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ସହ ଏହାର ବିକାଶରେ ବାଧା ସୃଷ୍ଟି କରେ। କର୍‌ଟିନ୍ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏପରି ଜଣାପଡ଼ିଛି। ଏହା ଆମ ସ୍ମରଣ ଶକ୍ତିକୁ ବହୁମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ। ସେହିପରି ଶରୀରର ଅନ୍ୟ ଅଙ୍ଗରେ ଏ-ବିଟା ସୃଷ୍ଟି ହୁଏ, ଯାହା ରକ୍ତରେ ପ୍ରୋଟିନ୍‌ର ପରିମାଣକୁ ବଢ଼ାଇଦିଏ। ଫଳରେ ଏହା ମଧ ଆଲ୍‌ଜିମର୍ସ ରୋଗ ସୃଷ୍ଟିର ଅନ୍ୟ ଏକ କାରଣ ସାଜେ। କର୍‌ଟିନ୍ ୟୁନିଭର୍ସିଟିର ବିଶେଷଜ୍ଞ ଜନ୍ ମାମୋ ପ୍ରଥମେ ଏହାକୁ ନେଇ ମୂଷା ଉପରେ ଗବେଷଣା କରିଥିଲେ। ଆଉ ସେଥିରୁ ସେ ଜାଣିବାକୁ ପାଇଲେ ଯେ ମଣିଷ ଶରୀରରେ ବି ଏ-ବିଟା ରହିଛି, ଯାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ। ତେଣୁ ଏଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ।

# ଆୟୁଷ ବଢ଼ାଏ ସବୁଜିମା

ସବୁଜିମାଭରା ପ୍ରାକୃତିକ ପରିବେଶରେ ରହୁଥିବା ଲୋକେ ସୁସ୍ଥ ସବଳ ରୁହନ୍ତି ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ଏମିତି ପରିବେଶରେ ରହୁଥିବା ଲୋକଙ୍କ ଆୟୁଷ ଅଧିକ ହୋଇଯାଏ ବୋଲି ଗବେଷଣାରୁ ଜଣାପଡ଼ିଛି।

ଆମେରିକାର ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଗଛଲତାଭରା ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ରହୁଥିବା ବ୍ୟକ୍ତିଙ୍କ ଜୀବନ ଦୁଇରୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ବଢ଼ି ଯାଇଥାଏ। ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କୁ ନେଇ ରିସର୍ଚ୍ଚ କରିବା ପରେ ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ, ସବୁଜିମା ପରିବେଶରେ ରହୁଥିବା ଲୋକଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଜୈବିକ ଏବଂ ମଲିକ୍ୟୁଲାର ପରିବର୍ତ୍ତନ ଆସିଥାଏ। ଫଳରେ ସେମାନଙ୍କ ପ୍ରକୃତ ବୟସ ବଢ଼ିଥାଏ। ପୂର୍ବରୁ ଲୋକେ ସୁସ୍ଥ ସବଳ ରହିବା ପାଇଁ ସବୁଜ ପନିପରିବା ଖାଇବା ଏବଂ ଯୋଗ ବ୍ୟାୟାମ କରିବା ଉପରେ ଗୁରୁତ୍ୱ ଦେଉଥିଲେ। କିନ୍ତୁ ଏସବୁର ଫାଇଦା କେବଳ ଗଛଲତାଭରା ଏକ ପରିବେଶରେ ସବୁ ସମୟରେ ରହିବା ଫଳରେ ମିଳି ପାରିଥାଏ ବୋଲି ଏବେ ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏଥିପାଇଁ ବୈଜ୍ଞାନିକମାନେ ୨୦ ବର୍ଷ ହେଲା ରିସର୍ଚ୍ଚ କରୁଥିଲେ। ପ୍ରାକୃତିକ ପରିବେଶରେ ବର୍ଷ ବର୍ଷ ଧରି ରହିବା ଫଳରେ ଲୋକଙ୍କ ଡିଏନ୍‌ଏରେ ପରିବର୍ତ୍ତନ ଆସିବା କଥା ଜଣାପଡ଼ିଥିଲା। ସାଧାରଣତଃ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଡିଏନ୍‌ଏରେ ଯେଉଁ ପରିବର୍ତ୍ତନ ଆସିଥାଏ, ତାହାକୁ ଏପିଜେନେଟିକ୍ କ୍ଲକ କହନ୍ତି। ତେବେ ପ୍ରାକୃତିକ ପରିବେଶରେ ଦୀର୍ଘଦିନ ରହୁଥିବା ଲୋକଙ୍କର ଏପିଜେନେଟିକ୍ କ୍ଲକ ଧୀରେ ଧୀରେ ଚାଲିଥାଏ। ତେଣୁ ବ୍ୟକ୍ତି ବିଳମ୍ବରେ ବୃଦ୍ଧାବସ୍ଥାର ଶିକାର ହୁଅନ୍ତି ଓ ଅଧିକ ବର୍ଷ ଜୀବିତ ରୁହନ୍ତି।



# ବୟସ୍କ ବ୍ୟକ୍ତିଙ୍କୁ ଉଦାସ କରାଏ ଏକାକୀ ରହିବା...

ପରିବାର ସହ ହସ ଖୁସି ଓ ଆନନ୍ଦରେ ରହିବାକୁ ସମସ୍ତେ ପସନ୍ଦ କରନ୍ତି। ଏଥିରୁ ବା କେମିତି ବାଦ୍ ପଡ଼ିଯିବେ ବୟସ୍କ ବ୍ୟକ୍ତି। ହେଲେ କରୋନା ମହାମାରୀ ଏ ସବୁ ସେମାନଙ୍କଠାରୁ ଛଡ଼ାଇ ନେଇଛି। ଏବେ ପ୍ରାୟତଃ ବୟସ୍କମାନେ ସେମାନଙ୍କ ପରିବାରଠାରୁ ଅଲଗା ରହୁଛନ୍ତି। ଏକା ରହିବା ଦ୍ୱାରା ସେମାନଙ୍କ ଉପରେ ଏକ ନକାରାତ୍ମକ ପ୍ରଭାବ ପଡ଼ିବା ସହ ସେମାନେ ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଅନେକ ସମୟରେ କେତେକ କଥାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। କୋଭିଡ୍‌ରେ ଅଧିକାଂଶ ବୟସ୍କଙ୍କର ମୃତ୍ୟୁ ହୋଇଯାଇଥିବାରୁ ସେମାନେ ନିଜକୁ ଏକା ମନେକରୁଛନ୍ତି। ସେମାନଙ୍କର ସ୍ମରଣଶକ୍ତି ମଧ ବହୁ ମାତ୍ରାରେ ହ୍ରାସ ପାଉଥିବାର ଦେଖିବାକୁ ମିଳୁଛି। କିଙ୍ଗ୍ ଜର୍ଜସ୍ ମେଡିକାଲ୍ ୟୁନଭର୍ସିଟି ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏହା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ବୟସାଧିକ କାରଣରୁ ଘରେ ବୟସ୍କମାନେ ବସି ବସି ବିରକ୍ତ ହୋଇପଡୁଛନ୍ତି। ମାନସିକ ଯନ୍ତ୍ରଣା ସହ ଶାରୀରିକ ଭାବେ ମଧ ସେମାନେ ଅନେକ ରୋଗର ଶିକାର ହେଉଛନ୍ତି। ଆଣ୍ଠୁ ଗଣ୍ଠି ବାତ ହେବା, ଅଣ୍ଟା ଦରଜ ଭଳି ଅନେକ ପ୍ରକାର ବ୍ୟତିକ୍ରମ ଦେଖୁବାକୁ ମିଳୁଛି।





# ଜୀବନଶୈଳୀ ଓ ବିଚାରଧାରା

ମଣିଷ ସବୁବେଳେ ଖୁସିରେ ରହିବାକୁ ଚାହେଁ। ସେଥିପାଇଁ ସେ ସବୁବେଳେ ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାକୁ ପସନ୍ଦ କରେ। ତେଣୁ କିଭଳି ନିଜ ବିଚାରଧାରାକୁ ସକାରାତ୍ମକ କରି ଆପଣ ଖୁସିରେ ରହିବେ ଜାଣନ୍ତୁ କିଛି ଟିପ୍ସ...

ଅନେକ ସମୟରେ କେତେକ ବ୍ୟକ୍ତି ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ ଠିକ୍-ଭୁଲ୍‌ର ରାସ୍ତା ଜାଣି ପାରି ନ ଥା'ନ୍ତି। ଫଳରେ ଭୁଲ୍ କାମ କରି ବସନ୍ତି। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ି ବାଟବଣା ବି ହୋଇଯା'ନ୍ତି। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆପଣଙ୍କ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଆପଣ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ, ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠାମିଠା କଥା ହୋଇ ନିଜର ଅନୁଭୂତି ବାଣ୍ଟନ୍ତୁ। ଏହାଛଡ଼ା ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବେ। ଯେ କୌଣସି ଭୁଲ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ ସୁମଧୁର ହୋଇଉଠିବ।

# ଦୃଷ୍ଟିଶକ୍ତିକୁ ପ୍ରଭାବିତ କରେ ହରର୍ ମୁଭି

ମନୋରଞ୍ଜନର ଅନ୍ୟତମ ମାଧ୍ୟମ ହେଲା ଚଳଚ୍ଚିତ୍ର। କେତେକ ହରର ମୁଭି ଦେଖିବାକୁ ପସନ୍ଦ କରିଥାଆନ୍ତି। ଏହା ସିନା ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଆବଶ୍ୟକତାଠାରୁ ଅଧିକ ହରର ମୁଭି ଦେଖିଲେ, ତାହାର ପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବ୍ୟକ୍ତ କରିଛନ୍ତି ସିଓଲ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିୟମିତ ହରର ମୁଭି ଦେଖିଥିବା କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରାଯାଇଥିଲା। ଏମାନଙ୍କ ମଧରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ଦୃଷ୍ଟିଶକ୍ତି ଏହାଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏଭଳି ମୁଭି ଦେଖିବା ସମୟରେ ଅନେକ ଏକ ଲୟରେ ପରଦାକୁ ଚାହିଁ ରହିଥାଆନ୍ତି। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖିକୁ ବିଶ୍ରାମ ନ ମିଳିବାରୁ ଆଖିଡୋଳା ପ୍ରଭାବିତ ହୋଇଥାଏ। ତେଣୁ ହରର ମୁଭି ଦେଖିବା ବେଳେ ନିୟମିତ ସମୟ ଅନ୍ତରାଳରେ ଆଖି ପଲକ ପକାଇବା ଦରକାର। ଏହାଫଳରେ ଆଖିକୁ କିଛି ସମୟ ବିଶ୍ରାମ ମିଳିଥାଏ।



# ସ୍ୱାସ୍ଥ୍ୟ ସୂଚନା

➢ଶରୀରକୁ ସୁସ୍ଥ ରଖିବା ଲାଗି ଖାଦ୍ୟ ସହିତ ପ୍ରତିଦିନ ଆବଶ୍ୟକ ମାତ୍ରାରେ ପାଣି ପିଇବା ଜରୁରୀ। ହେଲେ ଆପଣ ଜାଣନ୍ତିକି ପ୍ରତିଦିନ ୨-୩ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ। ବିଶେଷ କରି ମେଦବହୁଳତା ଏବଂ ଅନ୍ୟ ସମସ୍ୟା ଥିବା ମହିଳାଙ୍କ ପାଇଁ ଏହା ବେଶି ଉପାଦେୟ।

➢ପ୍ରତିଦିନ ସକାଳୁ ଉଠି ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ହଜମକ୍ରିୟା ଠିକ୍ ଭବେ ହୋଇଥାଏ। ଯେଉଁ ମହିଳାମାନେ ଘର କାମ ବ୍ୟସ୍ତତା ଭିତରେ ଠିକ୍ ସମୟରେ ଖାଇବାକୁ ଅବହେଳା କରନ୍ତି ଏବଂ ପରବର୍ତ୍ତୀ ସମୟରେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ଦେଇ ଗତି କରନ୍ତି ସେମାନଙ୍କ ପାଇଁ ଉଷୁମ ପାଣି ପିଇବା ବହୁତ ଉପକାରୀ।

➢କାଶ, ଗଳା ଦରଜ, ସାଇନସ୍, ମୁଣ୍ଡବିନ୍ଧା ଭଳି ଥଣ୍ଡାଜନିତ ସମସ୍ୟା ଥିଲେ ଉଷୁମ ପାଣି ପିଇବା ଭଲ। କାରଣ ଏହାଦ୍ୱାରା ନାକ ଭିତରେ ଜମିଥିବା ମ୍ୟୁକସ୍ ତରଳିଯିବା ଯୋଗୁ ଶ୍ୱାସନଳି ଜାମ୍ ହୋଇ ନ ଥାଏ। କାଶ ଓ ମୁଣ୍ଡବିନ୍ଧାରୁ ମଧ ଉପଶମ ମିଳିଥାଏ।

➢ଉଷୁମ ପାଣି ପିଇବା ଦ୍ୱାରା ମାନସିକ ଚାପରୁ ମଧ କିଛି ମାତ୍ରାରେ ମୁକ୍ତି ମିଳିଥାଏ। ତା'ଛଡ଼ା ଏହା ସ୍ନାୟୁତନ୍ତ୍ରକୁ ଆକ୍ଟିଭ୍ କରାଇବାରେ ସାହାଯ୍ୟ କରେ।

➢ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବାରେ ମଧ ଏହା ସାହାଯ୍ୟ କରିଥାଏ।

➢ପ୍ରତିଦିନ ଉଷୁମ ପାଣି ପିଇଲେ ଶରୀରରେ ଜମାହୋଇଥିବା ଅଧିକ ଚର୍ବି ତରଳାଇଥାଏ। ଫଳରେ ମେଦବହୁଳତା ହ୍ରାସ ହୁଏ।

➢କୋଷ୍ଠକାଠିନ୍ୟ ସମସ୍ୟା ଥିବା ମହିଳା ରାତିରେ ଶୋଇବା ପୂର୍ବରୁ ଏବଂ ସକାଳୁ ଉଠିବା ପରେ ଉଷୁମ ପାଣି ପିଇଲେ ଉପକୃତ ହୋଇପାରିବେ।



# ଷ୍ଟୋକ୍ସଙ୍କ ଲଢୁଆ ଶତକ ସତ୍ତ୍ୱେ ଇଂଲଣ୍ଡ ପରାସ୍ତ

**ଲଣ୍ଡନ, ୨।୭**

କ୍ରିକେଟର ମକ୍କା ଲର୍ଡ୍ସରେ ଅନୁଷ୍ଠିତ ଆଶେସ୍ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ଜିତି ନେଇଛି ଅଷ୍ଟ୍ରେଲିଆ। ରବିବାର ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଲଢୁଆ ୧୫୫ ରନ୍ ସତ୍ତ୍ୱେ ଦ୍ୱିତୀୟ ଟେଷ୍ଟର ଅନ୍ତିମ ଦିବସରେ ୪୩ ରନ୍‌ରେ ମ୍ୟାଚକୁ ଜିତି ନେଇଛି ଅଷ୍ଟ୍ରେଲିଆ।

**ଆଶେସ ସିରିଜ୍**

**ଅଷ୍ଟ୍ରେଲିଆର କ୍ରମାଗତ ଦ୍ୱିତୀୟ ବିଜୟ**

କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡର ବାଜ୍‌ବଲ୍ ରଣନୀତିକୁ ମାତ ଦେବାରେ ସଫଳ ହୋଇଛି ଅଷ୍ଟ୍ରେଲିଆ। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହାସଲ କରିଛି।



ବେନ୍ ଷ୍ଟୋକ୍ସ

### ଡକେଟ୍‌ଙ୍କ ଅର୍ଦ୍ଧଶତକ

୩୭୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚତୁର୍ଥ ଦିନର ଷ୍ଟମ୍ପ ସୁଦ୍ଧା ଦଳ ୪ ଉଇକେଟରେ ୧୧୪ ରନ୍ କରିଥିଲା ଇଂଲଣ୍ଡ। ଅନ୍ତିମ ଦିନରେ ବିଜୟ ପାଇଁ ୨୫୭ ରନ୍ ଆବଶ୍ୟକ ଥିବା ବେଳେ ଘରୋଇ ଦଳ ସକରାତ୍ମକ ଆରମ୍ଭ କରିଥିଲା। ରବିବାର ଆଉ ୬୩ ରନ୍ ଯୋଡିବା ପରେ ୮୩ରନ୍‌ର ବ୍ୟକ୍ତିଗତ ସ୍କୋରରେ ବେନ୍ ଡକେଟ୍ ପ୍ୟାଭିଲିୟନ୍ ଫେରିଥିଲେ। ହାଜେଲଉଡଙ୍କ ବଲରେ ଆଉଟ ହେବା ପୂର୍ବରୁ ସେ ୧୧୨ ବଲ୍ ଖେଳି ୯ ଚୌକା ମାରିଥିଲେ।

### ବେୟାରଷ୍ଟୋଙ୍କ ବିବାଦୀୟ ରନ୍ ଆଉଟ

ଇଂଲଣ୍ଡ ଦଳର ଉଇକେଟ କିପର ବ୍ୟାଟର ଜନି ବେୟାରଷ୍ଟୋ ସପ୍ତମ ଖେଳାଳି ଭାବରେ ବ୍ୟାଟିଂ କରିବାକୁ ଆସିଥିଲେ। ୨୨ ବଲ୍‌ରୁ ୨ ଚୌକା ସହିତ ୧୦ ରନ୍ କରିଥିବା ବେଳେ ଏକ ବଲ୍‌କୁ ଛାଡି ଦେଇଥିଲେ। ଆଲେକ୍ସ କେରୀଙ୍କ ହାତକୁ ବଲ୍ ଯାଇଥିବା ବେଳେ ଏହା ଡେଡ୍ ହେବା ପୂର୍ବରୁ କ୍ରିଜ୍ ବାହାରକୁ ଆସିଥିଲେ ବେୟାରଷ୍ଟୋ। କେରୀ ଷ୍ଟମ୍ପକୁ ବଲ୍ ଥ୍ରୋ କରିବା ସହିତ ତାଙ୍କୁ ରନ୍ ଆଉଟ କରିଥିଲେ। ଏହାପରେ ଅଷ୍ଟ୍ରେଲୀୟ ଖେଳାଳିଙ୍କ ସହିତ ବେନ୍ ଷ୍ଟୋକ୍ସଙ୍କ ଯୁକ୍ତିତର୍କ ହୋଇଥିଲା।

### ୱାନ୍ ମ୍ୟାନ୍ ଶୋ

କ୍ରିଜ୍‌ରେ ଶେଷ ମାନ୍ୟତାପ୍ରାପ୍ତ ବ୍ୟାଟର ଭାବରେ ବେନ୍ ଷ୍ଟୋକ୍ସ ରହିଥିଲେ। ତେବେ ବେୟାରଷ୍ଟୋଙ୍କ ବିବାଦୀୟ ଆଉଟ ପରେ ଷ୍ଟୋକ୍ସଙ୍କ ଉଗ୍ରରୂପ ଦେଖିବାକୁ ମିଳିଥିଲା। ଏକାକୀ ଅଷ୍ଟ୍ରେଲୀୟ ବୋଲରଙ୍କୁ ପଡିଆର ଚତୁର୍ଦ୍ଦିଗକୁ ଶଟ୍ ମାରିବା ସହ ଷ୍ଟୁଆର୍ଟ ବ୍ରଡ(୧୧ ରନ୍)ଙ୍କୁ ସାଥୀ କରି ୧୧୬ ରନ୍‌ର ଭାଗୀଦାରି କରିଥିଲେ। ୨୧୪ ବଲ୍ ଖେଳି ସେ ୯ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ହେଜେଲଉଡଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆଲେକ୍ସ କେରୀଙ୍କ ହାତକୁ କ୍ୟାଚ୍ ଦେଇଥିଲେ। ୩୦୧ରନ୍‌ରେ ଷ୍ଟୋକ୍ସ ଆଉଟ ହେବା ପରେ ଇଂଲଣ୍ଡ ୩୨୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଜୋଶ ହେଜେଲଉଡ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଷ୍ଟିଭେନ୍ ସ୍ମିଥ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ - ୪୧୬/୧୦ । ଇଂଲଣ୍ଡ ପ୍ରଥମ ଇନିଂସ-୩୨୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୭୯/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ ୮୧.୩ ଓଭରରେ ୩୨୭/୧୦(ବେନ୍ ଷ୍ଟୋକ୍ସ-୧୫୫, ବେନ୍ ଡକେଟ୍-୮୩, ଜୋଶ ଟଙ୍ଗ-୨୬, ପ୍ୟାଟ୍ କମିନ୍ସ-୨/୬୯, ମିଚେଲ୍ ଷ୍ଟାର୍କ-୩/୭୯, ଜୋଶ ହେଜେଲଉଡ୍-୩/୮୦)।



ଫାଓ ସୁପରକପ୍ ଫୁଟବଲ ଚାମ୍ପିୟନ ରାଇଜିଂ ଷ୍ଟାର ଦଳ।

# ରାଇଜିଂ ଷ୍ଟାର ଜିତିଲା ଫାଓ ସୁପରକପ୍

**ଭୁବନେଶ୍ୱର, ୨।୭**
**(ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ରାଇଜିଂ ଷ୍ଟାର୍ ଚାମ୍ପିୟନ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ପେନାଲ୍ଟି ଶୁଟ୍‌ଆଉଟ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଶିବଶଙ୍କର ପଣ୍ଡା ଫାଇନାଲର ମୁଖ୍ୟ ରେଫରି ଥିବାବେଳେ ଆଶୀର୍ବାଦ କାନୁନ୍‌ଗୋ ଓ ଅରୁଣ କୁମାର ନାୟକ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ। ଶେଖାଓ୍ୱତ୍ ଖାଁ ୪ର୍ଥ ଅଫିସିଆଲ ଏବଂ ଦୁର୍ଗା ବାଥବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଫାଇନାଲ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଶହିଦ ଜବାର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଥମ ମହିଳା ଭାବେ ପଏଣ୍ଟ ସ୍କୋର କଲେ ସୋଫିଆ

**ନୂଆଦିଲ୍ଲୀ, ୨।୭**

ପ୍ରଥମ ମହିଳା ଖେଳାଳି ଭାବରେ ଫର୍ମୁଲା-୩ ଗ୍ରାଁପ୍ରିରେ ପଏଣ୍ଟ ସ୍କୋର କରି ଇତିହାସ ରଚିଛନ୍ତି ଜର୍ମାନୀର ସୋଫିଆ ଫ୍ଲୋରେସ। ରବିବାର ଶେଷ ହୋଇଥିବା ଅଷ୍ଟ୍ରିଆନ୍ ଗ୍ରାଣ୍ଡ ପ୍ରିରେ ସେ ନବମ ସ୍ଥାନରେ ରହି ରେସ୍ ଫିନିଶ କରିଥିଲେ। ପିଏଚ୍‌ଏମ୍ ରେସିଂ କମ୍ପାନୀ ପକ୍ଷରୁ ସେ ରେସ୍ କରିଥିଲେ। ୨୦ତମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ବେଳେ ନବମ ସ୍ଥାନରେ ରେସ୍ କରିଥିଲେ। ଏହି ପ୍ରଦର୍ଶନ ସହିତ ତାଙ୍କ ଟିମ୍‌କୁ ୨

**ଫର୍ମୁଲା-୩ ଗ୍ରାଁ ପ୍ରି**

ବିଶ୍ୱ ଚାମ୍ପିୟନଶିପ୍ ପଏଣ୍ଟ ମଧ୍ୟ ମିଳିଛି। ୨୬ ଲାପ୍ ସମାପ୍ତ କରିବା ପାଇଁ ସୋଫିଆଙ୍କୁ ୩୮:୦୫.୭୬୫ ସେକେଣ୍ଡର ସମୟ ଲାଗିଥିଲା। ପ୍ରେମା ପାଓ୍ୱାର ଟିମ୍‌ର ବ୍ରିଟନ୍ ଜ୍ୟାକ୍ ଓ ସୁଲିଭାନ୍ ପ୍ରଥମ ସ୍ଥାନରେ ରହିଥିଲେ। ଟ୍ରାଇଡେଣ୍ଟର ଗାବ୍ରିଏଲ ବୋର୍ଟୋଲେଟୋ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସି କୋଲେଟ୍ ତୃତୀୟ ସ୍ଥାନରେ ରହିଥିଲେ। ଫର୍ମୁଲା-୩ ରେସ୍‌ରେ ପଏଣ୍ଟ ହାସଲ କରିଥିବା ସୋଫିଆଙ୍କୁ ଫର୍ମୁଲା ୱାନ୍ ସୋସିଆଲ ମିଡିଆ ଆକାଉଣ୍ଟରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୋଫିଆ ଆଲପିନ୍ ଡ୍ରାଇଭର ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରନ୍ତି।



ସୋଫିଆ ଫ୍ଲୋରେସ

# ନୂଆ ରୂପରେ ଫେରିବ ହକି ଇଣ୍ଡିଆ ଲିଗ୍

**ନୂଆଦିଲ୍ଲୀ, ୨।୭(ପି.ଟି.)**

ଆସନ୍ତା ବର୍ଷ ଶେଷ ଭାଗରେ କିମ୍ବା ୨୦୨୫ ପ୍ରଥମ ଭାଗରେ ନୂଆ ରୂପରେ ଆୟୋଜନ କରିବା ଲାଗି ବିଚାର କରୁଛି ଉଭୟ ପୁରୁଷ ଓ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) । ଫ୍ରାଞ୍ଚାଇଜଭିତ୍ତିକ ଏହି ଲିଗ୍ ୭ବର୍ଷ ହେଲା ବନ୍ଦ ରହିଛି। ଆର୍ଥିକ ପ୍ରସଙ୍ଗ ଏବଂ ଟିମ୍ ମାଲିକମାନଙ୍କ ଅସହଯୋଗ ଯୋଗୁ ୨୦୧୭ରେ ଏଚ୍‌ଆଇଏଲ୍‌କୁ ସ୍ଥଗିତ ରଖାଯାଇଥିଲା। ପ୍ୟାରିସରେ ଅଲିମ୍ପିକ୍ସ ହକି ଇଣ୍ଡିଆ ଲିଗ୍ ଖେଳାଯାଇପାରେ ବୋଲି ଆଶା କରାଯାଉଛି। ଅଲିମ୍ପିଆନ ଦିଲୀପ ତିର୍କୀଙ୍କ ଅଧୀନରେ ହକି ଇଣ୍ଡିଆ ପରିଚାଳନା ପରିଷଦ ଦେଶରେ ହକି ଦୃଶ୍ୟପଟ୍ଟର ପରିବର୍ତ୍ତନ ଆଣିବା ଲାଗି ଯୋଜନା ଚଳାଇଛି। ଏଚ୍‌ଆଇଏଲ୍ ଉଦୀୟମାନ ଖେଳାଳିଙ୍କ ଲାଗି ଏକ ବଡ଼ ପ୍ଲାଟଫର୍ମ ହେବ। କାରଣ ସେମାନେ ବିଶ୍ୱର ଟପ୍ ଖେଳାଳିମାନଙ୍କ ସହ ଖେଳିବା ସୁଯୋଗ ପାଇବେ। ଆସନ୍ତାବର୍ଷ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ସମୟ ଦେବାକୁ ହକି ଇଣ୍ଡିଆ ଅନୁରୋଧ କରିଛି, ହେଲେ ଏପର୍ଯ୍ୟନ୍ତ ଜବାବ ମିଳି ନାହିଁ। ଅଲିମ୍ପିକ୍ସ ପରେ ଆସନ୍ତା ବର୍ଷ ଡିସେମ୍ବର କିମ୍ବା ୨୦୨୫ ଜାନୁୟାରୀରେ ସମୟ ଦେବାକୁ ଅନୁରୋଧ କରାଯାଇଥିବା ହକି ଇଣ୍ଡିଆ ସଭାପତି ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ଯୋଜନା ଅନୁସାରେ ଆଗାମୀ ଏଚ୍‌ଆଇଏଲ୍‌ରେ ୮ ପୁରୁଷ ଓ ୪ ମହିଳା ଦଳ ରହିବ। ହକି ଇଣ୍ଡିଆ ଇତିମଧ୍ୟରେ ବିଗ୍ ବ୍ୟାଙ୍ଗ୍ ମେଡିଆ ଭେଞ୍ଚର୍ସକୁ ଏହାର କମର୍ସିଆଲ ଓ ମାର୍କେଟିଂ ପାର୍ଟନର କରିଛି। ଲିଗ୍‌କୁ ପୁନର୍ଜୀବିତ କରିବା ଲାଗି ବିଗ୍ ବ୍ୟାଙ୍ଗ୍ ଯୁଦ୍ଧକାଳୀନ ଭିତ୍ତିରେ ଏହାର କାର୍ଯ୍ୟ ଆରମ୍ଭ କରିଛି। ଖବର ଅନୁସାରେ ହକି ଇଣ୍ଡିଆ ଏହାର କମର୍ସିଆଲ ପାର୍ଟନର ସମେତ ଖେଳର ସମସ୍ତ ଅଂଶୀଦାରଙ୍କ ସହ ଏକ ବୈଠକ ଜୁଲାଇ ୫ରେ ଆୟୋଜନ କରିଛି। ଏଥିରେ ଲିଗ୍‌କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ହକି ଇଣ୍ଡିଆ ସଭାପତି ଭୋଳାନାଥ ସିଂ କହିଛନ୍ତି, ନୂଆ ହକି ଇଣ୍ଡିଆ ଲିଗ୍ ପୂର୍ବ ତୁଳନାରେ ଆହୁରି ବଡ଼ ଆକାରରେ ହେବ। ସୂଚନାଯୋଗ୍ୟ, ପ୍ରଥମ ଏଚ୍‌ଆଇଏଲ୍ ୨୦୧୩ରେ ୬ଟି ଦଳକୁ ନେଇ ହୋଇଥିଲା। ଏହା ଜାନୁୟାରୀରୁ ଫେବୃୟାରୀ ୨ ମାସ ଧରି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦଳକୁ ୧୦ଟି ଲେଖାଏ ଗେମ୍ ଖେଳିବାକୁ ହୋଇଥିଲା। ସିଜନ ଶେଷରେ ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲେ। ଏଥିରୁ ବିଜେତା ନିରୂପିତ ହୋଇଥିଲା।





# ଆଜିଠାରୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ

**ଲଣ୍ଡନ, ୨।୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହେବ। ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଇଗା ସ୍ୱିଟେକ, ୪ର୍ଥ ସିଡ୍ ଜେସିକା ପେଗୁଲା, ୫ମ ସିଡ୍ କାରୋଲିନ ଗାର୍ସିଆ, ୭ମ ସିଡ୍ କୋକୋ ଗଫ୍, ୧୪ତମ ସିଡ୍ ବେଲିନା ବେଙ୍କିକ୍, ୧୯ତମ ସିଡ୍ ଭିକ୍ଟୋରିଆ ଆଜାରେଙ୍କା, ୨୦ତମ ସିଡ୍ ଡୋନା ଭେକିକ୍, ୨୩ତମ ସିଡ୍ ମାଗ୍‌ଡା ଲିନେଟି, ୨୪ତମ ସିଡ୍ କ୍ୱିନ୍‌ୱେନ୍ ଝେଙ୍ଗ୍, ପେଟ୍ରା ମାର୍ଟିକ, ବାର୍ବରା ଷ୍ଟ୍ରାଇକୋଭା, ଡାନିଏଲ କଲିନ୍ସ, ଭେନସ ୱିଲିୟମ୍ସ, ଏଲିନା ସ୍ୱିତୋଲିନା, ସ୍ଲୋଆନେ ଷ୍ଟିଫେନ୍ସ ପ୍ରମୁଖ ନାମୀ ଖେଳାଳିମାନେ ଆକ୍ସନରେ ଦେଖିବାକୁ ମିଳିବେ। ସେହିପରି ପୁରୁଷ ସିଙ୍ଗଲ୍ସରେ ନୋଭାକ୍ ଜୋକୋଭିଚ୍, ଲୋରେଞ୍ଜୋ ମୁସେଟି, ଆନ୍ଦ୍ରେ ରୁବଲେଭ, କାସ୍ପର ରୁଡ୍, ରିଚାର୍ଡ ଗାସକ୍ୱେଟ, ଜନ୍ ଇସନେର, ଡେଭିଡ୍ ଗଫିନ, ନିକ୍ କିର୍ଗିଅସ, ଜାନିକ୍ ସିନେର ପ୍ରମୁଖ ନାମୀ ଖେଳାଳିଙ୍କଅଭିଯାନଆରମ୍ଭହେବ।

**ୱିମ୍ବଲଡନ**

ମହିଳା ଓ ପୁରୁଷ ସିଙ୍ଗଲ୍ସ
ଭେନ୍ୟୁ: ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକ୍ୱେଟ କ୍ଲବ, ଲଣ୍ଡନ
ମ୍ୟାଚ ଆରମ୍ଭ: ଅପରାହ୍ଣ ୩ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ





# କୁମିତେ ସେମିନାରରେ ଭାଗନେଲେ ୧୪୦ କରାଟେକା

**ଭୁବନେଶ୍ୱର, ୨।୭**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ସ୍କୁଲ ପରିସରରେ ଜାତୀୟ ସ୍ତରୀୟ ଆଡ୍‌ଭାନ୍ସ କୁମିତେ ସେମିନାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ଅନ୍ୟତମ ବୈଷୟିକ ସଦସ୍ୟ ହାନ୍‌ସି ଭରତ ଶର୍ମା ଏହି ସେମିନାରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓଡ଼ିଶା ଏବଂ ବାହାର ରାଜ୍ୟରୁ ୧୪୦ କରାଟେକା ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ଗତ ୪୦ ବର୍ଷ ଧରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇ ଆସୁଛନ୍ତି। ସେମାନେ ଦକ୍ଷ ବୋଲି ପ୍ରମାଣିତ କରିଛନ୍ତି। ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏଥିପାଇଁ ରାଜ୍ୟ କରାଟେ ସଂଘର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରଶଂସାର ହକ୍‌ଦାର ବୋଲି ଭରତ ପ୍ରକାଶ କରିଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କରାଟେ ସଂଘର ପ୍ରତିଷ୍ଠାତା ସଞ୍ଜୟ କୁମାର ଦାସ, ସନତ ନାୟକ ଓ କାଳି ପ୍ରସାଦ ନନ୍ଦଙ୍କୁ ୨ୟ ଡାନ୍ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୪୨ ଜଣଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ପକ୍ଷରୁ ବିଭିନ୍ନ ଡାନ୍ ବେଲ୍ଟ ଦିଆଯାଇଥିଲା। ଏହି ସେମିନାରରେ ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ଖାରବେଳ ମଲିକ, ଜୟଦେବ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରାୟ, ସନକ ଦେଓ, ଭାଲେନା ଭାଲେଣ୍ଟିନା ଆଦି ସେନ୍‌ସେଇମାନେ ଅଂଶଗ୍ରହଣ କରିଥିଲେ।





ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ କୁମିତେ ସେମିନାରରେ ଅଂଶଗ୍ରହଣକାରୀ କରାଟେକା ଓ ଅନ୍ୟମାନେ।

# ବିଶ୍ୱକପ୍ ଆୟୋଜନରୁ ବଞ୍ଚିତଙ୍କୁ ଭରଣା କରାଯିବ

**ନୂଆଦିଲ୍ଲୀ, ୨।୭(ପି.ଟି.):** ଆଇସିସି କ୍ରିକେଟ ବିଶ୍ୱକପ୍ ମ୍ୟାଚ ଆୟୋଜନରୁ ବଞ୍ଚିତ ହୋଇଥିବା ଭେନ୍ୟୁଗୁଡ଼ିକୁ ଆଗାମୀ ଘରୋଇ ସିଜନରେ ଅନ୍ତର୍ଜାତୀୟ ଦିନିକିଆ ସହ ଭରଣା କରାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କ ମନକୁ ଏକଥା ଆସିଥିଲା। ଶାହା ତାଙ୍କର ଏହି ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସୂଚାଇ ଦେଇଥିଲେ। ଦିଲ୍ଲୀ, ଧର୍ମଶାଳା, ଚେନ୍ନାଇ, କୋଲକାତା, ମୁମ୍ବାଇ, ପୁଣେ, ହାଇଦ୍ରାବାଦ, ଅହମଦାବାଦ, ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସମେତ ୮ଟି ବିଶ୍ୱକପ୍ ଭେନ୍ୟୁର ଅଫିସିଆଲ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ